

ଘୁଞ୍ଚିପାରେ 'ପରମସୁନ୍ଦରୀ' ରିଲିଜ୍ ଡେଟ୍

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-356 ◆BHUBANESWAR ◆TUESDAY ◆24 JUNE 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୨ ◆ସଂଖ୍ୟା-୩୫୬ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୪ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଫ୍ଲାୱାରଙ୍କ ସମକକ୍ଷ ହେଲେ ପନ୍ତ

■ ଲିଡ୍ସ, ୨୩।୬ (ଏଜେନ୍ସି): ୱିକେଟ୍ ରକ୍ଷକ ଭାବେ ଗୋଟିଏ ଟେଷ୍ଟର ଦୁଇଟି ଇନିଂସରେ ଶତକ ହାସଲ କରି ଋଷଭ ପନ୍ତ୍ ଭାରତ କ୍ରିକେଟ୍ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି। ବିଶ୍ୱରେ ଜଣେମାତ୍ର ୱିକେଟରକ୍ଷକ ଭାବେ ଜିମ୍ବାୱେର ପୂର୍ବତନ ଅଧିନାୟକ ଆଣ୍ଡି ଫ୍ଲାୱାର ଦକ୍ଷିଣ ଆଫ୍ରିକା ବିପକ୍ଷ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଥିଲେ। ଏବେ ପନ୍ତ୍ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରି ଫ୍ଲାୱାରଙ୍କ ସହ ସମକକ୍ଷ ହୋଇପାରିଛନ୍ତି।

ଇଂଲଣ୍ଡର ଲିଡ୍ସ ଗ୍ରାଉଣ୍ଡରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ

### ଟେଷ୍ଟ ଶତକରେ ୱିକେଟକିପର୍‌ଙ୍କ ରେକର୍ଡ

ପନ୍ତ୍ ୧୩୪ ରନ୍ ଓ ଦ୍ୱିତୀୟ ଇନିଂସରେ ୧୧୮ ରନ୍ କରିଛନ୍ତି। ଏହା ଫଳରେ ସେ ପ୍ରଥମ ଭାରତୀୟ ୱିକେଟ ରକ୍ଷକ ଭାବେ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଏବଂ ଇଂଲଣ୍ଡ ମାଟିରେ ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ତାଙ୍କ ପୂର୍ବରୁ ୫ଜଣ ଭାରତୀୟ ଦେଶ ଓ ବିଦେଶରେ ଗୋଟିଏ

### ଗୋଟିଏ ଟେଷ୍ଟର ଦୁଇଟି ଇନିଂସରେ ଶତକ

ଟେଷ୍ଟରେ ୨ଟି ଶତକ ହାସଲ କରିଥିଲେ ମଧ୍ୟ ଇଂଲଣ୍ଡ ବିପକ୍ଷରେ ସର୍ବାଧିକ ୬୮ଟି ଟେଷ୍ଟ ଖେଳି ମଧ୍ୟ କେହି ଏପରି ସଫଳତା ପାଇ ନ ଥିଲେ।

ଏଠାରେ ଭାରତର ଦ୍ୱିତୀୟ ଇନିଂସରେ ମଧ୍ୟ ଲୋକେଶ ରାହୁଲ ଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ପନ୍ତ୍ ଓ ରାହୁଲ ଚତୁର୍ଥ ୱିକେଟ ଭାଗିଦାରୀରେ ୧୯୫ ରନ୍ ଉଠାଇ ଭାରତକୁ ମଜଭୁତ ସ୍ଥିତିରେ ପହଞ୍ଚାଇଛନ୍ତି। ପ୍ରଥମ ଇନିଂସରେ ଯଶସ୍ୱୀ ଜୟସ୍ୱାଲ, ଶୁବମନ ଗିଲ୍ ଓ ଋଷଭ ପନ୍ତ୍ ଶତକ ହାସଲ କରିଥିଲେ। ଗୋଟିଏ ଟେଷ୍ଟରେ ୫ଜଣ ଖେଳାଳି ଶତକ ହାସଲ କରି ଭାରତର କ୍ରିକେଟ ଇତିହାସରେ ଆଉ ଏକ ରେକର୍ଡ ସୃଷ୍ଟି କରିଛନ୍ତି।



# ଘନଉଛି ବିଶ୍ୱଯୁଦ୍ଧ

## ସିରିଆରେ ଥିବା ଆମେରିକାର ସାମରିକ ଘାଟି ଧ୍ୱଂସକଲା ଇରାନ୍

■ ତେହେରାନ, ୨୩।୬ (ଏଜେନ୍ସି): ଇରାନ-ଇସ୍ରାଏଲ୍ ଯୁଦ୍ଧରେ ହସ୍ତକ୍ଷେପ ଓ ଇରାନ ପରମାଣୁ କେନ୍ଦ୍ର ଉପରେ ଆମେରିକାର ଆକ୍ରମଣ ମଧ୍ୟପ୍ରାଚ୍ୟ ସ୍ଥିତିକୁ ଅଶାନ୍ତ କରିଛି । ଇରାନର ତିନି ପରମାଣୁ ଘାଟି ଫୋର୍ଡ଼ର୍, ନାଟାଞ୍ଜ ଓ ଇସଫାହାନ ଉପରେ ଆମେରିକା ବଙ୍କର ବଷ୍ଟର ବି-୨ ବୋମା ପ୍ରୟୋଗ କରି ଧ୍ୱଂସର ପ୍ରତିଶୋଧ ନେଇ ଇରାନ୍ କ୍ଷେପଣାସ୍ତ୍ର ମାଡ଼ କରି ସିରିଆରେ ଆମେରିକୀୟ ସାମରିକ ଘାଟିକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛି । ସୂଚନା ଅନୁସାରେ ସୋମବାର (ଜୁନ୍୨୩)ରେ ସିରିଆର ପଶ୍ଚିମ ପ୍ରାନ୍ତର ହାସାକା ପ୍ରଦେଶରେ ଅବସ୍ଥିତ ଆମେରିକୀୟ ଘାଟି ଉପରେ ଇରାନ୍ ପ୍ରଚଣ୍ଡ ଆକ୍ରମଣ କରିଛି । ଇରାନର ଏହି ଆକ୍ରମଣ ପରିସ୍ଥିତିକୁ ଅଧିକ ସଙ୍କଟଜନକ କରିଛି । ସେହିପରି ଇରାନ୍ ଆମେରିକାରେ ନିଜର ସ୍ଲିପର ସେଲ୍‌କୁ ସକ୍ରିୟ କରିଥିବା ସୂଚନା ମିଳିବା ପରେ ନ୍ୟୁୟର୍କ ସହରରେ ହାଇ ଆଲର୍ଟ ଜାରି କରାଯାଇଛି । ଅନ୍ୟପକ୍ଷରେ ଉଭୟ ଇରାନ୍ ଓ ଇସ୍ରାଏଲ୍ ପରସ୍ପର ଉପରେ ଆକ୍ରମଣ ଜାରି ରଖିଛନ୍ତି। ଇରାନ୍‌ର ବିଭିନ୍ନ ବିମାନବନ୍ଦର ଓ ସାମରିକ ଘାଟି ଉପରେ ଆକ୍ରମଣ କରି ଇସ୍ରାଏଲ୍ ୧୫ ଲଢ଼ୁଆ ବିମାନ ଧ୍ୱଂସ କରିଛି।ଇସ୍ରାଏଲ୍ ଡ଼ିଫେନ୍ସ ଫୋର୍ସ (ଆଇଡ଼ିଏଫ୍) ଇରାନର ପଶ୍ଚିମ, ପୂର୍ବ ମଧ୍ୟଭାଗରେ ଥିବା ୬ଟି ସାମରିକ ବିମାନବନ୍ଦର ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। ଏହି ଆକ୍ରମଣରେ ରନୱେ ଓ ଭୂତଳ ବଙ୍କରରେ ଥିବା ପ୍ରାୟ ୧୫ଟି ଏଫ୍-୧୪, ଏଫ୍-୫ ଓ ଏଏଚ୍-୧ ଯୁଦ୍ଧ ବିମାନ ନଷ୍ଟ ହୋଇଛି। ଏହା ସହିତ ବିମାନଗୁଡ଼ିକରେ ଆକାଶରେ ଇନ୍ଧନ ଭର୍ତ୍ତି କରୁଥିବା ଅନ୍ୟଏକ ସାମରିକ ବିମାନ ମଧ୍ୟ ଧ୍ୱଂସ ପାଇଛି । ଇରାନ୍ ଏହି ବିମାନଗୁଡ଼ିକୁ ଇସ୍ରାଏଲ୍ ଉପରେ ଆକ୍ରମଣ ପାଇଁ ବ୍ୟବହାର କରୁଥିବା ସୂଚନା ପାଇ ଆଇଡ଼ିଏଫ୍ ସମ୍ପୃକ୍ତ ବିମାନକୁ ନିଶାଣ କରିଥିବା ସୂଚନା ଦେଇଛି । ଇସ୍ରାଏଲ୍‌ର ଆକ୍ରମଣ ପରେ ଇରାନର ଏହି ସାମରିକ ବିମାନବନ୍ଦରଗୁଡ଼ିକରୁ ▶ପୃଷ୍ଠା-୭

**ଇସ୍ରାଏଲ୍ ଆକ୍ରମଣରେ ଇରାନର ୧୫ ଲଢ଼ୁଆ ବିମାନ ନଷ୍ଟ**

**ରୁଷ ରାଷ୍ଟ୍ରପତି ପୁଟିନ୍‌ଙ୍କ ସହଯୋଗ ଲୋଡ଼ିଲେ ଇରାନ୍ ରାଷ୍ଟ୍ରପତି**

**ଇରାନୀ ସ୍ଲିପରସେଲ୍ ଆକ୍ରମଣ ଭୟରେ ନ୍ୟୁୟର୍କରେ ହାଇ ଆଲର୍ଟ**

**ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି ସହ ସବୁ ସମ୍ପର୍କ ଛିନ୍ନ: ଇରାନ**

**ପ୍ରତି କ୍ଷେପଣାସ୍ତ୍ର ମାଡ଼ର ଗୋଟିଗୋଟି ହିସାବ ଦିଆଯିବ: ଇସ୍ରାଏଲ**



### ଯାଜପୁରରେ ହଟଚମଟ

## ଦିଲ୍ଲୀ ଯୁବତୀଙ୍କୁ ଅସଦାଚରଣ

■ ଦଶରଥପୁର, ୨୩।୬ (ସମିସ): ଗାଁ ପରିବେଶ, ପରମ୍ପରା, ସଂସ୍କୃତି, ଚାଳିଚଳଣି ଜାଣିବା ପାଇଁ ସାଙ୍ଗ ସହ ସୁଦୂର ଦିଲ୍ଲୀରୁ ଛୁଟି ଆସିଥିଲେ। କିନ୍ତୁ ତାଙ୍କ ସହ ଏଠାରେ ଅସଦାଚରଣ ଭଳି ଅଘଟଣ ଯେ ଘଟିବ, ତାହା ସେ କେବେ କଳ୍ପନା କରି ନଥିଲେ। ଦୁର୍ବୃତ୍ତଙ୍କ ଅସଦାଚରଣ ଯେତିକି କଷ୍ଟ ଦେଲା, ତା'ଠାରୁ ଅଧିକ କଷ୍ଟକର ଥିଲା ପୁଲିସ୍‌ର ବ୍ୟବହାର ଓ ନିଷ୍କ୍ରିୟତା। ବାନ୍ଧବୀଙ୍କ ସହ ଯାଜପୁର ଜିଲ୍ଲା ଦଶରଥପୁର ବୁଲି ଆସିଥିବା ଦିଲ୍ଲୀର ଉକ୍ତ ଯୁବତୀଜଣଙ୍କ ହେଲେ, ଲିଜା ଶର୍ମା (ଛଦ୍ମନାମ)। ଯାଜପୁରର ସାଙ୍ଗ ସୁମିତ୍ରା (ଛଦ୍ମନାମ)ଙ୍କ ସହ ସେ ଯାଜପୁର ବୁଲି ଆସିଥିବା ବେଳେ ତାଙ୍କ ସହ ଏହି ଆପରାଧିକ ଘଟଣା ଘଟିଛି। ଦୁଇ ଦୁର୍ବୃତ୍ତ ଉଭୟଙ୍କୁ ଅସଦାଚରଣ କରିବା ସହ ସେମାନଙ୍କ ସଂପର୍କୀୟ ଭାଇଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ଅପରପକ୍ଷେ, ମହିଳାଙ୍କ ପାଇଁ ଓଡ଼ିଶା ସୁରକ୍ଷିତ ନୁହେଁ ବୋଲି କିଛି ଦିନ ତଳେ ନିଜ ନାଗରିକଙ୍କ ପାଇଁ ଆମେରିକା ଜାରି କରିଥିବା ନିର୍ଦ୍ଦେଶାବଳୀକୁ ଏହି ଘଟଣା ସତ ପ୍ରମାଣିତ କରିଛି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି।

**ଦୁର୍ବୃତ୍ତଙ୍କ ଆକ୍ରମଣରେ ଯୁବତୀଙ୍କ ସମ୍ପର୍କୀୟ ଗୁରୁତର**

**ଦୁର୍ବୃତ୍ତଙ୍କ ଅସଦାଚରଣଠାରୁ ବଳିଗଲା ପୁଲିସ୍‌ର ନିଷ୍କ୍ରିୟତା**

ସୂଚନାନୁଯାୟୀ, ଗତ ୨୧ତାରିଖରେ ସାଙ୍ଗ ସୁମିତ୍ରାଙ୍କ ବାପାଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଯୋଗଦେବା ସହ ଓଡ଼ିଶା ବୁଲିବା ପାଇଁ ଲିଜା ଦଶରଥପୁର ଥାନା ଅଞ୍ଚଳରେ ଥିବା ସୁମିତ୍ରାର ଗାଁକୁ ଆସିଥିଲେ। ଗତକାଲି ଦୁହେଁ ବିରଜା ମନ୍ଦିର ବୁଲି ଯାଇଥିଲେ। ▶ପୃଷ୍ଠା-୭

### ସୂଚନା ଦେଲେ ପ୍ରେମ୍ ପଟ୍ଟନାୟକ

## ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି ନବୀନ

■ ଭୁବନେଶ୍ୱର,୨୩।୬(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି। ସୋମବାର ନବୀନଙ୍କ ବଡ଼ଭାଇ ତଥା ବିଶିଷ୍ଟ ଶିଳ୍ପପତି ପ୍ରେମ୍ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ଏକ ଭିଡିଓ ବାର୍ତ୍ତା ଜାରି କରି ପ୍ରେମ୍ ପଟ୍ଟନାୟକ କହିଛନ୍ତି ଯେ ଅସ୍ତ୍ରୋପଚାର ପରେ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ସେ ସମ୍ପୂର୍ଣ୍ଣ ସଚେତନ ଅଛନ୍ତି ଏବଂ ନିରୀକ୍ଷଣରେ ଅଛନ୍ତି। ବର୍ତ୍ତମାନ ସେ କିଛି କିଛି ଚଲାବୁଲା ମଧ୍ୟ କରୁଛନ୍ତି। ଏହି ଅବସରରେ ନବୀନଙ୍କ ପାଇଁ ଚିନ୍ତା ପ୍ରକଟ କରିଥିବା ଓ ପ୍ରାର୍ଥନା କରିଥିବା ରାଜ୍ୟବାସୀଙ୍କୁ ପ୍ରେମ୍ କୃତଜ୍ଞତା ଜଣାଇଛନ୍ତି। ଏହାସହିତ ରାଜ୍ୟବାସୀଙ୍କ ମଙ୍ଗଳକାମନା ଯୋଗୁଁ ନବୀନ ପଟ୍ଟନାୟକ ▶ପୃଷ୍ଠା-୭

**ପ୍ରାର୍ଥନା ପାଇଁ ରାଜ୍ୟବାସୀଙ୍କୁ ଜଣାଇଲେ କୃତଜ୍ଞତା**



### ଗୋପାଳପୁର ଗଣଦୁଷ୍କର୍ମ ମାମଲା

## କ୍ରାଇମ୍‌ବ୍ରାଞ୍ଚ ହାତରେ ଲାଗିଲା ଡିଜିଟାଲ ପ୍ରମାଣ

■ ଭୁବନେଶ୍ୱର, ୨୩।୬ (ସମିସ): ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି। ତଦନ୍ତ ବେଳେ କ୍ରାଇମ୍‌ବ୍ରାଞ୍ଚ ହାତରେ ଲାଗିଛି ଡିଜିଟାଲ ପ୍ରମାଣ। ଯାହାକି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ସହାୟକ ହେବ। ସିସିଟିଭି ଫୁଟେଜ ଓ ମୋବାଇଲରୁ ମିଳିଛି ବଳିଷ୍ଠ ପ୍ରମାଣ। କ୍ରାଇମ୍ ସିନ୍ ସିସିଟିଭିରେ କଏଦ ହୋଇଥିବା ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର। ଅଭିଯୁକ୍ତଙ୍କୁ ଦଣ୍ଡ ଦେବାକୁ ଯଥେଷ୍ଟ ପ୍ରମାଣ ରହିଛି। କଠୋରରୁ କଠୋର ଦଣ୍ଡ ପାଇଁ ସବୁ ପ୍ରୟାସ ହେବ। ଘଟଣାକୁ ମୋବାଇଲରେ ଭିଡିଓ କରିଥିଲେ ଅଭିଯୁକ୍ତ। ଏହି ଘଟଣାରେ ପୋଲିସ ୧୦ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କର ମୋବାଇଲ୍ ଜବତ କରି ଫରେନ୍‌ସିକ ▶ପୃଷ୍ଠା-୭

**ମୋବାଇଲରେ ଭିଡିଓ କରିଥିଲେ ଅଭିଯୁକ୍ତ**

**ଆଖପାଖର ସିସିଟିଭି ଫୁଟେଜ୍ ସଂଗ୍ରହ**

### ନିଜ ଆଡୁ ମାମଲା ରୁଜୁ କଲା ଏନ୍‌ଏଚ୍‌ଆର୍‌ସି

■ ଭୁବନେଶ୍ୱର,୨୩।୬(ସମିସ): ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଘଟଣାର ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଏନ୍‌ଏଚ୍‌ଆର୍‌ସି ନିଜଆଡୁ ମାମଲା ରୁଜୁ କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ଡିଜିଙ୍କୁ ଆୟୋଗ ନୋଟିସ୍ ଜାରି କରି ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦେବାକୁ କହିଛନ୍ତି। ଏଥିସହିତ ମାମଲାର ତଦନ୍ତ ସ୍ଥିତି, ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଏବଂ ତାଙ୍କୁ ଦିଆଯାଇଥିବା କ୍ଷତିପୂରଣ/ପରାମର୍ଶ ସମ୍ପର୍କରେ ସବିଶେଷ ସୂଚନା ରିପୋର୍ଟରେ ଉଲ୍ଲେଖ କରିବାକୁ କୁହାଯାଇଛି।

## ମଦ ଦୋକାନ ମ୍ୟାନେଜର୍‌ଙ୍କୁ ୬ ରାଉଣ୍ଡ ଗୁଳି

■ ବାରିପଦା/କୁଳିଅଣା, ୨୩।୬ (ସମିସ): ମଦ ଦୋକାନ ସେଲ୍ସ ମ୍ୟାନେଜର୍‌ଙ୍କ ଉପରକୁ ୬ ରାଉଣ୍ଡ ଗୁଳି। ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅଞ୍ଚଳ ଦେଇ ଯାଇଥିବା ୧୮ ନଂ. ଜାତୀୟ ରାଜପଥରେ ଆଜି ସ୍ୱଷ୍ଟ ଦିବାଲୋକରେ ଏହି ଆପରାଧିକ ଘଟଣା ଘଟିଛି। ଆକ୍ରମଣର ଶିକାର ବ୍ୟକ୍ତିଜଣଙ୍କ ହେଲେ, କୁଳିଅଣା ଥାନା କାମତା ଗ୍ରାମର ଶିବାନନ୍ଦ ବାରିକ (୩୦)। ତାଙ୍କ ପାଖରୁ ଟଙ୍କାଭର୍ତ୍ତି ବ୍ୟାଗ୍ ଛଡ଼ାଇବା ଉଦ୍ଦେଶ୍ୟରେ ୨ଜଣ ଦୁର୍ବୃତ୍ତ ବାଇଗଣବାଡ଼ିଆ ଛକ ନିକଟରେ ତାଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ସେଥିରୁ ଗୋଟିଏ ଗୁଳି ତାଙ୍କ ଜଙ୍ଘରେ ବାଜିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦାସ୍ଥିତ ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। କୁଳିଅଣା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାଜପଥ ଉପରୁ ଗୋଟିଏ ଖୋକାକୁ ଜବତ କରିଛି। ତେବେ ରିପୋର୍ଟ ଲେଖା ହେବା ବେଳକୁ ପୁଲିସ୍ କାହାରିକୁ ଗିରଫ କରିପାରିନାହିଁ। ଅପରପକ୍ଷେ, ଏହି ଘଟଣାକୁ ନେଇ ଜିଲ୍ଲାବାସୀ ଭୟଭୀତ ହୋଇପଡ଼ିଛନ୍ତି।


ସୂଚନାନୁଯାୟୀ, ଶିବାନନ୍ଦ କୁଳିଅଣାସ୍ଥିତ ଏକ ବିଦେଶୀ ମଦ ଦୋକାନରେ ସେଲ୍ସ ମ୍ୟାନେଜର୍ ଭାବେ କାମ କରନ୍ତି। ସବୁ ଦିନ ଭଳି ଆଜି ସେ ଦୋକାନର ଲକ୍ଷାଧିକ ଟଙ୍କା ଭର୍ତ୍ତି ବ୍ୟାଗ୍ ଧରି ଏକ ବାଇକ୍‌ରେ ବାରିପଦାକୁ ଆସୁଥିଲେ। ଏହି ସମୟରେ ▶ପୃଷ୍ଠା-୭

**ଗୁରୁତର ଅବସ୍ଥାରେ ପିଆର୍‌ଏମ୍‌ରେ ଭର୍ତ୍ତି**

**ଟଙ୍କା ବ୍ୟାଗ୍ ଛଡ଼ାଇ ପାରିଲେନି ଦୁର୍ବୃତ୍ତ**

**ଶାନ୍ତ ମୟୂରଭଞ୍ଜ ବର୍ଷକରେ ଅଶାନ୍ତ: ସୁଦାମ**



## ମୋ ଜୀବନ ପ୍ରତି ବିପଦ: ତେଜପ୍ରତାପ

ପାଟନା, ୨୩।୬(ଏଜେନ୍ସି): ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ନିଜ ଜୀବନ ପ୍ରତି ବିପଦ ଅଛି ବୋଲି ଅଭିଯୋଗ ଆଣି ହଇଚଇ ସୃଷ୍ଟି କରିଛନ୍ତି। ଷଡ଼ଯନ୍ତ୍ର କରି ମୋତେ ପାର୍ଟି ଅର୍ଥାତ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ରୁ ବହିଷ୍କାର କରାଯାଇଛି। ମୋ ବ୍ୟକ୍ତିଗତ ଜୀବନକୁ ନେଇ ଲୋକେ ଆକ୍ଷେପ କରୁଛନ୍ତି। ଏହାକୁ କେହି ବରଦାସ୍ତ କରିବେ ନାହିଁ। ଯଦି ମୋ ଉପରେ



ଏଭଳି ଚାପ ପ୍ରୟୋଗ କରାଯାଏ, ତେବେ ଆଇନର ଆଶ୍ରୟ ନେବି ବୋଲି ସେ କହିଛନ୍ତି। ଆରଜେଡି ଓ ପରିବାରରୁ ବାହର କରିଦିଆଯିବା ପରେ ସେ ପ୍ରତିକ୍ରିୟାଶୀଳ ହୋଇ ପଡ଼ିଛନ୍ତି। ମୁଁ ଡରିବା ଲୋକ ନୁହଁ ଓ ମୁକାବିଲା କରିବାକୁ ପ୍ରସ୍ତୁତ। ମୋ ବରୋଧରେ ଷଡ଼ଯନ୍ତ୍ର କରିଥିବା ୪-୫ ଜଣ ଲୋକ ନାମ ପଦାକୁ ଆଣିବି। ମୋତେ ଅନ୍ୟାୟ ଭାବେ ପାର୍ଟି, ପରିବାର ଓ ସଂଗଠନରୁ ବାହର କରିଦିଆଯାଇଛି। କେବେ କାହାର ଅମଙ୍ଗଳ ଚିନ୍ତା କରିନାହିଁ। ସବୁବେଳେ ମାତାପିତାଙ୍କର ସମ୍ମାନ କରିଛି। ମୋ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବି। ସାନ ଭାଇ ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ମୋର ଆଶୀର୍ବାଦ ରହିଛ ବୋଲି ସେ କହିଛନ୍ତି।

## ପୁଣି ମୋଦୀଙ୍କୁ ପ୍ରଶଂସା କଲେ ଥରୁର୍

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଗୋଟେପଟେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଡ଼ା ସମାଲୋଚନା କରିଥିବା ବେଳେ ଅନ୍ୟପଟେ କଂଗ୍ରେସର ଅନ୍ୟତମ ବରିଷ୍ଠ ନେତା



ଶଶି ଥରୁର ପୁଣି ଥରେ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଏକ ଇଂରାଜୀ ଖବରକାଗତରେ ସ୍ତମ୍ଭ ଲେଖି ସେ ମୋଦିଙ୍କୁ ଦେଶର ଅମୂଲ୍ୟ ସମ୍ପଦ ବୋଲି କହିଛନ୍ତି। ମୋଦୀଙ୍କ ଶକ୍ତି, ଗତିଶୀଳତା ଓ ଇଚ୍ଛାଶକ୍ତି ହିଁ ତାଙ୍କୁ ଦେଶର ଏକ ପ୍ରମୁଖ ସମ୍ପତ୍ତି ଭାବେ ଗଢ଼ି ତୋଳିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଜବାବରେ ଭାରତର କାର୍ଯ୍ୟାନୁଷ୍ଠାନ ସ୍ୱରୂପ କରାଯାଇଥିବା ଅପରେସନ ସିନ୍ଦୂର ପରେ ବିଶ୍ୱରେ ବିଭିନ୍ନ ଦେଶକୁ ପଠାଯାଇଥିବା ଭାରତୀୟ ପ୍ରତିନିଧିମଣ୍ଡଳୀର ଅଭିଜ୍ଞତା ନେଇ ସେ ଏହି ସ୍ତମ୍ଭରେ ଉଲ୍ଲେଖ କରିଥିଲେ। ଏହା ଦ୍ୱାରା ଭାରତ କୂଟନୈତିକସ୍ତରରେ ମଧ୍ୟ ସାରା ବିଶ୍ୱରେ ନିଜର ବାର୍ତ୍ତା ପହଞ୍ଚାଇବାରେ ସଫଳ ହୋଇଥିଲା। ଉଲ୍ଲେଖଥାଉ କି, ଥରୁରଙ୍କ ନେତୃତ୍ୱରେ ସର୍ବଦଳୀୟ ସଂସଦୀୟ ପ୍ରତିନିଧିମଣ୍ଡଳୀ ଆମେରିକାର ସମେତ ଗୁଏନା, ପାନାମା, କଲମ୍ବିଆ, ବ୍ରାଜିଲ ଗସ୍ତ କରି ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲା। ଏଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି। ଏହି ସର୍ବଦଳୀୟ ସଂସଦୀୟ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେବା ଏକ ଭିନ୍ନ ଦୃଷ୍ଟିକୋଣ ପ୍ରଦାନ କରିଛି ବୋଲି ସେ କହିଛନ୍ତି।

## ଜଗନମୋହନଙ୍କ ବିରୋଧରେ ଏଫ୍ଆଇଆର୍

ହାଇଦରାବାଦ୍, ୨୩।୬(ଏଜେନ୍ସି): ଆନ୍ଧ୍ରପ୍ରଦେଶ ପୂର୍ବତନ ମୁଖମନ୍ତ୍ରୀ ଜଗମୋହନ ରେଡ୍ଡୀଙ୍କ ବିରୋଧରେ ହିଟ୍ ଆଣ୍ଡ ରନ୍ ମାମଲାରେ ଏଫ୍ଆଇଆର ଦାଏର କରାଯାଇଛି। ଗୁଣ୍ଟୁର ଜିଲ୍ଲା ଏସ୍‌ପି ଏସ୍ ସତୀଶ କୁମାର ରବିବାର ରାତିରେ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି। ଜଗମୋହନ କାର ୫ ଦିନ ତଳେ ଏକ ରୋଡ ଶୋ ଅବସରରେ ଜଣେ ୫୩ ବର୍ଷୀୟ ବ୍ୟକ୍ତିଙ୍କ ଉପରେ ମାଡିଯାଇଥିଲା।



ହସ୍ପିଟାଲ ନେବା ବେଳେ ତାଙ୍କୁ ମୃତ୍ୟୁ ହୋଇଥିଲା। ଏହି ମୃତ ବ୍ୟକ୍ତିଙ୍କ ନାମ ଚିଲି ସିନ୍ଧିଆ ବୋଲି କୁହାଯାଇଛି। ସେ ଜଗନମୋନହଙ୍କ ପାଟି ୱାଇଆରଏସ୍‌ସିପିର କର୍ମୀ ଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ଓ ଏହା ସାମ୍ନାକୁ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି। ଗତ ୧୮ ତାରିଖରେ ଏହି ଘଟଣା ଘଟିଥିଲା। ଜଗନ ପାଲନାଡୁ ଜିଲ୍ଲାରେ ରେଣ୍ଟାପଲ୍ଲା ଗାଁରେ ଜଣେ ପାର୍ଟି କାର୍ଯ୍ୟକର୍ତ୍ତାଙ୍କ ପରିବାର ଲୋକଙ୍କୁ ଭେଟିବାକୁ ଯାଉଥିଲେ। ଏହି କାର୍ଯ୍ୟକର୍ତ୍ତା ଗତ ବର୍ଷ ପୁଲିସ୍ ପ୍ରତାଡ଼ନାର ଶିକାର ହୋଇ ଆତ୍ମହତ୍ୟା କରିଥିଲେ। ଜଗନ ତାଙ୍କ ସମର୍ଥନ ରୋଡ ଶୋ'ର ଆୟୋଜନ କରିଥିଲେ। ସିନ୍ଧିଆ ଜଗନଙ୍କ ଗାଡି ଉପରେ ଫୁଲ ପକାଇଥିବା ବେଳେ ତଳେ ପଡ଼ିଯାଇଥିଲେ ଓ ଗାଡି ତାଙ୍କ ଉପରେ ଚଢିଯାଇଥିଲା। ଜଗନଙ୍କୁ ମାତ୍ର ୩ଟି ଗାଡ଼ି ନେବାର ଅନୁମତି ଦିଆଯାଇଥିଲା। କିନ୍ତୁ ତାଙ୍କ ରୋଡ ଶୋରେ ୩୦ଟି ଗାଡ଼ି ସାମିଲ ଥିଲା। ମୃତକଙ୍କ ପତ୍ନୀଙ୍କ ଅଭିଯୋଗ ପରେ ଜଗନଙ୍କ ବରୋଧରେ ମାମଲା ରୁଜୁ କରାଯାଇଛି ବୋଲି ସତୀଶ କହିଛନ୍ତି।

### ବିଧାନସଭା ଉପନିର୍ବାଚନ

# ଗୁଜରାଟ, ପଞ୍ଜାବରେ ଆପ୍‌ର ବାଜିମାତ୍

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଦେଶର ୪ଟି ରାଜ୍ୟରେ ଅନୁଷ୍ଠିତ ୫ଟି ବିଧାନସଭା ଉପନିର୍ବାଚନର ଫଳାଫଳ ହସ୍ତଗତ ହୋଇଛି। ଏଥିରେ ଆମ ଆଦମୀ ପାର୍ଟି (ଆପ୍) ସଫଳତା ନେଇ ସାରା ଚର୍ଚ୍ଚା ଆରମ୍ଭ ହୋଇଛି। ବିଜେପି ଶାସିତ ରାଜ୍ୟ ଗୁଜରାଟର ବିସାଭଦାର ଓ ପଞ୍ଜାବର ଲୁଧିଆନାରେ ଆପ୍ ବିଜୟ ହାସଲ କରିଛି। ଗୁଜରାଟର ଅନ୍ୟଏକ ସିଟ୍ କଡ଼ିରେ ବିଜେପି ବାଜି

■ **ବିଜେପି, ତୃଣମୂଳ, କଂଗ୍ରେସକୁ ଗୋଟିଏ ଲେଖାଏ ସିଟ୍**









ମାରିଥିବା ବେଳେ କେରଳରେ ନୀଳମ୍ବୁର ସିଟ୍‌ରେ କଂଗ୍ରେସ ନେତୃତ୍ୱରେ ୟୁଡିଏଫ୍ ବିଜୟୀ ହୋଇଛି। ସେହିପରି ପଶ୍ଚିମବଙ୍ଗର କାଲିଗଞ୍ଜ ନିର୍ବାଚନ ମଣ୍ଡଳୀରେ ତୃଣମୂଳ କଂଗ୍ରେସ ବାଜି ମାରିଛି। ଆପ୍ ଦୁଇଟି, ବିଜେପି, ତୃଣମୂଳ କଂଗ୍ରେସ, କଂଗ୍ରେସ ଗୋଟିଏରେ ଲେଖାଏ ସିଟ୍‌ରେ ବାଜି ମାରିଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନ ପରାଜୟ ପରେ ଏହି ବିଜୟ ଆମ ଆଦମୀ ପାର୍ଟି ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି।

କଡ଼ି ବିଧାନସଭା (ଗୁଜରାଟ)ରେ ବିଜେପି: ଏହି ସିଟ୍‌ରେ ବିଜେପିର ରାଜେନ୍ଦ୍ର ଚାବଡା (୯୯୭୨୭) ୩୯, ୪୫୪ ଭୋଟ୍‌ରେ କଂଗ୍ରେସର ରାମଶ ଚାବଡ଼ା (୬୦୨୯୦)ଙ୍କୁ ପରାସ୍ତ କରିଛନ୍ତି। ଫଳରେ ୨୦୧୭ରୁ ବିଜେପି ଏହି ସିଟ୍‌କୁ ବଜାୟ ରଖିବାରେ ସଫଳ ହୋଇଛି। ୨୦୨୨ ନିର୍ବାଚନରେ କର୍ଶନ ସୋଲାଙ୍କି ବିଜୟୀ ହୋଇଥିଲେ। ସେ ମୃତ୍ୟୁ ବରଣ କରିଥିବା ବେଳେ ଉପନିର୍ବାଚନର ଆବଶ୍ୟକତା ପଡ଼ିଥିଲା।

ବିସାଭଦର (ଗୁଜରାଟ)ରେ ଆପ୍: ଏହି ସିଟ୍‌ରେ ଆପ୍‌ର ଗୋପାଳ ଇଟାଲିଆ ୧୭, ୫୫୪ ଭୋଟ୍‌ରେ ବିଜେପିର କିର୍ତ୍ତୀ ପଟେଲଙ୍କୁ ପରାସ୍ତ କରିଛନ୍ତି। ଗୋପାଳ ୭୫, ୯୪୨ ଓ କିର୍ତ୍ତୀ ୫୮, ୩୮୮ ଭୋଟ ପାଇଥିଲେ। ୨୦୨୨ରେ ଭୁପେନ୍ଦ୍ର ଭାୟାନୀ ବିଜୟୀ ହୋଇଥିଲେ। ସେ ଇସ୍ତଫା ଦେଇ ବିଜେପିରେ ଯୋଗ ଦେଇଥିଲେ। ଫଳରେ ଉପନିର୍ବାଚନର ଆବଶ୍ୟକତା ପଡ଼ିଥିଲା।

ଲୁଧିଆନା (ପଞ୍ଜାବ)ରେ ଆପ୍: ପଞ୍ଜାବର ଏହି ନିର୍ବାଚନ ମଣ୍ଡଳୀରେ ଆପ ବିଜୟୀ ହେବା ସହ ସିଟ୍ ବଜାୟ ରଖିବାକୁ ସକ୍ଷମ ହୋଇଛି। ଆପ୍‌ର ସଞ୍ଜୀବ ଆରୋରା ୧୦, ୬୩୭ ଭୋଟ୍‌ରେ କଂଗ୍ରେସର ଭାରତ ଭୂଷଣ ଆଶୁଙ୍କୁ ପରାସ୍ତ କରିଛନ୍ତି। ସଞ୍ଜୀବ ୩୫, ୧୭୯ ଓ ଭାରତ ୨୪, ୫୪୨ ଭୋଟ୍ ହାସଲ କରିଥିଲେ। ଗତ ନିର୍ବାଚନରେ ବିଜୟୀ ହୋଇଥିବା ଆପ୍‌ର ଗୁରପ୍ରୀତ ଗୋଗି ମୃତ୍ୟୁବରଣ କରିଥିବାର ଉପ ନିର୍ବାଚନ ହୋଇଥିଲା।

ନିଲାମ୍ବର (କେରଳ)ରେ କଂଗ୍ରେସ: ଏହି ନିର୍ବାଚନ ମଣ୍ଡଳୀରେ ଆର୍ଯ୍ୟଦାନ ସୌକତ ୧୧, ୦୭୭ ଭୋଟ୍‌ରେ ସିପିଆଇଏମ୍‌ର ଏମ୍ ସ୍ୱରାଜଙ୍କୁ ପରାସ୍ତ କରିଛନ୍ତି। ଆର୍ଯ୍ୟଦାନ ୭୭, ୭୩୭ ଭୋଟ୍ ପାଇଥିବା ବେଳେ ସ୍ୱରାଜ ୬୬, ୬୬୦ ଭୋଟ ପାଇଛନ୍ତି। ସ୍ୱାଧିନ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିବା ପିଭି ଅନୱର ଇସ୍ତଫା ଦେବା ଫଳରେ ଉପନିର୍ବାଚନ ହୋଇଥିଲା। ଅନୱର ଏବେ କେରଳର ତୃଣମୂଳ କଂଗ୍ରେସର ମୁଖ ଭାବେ ଦାୟିତ୍ୱରେ ଅଛନ୍ତି।

କାଲିଗଞ୍ଜ (ପଶ୍ଚିମବଙ୍ଗ)ରେ ତୃଣମୂଳ: ଏହି ସିଟ୍‌ରେ ଶାସକ ଦଳ ତୃଣମୂଳ କଂଗ୍ରେସର ଅଲିଫା ଅହମ୍ମଦ ୫୦, ୦୪୯ ଭୋଟ୍‌ରେ ବିଜେପିର ଆଶିଷ ଘୋଷଙ୍କୁ ପରାସ୍ତ କରିଛନ୍ତି। ଅଲିଫା ୧୦, ୨୭୫୯ ଭୋଟ୍ ପାଇଥିବା ବେଳେ ଆଶିଷ ୫୨, ୭୧୦ ଭେଟ ପାଇଛନ୍ତି। ସିଟିଂ ଏମ୍‌ଏଲ୍‌ଏ ତୃଣମୂଳର ନାସିରୁଦ୍ଦିନ ଅହମ୍ମଦ ମୃତ୍ୟୁବରଣ କରିବା ପରେ ଉପନିର୍ବାଚନର ଆବଶ୍ୟକତା ପଡ଼ିଥିଲା।

## ସିରିଆର ଚର୍ଚ୍ଚରେ ଆତ୍ମଘାତୀ ବିସ୍ଫୋରଣ; ୨୨ ମୃତ



ଦାମାସକସ୍, ୨୩।୬(ଏଜେନ୍ସି): ସିରିଆ ରାଜଧାନୀ ଦାମାସକସ୍‌ରେ ଏକ ଚର୍ଚ୍ଚରେ ଭୟଙ୍କର ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ରବିବାର ରାତି ହୋଇଥିବା ଏହି ଘଟଣାରେ ଅତିକମ୍‌ରେ ୨୨ ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୬୩ ଜଣ ଆହତ ହୋଇଛନ୍ତି। ଗ୍ରୀକ ଆର୍ଥୋଡକ୍ସ ସେଣ୍ଟ ଏଲିଆସ ଚର୍ଚ୍ଚରେ ପ୍ରାର୍ଥନା ଅବସରରେ ଲୋକ ଯୋଗ ଦେବା ପରେ ଏହି ଘଟଣା ଘଟିଥିଲା। ଆଇଏସ୍‌ଆଇଏସ୍‌ର ଜଣେ ଆତଙ୍କବାଦୀ ଚର୍ଚ୍ଚରେ ଧସେଇ ପସିବା ପରେ ପ୍ରଥମେ ଫାୟାରିଂ କରିଥିଲେ ଓ ପରେ ବୋମା ଫୁଟାଇ ନିଜକୁ ଉଡାଇ ଦେଇଥିଲେ। ଏହି ଆକ୍ରମଣ ଭାରତୀୟ ସମୟ ଅନୁସାରେ ରାତିରେ ହୋଇଥିଲା। ଏହି ଆତଙ୍କବାଦୀ ସହ ଜଣେ ବନ୍ଧୁକଧାରୀ ମଧ୍ୟ ଥିଲା। ସେ ମଧ୍ୟ ଲୋକ ଉପରେ ଗୁଳି ବର୍ଷା କରିଥିଲା। କିନ୍ତୁ ବିସ୍ଫୋରଣ ଘଟାଇ ନଥିଲା। ସେତେବେଳେ ଚର୍ଚ୍ଚରେ ପାଖାପାଖି ୧୫୦ରୁ ୩୫୦ ଲୋକ ଥିଲେ। ସୁରକ୍ଷାକର୍ମୀ ଯାଞ୍ଚ ପ୍ରକ୍ରିୟାର ଆରମ୍ଭ କରିଥିବା ବେଳେ ଚର୍ଚ୍ଚକୁ ଘେରାଉ କରାଯାଇଛି। ଏହି ଆତଙ୍କବାଦୀ ଆକ୍ରମଣକୁ ସିରିଆ ସରକାର ନନ୍ଦା କରିଛନ୍ତି।

# ପହଲଗାମ୍ ଆତଙ୍କୀକୁ ଚିହ୍ନିଲେ ଗିରଫ ଅଭିଯୁକ୍ତ

ଶ୍ରୀନଗର, ୨୩।୬(ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣର ୩ ଜଣ ଆତଙ୍କୀଙ୍କ ମଧ୍ୟରୁ ଜଣକର ପରିଚୟ ମିଳିଛି। ରବିବାର ନ୍ୟାସନାଲ ଇନଭେଷ୍ଟିଗେଟିଂ ଏଜେନ୍ସି (ଏନ୍‌ଆଇଏ) ଦ୍ୱାର ଗିରଫ୍ ହୋଇଥିବା ଦୁଇ ଅଭିଯୁକ୍ତ ଏହି ଆତଙ୍କବାଦୀମାନଙ୍କ ମଧ୍ୟରୁ ଜଣକୁ ଚିହ୍ନି ପାରିଛନ୍ତି ଓ ଏହାର ନାମ ସୁଲେମାନ ଶାହା ବୋଲି କହିଛନ୍ତି। ତେବେ ବାକି ଦୁଇଜଣ ଆତଙ୍କବାଦୀଙ୍କ ପରିଚୟ ମିଳିପାରି ନାହିଁ ବୋଲି କୁହାଯାଇଛି। ପହଲଗାମ ଆକ୍ରମଣ ପରେ କେତେକ ଆତଙ୍କବାଦୀଙ୍କ ଚିତ୍ର ସାମ୍ନାକୁ ଆସିଥିଲା। ଏମାନେ ହେଲେ ହାସିମ ମୁଶା, ତଲ୍ହା ଭାଇ ଓ ଜୁନେଦ। ସୁଲେମାନ ଏହି ଆତଙ୍କବାଦୀ ନେଟୱର୍କର ଅଂଶବିଶେଷ ବୋଲି କୁହାଯାଇଛି। ଅବଶ୍ୟ ଜୁନେଦ୍ ଗତବର୍ଷ ଏନକାଉଣ୍ଟରେ ମୃତ୍ୟୁବରଣ କରିଥିଲା। ଜୁନେଦର ମୋବାଇଲ ଫୋନ୍‌ରେ ବାକି ୩ ଆତଙ୍କୀଙ୍କ ଫଟୋ ମିଳିଥିଲା। ଏଥିରେ ସୁଲେମାନ ଶାହାର ଫଟୋ ମଧ୍ୟ ଥିଲା। ସୁଲେମାନଙ୍କୁ କେତେକ ପୀଡିତ ପରିବାର ଲୋକ ଚିହ୍ନିବାରେ ସଫଳ ହୋଇଛନ୍ତି। ରବିବାର ପହଲଗାମ ଆତଙ୍କବାଦୀ ଆକ୍ରମଣକାରୀଙ୍କୁ ଶରଣ ଦେଇଥିବା ଦୁଇଜଣ ବ୍ୟକ୍ତିଙ୍କୁ ଏନ୍‌ଆଇଏ ଗିରଫ୍ କରିଥିଲା। ଏହି ଦୁଇଜଣ ହେଲେ ପରଭେଜ ଅହମ୍ମଦ ଜୋଠାର ଓ ବସିର ଅହମ୍ମଦ ଜୋଠାର।

## ଜ୍ୟୋତିଙ୍କ ହାଜତ ଆଉ ୧୪ ଦିନ ବଢ଼ିଲା



ହିସାର, ୨୩।୬(ଏଜେନ୍ସି): ପାକିସ୍ତାନ ପାଇଁ ଗୁପ୍ତଚର ଭାବେ କାର୍ଯ୍ୟକରୁଥିବା ଅଭିଯୋଗରେ ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାହ୍ଲୋତ୍ରାଙ୍କ ବିଚାର ବିଭାଗୀୟ ହାଜତକୁ ଆହୁରି ୧୪ ଦିନ ବୃଦ୍ଧି କରାଯାଇଛି। ସୋମବାର ହିସାର କୋର୍ଟରେ ଭିଡିଓ କନଫୋରେନ୍ସିଂ ଜରିଆରେ ହୋଇଥିବା ଶୁଣାଣିରେ ଜ୍ୟୋତିଙ୍କୁ ହାଜର କରାଯାଇଥିଲା। ଏବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୭ରେ ହେବ। ଉଲ୍ଲେଖଥାଉ କି, ମେ ୧୬ରେ ଜ୍ୟୋତିଙ୍କୁ ତାଙ୍କ ଘରେ ପୁଲିସ୍ ଗିରଫ କରିଥିଲା। ଗିରଫ ହେବା ପରେ ତାଙ୍କ ୯ ଦିନ ପୁଲିସ ରିମାଣ୍ଡରେ ରହିବାକୁ ପଡ଼ିଥିଲା। ଏହାପରେ ତାଙ୍କୁ ଜୁନ୍ ୨୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ କୋର୍ଟ ପଠାଇଥିଲେ। ଏହା ପୂର୍ବରୁ ଜ୍ୟୋତିଙ୍କ ଜାମିନ ଆବେଦନକୁ ତଳ କୋର୍ଟ ପ୍ରତ୍ୟାଖାନ କରିଥିଲେ। ପାକିସ୍ତାନ ଏଜେଣ୍ଟଙ୍କ ସମ୍ପର୍କରେ ଆସି ଜ୍ୟୋତି ସମ୍ବେଦନଶୀଳ ସୂଚନା ପାକିସ୍ତାନକୁ ଦେଉଥିବାର ଅଭିଯୋଗ ହୋଇଥିଲା। ଏବେ ସେ ସେସନ କୋର୍ଟରେ ଜାମିନ ଆବେଦନ କରିବେ ଓ ଏ ନେଇ ଆଇନଗତ ବିକଳ୍ପ ଉପରେ ବିଚାର କରିବେ ବୋଲି ଜ୍ୟୋତିଙ୍କ ଓକିଲ କୁମାର ମୁକେଶ କହିଛନ୍ତି। ଜ୍ୟୋତିଙ୍କ ବିରୋଧରେ ଆସିଥିବା ସବୁ ଅଭିଯୋଗ ମିଛ ବୋଲି ସେ କହିଛନ୍ତି। ୟୁଟ୍ୟୁବ୍‌ରେ ଜ୍ୟୋତିଙ୍କ ୩.୭୭ ଲକ୍ଷ ଫଲୋଅର ଥିଲେ। କିନ୍ତୁ ସେ ଗିରଫ୍ ହେବାର ଅର୍ଥାତ ୧୮ ତାରିଖରେ ତାଙ୍କ ଫଲୋଅର ସଂଖ୍ୟାରେ ୪ ହଜାର ବୃଦ୍ଧି ହୋଇଥିଲା।

## ବିଜେପି ବିଧାୟକଙ୍କୁ ବସିବାକୁ ନ ଦେବାରୁ ବ୍ୟକ୍ତିଙ୍କୁ ମାଡ଼

### ବନ୍ଦେ ଭାରତ ଟ୍ରେନ୍‌ରେ ଅଘଟଣ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ବନ୍ଦେ ଭାରତ ଟ୍ରେନ୍‌ରେ ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଦିଲ୍ଲୀ- ଭୋପାଳ ବନ୍ଦେ ଭାରତ ଟ୍ରେନ୍‌ରେ ବିଜେପିର ଜଣେ ବିଧାୟକଙ୍କୁ ସିଟ୍‌ରେ ବସିବାକୁ ନ ଦେବା ଫଳରେ ଜଣେ ବ୍ୟକ୍ତିଙ୍କୁ ନିର୍ମମ ଭାବେ ମାଡ଼ ମରାଯାଇଛି। ଗୁରୁବାର ଏହି ଘଟଣା ଘଟିଥିଲା। ଉତ୍ତରପ୍ରଦେଶ ଝାନ୍‌ସିର ବିଜେପି ବିଧାୟକ ରାଜୀବ ସିଂ ପତ୍ନୀ ଓ ପୁଅ ସହ ନିଜ ନିର୍ବାଚନ ମଣ୍ଡଳୀ ଝାନସୀକୁ ଯାତ୍ରା କରୁଥିଲେ। ରାଜୀବଙ୍କୁ ଡବାରେ ପଛରେ ସିଟ୍ ମିଳିଥିବା ବେଳେ ତାଙ୍କ ପରବାର ସଦସ୍ୟଙ୍କୁ ଆଗରେ ସିଟ୍ ମିଳିଥିଲା। କିନ୍ତୁ ପତ୍ନୀ ଓ ପୁଅା ପାଖ ସିଟ୍‌ରେ ବସିଥିବା ବ୍ୟକ୍ତି ରାଜୀବଙ୍କ ସହ ସିଟ୍ ଅଦଳ ବଦଳ କରିବାକୁ ରାଜି ହୋଇ ନଥିଲେ। ଏଥିରେ ରାଜୀବଙ୍କ କେତେକ ସମର୍ଥକ ଉତ୍‌କ୍ଷୀପ୍ତ ହୋଇ ବ୍ୟକ୍ତିଜଣଙ୍କୁ ମାଡ଼ ମାରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପାଖାପାଖି ୧୨ ଜଣ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସିଟ୍‌ରେ ବସିଥିବା ବେଳେ ମୁଥ ମାରିଥିଲେ। ଏପରି ବ୍ୟକ୍ତିଙ୍କୁ ସେମାନେ ଚପଲ୍‌ରେ ମଧ୍ୟ ବାଡେଇଥିଲେ ଓ ତାଙ୍କ ନାକରୁ ରକ୍ତ ବାହରିଥିବାର ଦେଖାଯାଇଥିଲା।

## ଇସ୍ରାଏଲ-ଇରାନ ଯୁଦ୍ଧ ରୋକିବାକୁ ପ୍ରଧାନମନ୍ତ୍ରୀ ପ୍ରୟାସ କରନ୍ତୁ: ଖଡ୍‌ଗେ



ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖଡ଼ଗେ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆକ୍ଷେପ କରି ମନ୍ତବ୍ୟ ଦେଇଛନ୍ତି। ଆମ ପ୍ରଧାନମନ୍ତ୍ରୀ ନିଜକୁ ବିଶ୍ୱଗୁରୁ ବୋଲି ପରିଚୟ ଦେଉଥିବା ବେଳେ ଇସ୍ରାଏଲ ଓ ଇରାନ ମଧ୍ୟରେ ଘମାଘୋଟ ଯୁଦ୍ଧ ଚାଲିଛି। ଏହି ଯୁଦ୍ଧକୁ ରୋକିବାକୁ ଆମେ ଦେଶ ତଥା ପ୍ରଧାନମନ୍ତ୍ରୀ ପ୍ରୟସା କରିବା ଉଚିତ ବୋଲି ସେ ମତ ଦେଇଛନ୍ତି। ଆପଣ ବିଶ୍ୱ ଗୁରୁ ହୁଅନ୍ତୁ କି ଘରର ଗୁରୁ ହୁଅନ୍ତୁ। ସେଥିରେ କିଛି ଯାଏ ଆସୋ ନାହିଁ। ଲୋକଙ୍କୁ ପେଟ୍ରୋଲ, ଡିଜେଲ, ଖାଦ୍ୟ, ପୋଷାକ ଓ ମୁଣ୍ଡ ଉପରେ ଛାତ ଆବଶ୍ୟକ। ପ୍ରଧାନମନ୍ତ୍ରୀ ଏହି ସବୁ ମୌଳିକ ଆବଶ୍ୟକତା ପୂରଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଇରାନ ସବୁବେଳେ ଭାରତକୁ ବିଭିନ୍ନ ମାମଲାରେ ସମର୍ଥନ ଦେଇଆସିଛି। ପୁଣି ଇରାନ ମଧ୍ୟ ଭାରତ ଏକ ପୁରୁଣା ବନ୍ଧୁ ରାଷ୍ଟ୍ର ରୂପେ ବେଶ୍ ଜଣାଶୁଣା। ଭାରତ ୫୦ ପ୍ରତିଶତ ଇନ୍ଧନ ଇରାନଠାରୁ ପାଇଥାଏ। ତେଣୁ ଭାରତ ଏହି ଯୁଦ୍ଧରେ ଇରାନକୁ ଖୋଲାଖୋଲି ଭାବେ ସମର୍ଥନ ଦେବା ଉଚିତ ବୋଲି କର୍ଣ୍ଣାଟକ ରାୟଚୁରରେ ଏକ ଜନସଭାରେ ଭାଷଣ ଦେବା ଅବସରରେ ଖଡଗେ କହିଛନ୍ତି। ପ୍ରଧାନମନ୍ତ୍ରୀ ସବୁବେଳେ ବିପକ୍ଷକୁ ଅପମାନିତ କରିବାକୁ ପ୍ରୟାସ କରିଆସିଛନ୍ତି ଓ ବିପକ୍ଷ ପ୍ରତି ତାଙ୍କର ଆଦୌ ସମ୍ମାନ ନାହିଁ। ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଭାରତୀୟ ସେନାବାହିନୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରି ପାକିସ୍ତାନକୁ କଡ଼ା ଜବାବ ଦେଇଛି। ତେବେ ମୋଦୀ ବ୍ୟକ୍ତିଗତ ଭାବେ ଏହାର ଶ୍ରେୟ ନେବାକୁ ଚେଷ୍ଟିତ ଥିଲେ ବୋଲି ଖଡଗେ କହିଛନ୍ତି।



## ବୈଷୟିକ ତ୍ରୁଟି କାରଣରୁ ୩ ବିମାନର ଉଡ଼ାଣ ବାତିଲ୍

ଇନ୍ଦୋର, ୨୩।୬(ଏଜେନ୍ସି): ଦେଶରେ ବୈଷୟିକ ତ୍ରୁଟି କାରଣରୁ ଏୟାରଲାଇନ୍ସର ବିମାନଗୁଡିକର ଉଡାଣ ବାତିଲ ହେବା ପ୍ରକ୍ରିୟା ଜାରି ରହିଛି। ସୋମବାର ଏକ ଏୟାର ଇଣ୍ଡିଆ ବିମାନ ଓ ଇଣ୍ଡିଗୋ ବିମାନରେ ସମସ୍ୟା ଦେଖାଦେଇଥିଲା। ସେହିପରି ରବିବାର ପକ୍ଷୀ ମାଡ ହେବା କାରଣରୁ ଏୟାର ଇଣ୍ଡିଆ ଏକ ବିମାନ ଉଡାଣା ବାତିଲ ହୋଇଥିଲା। ଜୟପୁର ବିମାନ ବନ୍ଦରରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବମାନ ଜୟପୁରରୁ ଦୁବାଇ ଯିବାର କାର୍ଯ୍ୟକ୍ରମ ଥିଲା। ତେବେ ଟେକ୍‌ଅଫ୍ କରିବାର ଠିକ୍ ପୂର୍ବରୁ କକ୍‌ପିଟ୍‌ରେ ବୈଷୟିକ ତ୍ରୁଟି ଦେଖା ଦେଇଥିଲା। ଫଳରେ ରନୱେରୁ ବିମାନକୁ ପାଇଲଟ ଫେରାଇ ଆଣିଥିଲେ। ଏଥିରେ ୧୩୦ ଯାତ୍ରୀ ବସିଥିଲେ। ୫ ଘଣ୍ଟାର ପ୍ରୟାସ ପରେ ମଧ୍ୟ ବିମାନ ଠିକ୍ ହୋଇ ନଥିଲା। ଫଳରେ ବିମାନର ଉଡାଣକୁ ରଦ୍ଦ କରିବାକୁ ହୋଇଥିଲା।

ସେହିପରି ଇନ୍ଦୋରରୁ ଭୁବନେଶ୍ୱର ଯିବାକୁ ଥିବା ଇଣ୍ଡିଗୋ ବିମାନ ୬ଇ ୬୩୩୨ ଟେକନିକାଲ ପ୍ରୋବ୍ଲେମ ଯୋଗୁଁ ରନୱେରୁ ପଛକୁ ଫେରିଥିଲା। ଏହି ବିମାନରେ ୮୦ ଜଣ ଯାତ୍ରୀ ଥିଲେ। ବିମାନରେ ସାମାନ୍ୟ ବୈଷୟିକ ତ୍ରୁଟି ଥିଲା ବୋଲି ଏୟାରପୋର୍ଟ ଟର୍ମିନାଲ ମ୍ୟାନେଜର ସୂଚନା ଦେଇଛନ୍ତି। ଏହାକୁ ଠିକ୍ କରାଯିବା ପରେ ବିମାନ ଭୁବନେଶ୍ୱର ଯାଇଥିଲା। ବିମାନ ପାଖାପାଖି ଅଢେଇ ଘଣ୍ଟ ରନୱେ ଉପରେ ଛିଡ଼ା ହୋଇଥିଲା।

ସେହିପରି ତିରୁବନନ୍ତପୁରମରୁ ଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆ ବିମାନର ଉଡାଣକୁ ବାତିଲ କରାଯାଇଛି। ଏହି ବିମାନ ଲ୍ୟାଣ୍ଡି କରିବା ପରେ ସେଥିରେ ପକ୍ଷୀ ମାଡ ହୋଇଥିବାର ଆଶଙ୍କା କରାଯାଉଥିଲା। ଫଳରେ ବିମାନର ଯାଞ୍ଚ କରାଯାଇଥିଲା। ଫଳରେ ଉଡାଣକୁ ରଦ୍ଦ କରାଯାଇଥିଲା। ଫଳରେ ଯାତ୍ରୀମାନଙ୍କୁ ହୋଟେଲରେ ରହିବାର ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କୁ ପଇସା ରିଫଣ୍ଡ କିମ୍ବା ନୁଆ ବୁକିଂ ଦିଆଯାଉଛି। ରବିବାର ରାତିରେ ମଧ୍ୟ ଇନ୍ଦୋରୁ ଦିଲ୍ଲୀ ଯିବାକୁ ଥିବା ବିମାନର ଉଡାଣକୁ ମଧ୍ୟ ବାତିଲ କରାଯାଇଥିଲା।

# କନିଷ୍କ ବିମାନ ଦୁର୍ଘଟଣାକୁ ପୂରିଲା ୪୦ ବର୍ଷ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାକୁ ଦୁଇସପ୍ତାହ ପୁରି ନଥିବା ବେଳେ କନିଷ୍କ ବିମାନ ଦୁର୍ଘଟଣାର ବିଭୀଷିକାକୁ ଏବେ ଲୋକ ମନେ ପକାଇଛନ୍ତି। ଆଜିକୁ ଠିକ୍ ୪୦ ବର୍ଷ ତଳେ ଭାରତ କନିଷ୍କ ବିମାନ ଏୟାର ଇଣ୍ଡିଆ ଫ୍ଲାଇଟ୍ ୧୮୨ର ଦୁର୍ଘଟଣା ହୋଇଥିଲା। ସେତେବେଳେ ଏହି ବିମାନ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଥିଲା। ୧୯୮୫ ଜୁନ୍ ୨୩ ସକାଳେ ଏହ ବିମାନ କାନାଡର ମଣ୍ଟ୍ରିଲରୁ ବାହାର ଲଣ୍ଡନ ପରେ ଦିଲ୍ଲୀ ଓ ମୁମ୍ବାଇ ଆସିବାର କାର୍ଯ୍ୟକ୍ରମ ଥିଲା। ତେବେ ଆତଙ୍କବାଦୀଙ୍କ ବୋମ ବିସ୍ଫୋରଣ ଯୋଗୁଁ ଏହା ଆଟଲାଣ୍ଟିକ ମହାସାଗରରେ ଖଣ୍ଡଖଣ୍ଡ ହୋଇ ଖସି ପଡ଼ିଥିଲା। ଏହି ବିମାନ ଦୁର୍ଘଟଣା ପଛରେ କନାଡ଼ାରେ ରହୁଥିବା ଖଲିସ୍ତାନୀ ଆତଙ୍କବାଦୀଙ୍କ ହାତଥିଲା। ଅପରେସନ ବ୍ଲୁଷ୍ଟାର'ର ପ୍ରତିଶୋଧ ସ୍ୱରୂପ କାନାଡାରେ ଥିବା ଚରମପନ୍ଥୀ ସଂଗଠନ ବାବର ଖାଲସା ଏହି ଦୁର୍ଘଟଣା କରାଇଥିଲା। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ମୃତାହତ ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହା ଆତଙ୍କବାଦୀ କାର୍ଯ୍ୟକଳାପର ସବୁଠାରୁ ଘୃଣ୍ୟ ନମୁନା ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ ମଧ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଆତଙ୍କବାଦକୁ ବରଦାସ୍ତ ନ କରିବାକୁ ଜୟଶଙ୍କର କହିଛନ୍ତି।

ଏଥିରେ ୩୨୯ ଜଣ ମୃତ୍ୟୁବରଣ କରିଥିଲେ। ଏମାନଙ୍କ ମଧ୍ୟରେ ୩୦୭ ଜଣ ଯାତ୍ରୀ ଓ ୨୨ କ୍ରୁ ମେମ୍ବର ସାମିଲ ଥିଲେ। ଏହା ବୋଇଂ ୭୪୭ ବିମାନ ଥିଲା ଓ ଏହାକୁ ଏୟାର ଇଣ୍ଡିଆ ମହରାଜା କନିଷ୍କ ନାମ ଅନୁସାରେ ନାମକରଣ କରିଥିଲା। ସକାଳ ୭ଟାରେ ପାଇଲଟ୍ ନରେନ୍ଦ୍ର ସିଂହ ହଂସ ଆୟର୍ଲାଣ୍ଡ ବାୟୁସୀମାରେ ପ୍ରବେଶ କରିବାକୁ ଅନୁମତି ମାଗିଥିଲେ। ଅନୁମତି ମିଳିବା ପରେ ଲଣ୍ଡନ ଆଉ ୪୫ ମିନିଟ ବାକିଥିଲା। କନିଷ୍କ ୩୧ ହଜାର ଫୁଟ ଉଚ୍ଚରେ ଉଡୁଥିବା ବେଳେ ବିମାନ କର୍ଗୋ ହୋଲ୍ଡରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ୧୪୧ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ବିମାନର ଧ୍ୱଂସାବଶେଷ ସମୁଦ୍ରର ୬, ୭୦୦ ଫିଟ୍ ତଳକୁ ଖସିଥିଲା। ମୃତକଙ୍କ ମଧ୍ୟରେ ନବଜାତ ଶିଶୁ ମଧ୍ୟ ରହିଥିଲେ। ୧୯୭ ମୃତଦେହ ଗଭୀର ସମୁଦ୍ରରେ ହଜିଯାଇଥିଲା। ମୃତକଙ୍କ ମଧ୍ୟରେ କାନାଡାର ୨୬୮, ବ୍ରିଟେନର ୨୭, ଭାରତର ୨୨ କ୍ରୁ ମେମ୍ବର ଓ ଅନ୍ୟ ୧୨ ଜଣ ଲୋକଥିଲେ।

## କର୍କଟ ପୀଡ଼ିତା ମହିଳାଙ୍କୁ ଅଳିଆଗଦାରେ ଫୋପାଡ଼ିଲେ ନାତି

ମୁମ୍ବାଇ, ୨୩।୬(ଏଜେନ୍ସି): ମୁମ୍ବାଇରେ ଏକ ଅମାନବୀୟ ଘଟଣା ସାମ୍ନାକୁ ଆସିଛି। କର୍କଟ ରୋଗରେ ପୀଡିତା ଜଣେ ୬୦ ବର୍ଷୀୟା ମହିଳାଙ୍କୁ ତାଙ୍କ ନାତି ଡଷ୍ଟବିନ୍‌ରେ ଫୋପାଡି ଚାଲିଯାଇଛନ୍ତି। ଏ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଏହି ମହିଳାଙ୍କ ନାମ ଯଶୋଧା ଗାଏକ୍ୱାଡ। ଶନିବାର ସିଟି ଆରେ କଲୋନୀରେ ପୁଲିସ ଯଶୋଦାଙ୍କୁ ଅଳିଆ ଗଦାରେ ପାଇବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ନାତି ତାଙ୍କୁ ଅଳିଆ ଗଦାରେ ଛାଡି ଚାଲିଯାଇଛି ବୋଲି ଯଶୋଦା କହିଛନ୍ତି। ସକାଳେ ମହିଳାଙ୍କୁ ଠାବ କରାଯାଇଥିଲେ ମଧ୍ୟ ସନ୍ଧ୍ୟା ୫.୩୦ରେ ପୁଲିସ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। କେତୋଟି ହସ୍ପିଟାଲ ତାଙ୍କୁ ଭର୍ତ୍ତି କରିବାକୁ ମନା କରିବା ପରେ ପୁଲିସ ତାଙ୍କୁ କୁପେର ହସ୍ପିଟାଲରେ ଭର୍ତ୍ତି କରିଥିଲା। ମହିଳା ଜଣା ଚର୍ମ କର୍କଟ ରୋଗରେ ପୀଡିତ ବୋଲି ଜଣାଯାଇଛି। ମହିଳା ଜଣକ ତାଙ୍କୁ ଦୁଇଟି ଠିକଣା ପୁଲିସକୁ ଦେଇଛନ୍ତି। ଗୋଟିଏ ମାଲଦାର ହୋଇଥିବା ବେଳେ ଅନ୍ୟଟି କାଣ୍ଡିଭାଲି ବୋଲି ଜଣାଯାଇଛି।

## ଏସ୍‌ସି/ଏସ୍‌ଟି ଆକ୍ଟ କେସ୍‌ରେ ଫସିଲେ ଇଣ୍ଡିଗୋର ୩ ଅଧିକାରୀ

ଗୁରଗାଓଁ, ୨୩।୬(ଏଜେନ୍ସି): ହରିୟାଣା ଗୁରଗାଓଁରେ ଇଣ୍ଡିଗୋ ଏୟାର ଲାଇନ୍ସର ଏକ ଟ୍ରେନି ପାଇଲଟ୍ ବିମାନର ଜଣେ କ୍ୟାପଟେନଙ୍କ ସମେତ ୩ ଜଣ ବ୍ୟକ୍ତିଙ୍କ ବିରୋଧରେ ଏସ୍/ଏସଟି ଆକ୍ଟ ଅନୁସାରେ ଏଫଆଇଆର ଦାଏର କରାଇଛନ୍ତି। ଏକ ବୈଠକରେ ଜାତିସୂଚକ ଶବ୍ଦ କହିବା ସହ ଅପମାନିତ କରାଯାଇଥିବାର ଅଭିଯୋଗ ଆଣିଛନ୍ତି ଟ୍ରେନି ପାଇଲଟ। ଜାତିଆଣା ଆକ୍ଷେପ କରିବା ସହ ତୁମେ ବିମାନ ଉଡାଇବାକୁ ଯୋଗ୍ୟ ନୁହଁ ଓ ଫେରିଯିବା ସହ ଚପଲ ସିଲାଇ କର ବୋଲି କ୍ୟାପ୍‌ଟେନ କହିଥିବା କଥା ଟ୍ରେନି ପାଇଲଟ ଜଣକ ଅଭିଯୋଗ ଆଣିଛନ୍ତି। ଗୁରଗାଓଁରେ ବୈଠକ ପରେ ଟ୍ରେନି ପାଇଲଟ ଜଣକ ବେଙ୍ଗାଲୁରୁରେ ପୁଲିସ ନିକଟରେ ଏ ନେଇ ଅଭିଯୋଗ କରିଛନ୍ତି। ଏହି ମାମଲାରେ ତଦନ୍ତ ଆରମ୍ଭ କରାଯାଇଛି। ତେବେ ଏହି ଅଭିଯୋଗ ମିଛ ବୋଲି ଏୟାର ଲାଇନ୍ସ ତରଫରୁ କୁହାଯାଇଛି। କିନ୍ତୁ ଆଇନଗତ ପ୍ରକ୍ରିୟରେ ସହଯୋଗ କରିବାକୁ ଏୟାର ଲାଇନ୍ସ ପ୍ରତିଶ୍ରୁତି ଦେଇଛି। ସେପଟେ ଅଭିଯୁକ୍ତଙ୍କୁ ପଚାର ଉଚରା କରିବାକୁ ଆମେ ଡାକିବୁ ବୋଲି ଗୁରଗାଓଁ ପୁଲିସ କହିଛି।

## ଘଣା ଲାଗିହେଲେ ମହାପ୍ରଭୁ

**ପୁରୀ,୨୩।୬ (ସମିସ):** ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କୁ ଖଳିଲାଗି ହୋଇଛି। ରବିବାର ପତିମହାପାତ୍ର ଏବଂ ଦଇତାପତି ସେବାୟତ ମହାପ୍ରଭୁଙ୍କ ସୁସ୍ଥ ହେବାର ଖବର ଗଜପତି ମହାରାଜାଙ୍କୁ ପ୍ରଦାନ କରିବା ସହ ଶୃଙ୍ଖଳିତ ରଥଯାତ୍ରା ନେଇ ଆଲୋଚନା କରିଥିଲେ। ତ୍ରୟୋଦଶୀରେ ଘଣାଲାଗି ଲାଗି କରାଯାଇଛି। ପାଟରା ସେବକଙ୍କଠାରୁ ଆସିଥିବା ନାଗନାଗୁଣୀ ଘଣା ଦାରୁବିଗ୍ରହଙ୍କ

### ଆଜି ବନକଲାଗି

ଶରୀର (ପେଟ) ରେ ଲାଗି କରାଯାଇ ଗଡ଼ାବସ୍ତ୍ର ଦିଆଯାଇ ସିଲ୍ କରାଯାଇଥିଲା। ଏହି ନୀତି ବଢ଼ିବା ପରେ ଅଣସର ଶୁଦ୍ଧସୁଆରଙ୍କ ଘରୁ ଘଣ୍ଟ, ଛତା, କାହାଳୀ ସହ ଖଳି ହାଣ୍ଡି ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଶୁଦ୍ଧସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପକୁ ରୁପା ପିଙ୍ଗଣରେ ରଖି ଦଇତାପତି ସେବକ ଶ୍ରୀଅଙ୍ଗରେ ଲାଗି କରିଥିଲେ। ଏହାପରେ ଶ୍ରୀମୁଖ ଓତା କପଡ଼ା ପକାଯାଇଥିଲା। ଏହି ନୀତି ସମ୍ପନ୍ନ ପରେ ଦତ୍ତମହାପାତ୍ରଙ୍କ ଘରୁ ଖଡ଼ି ପ୍ରସାଦ ଅଣାଯାଇ ଲାଗି କରାଯାଇଥିଲା। ପତିମହାପାତ୍ର ସଂସ୍କାର କରିବା ପରେ ଦତ୍ତମହାପାତ୍ର ସେବକମାନେ ଖଡ଼ିଲାଗି କରିଥିଲେ। ଏହାପରେ ଅଣସର ଦ୍ୱାର ବନ୍ଦ କରାଯାଇ ଦଶାବତାର ଠାକୁରଙ୍କ ଆଳତି, ଅବକାଶ ଓ ଭୋଗମଣ୍ଡପ ବଢ଼ିଥିଲା। ଅନ୍ୟପକ୍ଷରେ ମଙ୍ଗଳବାର ମହାପ୍ରଭୁଙ୍କ ବନକଲାଗି କରାଯିବ।

# ବଢୁଛି ଦୁଷ୍କର୍ମ; ଓଡ଼ିଶା ଅସୁରକ୍ଷିତ

## ସରକାର ବେଫିକର; ମନ୍ତ୍ରୀ ବେପରୁଆ

- ଦେଶର ଦ୍ରୁତ ବିକାଶକୁ ଆମେରିକାର ଭୟ ଥାଇପାରେ: ପ୍ରଭାତୀ
- ଆମେରିକା ଅସୁରକ୍ଷିତ, ଆମେ ସେଠାକୁ ଯିବୁ ନାହିଁ: କୃଷ୍ଣଚନ୍ଦ୍ର
- ଉପମୁଖ୍ୟମନ୍ତ୍ରୀଙ୍କ 'ଲଭର୍ସ ପଏଣ୍ଟ' ସଂଜ୍ଞାକୁ ନେଇ ବିରୋଧୀ ଖପ୍ପା

**ଭୁବନେଶ୍ୱର,୨୩।୬(ସମିସ):** ଆଇନ ଶୃଙ୍ଖଳା ଦୃଷ୍ଟିରୁ ଓଡ଼ିଶା ସମେତ ୬ଟି ରାଜ୍ୟକୁ ଆସିବା ବେଳେ ସତର୍କତା ଅବଲମ୍ବନ କରିବାକୁ ନିଜ ନାଗରିକଙ୍କୁ ଆମେରିକା ପ୍ରଶାସନର ମାର୍ଗଦର୍ଶିକା ରାଜ୍ୟ ରାଜନୀତିକୁ ଉଷ୍ମ କରିଛି। ମାତ୍ର ବର୍ଷଟିଏ ମଧ୍ୟରେ ଓଡ଼ିଶାର ଆଇନ ଶୃଙ୍ଖଳା ଏବଂ ମହିଳା ସୁରକ୍ଷା ଏମିତି ଅନିୟନ୍ତ୍ରିତ ହେବା ଘଟଣାକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହି ସ୍ଥିତିରେ ରାଜ୍ୟ ସରକାର ନିଜ ଦାୟିତ୍ୱକୁ ତୁଲାଇବା ଓ ସୁସ୍ଥ ପରିବେଶ ପାଇଁ ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ବେପରୁଆ ମନ୍ତବ୍ୟ ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ସରକାରଙ୍କ ନିରବତା, ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ କିମ୍ଭୁତକିମାକାର ଟିପ୍ପଣୀ ରାଜ୍ୟର ଛବିକୁ ଅଧିକ ମଳିନ କରିପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଆମେରିକାର ମାର୍ଗଦର୍ଶିକା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଭାରତବର୍ଷର ଦ୍ରୁତଗତିରେ ହେଉଥିବା ବିକାଶକୁ ଆମେରିକା ହୁଏତ ଭୟ କରୁଛି। ସେଥିପାଇଁ ଆମେରିକା ପକ୍ଷରୁ ଏପରି ମନ୍ତବ୍ୟ ଦିଆଯାଇଛି। ଓଡ଼ିଶାକୁ ଆସୁଥିବା ଆମେରିକୀୟ ପର୍ଯ୍ୟଟକଙ୍କ ସଂଖ୍ୟା ଅତି ନଗଣ୍ୟ। ଆମ ରାଜ୍ୟରେ ଆମେରିକା ଆଶଙ୍କା କରୁଥିବା ସ୍ଥିତି ନାହିଁ। ତାଙ୍କ ଦେଶକୁ ଚଳାଇବା ପାଇଁ ସେମାନେ ଯାହା କରିବେ, ତାହାକୁ ତାଙ୍କ ଦେଶର ଲୋକେ ମାନିବେ। ଆମ ରାଜ୍ୟ ପାଇଁ ଚିନ୍ତା ମୋହନ ସରକାର କରୁଛନ୍ତି। ସେହିପରି ଦେଶ ନରେନ୍ଦ୍ର ମୋଦୀଙ୍କ ହାତରେ ସୁରକ୍ଷିତ ଅଛି। ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ସହ ଓଡ଼ିଶା ସରକାର ରାଜ୍ୟର 'ଲଭର୍ସ ପଏଣ୍ଟ'ଗୁଡ଼ିକର ସୁରକ୍ଷାକୁ ସରକାର ଧ୍ୟାନ ଦିଆଯାଉଛି। ସେଠାରେ ଦୃଢ଼ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଦୁଇ ପର୍ଯ୍ୟାୟ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇସାରିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଦିନକ ତଳେ ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ୍ୟ ଆମେରିକାର ମାର୍ଗଦର୍ଶିକାକୁ ନେଇ ବିଚିତ୍ର ଟିପ୍ପଣୀ ଦେଇଛନ୍ତି। ଆମେରିକା ଏବେ ଅସୁରକ୍ଷିତ, ସେମାନେ ଆମ ଦେଶ କଥା କ'ଣ କହୁଛନ୍ତି ବୋଲି ପ୍ରଶ୍ନ କରିବା ସହ ଶ୍ରୀ ପାତ୍ର ଆମେରିକା ଯିବେ ନାହିଁ ବୋଲି ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ମନ୍ତ୍ରୀ ଶ୍ରୀ ପାତ୍ର ଓ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ମନ୍ତବ୍ୟକୁ ନେଇ ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ନଜରରେ ଲଭର୍ସ ପଏଣ୍ଟର ସଂଜ୍ଞା କଣ, ରାଜ୍ୟରେ କେତୋଟି ଲଭର୍ସ ପଏଣ୍ଟ ଅଛି ସେ ନେଇ ଉପମୁଖ୍ୟମନ୍ତ୍ରୀ ତଥ୍ୟ ଦିଅନ୍ତୁ ବୋଲି ବିରୋଧୀ ଦାବି କରିଛନ୍ତି। ଏମିତି ମନ୍ତବ୍ୟ ଦେଇ ଉପମୁଖ୍ୟମନ୍ତ୍ରୀ କେବଳ ନିଜ ଏବଂ ସରକାରଙ୍କ ଦାୟିତ୍ୱରୁ ଖସିଯିବାକୁ ଚାହୁଁଛନ୍ତି ବୋଲି ବିରୋଧୀ କହିଛନ୍ତି। ରାଜ୍ୟରେ ମହିଳାଙ୍କ ସୁରକ୍ଷା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ଏବଂ ଦାୟିତ୍ୱ ଅଟେ। ସରକାର ନିଜ ଉତ୍ତରଦାୟିତ୍ୱକୁ ବହନ କରିବାର ଆବଶ୍ୟକତା ରହିଛି ଏବଂ ଅପ୍ରିୟ ସତ୍ୟକୁ ସ୍ୱୀକାର କରିବାର ଆବଶ୍ୟକତା ରହିଛି। ମାତ୍ର ଏପରି ନକରି ଆମେରିକାକୁ ଦୋଷ ଦେବା କିମ୍ବା ଲଭର୍ସ ପଏଣ୍ଟ ପରି ଶସ୍ତା ମନ୍ତବ୍ୟ ଦେବା ଉପମୁଖ୍ୟମନ୍ତ୍ରୀଙ୍କ ପକ୍ଷେ ଆଦୌ ଗ୍ରହଣୀୟ କିମ୍ବା ସମୀଚିନ ନୁହେଁ ବୋଲି ବିରୋଧୀ କହିଛନ୍ତି।

## 'ଧିରେ ଘେନ କାନନରେ କୃଷ୍ଣ ବିଳମ୍ବିତ' ଉକ୍ତିକୁ ବର୍ଣ୍ଣନା କରି ପୁଣି ବିବାଦରେ ମୁଖ୍ୟମନ୍ତ୍ରୀ

**ବ୍ରହ୍ମପୁର,୨୩।୬(ସମିସ):** ଧୀରେ ଘେନ କାନନରେ କୃଷ୍ଣ ବିଳମ୍ବିତ ଉକ୍ତିକୁ ସମ୍ବୋଧିତ କରି ବିବାଦୀୟ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ପଂକ୍ତିକୁ ଗଞ୍ଜାମର ବରପୁତ୍ର କବିସୂର୍ଯ୍ୟ ବଳଦେବ ରଥ ରଚନା କରିଥିବା ନେଇ ନିଜ ବକ୍ତବ୍ୟରେ କହିଛନ୍ତି ମୁଖ୍ୟ। କିନ୍ତୁ ଏହି ଉକ୍ତି ଅଭିମନ୍ୟୁ ସାମନ୍ତ ସିଂହାରଙ୍କର। ଧୀରେ ଘେନ କାନନରେର ରଚୟିତା କବିସୂର୍ଯ୍ୟ ବଳଦେବ ରଥଙ୍କର ନୁହଁ ବରଂ ଏନେଇ ଅଜ୍ଞାନତା ଓ ଭ୍ରମ ଭ୍ରାନ୍ତି ଭିତରେ ରହିଛି ଓଡ଼ିଆ ଅସ୍ମିତା। କବିସୂର୍ଯ୍ୟ ବଳଦେବ ରଥଙ୍କ ମାଟିରେ କବିସୂର୍ଯ୍ୟ ବଳଦେବ ରଥଙ୍କ ରଚନାକୁ ନେଇ ଭ୍ରମ ସୃଷ୍ଟି କରିବା ଗଞ୍ଜାମ ଜିଲ୍ଲା ପ୍ରତି ଉପହାସ। ଯେଉଁ ମଞ୍ଚରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀଙ୍କ ସମେତ ଜିଲ୍ଲାର ଦୁଇ ମନ୍ତ୍ରୀଙ୍କ ସହ ଶୀର୍ଷ ସ୍ଥାନୀୟ ନେତୃତ୍ୱ ଦୁଇ ସାଂସଦ ମଧ୍ୟ ଉପସ୍ଥିତ ଥିଲେ କେହି ମଧ୍ୟ ଭ୍ରମ ସଂଶୋଧନ କରିବା ପରିବର୍ତ୍ତେ ନୀରବ ରହିବା ସେମାନଙ୍କ ଜ୍ଞାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାହାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି।

### ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତକୁ ଯୁବ ବିଜେଡିର ବିରୋଧ

## 'ମୁଖ୍ୟମନ୍ତ୍ରୀ ଗୋ-ବ୍ୟାକ୍' ନାରାରେ କମ୍ପିଲା ରାଜରାସ୍ତା

**ବ୍ରହ୍ମପୁର/ଆସିକା, ୨୩।୬ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗଞ୍ଜାମ ଗସ୍ତକୁ ବିରୋଧ କରି ଆଜି ଯୁବ ବିଜେଡି ରାସ୍ତାକୁ ଓହ୍ଲାଇଛି। ଆସିକାସ୍ଥିତ କଳିଙ୍ଗ ରୋଡ଼ଠାରେ ଥିବା ବିଜେଡି କାର୍ଯ୍ୟାଳୟ ନିକଟରେ ବହୁ ସଂଖ୍ୟାରେ ଦଳୀୟ କର୍ମୀ ନାରୀ ବିରୋଧୀ ଅତ୍ୟାଚାର ସଂପର୍କିତ ପ୍ଲାକାର୍ଡ, ପୋଷ୍ଟର୍ ପ୍ରଦର୍ଶନ କରିବା ସହ

### ୨୦ରୁ ଊର୍ଦ୍ଧ୍ୱ କର୍ମୀଙ୍କୁ ଉଠାଇନେଲା ପୁଲିସ୍

'ମୁଖ୍ୟମନ୍ତ୍ରୀ ଗୋ-ବ୍ୟାକ୍' ନାରା ଦେଇଥିଲେ। ଏହା ଦେଖି ଆସିକା ପୁଲିସ୍ ୨୦ରୁ ଊର୍ଦ୍ଧ୍ୱ କର୍ମୀଙ୍କୁ ଉଠାଇନେବା ସହ ଦୀର୍ଘ ପାଞ୍ଚ ଘଣ୍ଟା ଧରି ଥାନାରେ ଅଟକ ରଖିଥିଲା।

ଯୁବ ବିଜେଡି କର୍ମୀମାନେ ଅଭିଯୋଗ କରିଥିଲେ ଯେ ଗଞ୍ଜାମ ଜିଲ୍ଲାରେ ନାରୀ ନିର୍ଯାତନା, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା ଦିନକୁ ଦିନ ବଢ଼ି ଚାଲିଛି। ନୂଆ ସରକାର ଆସିବା ପରେ ଏଗୁଡ଼ିକ ମାତ୍ରାଧିକ ଭାବେ ବୃଦ୍ଧି ପାଉଛି। ପୂରା ଜିଲ୍ଲାର ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି।



ଏପରିସ୍ଥଳେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଗସ୍ତ କରି କ'ଣ ସନ୍ଦେଶ ଦେବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ଦେଖି ପୁଲିସ୍ ସେମାନଙ୍କ ମଧ୍ୟରୁ ୨୦ କର୍ମୀଙ୍କୁ ଉଠାଇନେଇ ଥାନାରେ ଅଟକ ରଖିଥିଲା। ଏହି ବିକ୍ଷୋଭରେ ଗଞ୍ଜାମ ଜିଲ୍ଲା ଯୁବ ବିଜେଡି ସଭାପତି ଭବାନୀକାନ୍ତ ସାହୁ, ଯୁବ ବିଜେଡି ଜୋନ୍ ସଭାପତି ନଚିକେତା ସ୍ୱାଇଁ, ବ୍ରହ୍ମପୁର ମହାନଗର ନିଗମ ଯୁବ ବିଜେଡି ସଭାପତି ଅଜିତ କୁମାର ପଣ୍ଡା, କର୍ପୋରେଟର୍ ଦୁର୍ଗାକୁମାର ଲାୟକ, ଯୁବ ବିଜେଡି ନେତା କାହ୍ନୁଚରଣ ବେହେରା, ମନୋଜ ଦୋରା, ପ୍ରମୋଦ କୁମାର ପଣ୍ଡା, ଜିତେନ୍ଦ୍ର ମହାରଣା, ନିଗମ ରାଉତ, ନୀଳାଞ୍ଚଳ ମଣ୍ଡଳଙ୍କ ସମେତ ବହୁ ବିଜେଡି କର୍ମୀ ଓ ନେତାମାନେ ସାମିଲ ଥିଲେ।

## ବଜ୍ରାଘାତରେ ଭାଙ୍ଗିଲା ମହିମାଗାଦି ମୁଖଶାଳା ଦଧିନଉତି

**ଯୋରନ୍ଦା,୨୩।୬(ସମିସ):** ବଜ୍ରାଘାତରେ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମହିମା ଗାଦିମନ୍ଦିର ପୂର୍ବ ମୁଖଶାଳାର ଦଧିନଉତି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ରବିବାର ରାତି ପ୍ରାୟ ସାଢ଼େ ୧ଟାରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଗାଦି ମନ୍ଦିର ପୂର୍ବ ପାର୍ଶ୍ୱ ମୁଖଶାଳା ଦଧିନଉତି ବଜ୍ରପାତରେ

### ୧୫ ବର୍ଷ ମଧ୍ୟରେ ୩ୟ ଥର ବଜ୍ରାଘାତ

ଭାଙ୍ଗିଯାଇଥିବା ସୋମବାର ସକାଳେ ଜଣାପଡ଼ିଥିଲା। ଗାଦି ମନ୍ଦିରରେ ଆର୍ଥି ନ ଥିବାରୁ ବଜ୍ରପାତରେ ବାରମ୍ବାର ମନ୍ଦିର କ୍ଷତିଗ୍ରସ୍ତ ହେଉଛି। ଗତ ୧୫ ବର୍ଷ ମଧ୍ୟରେ ଗାଦି ମନ୍ଦିରରେ ୩ ଥର ବଜ୍ରାଘାତ ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ଗାଦି ମନ୍ଦିର ୨ୟ ବେଢ଼ା ଚତୁଃପାର୍ଶ୍ୱରେ ୪ଟି ମୁଖଶାଳା ଓ ସୁଉଚ୍ଚ ପଥର ପ୍ରାଚୀର କାର୍ଯ୍ୟ ୧୯୨୨ରୁ ୧୯୨୬ ମସିହା ମଧ୍ୟରେ ଶେଷ ହୋଇଥିଲା। ଦୀର୍ଘ ବର୍ଷ ହେଲା ନିର୍ମାଣ ହୋଇଥିଲେ ମଧ୍ୟ କୌଣସି କ୍ଷତି ହୋଇ ନ ଥିଲା। କିନ୍ତୁ ୨୦୧୫ରେ ବଜ୍ରାଘାତରେ ଗାଦି ମନ୍ଦିର ସପ୍ତଫେଣି କ୍ଷତିଗ୍ରସ୍ତ ହୋଇଥିଲା। ବଲ୍କଳଧାରୀ ମହିମା ସମାଜ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ମୁଖ୍ୟମନ୍ଦିର ଆର୍ଥି କରାଯାଇଥିଲା। ପୁନଶ୍ଚ ୨ବର୍ଷ ପରେ ମନ୍ଦିରର



ପଶ୍ଚିମ ମୁଖ୍ୟଦ୍ୱାର ମୁଖଶାଳାର ଦଧିନଉତି ବଜ୍ରପାତରେ ଆଂଶିକ କ୍ଷତି ହୋଇଥିଲା। ରବିବାର ରାତିରେ ପୁଣି ବଜ୍ରପାତ ଘଟି ପୂର୍ବ ମୁଖଶାଳାର ଦଧିନଉତି ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ବଜ୍ରପାତର ପ୍ରକୋପ ଏତେ ଅଧିକ ଥିଲା ଯେ ଗାଦି ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ରାମ ଦାସଙ୍କ ଗୋଟିଏ କାନକୁ ଠିକ୍‌ରେ ଶୁଭୁନାହିଁ। ମହିମାଗାଦିର ଛୋଟ ଛୋଟ ମନ୍ଦିର ଓ ମୁଖଶାଳାଗୁଡ଼ିକରେ ସରକାରଙ୍କ ପକ୍ଷରୁ ଆର୍ଥି ବ୍ୟବସ୍ଥା କରାଯିବା ପାଇଁ ମହିମା ଧର୍ମଧାମ ବିକାଶ ପରିଷଦ, ମହିମା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରାଜ୍ୟ ଯୋଗାଣ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ଏ ସମ୍ପର୍କରେ ବଲ୍କଳଧାରୀ ମହିମା ସମାଜ ସମ୍ପାଦକ ବାବା ନିତ୍ୟାନନ୍ଦ ଦାସ ଓ ବରିଷ୍ଠ ସନ୍ନ୍ୟାସୀ ଦୀନବନ୍ଧୁ ଦାସ କହିଛନ୍ତି ଗାଦି ମନ୍ଦିରରେ ଦୀର୍ଘ ୧୫ ବର୍ଷ ହେଲା ଆର୍ଥି ହୋଇଥିଲା। ଆଜି ଘଟଣା ପରେ ଇଞ୍ଜିନିୟରଙ୍କୁ ଡକାଯାଇ ମରାମତି କରାଯିବ ବୋଲି କହିଛନ୍ତି।

## ପୋଖରୀରେ ବୁଡ଼ି ଶିଶୁ ମୃତ

**ବାଲେଶ୍ୱର,୨୩।୬ (ସମିସ):** ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଗୁଡୁପାହିରେ ପୋଖରୀରେ ବୁଡ଼ି ଏକ ଅଢ଼େଇ ବର୍ଷର ଶିଶୁର ମୃତ୍ୟୁ ଘଟିଛି। ମୃତକ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ପୁରୁକା ଅଞ୍ଚଳର ଶରତ ଚନ୍ଦ୍ର ପାତ୍ରଙ୍କ ପୁଅ ନିହାର। ଗତ ରବିବାର ଦିନ ଶରତ ପରିବାର ସହିତ ଗୁଡୁପାହି ଅଞ୍ଚଳରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲେ। ସୋମବାର ସକାଳେ ସେମାନେ ଘରକୁ ଫେରିଯିବାକୁ ପ୍ରସ୍ତୁତ ହେଉଥିଲେ; ଏହି ସମୟରେ ନିହାର ଘର ପଛପଟେ ପିଲାଙ୍କ ଖେଳୁଥିବାବେଳେ ନିକଟ ପୋଖରୀରେ ପଡ଼ିଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ପୁଅକୁ ପୋଖରୀରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଥିଲେ। ଚାନ୍ଦିପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଦାଉ ସାଧୁଛି ସୁବର୍ଣ୍ଣରେଖା ବନ୍ୟା

**ବାଲେଶ୍ୱର, ୨୩।୬(ସମିସ):** ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଯୋଗୁ ଜିଲ୍ଲାର ଜଳେଶ୍ୱର, ବସ୍ତା ଓ ବାଲିଆପାଳ ଓ ଭୋଗରାଇ ବ୍ଲକ ପ୍ରଭାବିତ ହୋଇଛି। ଏନେଇ ଜିଲ୍ଲା ପ୍ରଶାସନର ଏକ ଜରୁରୀ ବୈଠକ ପରେ ବନ୍ୟାପ୍ରବଣ ଅଞ୍ଚଳର ଲୋକମାନଙ୍କୁ ସତର୍କ ରହିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଜାରି କରାଯାଇଥିଲା। ସେହିପରି ସମସ୍ତ ଅନୁଷ୍ଠାନଗୁଡ଼ିକରେ ଜରୁରୀ ସାମଗ୍ରୀ ଏବଂ ଔଷଧ ଉପଲବ୍ଧ କରିବା ପାଇଁ ନିର୍ଦ୍ଦେଶ ଦିଆଯିବା ସହିତ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ଖାଦ୍ୟ ଏବଂ ସାମଗ୍ରୀ ସମୀକ୍ଷା କରିବା ଓ ବିନିଯୋଗ ନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ୪ଟି ବ୍ଲକର ମୋଟ ୧୯ଟି ପଞ୍ଚାୟତର ୬୭ଟି ଗ୍ରାମ ଏବଂ ଜଳେଶ୍ୱର ଏନଏସିର ୫ଟି ୱାର୍ଡ ପ୍ରଭାବିତ ହୋଇଥିଲା। ବନ୍ୟାରେ ପାଖାପାଖି ୬୦ଟି ଗ୍ରାମର ୨୬ହଜାର ଲୋକ ପାଣି ଘେରରେ ରହିଥିଲେ। ଜଳେଶ୍ୱର ଏନଏସି ଅଞ୍ଚଳର ନଦୀ ପଠାରେ ରହୁଥିବା ୧୫ଟି ପରିବାରକୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରାଯାଇ ରନ୍ଧା ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଭୋଗରାଇ ଓ ବାଲିଆପାଳରେ ଗୋଟିଏ ଏନଡିଆରଏଫ ଟିମ, ୩ଟି ଓଡ୍ରାଫ୍ ଟିମ ଏବଂ ୫ଟି ଫାୟର ଟିମ ମୁତୟନ କରାଯାଇଛି। ବାଲିଆପାଳରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ୮ଟି ଟିମ ଦ୍ୱାରା ୫ଟି ଶୁଦ୍ଧ ପାନୀୟ ଜଳ ଟ୍ୟାଙ୍କର ନିୟୋଜିତ କରାଯିବା ସହ ୪୩ହଜାର ପାଣି ବୋତଲ ବଣ୍ଟାଯାଇଥିବା ବେଳେ ଭୋଗରାଇ ବ୍ଲକରେ ୩ଟି ଟ୍ୟାଙ୍କର ନିୟୋଜିତ କରାଯିବା ସହ୧୨ହଜାର ପାଣି ବୋତଲ ବଣ୍ଟନ କରାଯାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହାଛଡା ୬୯୨୭ଟି ନଳକୂପ, ୧୯୦ଟି ଉତ୍ସକୁ ବିଶୋଧନ କରାଯାଇଛି ବୋଲି ମଧ୍ୟ କୁହାଯାଇଛି। ଏହାଛଡ଼ା ଜିଲ୍ଲା ପ୍ରଶାସନ ଦ୍ୱାରା ୧୨୦କୁଇଣ୍ଟାଲ ଚୁଡ଼ା ଓ ୧୬ କୁଇଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁଇ ଜଣ ଅତିରିକ୍ତ ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳ ରହି ବନ୍ୟା ପ୍ରଭାବିତ ଅଞ୍ଚଳରେ ଉପସ୍ଥିତ ରହି ପ୍ରତ୍ୟକ୍ଷ ଭାବରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ବୋଲି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସୂଚନା ଦେଇଛନ୍ତି।

## ବଙ୍ଗୋପସାଗରରେ ବୁଡ଼ିଲା ୨ ମାଛଧରା ଟ୍ରଲର

**ବାଲେଶ୍ୱର(ଉତ୍ତର),୨୩।୬ (ସମିସ) :** ସମୁଦ୍ର ଅଶାନ୍ତ ଥିବାବେଳେ ଦୀଘା ଉପକୂଳରୁ ୧ ଶହ ନଟିମାଇଲ ପୂର୍ବଦକ୍ଷିଣ ଦିଗ ଜମ୍ବୁ ଦୀପରେ ୨ଟି ମାଛ ଧରା ଟ୍ରଲର ଜୁଆର ମାଡ଼ରେ ଶନିବାର ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଗଭୀର ସମୁଦ୍ରରେ ବୁଡି ଯାଉଥିବା ୨ଟି ଟ୍ରଲରରୁ ୨୯ ବଙ୍ଗୀୟ ମତ୍ସ୍ୟଜୀବୀଙ୍କୁ ଅନ୍ୟ ଏକ ଟ୍ରଲର କୌଶଳକ୍ରମେ ଉଦ୍ଧାର କରି କୂଳକୁ ଆଣି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସମସ୍ତ ମତ୍ସ୍ୟଜୀବୀ ସୁସ୍ଥ ଥିବା ଜଣା ପଡିଛି। ସୂଚନାଅନୁଯାୟୀ, ଓଡିଶା

### ଅଳ୍ପକେ ବର୍ତ୍ତିଲେ ୨୯ ବଙ୍ଗୀୟ ମତ୍ସ୍ୟଜୀବୀ



ସୀମାନ୍ତ ଦୀଘା ଉପକୂଳ ପଶ୍ଚିମବଙ୍ଗ ଜମ୍ବୁ ଦୀପ ନିକଟରେ ଏଫ ବି ସାକିଲା ଓ ମା ଦୁର୍ଗା ନାମକ ଦୁଇଟି ଟ୍ରଲର ଶନିବାର ଗଭୀର ସମୁଦ୍ରରେ ଇଲିସି ମାଛ ସନ୍ଧାନରେ ଯାଇଥିଲା। ମାଛ ମାରି ସମୁଦ୍ରରୁ କୂଳକୁ ଫେରୁଥିବା ବେଳେ ସମୁଦ୍ର ଉତ୍ତାଳ ଢେଉରେ ଦୁଇଟି ଯାକ ଟ୍ରଲର ଭାଙ୍ଗିଯାଇ ପାଣି ପ୍ରବେଶ କରି

### କୁଆଡ଼େ ଗଲା 'ବିକଶିତ ଗାଁ ବିକଶିତ ଓଡିଶା'

# ଉଦ୍‌ଘାଟନର ଚାରି ମାସ ପରେ ବି ଆରମ୍ଭ ହୋଇନି କାମ

**ବଲାଙ୍ଗିର,୨୩।୬(ସମିସ):** 'ବିକଶିତ ଗାଁ ବିକଶିତ ଓଡିଶା' ନାମରେ ଲୋକଙ୍କୁ ଲଲିପପ ଧରାଇଦେଲେ ରାଜ୍ୟ ସରକାର। ଫେବୃଆରୀରେ ଆରମ୍ଭ କଲେ ଯୋଜନା କିନ୍ତୁ ଆଜି ଯାଏଁ ଆରମ୍ଭ ହୋଇନାହିଁ ଗୋଟିଏ ବି ପ୍ରକଳ୍ପ। ବଲାଙ୍ଗିର ଜିଲ୍ଲାର ୧୪ ଟିବ୍ଲକ୍‌ରେ ପ୍ରାୟ ସମାନ ଅବସ୍ଥା। ଆଜି ଯାଏଁ ଗୋଟିଏ ବି କାମ ଆରମ୍ଭ ହୋଇନଥିବା ବେଳେ କେବେ ତାହା ଆରମ୍ଭ ହେବ ତାକୁ ନେଇ ଉଠିଛି ପ୍ରଶ୍ନ। ଏ ଅଭିଯୋଗ ଆମର ନୁହଁ ସ୍ଥାନୀୟ ଜନ ପ୍ରତିନିଧିମାନେ ଏନେଇ ପ୍ରଶ୍ନ ଉଠାଇବା ଆରମ୍ଭ କରିଥିବା ବେଳେ ବହୁ ଆଡମ୍ବର ଲଘୁକ୍ରୀୟା ଭଳି 'ବିକାଶିତ ଗାଁ ବିକଶିତ ଓଡିଶା' ଯୋଜନା ଏବେ ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏହି ଯୋଜନା ଆରମ୍ଭ ନହେବା ପଛରେ ରାଜନୈତିକ ହସ୍ତକ୍ଷେପ ରହିଥିବା ମଧ୍ୟ ଚର୍ଚ୍ଚା ହେଉଛି।

ପୂର୍ବ ସରକାର ନିର୍ବାଚନ ପୂର୍ବରୁ ଗ୍ରାମ୍ୟ ବିକାଶ ପାଇଁ ଆରମ୍ଭ କରିଥିଲେ 'ଆମ ଓଡିଶା ନବୀନ ଓଡିଶା' ଯୋଜନାରେ। ଏହି ଯୋଜନାରେ ଗାଁ ଟୁଙ୍ଗି ଠାରୁ ଆରମ୍ଭ କରି ରାସ୍ତା କାମ ପର୍ଯ୍ୟନ୍ତ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ବିଭାଗୀୟ ସୂଚନା ଅନୁସାରେ ପୂର୍ବ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଉକ୍ତ ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଲେଖାଏଁ ଅନୁଦାନ ଦିଆଯାଇଥିଲା। ଏହିକ୍ରମରେ ୨୦୨୩-୨୪ ଆର୍ଥିକ ବର୍ଷରେ ବଲାଙ୍ଗିର ଜିଲ୍ଲାକୁ ୧୫୮ କୋଟି ୫୦ ଲକ୍ଷ ଟଙ୍କା ଦିଆଯାଇଥିଲା। ୩୯୧୧ ପ୍ରକଳ୍ପକୁ ଏହି ଯୋଜନାରେ ମଞ୍ଜୁର କରାଯାଇଥିବା ବେଳେ ନିର୍ବାଚନ ଆଚରଣ ବିଧି ଲାଗିବା ପର୍ଯ୍ୟନ୍ତ

### ଫେବୃଆରୀ ୫ରେ ଉଦ୍‌ଘାଟିତ ହୋଇଥିଲା ଯୋଜନା

୧୧୫୬ ପ୍ରକଳ୍ପ ସଂପୂର୍ଣ୍ଣ ହୋଇଥିବା ବେଳେ ୧୩୯୨ ପ୍ରକଳ୍ପ ନିର୍ମାଣ କାମ ଜାରି ରହିଥିଲା। ୧୩୬୩ ପ୍ରକଳ୍ପ କାମ ଆରମ୍ଭ ହୋଇନଥିବା ବେଳେ ନିର୍ବାଚନ ପରେ ସରକାର ବଦଳିବା ପରେ ଏହି ଯୋଜନାକୁ ଉଦ୍ଦେଶ୍ୟମୂଳକ ଭାବେ ରାଜ୍ୟ ସରକାର ଅଟକାଇ ଦେଇଥିଲେ। ଏହି ଯୋଜନାର ବଳକା ଆର୍ଥିକ ଅନୁଦାନକୁ ମଧ୍ୟ ରାଜ୍ୟ ସରକାର ଅଟକାଇ ଦେଇଥିଲେ। ଫଳରେ କାମ କରୁଥିବା ଓ କାମ କରିଥିବା ଅନେକ ଠିକାଦାର ଏବେବି ମଧ୍ୟ ବିଲ ଟଙ୍କା ପାଇନାହାନ୍ତି। ଏହି ଯୋଜନା ଅଟକାଇବା ପରେ ରାଜ୍ୟ ସରକାର ନୂତନ ଯୋଜନା ଆରମ୍ଭ କରିଥିଲେ। 'ବିକଶିତ ଗାଁ ବିକଶିତ ଓଡିଶା' ନାମରେ ଏହି ଯୋଜନା ଆରମ୍ଭ କରି ଠିକ ସମାନ ଢଙ୍ଗରେ ଗ୍ରାମ୍ୟ ବିକାଶର ନକ୍ସା ପ୍ରସ୍ତୁତ କରାଯାଇଥିଲା। ଗ୍ରାମସଭା ବଦଳରେ ବିଜେପି କୁଜି ନେତାଙ୍କ ହିସାବରେ ବ୍ଲକ୍‌ରୁ ପ୍ରସ୍ତାବ ପ୍ରଦାନ କରାଯାଇଥିଲା।




ବେଶ ଆଡମ୍ବରରେ ନୂତନ ସରକାର ଗତ ଫେବୃୟାରୀ ୫ ତାରିଖରେ ଏହି ଯୋଜନାର ଉଦ୍‌ଘାଟନ କରିଥିଲେ। ଏହି ଯୋଜନା ଗ୍ରାମ୍ୟ ବିକାଶର ଚିତ୍ର ଆଙ୍କିବ ବୋଲି ସେହି ସମୟରେ ରାଜ୍ୟ ସରକାର କହିଥିଲେ। କିନ୍ତୁ ପ୍ରାୟ ୫ ମାସ ବିତିବାକୁ ବସିଥିବା ବେଳେ ଆଜି ଯାଏଁ ଏହି ଯୋଜନାରେ ଗୋଟିଏ ବି କାମ ଆରମ୍ଭ ହୋଇନାହିଁ। ଏବିଷୟରେ ଲୋଇସିଂହା ବ୍ଲକ୍ ବିଡିଓଙ୍କୁ ପଚାରିବାରୁ ଆମ ବ୍ଲକ୍ କାହିଁକି ଜିଲ୍ଲାର କୌଣସି ବ୍ଲକ୍‌ରେ ଏହା ଆରମ୍ଭ ହୋଇନାହିଁ। ବ୍ଲକ୍ ପକ୍ଷରୁ ପ୍ରାୟ ୫ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଥିଲା। ସେଥିଠରୁ ଅଢେଇ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅର୍ଥାତ ଯେତେ ସଂଖ୍ୟକ ପ୍ରକଳ୍ପ ଦିଆଯାଇଥିଲା ସେଥିରୁ ୫୦ ପ୍ରତିଶତ ପ୍ରକଳ୍ପ ମଞ୍ଜୁର ହୋଇଥିବା କିଛି ଦିନ ପୂର୍ବରୁ ସୂଚନା ମିଳିଥିବା ସେ କହିଥିଲେ। ସବୁ ବ୍ଲକରେ ସେହିଭଳି ହିଁ ହୋଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ବ୍ଲକ୍ ଅଧ୍ୟକ୍ଷମାନଙ୍କ କହିବା ଅନୁସାରେ ଏହି କାମ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟମାନଙ୍କ ହିସାବରେ ହେବା କଥା। କିନ୍ତୁ ସରକାରୀ ଦଳର ବିଧାୟକମାନେ ନିଜ ଲୋକଙ୍କୁ କାମ ଦେବା ବାହାନା କରି କେଁ ପୁରାଉଥିବାରୁ କାମ ଆରମ୍ଭ ହୋଇପାରୁନାହିଁ। ଯଦି ବି ଆରମ୍ଭ ହେବ ବିବାଦ ଭିତରେ ରହିବ ବୋଲି କହିଛନ୍ତି। ସେହିପରି ଜିଲ୍ଲାର ଅଧିକ ବ୍ଲକ୍‌ରେ ବିଜେଡି ଅଧ୍ୟକ୍ଷ ରହିଥିବା ବେଳେ ଅଧିକ ସଂଖ୍ୟକ ସରପଞ୍ଚ ମଧ୍ୟ ବିଜେଡି ଦଳର ରହିଛନ୍ତି। ଫଳରେ ସ୍ୱାଭାବିକ ଭାବେ ଏହି ବିଷୟକୁ ନେଇ ବିଧାୟକ ଓ ସ୍ଥାନୀୟ ଅଧ୍ୟକ୍ଷ, ସରପଞ୍ଚ ଓ ସମିତି ସଭ୍ୟମାନଙ୍କ ଭିତରେ ଟଣାଓଟରା ରହିଛି। ଫଳରେ ଜିଲ୍ଲାରେ 'ବିକଶିତ ଗାଁ ବିକଶିତ ଓଡିଶା' ଗାଡି ଅଟକିରହିଥିବା ଆଲୋଚନା ହେଉଛି।


ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ॥"



✓ ଧରମ୍ ସିଂ ଜୀ
ଧରାସ୍ପର୍ଶ: ୨୨.୧୨.୧୯୩୫, ସର୍ଗବାସ: ୧୩.୦୬.୨୦୨୫
ଚରମ୍ପା, ଭଦ୍ରକ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ
ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
-: ଆପଣଙ୍କ ସ୍ନେହର :-
ଅଶୋକ କୁମାର, ମଦନ ମୋହନ ଗୁପ୍ତା, ବିଜୟ କୁମାର ଗୁପ୍ତା
ରତନ ଲାଲ ଗୁପ୍ତା, ଗୀତା ଗୁପ୍ତା, ବନ୍ଧୁ ଓ ଗୁପ୍ତା ପରିବାରବର୍ଗ

# ସୁବର୍ଣ୍ଣରେଖା ବନ୍ୟାରେ ବାହ୍ୟ ଜଗତରୁ ବିଚ୍ଛିନ୍ନ 'ଗବଗାଁ'

ବାଲେଶ୍ୱର(ଉତ୍ତର),୨୩।୬ (ସମିସ)

ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ହ୍ରାସ ପାଇଲାଣି ମାତ୍ର ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ତଳିଆ ଗାଁ କୁହାଯାଉଥିବା ଗବଗାଁ ଗ୍ରାମ ଏବେ ବି ବାହ୍ୟ ଜଗତରୁ ବିଚ୍ଛିନ୍ନ ରହିଛି। ଗାଁକୁ ଯାଇଥିବା ମୁଖ୍ୟ ରାସ୍ତା ସହିତ ଗାଁର ସମସ୍ତ ରାସ୍ତା ଉପରେ ୬ଫୁଟର ପାଣି ଜମି ରହିଛି। ଫଳରେ ଏହି ଗାଁର ୨୦୦ରୁ ଅଧିକ ପରିବାର ଜଳବନ୍ଦୀ ହୋଇଛନ୍ତି। କିଛି ଲୋକେ ନିକଟସ୍ଥ ଆଶ୍ରମ ସ୍କୁଲରେ ରହୁଥିବା ବେଳେ କେତେକ ଲୋକ ଉଚ୍ଚରେ ଥିବା ଅନ୍ୟ ବ୍ୟକ୍ତି ଘରେ ରହୁଛନ୍ତି। ତେବେ ଅନେକ ଲୋକ ତଳେ ପାଣି ଥିବାରୁ ଘର ଭିତରେ ଭାଡ଼ି ବାନ୍ଧି ରହୁଛନ୍ତି। ଚୁଲି ବୁଡ଼ି ଯାଇଥିବାରୁ ପାଣିରେ ଖଟ ପକାଇ ତା ଉପରେ ରୋଷେଇ କରୁଛନ୍ତି। ଘରୁ ବାହାରୁକୁ କିମ୍ବା ବଜାରକୁ ସଉଦା, ପନିପରିବା ଆଣିବା ପାଇଁ ହେଲେ ଛୋଟ ଡଙ୍ଗୀ କିମ୍ବା କଦଳୀ ଭେଳା ବାନ୍ଧି ସେଇଥିରେ ଯିବାକୁ ପଡୁଛି। ସବୁଠାରୁ ବିପନ୍ନଙ୍କ ପାଇଁ ଜରୁରୀ ହୋଇଛି ପାନୀୟ ଜଳ। ସମସ୍ତ ନଳକୂପ ପାଣିରେ ବୁଡ଼ି ଯାଇଥିବାରୁ ଟୋପାଏ ଶୁଦ୍ଧ ପାଣି ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି। ଡଙ୍ଗା ସାହାଯ୍ୟରେ ବହୁ ଦୂରରୁ ପାଣି ଆଣିବାକୁ ପଡୁଛି। ସେହିପରି ସବୁବେଳେ ଜଳ ଭିତରେ ଜୀବନ ବିତାଉ ଥିବାରୁ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଛି। ଥଣ୍ଡା, ଜ୍ୱର, କାଶ,



**୨୦୦ ପରିବାର ଜଳବନ୍ଦୀ**

**ବିପନ୍ନଙ୍କ ନିକଟରେ ପହଞ୍ଚି ନାହିଁ ରିଲିଫ୍ ଓ ପାନୀୟ ଜଳ**

ଡାଇରିଆ ଓ ଚର୍ମରୋଗରେ ଲୋକେ ଆକ୍ରାନ୍ତ ହେଉଛନ୍ତି। ଡାକ୍ତରଖାନା ଯିବାକୁ ହେଲେ ଘରୁ ମୁଖ୍ୟ ରାସ୍ତାକୁ ପ୍ରାୟ ୫କିମି ପର୍ଯ୍ୟନ୍ତ ଡଙ୍ଗା ରେ ଯିବାକୁ ପଡୁଛି। ଯଦି ରାତି ଅଧରେ ଗର୍ଭବତୀ କିମ୍ବା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ହେଲା ତେବେ ସେହି ରୋଗୀ ଡାକ୍ତରଖାନା ପହଞ୍ଚିବା ଦୁରୁହ ବ୍ୟାପାର ହୋଇପଡୁଛି। ଅନ୍ୟପକ୍ଷରେ ଏହି ଗାଁର ବିପନ୍ନ ମାନଙ୍କୁ ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ସହାୟତା ଯୋଗାଇ ଦିଆଯାଇନଥିବା ଅଭିଯୋଗ ହୋଇଛି। କେବଳ ସ୍କୁଲରେ ଥିବା ଲୋକଙ୍କ ପାଇଁ ଅଳ୍ପକିଛି ଶୁଖିଲା ଖାଦ୍ୟ ଯୋଗାଇ ଚୁପ ହୋଇ ପ୍ରଶାସନ ବସିଥିବା ବେଳେ ଅନ୍ୟମାନେ ଯେଉଁମାନେ ଘରେ ପାଣିରେ ଭାଡ଼ି ବାନ୍ଧି ରହୁଛନ୍ତି ସେମାନେ ଭୋକ ଓପାସ ରେ ରହୁଛନ୍ତି। ସେହିପରି ଆଜକୁ ବନ୍ୟା ହେବାର ୪ ଦିନ ବିତିଯାଇଥିଲେ ମଧ୍ୟ ଏହି ଗାଁକୁ ପ୍ରଶାସନ ଟୋପାଏ ପାନୀୟଜଳ ଯୋଗାଇ ପାରିନାହିଁ କି ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ କୌଣସି ଡାକ୍ତରୀ ଦଳକୁ ମୁତୟନ କରାଯାଇନି। ଅପରପକ୍ଷରେ ଏହି ଗାଁ ରେ ଥରେ ପାଣି ବୁଡ଼ିଲେ ପ୍ରାୟ ୧ମାସ ରୁ ଅଧିକ ଦିନ ପାଣି ନିଷ୍କାସନ ହୋଇପାରୁ ନଥିବାରୁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗିଥାନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସରକାର ଏହାର ସ୍ଥାୟୀ ପ୍ରତିକାର କରୁ ନଥିବାରୁ ଗ୍ରାମବାସୀ ଭାଗ୍ୟକୁ ଆଦରି ନେବାକୁ ବାଧ ହୋଇଛନ୍ତି।

● ଜଳସେଚନ ବିଭାଗର ଉଦାସୀନତା

# ଦୁଇ ପଞ୍ଚାୟତର ବହୁ ଗାଁ ଜଳମଗ୍ନ

ଭୋଗରାଇ, ୨୩।୬ (ସମିସ) : ସୁବର୍ଣ୍ଣରେଖା ନଦୀର ବନ୍ୟାପାଣି ଭିତରକୁ ନ ଯିବା ପାଇଁ ସରକାର ଆବାହମାନ କାଳରୁ ଭୋଗରାଇ ଲଗ୍ ପାଖରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ଜଳସେଚନ ବିଭାଗ ବନ୍ଧ ନିର୍ମାଣ କରିଛନ୍ତି। ସେହି ବନ୍ଧର ରକ୍ଷଣାବେକ୍ଷଣ ପାଇଁ ଭୋଗରାଇ ଲଗ୍ ପାଖରେ ଏକ ଜଳସେଚନ ବିଭାଗ ପାଇଁ ଏକ ଡାକବଙ୍ଗଳା ନିର୍ମାଣ କରିଛନ୍ତି। କିନ୍ତୁ ଇରିକେସନ ବନ୍ଧ ମରାମତି ହେଉନାହିଁ। ଚାଷୀକୁଳ ହନ୍ତସନ୍ତ ହେଉଛି। ଏହାପାଇଁ ଜଳସେଚନ ବିଭାଗକୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି ପସରବିନ୍ଧା ସରପଂଚ। ସୁବର୍ଣ୍ଣରେଖା ନଦୀରେ ଝାଡ଼ଖଣ୍ଡର ପାଣି ପଶି ଭୟଙ୍କର ବନ୍ୟା ସୃଷ୍ଟି ହୋଇଛି। ହଠାତ ବନ୍ୟା ପାଣି ପାଇଁ ପ୍ରଶାସନର ଆଗୁଆ ସତର୍କ ନ କରିବାରୁ ବହୁ ଚାଷୀକୁଳର ଜୀବନ ଜୀବିକା ନଷ୍ଟ ହୋଇଛି। ବିଶେଷକରି ଜୟରାମପୁର ଓ ପସରବିନ୍ଧାର ପଞ୍ଚାୟତର ସାନ ଆଉସା, କାକୁଡି ବୋଧା, ଗୋବିନ୍ଦ ପୁର, ଜୟରାମପୁରର ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ଭୋଗରାଇ ଲଗ୍ ପାଖରୁ ଥିବା ଜଳସେଚନ ବିଭାଗ ବନ୍ଧ ମୋହିରେ କପାସିଆ ପୋଲରେ ଥିବା ସୁଇଚ ଗେଟ୍ କବାଟକୁ ଜଳସେଚନ ବିଭାଗ ମରାମତି ନ କରିବାରୁ ଦୁଇଟି ପଞ୍ଚାୟତରେ ବନ୍ୟା ପାଣି ଉପରମୁଣ୍ଡକୁ ପଶି ଚାଷୀମାନେ କରିଥିବା ମାଛ ଚାଷ ସହିତ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସରପଂଚ ସୁମନ୍ତ ବେହେରା ଓ ସଦସ୍ୟ ପଙ୍କଜ ଜେନା କହିବା କଥା ବନ୍ୟା ଆସିଲେ ଜୟରାମପୁର ଓ ପସରବିନ୍ଧାର ଗ୍ରାମବାସୀଙ୍କ ସହାୟତାରେ ବାଲିବସ୍ତା ପକାଇ ପୋଲମୁହଁ ବନ୍ଦ କରିବା ସହିତ ଜୟରାମପୁରଠାରୁ ରଣକୁଠା ପର୍ଯ୍ୟନ୍ତ ଜଳସେଚନ ବିଭାଗ ବନ୍ଧ ( ଭୂଆବନ୍ଧ) କୁ ଖାଲ ହୋଇଥିବା ସ୍ଥାନରେ ବାଲିବସ୍ତା ପକାଇ ମରାମତି କରନ୍ତି। ସେ ବାବଦକୁ ଖର୍ଚ୍ଚ ହେଉଥିବା ଟଙ୍କା ଜଳସେଚନ ବିଭାଗ ଦେବା କଥା ମାତ୍ର ସେହି ଟଙ୍କା ଜଳସେଚନ ବିଭାଗ ଆତ୍ମସାତ କରିଥିବା ସରପଂଚ କହିଛନ୍ତି। ଅଚାନକ ସୁବର୍ଣ୍ଣରେଖା ନଦୀରେ ବନ୍ୟାପାଣି ଆସି ପ୍ରଳୟଙ୍କାରୀ ବନ୍ୟା ସୃଷ୍ଟି କରିଥିଲା। ଚାଡିଆରେ ନଦୀବନ୍ଧ ହୁଗୁଳା ପଡିଥିବା ଏବଂ କେନାଲ ଗୁଡ଼ିକରେ ଦଳ ଭର୍ତ୍ତି ହୋଇଥିବାରୁ ବନ୍ୟା ପାଣି ବନ୍ଧ ଗୁଡିକ ଭାଙ୍ଗିବାର ସମ୍ଭାବନା ବଢିବାର ଲାଗିଥିଲା। ମାତ୍ର ଭୋଗରାଇ ଲଗ୍ ବଙ୍ଗଳାରେ ଜଳସେଚନ ବିଭାଗର ଏସ୍‌ଡିଓ ପ୍ରିୟବ୍ରତ ସିଂ ଦିନ ୧୨ ଘଟିକା ପର୍ଯ୍ୟନ୍ତ ଶୋଇଥିବା ଦେଖିବାକୁ ମିଳିଥିଲା। ଆଗାମୀ ଦିନରେ ଦକ୍ଷିଣ ଭୋଗରାଇ ସଂପୂର୍ଣ୍ଣ ସୁବର୍ଣ୍ଣରେଖା ବନ୍ୟା ପାଣିରେ ଲିନ ହୋଇଯିବ ବୋଲି ଭୋଗରାଇର ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ର ପଞ୍ଚମ ସଂସ୍କରଣ

# ଜ୍ୟୋତିସୁରିୟା, ସମୃଦ୍ଧି, ରବୀନ୍ଦ୍ର ଓ ଗୌରିଶଙ୍କରଙ୍କୁ ତ୍ରିମୁକୁଟ

ବାଲେଶ୍ୱର,୨୩।୬ (ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ଜିଲ୍ଲା ବ୍ୟାଡମିଣ୍ଟନ




ସଂଘ ଆନୁକୂଲ୍ୟରେ ଚାଲୁଥିବା ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ଏହି ବ୍ୟାଡ଼ମିଣ୍ଟନ ମହାକୁମ୍ଭରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଯଥା ଜଳେଶ୍ୱର, ନୀଳଗିରି, ରେମୁଣା, ସୋରରୁ ୨୮୦ ଖେଳାଳି ମୋଟ ୪୫୦ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ଏହା ଜିଲ୍ଲାର ପୂର୍ବ ସମସ୍ତ ବର୍ଷର ଖେଳାଳୀ ପଞ୍ଜୀକରଣ ରେକର୍ଡ ଭଙ୍ଗ କରିଥିଲା। ଏହି ପ୍ରତିଯୋଗିତା ୯ ବର୍ଷରୁ କମ୍, ୧୧ ବର୍ଷରୁ କମ, ୧୩ବର୍ଷରୁ କମ୍ପ, ୧୫ ବର୍ଷରୁ କମ୍, ୧୭ ବର୍ଷରୁ କମ୍, ୧୯ ବର୍ଷରୁ କମ୍ ବାଳକ ଏବଂ ବାଳିକା ତଥା ସିନିୟର, ଭେଟେରାନ୍ ସମସ୍ତ ବିଭାଗ ପାଇଁ ଅନୁଷ୍ଠିତ ହୋଇଥିଲା। ଏତେ ସଂଖ୍ୟକ ଖେଳାଳୀମାନଙ୍କ ଖେଳ ପରିଚାଳନା ନିମନ୍ତେ ବାଲେଶ୍ୱରରେ ରାଜ୍ୟସ୍ତରୀୟ ତଥା ଜାତୀୟସ୍ତରର ଅମ୍ପାୟାର ରାଜକୁମାର ଗାଙ୍ଗୱାର, ଗୌରୀ ଶଙ୍କର ବିସି, ପ୍ରୀତିରଞ୍ଜନ ମହାନ୍ତି, ସୋମନାଥ ବାରିକ, ସୁଜୟ ନାୟକ, ଜ୍ୟୋତିରେଖା ପ୍ରଧାନ ଏବଂ ସାମୁଏଲ ଜେନା ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଏସ୍‌ପି ରାଜ ପ୍ରସାଦ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ବିଶିଷ୍ଟ ଶିଳ୍ପପତି କମ୍‌ଲେସ୍ ପାଲ ଡାଇରେକ୍ଟର ପାଲା ଜୁଏଲାରୀ, ବାଲେଶ୍ୱର ଚାମ୍ବର ଅଫ କମର୍ସର ପ୍ରେସିଡେଣ୍ଟ ସଞ୍ଜୟ ଦାସ, ସଞ୍ଜୟ ସାହୁ ଚେୟାରମେନ୍ ଓ ଏସିସ୍ ଗ୍ରୁପ୍ ଅଫ୍ ଇନଷ୍ଟିଟ୍ୟୁସନ୍ ଇମ୍‌ରାନ ଖାନ୍, ଏଲ୍‌ଟି, କର୍ଣ୍ଣେଲ୍ ଡିଆରଡିଓ, ଅମିତାବ ମହାକୁଡ଼ ବିଶିଷ୍ଟ ଶିଳ୍ପପତି ତଥା ବିସିସିଆଇ ଅମ୍ପେୟାର, ବ୍ୟାଡ଼ମିଣ୍ଟନ ସଂଘର ବରିଷ୍ଠ ସଦସ୍ୟ ବିଶ୍ୱଜିତ ଦାସ, ବିନୋଦ ସାହ, ଟୁର୍ଣ୍ଣାମେଣ୍ଟ ଚେୟାରମ୍ୟାନ୍ ମାନସ ମହାନ୍ତି, ଜିଲ୍ଲା ବ୍ୟାଡ଼ମିଣ୍ଟନ ସଂଘର ସଭାପତି ଚିନ୍ମୟ ବିଶ୍ୱାଳ, ସମ୍ପାଦକ ମନୋରଞ୍ଜନ ପଣ୍ଡା ଏବଂ ରାଜ୍ୟ ବ୍ୟାଡମିଣ୍ଟନ ସଂଘର ଯୁଗ୍ମ ସମ୍ପାଦକ ଜୟପ୍ରକାଶ ସିଂ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଫାଇନାଲିଷ୍ଟ ଖେଳାଳିଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ସଂଘର ବିଷ୍ଣୁ, କିସ୍ମେନ୍ଦୁ, ଆୟୁଷ୍ମାନ, ପିନାକି, ଦେବୀ ସଦ୍ଭାବ କାଦ୍ରି ଏବଂ କୌସ୍ତୁଭ ପ୍ରମୁଖ ସହଯୋଗ କରିଥିଲେ।

# ବନ୍ୟା ଧୋଇନେଲା ନଈ କୂଳିଆ ଚାଷୀଙ୍କ ପରିବା ଫସଲ

ବାଲେଶ୍ୱର(ଉତ୍ତର)/ଭୋଗରାଇ, ୨୩।୬(ସମିସ) : ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀର ଆଗୁଆ ବନ୍ୟା ଭୋଗରାଇ ବ୍ଲକର ବ୍ୟାପକ ଅଞ୍ଚଳକୁ ପ୍ରଭାବିତ କରିଛି। ବିଭିନ୍ନ ଗାଁ ଜଳବନ୍ଦୀ ହୋଇ ଏବେ ବି ରହିଛି। ପୂର୍ବ ପ୍ରସ୍ତୁତି ନଥିବାରୁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ସବୁଠାରୁ କ୍ଷତିଗ୍ରସ୍ତ ହୋଇଛି ନଈ କୂଳିଆ ଚାଷୀଙ୍କ ପରିବା ଫସଲ। କୃଷିବିଭାଗ ତରଫରୁ କ୍ଷୟକ୍ଷତି ଆକଳନ କରାଯାଇ ନ ଥିଲେ ମଧ୍ୟ ୨୦୦ଏକରରୁ ଅଧିକ ଜମିରେ ପରିବା ଫସଲ ଉଜୁଡ଼ି ଯାଇଛି। ନଦୀ ତଟବର୍ତ୍ତି କୁମ୍ଭୀରଗଡ଼ି ପଞ୍ଚାୟତର କୁହ୍ଲା, ଖଳାବାଡ଼ିଆ,ବାଉଁଶଖଣା, କୁମ୍ଭୀରଗଡ଼ି, ଅଡଙ୍ଗ ପନ୍ତେଇ ଇତ୍ୟାଦି ଗାଁ ସହିତ ଆରୁହାବୃତ୍ତି-୧ ପଞ୍ଚାୟତ ର ମନୁନଗର, ନଥିପୁର, ହରିଣକୁଲି, ବାରବାଟିଆ ଏବଂ ଖରିଦପିପଳ ପଞ୍ଚାୟତର ଆରୁହବୃତ୍ତି ନଂ୨, ଖରିଦପିପଳ, ଦହମୁଣ୍ଡା ଇତ୍ୟାଦି



ଗ୍ରାମର ଶହ ଶହ ଏକର ପରିବା ଚାଷ ନଷ୍ଟ ହୋଇଛି। ଅପରପକ୍ଷରେ ଏହି ଗାଁ ଗୁଡ଼ିକ ନଦୀକୁ ଲାଗିଥିବାରୁ ବହୁ ଘର ଭାଙ୍ଗିଥିବା ବେଳେ ଗାଁ ଭିତରେ ଥିବା କଚ୍ଚା ରାସ୍ତା ଧୋଇଯାଇଛି। ସେହିପରି କୁମ୍ଭୀରଗଡ଼ି ପଞ୍ଚାୟତରେ ଥିବା ବହୁ ଚିଙ୍ଗୁଡ଼ି ପୋଖରୀ ବୁଡିଯାଇ କ୍ଷତି ହୋଇଯାଇଛି। ତୁରନ୍ତ ପ୍ରଶାସନ ଏହି ପଞ୍ଚାୟତ ରେ କ୍ଷୟକ୍ଷତି ଆକଳନ କରି ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ୩୧ନଂ ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ନିଶିକାନ୍ତ ସାହୁ, ସରପଞ୍ଚ ବର୍ଷରାଣୀ ପରିଡ଼ା, ସଦସ୍ୟା ଝରଣା ସାହୁ, ଭବେନ୍ଦ୍ର ସାହୁ, ସୂର୍ଯ୍ୟକାନ୍ତ ସାହୁ, ଝାଡେଶ୍ୱର ସାହୁ, ଦୈତାରୀ ସାହୁ, ହେମନ୍ତ ବେହେରା, ରାଜକିଶୋର ଜେନା, ଯୋଗେନ୍ଦ୍ର ପାଲ ପ୍ରମୁଖ ଦାବି କରିଛନ୍ତି।

# ମଣ୍ଡି ଆଗରେ ଚାଷୀଙ୍କ ଧାରଣା

ଜଳେଶ୍ୱର ବ୍ଲକ, ୨୩।୬ (ସମିସ): ଧାନ ବିକ୍ରି ପାଇଁ ଚାଷୀଙ୍କ ପାଇଁ ମଣ୍ଡି ଖୋଲିଛି। ସେମାନଙ୍କୁ ପଞ୍ଜୀକରଣ କରି ଟୋକନ ଦିଆଯାଇଛି ହେଲେ ଟୋକନ ଅବଧି ଶେଷ ହେବାକୁ ବସିଥିବା ବେଳେ ଚାଷୀଙ୍କ ଧାନ ଏବେ ବି ସୋସାଇଟି ନେଉ ନାହିଁ। ଫଳରେ ଶତାଧିକ ଚାଷୀ ଏବେ ଧାନ ବିକ୍ରି କରିବା ଦାବିରେ ମଣ୍ଡି ଆଗରେ ଅନଶନରେ ବସିଛନ୍ତି। ଏପରି ଅଭାବନୀୟ ସ୍ଥିତି ଦେଖିବାକୁ ମିଳିଛି ଜଳେଶ୍ୱର ବ୍ଲକ ଅଧୀନ ନାମ୍ପୋ ଜ୍ୟୋତି ଜଙ୍ଗମ ସେବା ସମବାୟ ସମିତିରେ। ଏହି ସମିତି ବା ମଣ୍ଡିରେ ମୋଟ ୭୭୧ ଜଣ ଚାଷୀ ଧାନ ଦେବାକୁ ପଞ୍ଜିକୃତ ହୋଇଥିବା ବେଳେ ୩ ଶହ ପାଖାପାଖି ଚାଷୀ ଧାନ ଦେଇଛନ୍ତି। ଆଉ ୪ ଶହରୁ ଅଧିକ ଚାଷୀ ଏବେବି ଧାନ ଦେଇ ନ ପାରି ଅନଶନରେ ବସିଛନ୍ତି। ଟୋକନ ଅବଧି ଆଉ ମାତ୍ର ୭ ଦିନ ରହିଥିବା ବେଳେ କେମିତି ସବୁ ଚାଷୀଙ୍କ ଧାନ ଉଠିବ ତାହାକୁ ନେଇ ଚାଷୀ ଓ ମଣ୍ଡି ଅଧିକାରୀ ସନ୍ଦେହ ପ୍ରକାଶ କରିଛନ୍ତି। ମିଲର ଠିକ ସମୟରେ ଟ୍ରକ ପଠାଉ ନ ଥିବାରୁ ଏପରି ସ୍ଥିତି ହୋଇଛି ବୋଲି ସମିତିର ସମ୍ପାଦକ ଅଜିତ କୁମାର ଜେନା ପ୍ରକାଶ କରିଛନ୍ତି। ୭ ଦିନ ମଧ୍ୟରେ ଯଦି ମିଲର ମାନେ ଟ୍ରକ ପଠାନ୍ତି ତେବେ ମଧ୍ୟ ଠିକ ଅବଧି ମଧ୍ୟରେ ଚାଷୀଙ୍କ ଧାନ ଉଠା ଯାଇ ପାରିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଯେଉଁ ମିଲର ମାନେ ଏପରି ମନମାନୀ କରୁଛନ୍ତି ସେମାନଙ୍କୁ କଳା ତାଲିକାଭୁକ୍ତ କରିବାକୁ ଚାଷୀମାନେ ଦାବି କରିଛନ୍ତି।

# 'ରଥ ଓ ପଥ' କବିତା ଆସର




ବାଲେଶ୍ୱର,୨୩।୬ (ସମିସ): ନୋସି କଲଚୁରାଲ ଏକାଡେମି ଦ୍ୱାରା ୫୪ତମ ଫେସବୁକ କବିତା ଆସର ଆୟୋଜିତ ହୋଇଯାଇଛି। ଉତ୍କଳା ମୁକ୍ତ ମଞ୍ଚରେ ଆୟୋଜିତ ଏହି କବିତା ଆସରରେ ଆଗାମୀ ରଥଯାତ୍ରାକୁ ସ୍ୱାଗତ କରି 'ରଥ ଓ ପଥ' ଶୀର୍ଷକ କବିତା ଆସରରେ କବି କବୟିତ୍ରୀମାନେ ସୁନ୍ଦର ସୁନ୍ଦର ସ୍ୱରଚିତ କବିତା ପାଠ କରିଥିଲେ। ଫେସବୁକ କବିତା ଆସରର ସଭାପତି ଡ. ଦେବାଶିଷ ସିଂହ ପୌରୋହିତ୍ୱ କରିଥିବା ବେଳେ କବି ଗଗନ ସେଠୀ କବିତା ପାଠୋତ୍ସବ ସଞ୍ଚାଳନ କରିଥିଲେ। ଏହି କବିତା ଆସରରେ କବି ପ୍ରଭାତ କୁମାର ଆଚାର୍ଯ୍ୟ, ପ୍ରବୀର କାମିଲା, ସୁବ୍ରତା ମହାନ୍ତି, ଶ୍ରୀରୂପା ମଞ୍ଜରୀ ସେନ୍, ସୁନାମଣି ଜେନା, ତୃପ୍ତି ପାତ୍ର, ଦେବାଶିଷ ସିଂହ, କୃଷ୍ଣା ପ୍ରଧାନ, ଜୟନ୍ତ ହଂସରାଜ, ଶାନ୍ତିଲତା ପଣ୍ଡା, ମଧୁସୂଦନ ମାଝୀ, ଅଜିମ୍ ବାଲେଶ୍ୱରୀ, ବିନୀତା ସାହୁ, କ୍ଷେତ୍ରମୋହନ ଲେଙ୍କା, ଦେବାଶିଷ ମହାପାତ୍ର କବିତା ପାଠ କରିଥିଲେ। ଉତ୍କଳାର କଣ୍ଠଶିଳ୍ପୀ ରଶ୍ମୀରେଖା ମହାପାତ୍ର, ନନ୍ଦିନୀ ନାୟକ, ଏକାଦଶୀ ବର୍ମନ, କୁମାର ଜୀବନ ପ୍ରମୁଖ ସଂଗୀତ ପରିବେଷଣ କରିଥିବା ବେଳେ ନୃତ୍ୟଶିଳ୍ପୀ ଦୁର୍ଗେଶ୍ୱରୀ ସିଂ, ଦେବାନନ୍ଦ ସିଂ ପ୍ରମୁଖ ନୃତ୍ୟ ପରିବେଷଣ କରି କବିତା ଆସରକୁ ଆକର୍ଷଣୀୟ କରିଥିଲେ। ଶେଷରେ ପ୍ରଶାନ୍ତ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

ଜଳେଶ୍ୱର ବ୍ଲକ, ୨୩।୬ (ସମିସ): ଜନସଙ୍ଘ ପ୍ରତିଷ୍ଠାତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ ଜଳେଶ୍ୱର ଜାତୀୟ ରାଜପଥ ସନ୍ନିକଟସ୍ଥ ମଞ୍ଜୁପ୍ଲାଜାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଉତ୍ତର ବାଲେଶ୍ୱରର ବିଜେପି ଜିଲ୍ଲା ସଭାପତି ଡ. ପ୍ରଦୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଂସଦ ପ୍ରତାପ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବଳିଦାନ ଦିବସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜଳେଶ୍ୱର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ, ଭୋଗରାଇ ବିଜେପି ପ୍ରାର୍ଥୀ ଆଶିଷ ପାତ୍ର, ବିଜେପି ନାରୀନେତ୍ରୀ ସିପ୍ରା ବାଜପେୟୀ, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଥିଲେ। ଫାଲଗୁନି ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଫକୀରମୋହନ ଗୋଲେଇରେ କୋଣାର୍କ ଚକ୍ର ଉନ୍ମୋଚିତ

ବାଲେଶ୍ୱର,୨୩।୬ (ସମିସ): ବାଲେଶ୍ୱରର ପ୍ରସ୍ତର ଶିଳ୍ପୀ ବିଶ୍ୱନାଥ ରଣାଙ୍କ ପ୍ରଦତ୍ତ କୋଣାର୍କ ଚକ୍ର ଫକୀରମୋହନ ଗୋଲେଇଠାରେ ଉନ୍ମୋଚିତ ହୋଇଯାଇଛି। ବାଲେଶ୍ୱର ପୌରପାଳିକା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି ପ୍ରସ୍ତର କଳାର ନିଦର୍ଶନ କୋଣାର୍କ ଚକ୍ରକୁ ଲୋକାର୍ପିତ କରିଥିଲେ। ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ନିର୍ଲିପ୍ତା ମହାନ୍ତି, କାଉନସିଲର ସତ୍ୟଶିବ ସୁନ୍ଦର ଦାସ, ପୌର ଯନ୍ତ୍ରୀ ସୀମାଞ୍ଚଳ ମିଶ୍ର ପ୍ରମୁଖ ଏଥିରେ ଯୋଗ ଦେଇ ଶିଳ୍ପୀ ଶ୍ରୀ ରଣାଙ୍କ ବଦାନ୍ୟତାକୁ ପ୍ରଶଂସା କରିଛନ୍ତି। ଶିଳ୍ପୀ ଶ୍ରୀ ରଣା ଉପସ୍ଥିତ ରହି ତାଙ୍କ କଳାକୁ ବାଲେଶ୍ୱର ସହରର କେନ୍ଦ୍ର ସ୍ଥଳରେ ସ୍ଥାନିତ କରାଯାଇଥିବାରୁ ପୌରପାଳିକା କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ପୌରପାଳିକାର ସଂଖ୍ୟାଧିକ କର୍ମଚାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଥିଲେ।

## ପିଏଚ୍‌ଡି ଲାଭ



ଶ୍ରୀ ଶ୍ରୀଧର ରଞ୍ଜନ ଦାସ Biju Patnaik University of Technology (BPUT), Rourkela ରୁ ଫାର୍ମାସି ବିଭାଗରେ କୃତିତ୍ୱ ସହ (Ph.D) ଉପାଧି ଲାଭ କରିଛନ୍ତି। Einstein College of Pharmacy, Khurda ର Prof. (Dr.) Bibhuti Bhusana Panigrahi ଏବଂ I.G.I.P.S, Bhubaneswar ର Prof. (Dr.) Manoj Kumar Pani ଙ୍କ ତତ୍ତ୍ୱାବଧାନରେ "Formulation and Evaluation of Novel Bilayer Floating Tablet By Using Selective Drugs as GRDDS" ଉପରେ ଗବେଷଣା କରିଥିବା ସନ୍ଦର୍ଭଟି Examiner, Prof. (Dr.) Satyabrata Bhanja, RITEE college of Pharmacy, Raipur ଏବଂ Dr. Rakesh Gupta, Vaish institute of pharmaceutical education, Rohtak, Haryana ଙ୍କ ଦ୍ୱାରା ମୂଲ୍ୟାୟନ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଶ୍ରୀଧର ରଞ୍ଜନ ଦାସ ବର୍ତ୍ତମାନ S.I.P.E.R, Cuttack ଠାରେ Associate Professor ଭାବେ କାର୍ଯ୍ୟରତ ଥିବା ସହ ତାଙ୍କର ଗବେଷଣାତ୍ମକ କାର୍ଯ୍ୟ ପାଇଁ ବିଦେଶର ଅନେକେ ଗବେଷଣା ସଂସ୍ଥା ଦ୍ୱାରା ପ୍ରଶଂସିତ ହେବାରେ ସୌଭାଗ୍ୟ ଲାଭ କରିଛନ୍ତି। ସେ ଅନେକ ବହୁ ପ୍ରତିଷ୍ଠିତ ଗବେଶାତ୍ମକ ପତ୍ରିକା ପ୍ରକାଶକ ସଂସ୍ଥା ରେ ସମୀକ୍ଷକ ଭାବେ କାର୍ଯ୍ୟ କରି ଦେଶ ଏବଂ ବିଦେଶ ରେ ପ୍ରତିଷ୍ଠା ଲାଭ କରିଛନ୍ତି । ଡ. ଶ୍ରୀଧର ରଞ୍ଜନ ଦାସ କଟକ ଜିଲ୍ଲାର ଯଶପଡା ନିବାସୀ, ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ କର୍ମଚାରୀ ଶ୍ରୀଯୁକ୍ତ ସୁଦାମ ଚରଣ ଦାସ ଏବଂ ଶ୍ରୀମତୀ ବାସନ୍ତୀ ଦାସଙ୍କ ମଧ୍ୟମ ପୁତ୍ର ଅଟନ୍ତି। ସେ ପିଙ୍ଗୁଆ, ଢେଙ୍କାନାଳ ନିବାସୀ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରିଯୁକ୍ତ ଦୁଃଶାସନ ବେହେରା ଏବଂ ଶ୍ରୀମତୀ କୁନି ବେହେରାଙ୍କ ଏକମାତ୍ର ଜାମାତା ଅଟନ୍ତି। ସେ ଏହି କାର୍ଯ୍ୟର ସଫଳତାର ଶ୍ରେୟ ପ୍ରଭୁ ଶ୍ରୀ ଜଗନ୍ନାଥ, ଝଙ୍କଡ ବାସିନୀ ମା ଶାରଳା, ପିତାମାତା, ପରିବାର, ବନ୍ଧୁ, ପରିଜନ ତଥା ଗବେଷଣା ପାଇଁ ଉତ୍ସାହିତ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରିଛନ୍ତି ।

## Ph.D Degree

ରସାୟନ ବିଜ୍ଞାନରେ ଡକ୍ଟରେଟ ଲାଭ



ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଶ୍ରୀମତୀ ପ୍ରଣିତା ପଣ୍ଡା ,ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକରୁ ରସାୟନବିଜ୍ଞାନରେ କୃତିତ୍ୱ ସହ ଡ଼କ୍ଟରେଟ (Ph.D ) ଉପାଧି ଲାଭ କରିଛନ୍ତି | ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର Dr.Smruti Prava Das ଙ୍କ ତତ୍ୱାବଧାନରେ " Novel Technological Applications for a Green and sustainable Environment Using non-thermal plasmas " ଉପରେ ଗବେଷଣା କରିଥିବା ତାଙ୍କ ସନ୍ଦର୍ଭଟି Prof . V .L .Matha(Professor, Sabitribai Phule , Pune University, Pune) ଏବଂ Prof. K.Ramachandran (UGC Professor, Bharathiar University, Tamilnadu ) ଙ୍କ ଦ୍ୱାରା ମୂଲ୍ୟାୟନ ଓ ଉଚ୍ଚ ପ୍ରଶଂଶିତ ହୋଇଅଛି। ଡ଼.ପ୍ରଣିତା ପଣ୍ଡା ବାଲେଶ୍ୱର ଜିଲ୍ଲା ଭୋଇସାହି ଗ୍ରାମ ନିବାସୀ ଶ୍ରୀଯୁକ୍ତ ବିଜୟ ପ୍ରକାଶ ପଣ୍ଡା (Retd. Army) ଓ ଶ୍ରୀମତୀ ହରିପ୍ରିୟା ପଣ୍ଡାଙ୍କର କନିଷ୍ଠା କନ୍ୟା ଓ ରେମୁଣା ଗ୍ରାମ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଗୁଣନିଧି ସେନାପତି ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ ରମାମଣି ମହାପାତ୍ର ଙ୍କର କନିଷ୍ଠ ପୁତ୍ରବଧୂ ଓ ଶ୍ରୀଯୁକ୍ତ ଶୁଭବ୍ରତ ସେନାପତିଙ୍କ ସହଧର୍ମିଣୀ ଅଟନ୍ତି। ଗବେଷଣାରେ ତାଙ୍କର ଏହି ଅପାର ସଫଳତା ପାଇଁ Dr.Panda ନିଜର ଗାଇଡ଼ ପ୍ରଫେସର Dr.Smruti Prava Das , ରେଭେନ୍ସା ବିଶ୍ୱବିଦ୍ୟାଳୟ , ନିଜର ପରିବାର ବର୍ଗ ଓ ଭଗବାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

କାଉନସିଲରଙ୍କ ନାଁରେ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ

# ପୌରପାଳିକା କାର୍ଯ୍ୟାଳୟ ଆଗରେ ମହିଳାଙ୍କ ବିକ୍ଷୋଭ

ଜଳେଶ୍ୱର ବ୍ଲକ, ୨୩।୬ (ସମିସ)

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପୌରପାଳିକା ୬ ନମ୍ବର ୱାର୍ଡ଼ର କାଉନସିଲର ଚନ୍ଦନ ଦାସଙ୍କ ନାମରେ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ ଆଣିଲେ ସେହି ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା । ପୂର୍ବ ସରକାର ସହରରେ ପୋଖରୀ ଗୁଡ଼ିକ ମୁକ୍ତା ଯୋଜନା ମାଧ୍ୟମରେ ସଫେଇ ସାଙ୍ଗକୁ ସୌନ୍ଦର୍ଯ୍ୟକରଣ ପାଇଁ ୬ ନମ୍ବର ୱାର୍ଡ଼ର ସଉଭୋଜ ପୋଖରୀ ପାଇଁ ୨୯ଲକ୍ଷ ୪୬ ହାଜର ଟଙ୍କା ବ୍ୟୟ ବରାଦ ହୋଇଥିଲା। ଏହି କାର୍ଯ୍ୟକୁ କରିବାକୁ ସେହି ୱାର୍ଡ଼ର ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ କାର୍ଯ୍ୟ ପାଇଁ ଆଦେଶ ଜାରି ହୋଇଥିଲା ଏବଂ ସେମାନଙ୍କ ସମ୍ପୂର୍ଣ୍ଣ କାର୍ଯ୍ୟର ୭୫ ଭାଗ କାର୍ଯ୍ୟ ସମାପନ କରି ୧୪ ଲକ୍ଷ ୮୮ ହଜାର ୮୩୮ ଟଙ୍କା ବିଲ୍ ଉପସ୍ଥାପନ କରି ୧ଲକ୍ଷ ୮ହଜାର ୪୪୩ ଟଙ୍କା ୩୦ ଏପ୍ରିଲରେ ପ୍ରାପ୍ତ କରିଛନ୍ତି କିନ୍ତୁ ବାକି ଥିବା ୧୩ଲକ୍ଷ ୮୦ହାଜର ଟଙ୍କା ଅଦ୍ୟାବଧି ପାଇ ପାରୁ ନାହାଁନ୍ତି ଯାହାକୁ ନେଇ ସେମାନେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇ ଥିଲେ ମଧ୍ୟ କିଛି ସୁଫଳ ମିଳିପାରି ନାହିଁ। କାରଣ ଖୋଜିବାରୁ ଜାଣିବାକୁ ପାଇଥିଲେ କି ୱାଡର୍ କାଉନସିଲର ଚନ୍ଦନ ଦାସ ପୌରପାଳିକାର ସରକାରୀ ଅଧିକାରୀମାନଙ୍କୁ ବିଭିନ୍ନ ରାଜନୈତିକ ଦଳର ଚାପ ପ୍ରୟୋଗ କରି ଏବଂ ଚାନ୍ଦା ନ ଦେଲେ ମୁଁ ଆପଣ ମାନଙ୍କ ଅର୍ଥ ବିଲ୍ କରାଇ ଦେବୁ ନାହିଁ କହିବା ସହିତ ବର୍ତ୍ତମାନ ଶାସକ ଦଳର କଥାରେ କାର୍ଯ୍ୟ ହେବବୋଲି ଗୁପ୍ର ମହିଳା ମାନଙ୍କୁ କହିବା ସହିତ ଅସଦ୍ ଆଚରଣ ପ୍ରଦର୍ଶନ, ହଇରାଣ ହରକତ କରିବା ସହିତ ରାଜନୀତିକ ଚାପ ପକାଇ ବିଲ୍ ବନ୍ଦ କରିଛନ୍ତି। ତତ୍‌ସହିତ ନିଜ ଝାଇଁ ଓ ଝିଅଙ୍କ ନାମରେ ଠିକାଦାର ବନାଇ ସେମାନଙ୍କ ନାମରେ କାର୍ଯ୍ୟ କରିବାକୁ



ନେଇ ଆଜି ଜଳେଶ୍ୱର ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ସୂର୍ଯ୍ୟସ୍ମିତ କର, କନକଲତା ଜେନା, ସୋନାଲି ଜେନା, ଗୌରୀବାଳା ସାହୁ, ସୁଭାଷିନୀ ଜେନା, ମାମାଲି ଧଳ,ଗୀତ ଗୀତାଞ୍ଜଳି ବେହେରା, ଆରତୀ ଦାସ, ଜ୍ୟୋସ୍ନା ରାଉତ୍, ସସ୍ମିତା ସାହୁ, ରଶ୍ମିତା ପ୍ରଧାନ, ସୁକାନ୍ତି ଜେନା, ବବିତା ଦାସ, ଆରତୀ ରାଣୀ ଦାସ, କଳ୍ପନା ପ୍ରଧାନ ପ୍ରମୁଖ ଶତାଧିକ ମହିଳା ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସେମାନଙ୍କର ବକେୟା ଥିବା ଅର୍ଥ ତୁରନ୍ତ ପୈଠ କରିବାକୁ ଜଳେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏ ବିଷୟରେ ୬ନମ୍ବର୍ ୱାର୍ଡ କାଉନସିଲର ଚନ୍ଦନ କୁମାର ଦାସଙ୍କୁ ପଚାରିବାରୁ ସେ କହିଥିଲେ କି ମୋ ବିରୋଧରେ ସେମାନେ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ।

## ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ସଞ୍ଜୟ ରାଉତଙ୍କ ଦାୟିତ୍ୱ ଗ୍ରହଣ



ବାଲେଶ୍ୱର,୨୩।୬ (ସମିସ): ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ସଞ୍ଜୟ କୁମାର ରାଉତ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ରାଉତ ରାଜ୍ୟ ମଦ ନିଗମର ସାଧାରଣ ପରିଚାଳକ ଭାବେ ନିଜର ଦାୟିତ୍ୱ ଦକ୍ଷତାର ସହିତ ତୁଲାଇଥିଲେ। ଶ୍ରୀ ରାଉତ ପୂର୍ବରୁ ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ସରକାରଙ୍କ ସମସ୍ତ ଜନ କଲ୍ୟାଣ କାରୀ ଯୋଜନାକୁ ସଠିକ ଭାବେ କାର୍ଯ୍ୟକାରୀ କରିବା ବିଶେଷ କରି ସମାଜର ତଳ ସ୍ତରର ଲୋକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାକୁ ଉଦ୍ୟମ କରିବେ ବୋଲି ଶ୍ରୀ ରାଉତ କହିଛନ୍ତି।

## ସେବା ସଂଗଠନ ତରଫରୁ ରକ୍ତଦାନ ଶିବିର



ବାଲେଶ୍ୱର,୨୩।୬ (ସମିସ): ସେବା ସଂଗଠନ ତରଫରୁ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି। ସଂଗଠନ ଓଡିଶାର ଅଧକ୍ଷ କମଳ ଲୋଚନ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସମଲପୁର ଆଇଟିଆଇର ପ୍ରତିଷ୍ଠାତା ଧରଣୀଧର ମିଶ୍ର ଉଦଘାଟନ କରିଥିଲେ। ସେବା ସଂଗଠନ ଓଡ଼ିଶାର ନୂତନ ଗୋଷ୍ଠୀକେନ୍ଦ୍ରକୁ ରେମୁଣା ବିଧାୟିକା ପ୍ରାର୍ଥୀ ବିଦ୍ୟାସ୍ମିତା ମହାଳିକ ଶ୍ରୀଫଳ ଫଟାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚଷାଖଣ୍ଡ ସରପଞ୍ଚ କେଦାର ସାହୁ, ଦହପଡ଼ା ସରପଞ୍ଚ ପ୍ରଣତୀ ଜେନା, ମଙ୍ଗଳପୁର ସରପଞ୍ଚ ରାମଚନ୍ଦ୍ର ଦାସ, ଲୋକନାଥ ପିରି, ଅମ୍ରିତା ପିରି, ଅଜୟ ମହାଳିକ, ହରିଶ ଜେନା, କୀର୍ତ୍ତି କୁମାର ବିନ୍ଧାଣି, ପ୍ରକାଶ ବାରିକ୍, ଉମାକାନ୍ତ ମାଝୀ, ନୟନ କୁମାର ପଣ୍ଡା, ରଜତ ବାରିକ୍, ରଞ୍ଜନ ପାତ୍ର, ବିଜୟ ମାଝୀ, ବିଶ୍ୱଜିତ୍ ବାରିକ୍, ଗୌତମ ମହାଳିକ, ଲକ୍ଷ୍ମୀଧର ବାରିକ୍ ପ୍ରମୁଖ ସହଯୋଗ କରିଥଲେ। ଶିବିରରୁ ମୋଟ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

## ପବିତ୍ର ଓ ସୁଚିତ୍ରାଙ୍କୁ 'ଅକ୍ଷର ଦମ୍ପତି ସମ୍ମାନ

ବାଲେଶ୍ୱର,୨୩।୬(ସମିସ): ଜୀବନର ବାସ୍ତବତା ହେଉଛି ସଂସାର ପଛରେ ଦୌଡିବା ଓ ଏହି ଦୌଡ ଭିତରୁ ଲେଖକଟିଏ ବାଦଯାଏନି। ଉତ୍ତମ ପାରିବାରିକ ସମ୍ପର୍କ ଓ ସହଯୋଗ ଲେଖକକୁ ଉନ୍ନତ ସୃଜନ ସ୍ୱାଧୀନତା ପ୍ରଦାନ କରିଥାଏ ବୋଲି 'ପ୍ରଜାପତି' ସାହିତ୍ୟ ଶାଖା 'ଅକ୍ଷର'ଆୟୋଜିତ 'ସୃଜନ ସମ୍ପର୍କ'କାର୍ଯ୍ୟକ୍ରମରେ ପ୍ରଥମ 'ଅକ୍ଷର ଦମ୍ପତି-୨୦୨୫'ସମ୍ମାନ ପ୍ରଦାନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।'ପ୍ରଜାପତି'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସଞ୍ଜୟ କୁମାର ଦେ ଉଦଘାଟନ କରିଥିଲେ। ଲେଖକ ଦମ୍ପତି କଥାକାର ପବିତ୍ର ପାଣିଗ୍ରାହୀ ଓ ସୁଚିତ୍ରା ପାଣିଗ୍ରାହୀ ପ୍ରଥମ 'ଅକ୍ଷର ଦମ୍ପତି୨୦୨୫' ସମ୍ମାନ ଗ୍ରହଣ କରି ନିଜନିଜର କଥା ରଖିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ କବି ଶ୍ରୀ ଦେବ, କଥାକାର ଓ କବି ଗଙ୍ଗାଧର ବିଶ୍ୱାଳ, କବି ଓ ସମ୍ପାଦକ କୃଷ୍ଣକୁମାର ମହାନ୍ତି, କବି ଶୁଭେନ୍ଦୁ ଦାସ, କବି ଉତ୍ପଳ ମହାନ୍ତି, କବି ଓ ଆଲୋଚକ ସନ୍ତୋଷ ନାୟକ, ପାଠକ ଓ ଆଲୋଚକ ଶଶିରଞ୍ଜନ ମଲ୍ଲିକ, କବି ଅଭୟ ଦାସ, ଔପନ୍ୟାସିକ ଚିତ୍ତରଞ୍ଜନ ଚିରଞ୍ଜିତ ନିଜ ନିଜ କଥାରେ ଉପଯୁକ୍ତ



ପାରିବାରିକ ବାତାବରଣ ଲେଖକକୁ ଉଚ୍ଚ ଚିନ୍ତା କରିବାରେ ସହଯୋଗ କରେ ବୋଲି କହିଥିଲେ। 'ଅକ୍ଷର'ର ଆବାହକ ବିପ୍ଳବ ମହାପାତ୍ର ସ୍ୱାଗତ କଥା ରଖିଥିବା ବେଳେ ସମ୍ପାଦକ ରାଜେଶ ଗିରି ଉତ୍ସବ କଥା ରଖିଥିଲେ। ସଂଯୋଜକ କବି ମଧୁସୂଦନ ମିଶ୍ର 'ସୃଜନ ସମ୍ପର୍କ' ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସରସ୍ୱତୀ ଭୋଇ, ପ୍ରତିମା ତ୍ରିପାଠୀ, ରଶ୍ମି ସ୍ୱାଇଁ, ସୁଜାତା ଦାସ ଓ ରଶ୍ମିତା ଆଚାର୍ଯ୍ୟ ଲେଖକ ଦମ୍ପତିକୁ 'ଅକ୍ଷର ଉପହାର' ପ୍ରଦାନ କରିଥିଲେ। ପାର୍ଥସାରଥୀ ସାହୁ ଓ ଅମରଜିତ ଦାସ ଲେଖକୀୟ ପରିଚୟ ପଠନ କରିଥିବା ବେଳେ ଉପସ୍ଥିତ ସାହିତ୍ୟପ୍ରେମୀଙ୍କ ପକ୍ଷରୁ ଲେଖକ ଦମ୍ପତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସନ୍ତୋଷ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ଖାଁ ଖାଁ

ବାଲେଶ୍ୱର,୨୩।୬(ସମିସ)






ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ଏବେ ଖାଁ ଖାଁ। ସବୁ ବିଭାଗ ବନ୍ଦ ରହିଥିବା ବେଳେ ରୋଗୀ ପଞ୍ଜୀକରଣ କେନ୍ଦ୍ର ମଧ୍ୟ ଫାଙ୍କା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରାୟ ସମସ୍ତ ବିଭାଗ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜଓ ହସ୍ପିଟାଲକୁ ସ୍ଥାନାନ୍ତରିତ ହୋଇଯାଇଥିବା ବେଳେ ଆଉ ଯାହା କିଛି ରହିଛି ତାହା ଆସନ୍ତା ୩୦ତାରିଖ ସୁଦ୍ଧା ଉଠିଯିବ। ହେଲେ ମେଡିକାଲରେ ବ୍ୟାନର ଟଙ୍ଗା ହୋଇଛି ଯେ, ସମସ୍ତ ବିଭାଗ ଫକୀରମୋହନ ମେଡିକାଲ କଲେଜକୁ ଉଠିଗଲେ ସୁଦ୍ଧା ପୂର୍ବଭଳି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟକ୍ଷମ ହେବ। ହେଲେ ବାସ୍ତବରେ ତାହା ହେଉ ନାହିଁ। କାଁ ଭାଁ ରୋଗୀ ମେଡିକାଲ ପରିସରରେ ଯିବା ଆସିବା କରୁଥିବା ଦେଖିବାକୁ ମିଳିଛି।

ପୂର୍ବରୁ ଯେଉଁ ଚିକିତ୍ସାଳୟରେ ରୋଗୀଙ୍କ ଭିଡରେ ରହୁଥିଲା ଆଜି ସେଠାରେ ହାତ ଗଣତି ରୋଗୀ। ଆଉ ରୋଗୀ ପଞ୍ଜୀକରଣ ବିଭାଗରେ ରୋଗୀମାନେ ହେଉନଥିବା ବେଳେ କୌଣସି ବିଭାଗରେ ଡାକ୍ତରମଧ୍ୟ ନାହାନ୍ତି। ସ୍ତ୍ରୀ ଓ ପ୍ରସୂତି ବିଭାଗ ହେଉ କିମ୍ବା ମେଡିସିନ ବିଭାଗ ହେଉ କିମ୍ବା ସର୍ଜରୀ ବିଭାଗ ହେଉ କୌଣସି ବିଭାଗରେ ଡାକ୍ତର ନାହାନ୍ତି। ଏପରିକି ନର୍ସମାନଙ୍କ ସଂଖ୍ୟା ହ୍ରାସ ପାଇଥିବା ବେଳେ ପ୍ରାୟତଃ ବିଭାଗ ଗୁଡିକ ଖାଲି ରହୁଛି। ଏପରିକି ସେଠାରୁ ଶବ ବ୍ୟବଛେଦ ଗୃହ ମଧ୍ୟ ଉଠିଯିବାକୁ ବସିଥିବା ବେଳେ ଏବେ ମୃତଦେହ ରଖିବା ପାଇଁ ରହିଥିବା ଡିପ୍ ଫ୍ରିଜ ମଧ୍ୟ ଖରାପ ହୋଇପଡି ରହିଛି। ଏହାବ୍ୟତିତ ମେଡିକାଲ ପରିସରରେ ରହିଥିବା ଆହାର କେନ୍ଦ୍ରର ଅବସ୍ଥା ମଧ୍ୟ ସମାନ। ଏ ନେଇ ସ୍ଥାନୀୟବାସିନ୍ଦା ସାଇରୁଲ ହକ କହିଛନ୍ତି ଯେ, ଫକୀରମୋହନ ମେଡିକାଲ କଲେଜ ହେବାର ମାନେ ନୁହେଁ ଯେ, ବାଲେଶ୍ୱର ସହରର ଦେଢ଼ ଲକ୍ଷ ଲୋକ ଏବଂ ଆଖାପାଖ ଅଞ୍ଚଳର ଦୁଇଲକ୍ଷ ଲୋକ ଅର୍ଥାତ ସର୍ବମୋଟ ସାଢ଼େ ତିନିଲକ୍ଷ ଲୋକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଥିଲେ। କିନ୍ତୁ ଦୁଃଖର କଥା ଆଜି ଦିନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଲେ କିଛି ନ ଥିବା ଦେଖିବାକୁ ମିଳିବ। ଏଠାରେ ଡାକ୍ତର ଅଛନ୍ତି ନା ରୋଗୀ ସେବା ଅଛି କେହି ବି ନାହାନ୍ତି। ସମସ୍ତ ଜନ ପ୍ରତିନିଧି ଶୋଇଥିବା ବେଳେ ଗରିବ ରୋଗୀଙ୍କ ପ୍ରତି ସେମାନଙ୍କର କୌଣସି ଚିନ୍ତା ନାହିଁ। ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀ ସେବା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିକଳ୍ପ ବ୍ୟବସ୍ଥା ନ କରି ହଠାତ ଏଠାରୁ ସମସ୍ତ ବିଭାଗ ଉଠାଇନେବା ଫଳରେ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ କହିଛନ୍ତି ଯେ, ପୂର୍ବ ସରକାର ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସବୁ ପ୍ରକାର ବ୍ୟବସ୍ଥା କରାଯିବା ପରେ ଫକୀରମୋହନ ମେଡିକାଲକୁ ସମସ୍ତ ବିଭାଗ ଉଠାଯାଇଥାଆନ୍ତା। ହେଲେ ହଠାତ ଏଠାରୁ ସମସ୍ତ ବିଭାଗ ଉଠାଇ ନିଆଯାଇଛି।

### ବିକଳ୍ପ ବ୍ୟବସ୍ଥା ନ କରି ସମସ୍ତ ବିଭାଗ ସ୍ଥାନାନ୍ତର, ଅସନ୍ତୋଷ

ଯାହାଫଳରେ ଗ୍ରାମାଞ୍ଚଳର ରୋଗୀମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିବା ପରେ ପୁଣିଥରେ ରେମୁଣା ଯାଉଛନ୍ତି। ଫଳରେ ସେମାନେ ହତାଶ ହୋଇପଡୁଛନ୍ତି। ବର୍ତ୍ତମାନ ସ୍ଥିତିରେ ଯେଉଁ ଦୂରାବସ୍ଥା ହୋଇଛି ତାହା ଉଦ୍‌ବେଗଜନକ। ବର୍ତ୍ତମାନର ସରକାର କୌଣସି ପ୍ଲାନିଂ ନ କରି ହଠାତ ଉଠାଇନେବା ଦୁର୍ଭାଗ୍ୟଜନକ। ଅପରପକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ବେହେରା କହିଛନ୍ତି ଯେ,ଏଠାରେ ରୋଗୀ ସେବା କମି ନାହିଁ। ପୂର୍ବଭଳି ଚିକିତ୍ସା ସେବା ଯୋଗାଇ ଦିଆଯାଉଛି।

## କୃଷି ମହାବିଦ୍ୟାଳୟ କ୍ରିୟାନୁଷ୍ଠାନ ସମିତିର ବୈଠକ



ବାଲେଶ୍ୱର,୨୩।୬ (ସମିସ): ବାଲେଶ୍ୱର ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରୟାସ ଯାସ ଜାରି ରଖିଥିବା କ୍ରିୟାନୁଷ୍ଠାନ ସମିତିର ଏକ ବୈଠକ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ପ୍ରଫୁଲ୍ଲ କୁମାର ଦାସ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ଭାସ୍କର ଚନ୍ଦ୍ର ପାଢ଼ୀ ଆୟବ୍ୟୟର ବିବରଣୀ ବୈଠକରେ ଉପସ୍ଥାପନ କରିଥିଲେ। ସଭାପତି ଡ. ପଣ୍ଡା ସରକାରୀ କୃଷି ମହାବିଦ୍ୟାଳୟଓ ଗବେଷଣା କେନ୍ଦ୍ର ବାଲେଶ୍ୱର ଜିଲ୍ଲାରେ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ ସମିତିର ନିରବଚ୍ଛିନ୍ନ ଆନ୍ଦୋଳନ ଓ ପ୍ରୟାସ ସମ୍ପର୍କରେ କହିଥିଲେ। ଏହି ସମୟରେ ଗତ ୮ ତାରିଖରେ ହୋଇଥିବା ଦ୍ୱିତୀୟ ଜିଲ୍ଲା ସମ୍ମିଳନୀର ସଫଳତା ପାଇଁ ଜିଲ୍ଲାର ଲୋକପ୍ରତିନିଧି, ସମିତିର ସମସ୍ତ କର୍ମକର୍ତ୍ତା, ସଦସ୍ୟ ସଦ ସଦସ୍ୟା, ତିନୋଟି ଆଞ୍ଚଳିକ କମିଟି ଯଥା ଜଳେଶ୍ୱର, ରେମୁଣା ଓ ସୋରରୁ ଯୋଗ ଦେଇଥିବା ସମସ୍ତ କର୍ମକର୍ତ୍ତା ଚାଷୀମାନଙ୍କୁ ଧନ୍ୟବାଦ ଦେଇଥିଲେ। ବର୍ତ୍ତମାନ ସ୍ଥିତିରେ ଲୋକପ୍ରତିନିଧିମାନଙ୍କର ଆଭିମୁଖ୍ୟ ଆସନ୍ତା ବର୍ଷାକାଳୀନ ଅଧିବେଶନରେ ସେମାନଙ୍କର ନୀତିପୂର୍ଣ୍ଣ ଉପସ୍ଥାପନା ବିଷୟ ପ୍ରକାଶ କରିଥିଲେ। କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା ବର୍ଗ ବର୍ତମାନ ବନ୍ୟା ପରିସ୍ଥିତି ଉପରେ ଆଲୋକପାତ କରିବା ସହ ବିଭିନ୍ନ ଅଞ୍ଚଳରେ ପନିପରିବା ଚାଷ, ଖାଦ୍ୟର ବିଭିନ୍ନ ଦିଗ, ମାର୍କେଟିଂ ଇତ୍ୟାଦି ବିଷୟ ଆଲୋଚନା କରିବା ସହ ତା'ର ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ହରନାରାୟଣ ମଠୁଆଳ ପୂର୍ବ ବୈଠକର ଆଲୋଚନା ଆଧାରରେ ପଦକ୍ଷେପ ଉପରେ ଆଲୋକପାତ କରିବା ସହ ବିଚାର କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ସୁରେନ୍ଦ୍ର ଆନ୍ଦୋଳନା ପ୍ରସାଦ ଦିକ୍ଷୀତ୍, ଭୂପତି କୁମାର ପାତ୍ର, ଶ୍ୟାମସୁନ୍ଦର ଜେନା, ସରସ୍ୱତୀ ପଣ୍ଡା, ସରୋଜିନୀ ନାୟକ, ରବିକୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଯୁକ୍ତା ବେହେରା ଧନ୍ୟବାଦ ଦେଇଥିଲେ।

## ଦୂରଶିକ୍ଷା ଛାତ୍ରଛାତ୍ରୀଙ୍କ ପାଇଁ ଅଭିମୁଖୀ କାର୍ଯ୍ୟକ୍ରମ




ବାଲେଶ୍ୱର,୨୩।୬ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ଦୂର ଏବଂ ଅନଲାଇନ୍ ଶିକ୍ଷା କେନ୍ଦ୍ର (ସିଡିଓଇ) ତରଫରୁ ନୂତନ ଭାବରେ ଭର୍ତ୍ତି ହୋଇଥିବା ୨୦୨୫-୨୬ ଶିକ୍ଷା ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ତିନିଦିନିଆ "ଛାତ୍ର ଅଭିମୁଖୀ କାର୍ଯ୍ୟକ୍ରମ" ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ କ୍ୟାମ୍ପସରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅନେକ ବିଷୟର ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ କରିଥିଲେ। ଏହି ଅବସରରେ କୁଳସଚିବ କୁକୁମୀନା ଦାସ ଏବଂ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସିଡିଓଇ ନିର୍ଦ୍ଦେଶକ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଏବଂ ଉପ-କୁଳସଚିବ ଡ. ଦେବଦତ୍ତ ଦାସ ସିଡିଓଇର ଶିକ୍ଷା ପରିଚାଳନା ପ୍ରଣାଳୀ, ଡିଜିଟାଲ୍ ଲାଇବ୍ରେରୀ, ଭର୍ଚୁଆଲ୍ କ୍ଲାସ୍ ଓ ମୂଲ୍ୟାୟନ ପ୍ରଣାଳୀ ବିଷୟରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗର ସଂଯୋଜକ ତଥା ଅଧ୍ୟାପକ-ଅଧ୍ୟାପିକାମାନେ ଛାତ୍ରଛାତ୍ରୀଙ୍କ ସହ ତିନି ଦିନ ଧରି ତାଙ୍କ ଶିକ୍ଷା ଯୋଜନା ଓ ଜୀବନ ଗଠନ ସହିତ ସଂପୃକ୍ତ ବିଭିନ୍ନ ପ୍ରଶ୍ନ ଉତ୍ତର ଓ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଏକ ସ୍ୱତନ୍ତ୍ର ଅନ୍ତିମ ଅଧିବେଶନ ସହିତ ସମାପ୍ତ ହୋଇଥିଲା, ଯାହାର ଅଧ୍ୟକ୍ଷତା କରିଥିଲେ ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ ଉଦବୋଧନ ଦେଇଥିଲେ। ସିଡିଓଇ ନିର୍ଦ୍ଦେଶକ, ଉପ-କୁଳସଚିବଙ୍କ ସହ ସହାୟକ କୁଳସଚିବ ଅଭୟ କୁମାର ନାୟକଙ୍କ ଉପସ୍ଥିତିରେ ଏକ ଅଧିବେଶନ ଅନୁଷ୍ଠିତ ହୋଇ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଜଣାଯାଇଥିବା କୃତଜ୍ଞତା ସହ କାର୍ଯ୍ୟକ୍ରମଟି ଉଦଯାପିତ ହୋଇଥିଲା। ଉଭୟ ଅଧିବେଶନକୁ ଡ. ସଂଯୁକ୍ତାରାଣୀ ପଣ୍ଡା ସଂଚାଳନ କରିଥିଲେ।

## ଜିଲ୍ଲା ବିଜେପି ପକ୍ଷରୁ ବଳିଦାନ ଦିବସ ପାଳିତ




ବାଲେଶ୍ୱର,୨୩।୬(ସମିସ): ଜିଲ୍ଲା ବିଜେପି ପକ୍ଷରୁ ବଳିଦାନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ଜନସଂଘର ପ୍ରତିଷ୍ଠାତା ସ୍ୱର୍ଗତ ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସ୍ମୃତି ଦିବସକୁ ଭାରତୀୟ ଜନତା ପାର୍ଟି ବଳିଦାନ ଦିବସ ରୂପରେ ପାଳନ କରିଆସୁଅଛି। ସ୍ୱାଧିନ ଭାରତକୁ ଅଖଣ୍ଡ କରିବା ପାଇଁ ଡ଼. ମୁଖାର୍ଜୀଙ୍କୁ ଆତ୍ମବଳିଦାନ ଦେବାକୁ ପଡ଼ିଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଜୀବନ ପ୍ରଦୀପ ଦାଶ, କାର୍ଯ୍ୟକ୍ରମର ଜିଲ୍ଲା ସହସଂଯୋଜକ ଶ୍ରୀନିବାସ ପ୍ରଧାନ ଓ ଶୋଭନା ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା, ଗଣମାଧମ ସହସଂଯୋଜକ ରଞ୍ଜିତ ପୃଷ୍ଟି, ଜିଲ୍ଲା ସମ୍ପାଦକ ବିଜୟ ସାହୁ, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର ପ୍ରମୁଖଙ୍କ ସହ ଅନ୍ୟମାନେ ବକ୍ତବ୍ୟ ରଖିଥିଲେ।

## ଏକ ପୃଥିବୀ ଓ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବାଲେଶ୍ୱର,୨୩।୬(ସମିସ): ସଦର ବ୍ଲକ ଅନ୍ତର୍ଗତ ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ, ରୋଭର ଓ ରେଞ୍ଜର ୟୁନିଟର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ପିଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ଯୋଗ ବିଶେଷଜ୍ଞ ଆଚାର୍ଯ୍ୟ ବିଜୟ ଜୀ, ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ଡ. ରୋଜାଲିନ ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ପ୍ରାଧ୍ୟାପକ ସରୋଜ କୁମାର ପାଣି ଓ ଡ. ଶାନ୍ତନୁ କୁମାର ଜେନା ଯୋଗ ଦେଇଥିଲେ। ଏକ ପୃଥିବୀ ଓ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ ପାଇଛି। ପ୍ରୋଗ୍ରାମ




ଅଫିସର ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଶ୍ରବଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରୋଗ୍ରାମ ଅଫିସର ଡ. ଆରୁଣୀ ମିଶ୍ର, ଡ. ଅନ୍ନପୂର୍ଣ୍ଣା ରଣା, ହେମନ୍ତ କୁମାର ଦାସ, ସୁଶ୍ରୀ ସୋନାଲିକା ସିଂହ ଓ ଶୁଭଲକ୍ଷ୍ମୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଞ୍ଜୟ ପ୍ରଧାନ, ବିକାଶ ମହାପାତ୍ର, ତାପସ କୁମାର ନାୟକ, ଗୌରାଙ୍ଗ ସାହୁ, ନେହା ରାଉତ, ମୋନାଲି ଜେନା, ସ୍ନେହଲତା ପଡ଼ିଆରୀ, ଆଦ୍ୟାସ୍ମିତା ପ୍ରଧାନ, ଶ୍ରଦ୍ଧା ସୁମରିକା ବାରିକ ଓ ଶ୍ରୁତି ସାଗରିକା ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବ ରେଡକ୍ରସ କାଉନସେଲର ଅଧ୍ୟାପକ ଶ୍ରବଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


## ପେନ୍‌ସନ୍‌ଭୋଗୀମାନଙ୍କ ମଧ୍ୟରେ ସମାନତା ଓ ସୁରକ୍ଷା ଦାବି




ବାଲେଶ୍ୱର,୨୩।୬ (ସମିସ): ଗତ ମାର୍ଚ୍ଚ ୨୦୨୫ରେ ସଂସଦରେ ଗୃହୀତ ହୋଇଥିବା ଅର୍ଥବିଲ୍-୨୦୨୫ର ଅଂଶ ସ୍ୱରୂପ କେନ୍ଦ୍ରୀ ସିଭିଲ୍ ସେବା (ପେନ୍‌ସନ୍) ନିୟମର ପ୍ରମାଣିକରଣର ପ୍ରତିବାଦ ଓ ସମସ୍ତ ପେନ୍‌ସନ୍‌ଭୋଗୀମାନଙ୍କ ପାଇଁ ସମାନତା ପାଇଁ ତା'ର ସଂଶୋଧନ ଦାବିରେ ଆଜି ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇଟି ଦାବିପତ୍ର ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱର ପକ୍ଷରୁ ସଂଘ ସଭାପତି ଇଂ. ବନମାଳୀ ନାୟକ ଓ ସାଧାରଣ ସଂପାଦକ ଦାମୋଦର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକଙ୍କୁ ପ୍ରଦାନ କରାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ସାହୁ, ଉପସଭାପତି ଦେବେନ୍ଦ୍ର ଚୌଧୁରୀ, ସଂଗଠନ ନ ସମ୍ପାଦକ ସଞ୍ଜୟ ପଣ୍ଡାଙ୍କ ସହିତ ସଂଘର ସଦସ୍ୟ ସଦସ୍ୟା ପୁଷ୍ପଲତା ମହାନ୍ତି, ରୀତା ରାୟ, ଇଂ. ହୃଷିକେଶ ସାହୁ, ସୁରେନ୍ଦ୍ର ନାୟକ, ସୁକୁମାର ନାୟକ, ନରେଶ ଚନ୍ଦ୍ର ଦାସ, କୁମୁଦ ରଞ୍ଜନ ଗିରି, ଅମୂଲ୍ୟ ପଟ୍ଟନାୟକ, ବିଜୟ ସେଠୀ ଓ ସନ୍ତୋଷ ଦାସ ପ୍ରମୁଖ ସାମିଲ ଥିଲେ। ପୂର୍ବଭଳି ସମାନତା ଆଧାରରେ ସମସ୍ତ ପେନ୍‌ସନ୍‌ଭୋଗୀମାନଙ୍କ ପାଇଁ ସମାନତାପୂର୍ଣ୍ଣ ନିଷ୍ପତ୍ତି ନେବାକୁ ନିବେଦନ କରାଯାଇଛି। ଅନୁରୂପ ଭାବେ ଜିଲ୍ଲା ସଂଘ ସହିତ ୧୫ଟି ଶାଖା ସଂଘ ଦ୍ୱାରା ସ୍ଥାନୀୟ ବିଡିଓ, ତହସିଲଦାରଙ୍କ ମାଧ୍ୟମରେ ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

# ଫିଙ୍ଗିମରା ଆଳୁ ଚାଟ୍, ଏକ୍ସପାଏରି ଲସି ପ୍ୟାକେଟ୍

ବାଲେଶ୍ୱର,୨୩।୬ (ସମିସ)





- ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ ଓ ଯାଞ୍ଚ
- ବିଭିନ୍ନ ଦୋକାନରୁ ୯ ହଜାର ଜରିମାନା ଆଦାୟ

ବର୍ତ୍ତମାନ ସମୟରେ ବାହାର ଖାଦ୍ୟ ଏକପ୍ରକାର ବିଷ ସଦୃଶ। ବାସି ଓ ରଙ୍ଗ ମିଶା ଖାଦ୍ୟ ବିକ୍ରି କରି ଲୋକଙ୍କ ଜୀବନ ସହ ଖେଳୁଛନ୍ତି ଦୋକାନୀ, ହୋଟେଲ ଓ ରେଷ୍ଟୁରାଁ ମାଲିକ। ଖାଲି ଏତିକି ନୁହେଁ ରାସ୍ତା କଡରେ ଉଠା ଦୋକାନ ତଥା ଫାଷ୍ଟ ଫୁଡ୍, ଚାଟ୍ ଓ ଗୁପଚୁପ ଦୋକାନ ବି ଏଥିରୁ ବାଦ୍ ପଡିନାହାନ୍ତି। ଏହି ଦୋକାନରେ ଫିଙ୍ଗିମରା ତଥା ବାସି ଆଳୁ ଚାଟ୍ ଲୋକଙ୍କୁ ଦିଆଯାଉଥିବା ଜଣାପଡିଛି। ଏହାବ୍ୟତୀତ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ତିଆରି ଓ ବିକ୍ରି ହେଉଛି। ଯିଏ ଯେଉଁଠି ପାରୁଛନ୍ତି ଦୋକାନ ଖୋଲି ଖାଇବା ଜିନିଷ ବିକ୍ରି କରୁଛନ୍ତି। ବିନା ଲାଇସେନ୍ସରେ ମଧ୍ୟ ଅନେକ ଦୋକାନ ଚାଲୁଛି। ଚଢ଼ାଉ ଏବଂ ଯାଞ୍ଚ ସମୟରେ ଏହି ସମସ୍ତ କଥା ସାମ୍ନାକୁ ଆସୁଛି। ନହେଲେ ସେମାନେ ଖୋଲାଖୋଲି ନିର୍ଭୟରେ ବ୍ୟବସାୟ କରୁଛନ୍ତି। ଆଜି ଖାଦ୍ୟ ସୁରକ୍ଷା ବିଭାଗ ଟିମ୍ ପକ୍ଷରୁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ ଓ ଯାଞ୍ଚ କରାଯାଇଛି ବାସି ଖାଦ୍ୟ ସହ ଏକ୍ସପାଏରି ଲସି ପ୍ୟାକେଟ ଜବତ କରାଯାଇଛି। ଆଜି ବିଭିନ୍ନ ଫାଷ୍ଟଫୁଡ୍ ଦୋକାନ, ଚାଟ୍ ଓ ଗୁପଚୁପ ଦୋକାନରୁ ୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସୂଚନାଯୋଗ୍ୟ, ବାଲେଶ୍ୱରରେ ଖାଦ୍ୟ ସୁରକ୍ଷା ବିଭାଗ ଓ ପୌରପାଳିକା ପକ୍ଷରୁ ଏବେ ଜୋରଦାର ଚଢାଉ ଚାଲିଛି। ଏବେ ଜିଲ୍ଲା ପରେ ଜିଲ୍ଲା ହଇଜା ବ୍ୟାପୁଥିବା ବେଳେ ଏହି ଚଢ଼ଉ ଜୋରଦାର କରାଯାଉଛି। ହେଲେ ଏହି ଚଢଉ ନିୟମିତ ଏବଂ ଜିଲ୍ଲାର ସବୁ ଜାଗାରେ ହେଉ ବୋଲି ବାଲେଶ୍ୱରବାସୀ ଦାବି କରିଛନ୍ତି। ଏହାକୁ ଦୃଷ୍ଟିରେ ରଖିଅଘଟଣ ଘଟିଲେ ଚେଇଁ ଉଠୁଛି ଖାଦ୍ୟ ସୁରକ୍ଷା ବିଭାଗ' ଶୀର୍ଷକ ଖବର 'ସକାଳ'ରେ ପ୍ରକାଶ ପାଇଥିଲା। ଏଥିସହିତ ସବୁଠି ଯାଞ୍ଚ ହେଉ ବୋଲି ବାଲେଶ୍ୱରବାସୀଙ୍କ ମଧ୍ୟରେ ଦାବି ଜୋର୍ ଧରିଥିଲା। ତେବେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ଅନୁଶ୍ରୀ ଖଟୁଆଙ୍କ ନେତୃତ୍ୱରେ ଆଜି ଖାଦ୍ୟ ସୁରକ୍ଷା ବିଭାଗ ଟିମ୍ ପକ୍ଷରୁ ବାଲେଶ୍ୱରର ଖନ୍ତାପଡା, ଗୋପାଳପୁର, ବାହାନଗା ଅଞ୍ଚଳରେ ଚଢଉ କରାଯାଇଛି। ଏହି ଅଞ୍ଚଳରେ ବିଶେଷକରି ଫାଷ୍ଟ ଫୁଡ୍, ଚାଟ୍ ଓ ଗୁପଚୁପ ଦୋକାନର ଖାଦ୍ୟ ଯାଞ୍ଚ କରାଯାଇଛି। ଅନେକ ଚାଟ୍ ଦୋକାନରେ ଆଳୁ ବାସି ବାହାରି ଥିବାବେଳେ କିଛି ଦୋକାନରେ ଏକ୍ସପାଏରି ଲସି ପ୍ୟାକେଟ ମିଳିଥିଲା। ଏଥିସହିତ ଗୁପଚୁପ ପାଣି ମଧ୍ୟ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଛି। ଏଥିସହିତ ବାସି ଖାଦ୍ୟ ନଷ୍ଟ କରାଯିବା ସହ ବିଭିନ୍ନ ଦୋକାନରୁ ସମୁଦାୟ ୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଶନିବାର ଦିନ ମାର୍କୋଣାରେ ଖାଦ୍ୟ ସୁରକ୍ଷା ବିଭାଗ ଟିମ୍ ଚଢ଼ଉ କରିଥିଲା। କ୍ଷତିକାରକ ଖାଦ୍ୟ ରଙ୍ଗ ଜବତ ହୋଇଥିଲା। ଏଥିସହ ବିଭିନ୍ନ ହୋଟେଲ, ଦୋକାନରୁ ୩୦ ହଜାର ଜରିମାନା ଆଦାୟ କରାଯାଇଥିଲା। ନିକଟରେ ବାଲେଶ୍ୱର ସହରରେ ମିଳିତ ଭାବେ ଖାଦ୍ୟ ସୁରକ୍ଷା ବିଭାଗ ଏବଂ ପୌରପାଳିକା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଏମିତିକି ଦୋକାନ ମଧ୍ୟ ସିଲ୍ କରାଯାଇଛି। ସୂଚନାଯୋଗ୍ୟ, ଗତ ଚାରି ଦିନ ଭିତରେ ବାଲେଶ୍ୱର ସଦର, ସୋର, ଖନ୍ତାପଡା, ମାର୍କୋଣା, ବାହାନଗା ଓ ଗୋପାଳପୁର ଅଞ୍ଚଳରୁ ମୋଟ ୧,୦୫,୧୦୦ ଜରିମାନା ଆଦାୟ ହୋଇଛି।

# ସମ୍ପାଦକୀୟ



ବିଜ୍ଞାନ ସଂଗଠିତ ଜ୍ଞାନର ସମାହାର; ଅପରପକ୍ଷରେ ସଂଗଠିତ ଜୀବନର ସମାହାର ହେଉଛି ପ୍ରଜ୍ଞା।
- ଇମାନୁଏଲ୍ କାଣ୍ଟ

ସକାଳ
THE SAKALA

## ଶକ୍ତି ଓ ଶାନ୍ତି

ଅଣୁଅସ୍ତ୍ର ପ୍ରସାରଣ ନିରୋଧ ଚୁକ୍ତିରେ ସ୍ୱାକ୍ଷର କରିଥିବା ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ନେଇ କ୍ରମାଗତ ଭାବେ ଆପତ୍ତି ଦର୍ଶାଇ ଆସିଛନ୍ତି ଆମେରିକା, ଇସ୍ରାଏଲ୍ ଓ ସେମାନଙ୍କ ସହଯୋଗୀ ୟୁରୋପୀୟ ରାଷ୍ଟ୍ର ସମୂହ। ଅପରପକ୍ଷରେ ସେମାନଙ୍କ ଅଭିଯୋଗ ସପକ୍ଷରେ କୌଣସି ପ୍ରମାଣ ନଥିବା ଆନ୍ତର୍ଜାତିକ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ସ୍ପଷ୍ଟ କରିଛି। ଏହାସତ୍ତ୍ୱେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ୍‌ର ପ୍ରାଧାନ୍ୟ ଓ ପତିଆରା ସୁନିଶ୍ଚିତ କରିବା ଏବଂ ଇରାନ୍‌ର ତୈଳଭଣ୍ଡାର ଓ ପ୍ରାକୃତିକ ବାଷ୍ପ ଉପରେ ଏକଚାଟିଆ ଅଧିକାର ଜାହିର କରିବା ସକାଶେ ଆମେରିକାର କ୍ରମାଗତ ଉଦ୍ୟମର ପ୍ରତିଫଳନ ଘଟିଛି ସାମ୍ପ୍ରତିକ ଘଟଣାକ୍ରମରେ। ଇରାନ୍‌ରେ ନେତୃତ୍ୱ ପରିବର୍ତ୍ତନ ମାଧ୍ୟମରେ ତାହାର ପ୍ରାକୃତିକ ସମ୍ପଦକୁ ନିୟନ୍ତ୍ରଣାଧୀନ କରିବାର ଅଭିପ୍ରାୟ ଏହି ବିବାଦର ମୂଳ ମଞ୍ଜି। ଜୁନ୍ ୧୩ ତାରିଖରେ ଇସ୍ରାଏଲ୍‌ର ଅତର୍କିତ ଆକ୍ରମଣରେ ଇରାନ୍ ସେନାବାହିନୀର କେତେଜଣ ପ୍ରମୁଖ ଅଧିକାରୀ ଓ ଆଣବିକ ବୈଜ୍ଞାନିକ ନିହତ ହେବା ସହ ଇରାନ୍‌ର ଆଣବିକ କେନ୍ଦ୍ର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପରବର୍ତ୍ତୀ ପ୍ରତିଶୋଧାତ୍ମକ ଆକ୍ରମଣରେ ଇରାନ୍‌ର ବାଲାଷ୍ଟିକ୍ ସୁପରସୋନିକ୍ କ୍ଷେପଣାସ୍ତ୍ର ଇସ୍ରାଏଲ୍‌ରେ ଯେଉଁ ବିପର୍ଯ୍ୟୟ ଘଟାଇଛି ତାହା ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନିଦ ହଜାଇ ଦେଇଛି। ଇସ୍ରାଏଲ୍‌ବାସୀ ବଙ୍କରରେ ଆଶ୍ରୟ ନେବାର ବାଧ୍ୟବାଧକତା ସୃଷ୍ଟି ହୋଇଛି। ଏହି ଅସହାୟ ପରିସ୍ଥିତିରେ ସାହାଯ୍ୟ କରିବା ସକାଶେ ଆମେରିକା ରବିବାର ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଯେଉଁ ପାତାଳଭେଦୀ ବୋମା ମାଡ଼ କରିଛି ତାହାର ପରିଣାମର ଭୟାବହତା ସମ୍ପର୍କରେ ଚିନ୍ତା କଲେ ମନେ ହେଉଛି ମଧ୍ୟପ୍ରାଚ୍ୟ ହିଁ ତୃତୀୟ ବିଶ୍ୱଯୁଦ୍ଧର କେନ୍ଦ୍ରସ୍ଥଳ ପାଲଟିବ।

ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଜେନେଭାରେ ଇଂଲଣ୍ଡ, ଫ୍ରାନ୍ସ ଓ ଜର୍ମାନୀ ସହ ଇରାନ୍ ବୈଦେଶିକ ମନ୍ତ୍ରୀ ଆବାସ୍ ଆରାଗଛି ଆଲୋଚନା କରିଥିବା ବେଳେ ଆମେରିକା ଏହି ଅତର୍କିତ ଆକ୍ରମଣ କରିଛି। ଅପ୍ୟପକ୍ଷରେ ଜି୭ ବୈଠକରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଦର୍ଶାଇ ଆମେରିକା ଫେରି ଆସିଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୁରକ୍ଷା ଅଧିକାରୀଙ୍କ ସହ ଇରାନ୍ ପ୍ରସଙ୍ଗରେ ଆଲୋଚନା ପରେ ଆପୋସ ସମାଧାନ ସକାଶେ ଦୁଇସପ୍ତାହ ସମୟ ନେଇ ପୁଣି ତାହାର ଖିଲାପ କରିଛନ୍ତି। ଏଥିରୁ ସ୍ପଷ୍ଟ ଯେ ଏହି ଯୁଦ୍ଧ ବା ସାମରିକ କାର୍ଯ୍ୟକଳାପର ଅବସାନ ପାଇଁ ଯେଉଁ ସୁଯୋଗ ଥିଲା ତାହାର ପରିସମାପ୍ତି ଘଟିଛି। ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଆମେରିକା ପାତାଳଭେଦୀ ବୋମା ଜି ବିୟୁ-୫୭ ବୋମା ମାଡ଼ କରିବା ପରେ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ୍ କହିଛନ୍ତି ଯେ ଆଣବିକ ନିରସ୍ତ୍ରୀକରଣ ଚୁକ୍ତିରୁ ତାଙ୍କ ଦେଶ ଓହରି ଆସିବ। ଦେଶର ସାର୍ବଭୌମତା ଏବଂ ନାଗରିକଙ୍କ ନିରାପତ୍ତା ରକ୍ଷା ପାଇଁ ଇରାନ୍ ସାମରିକ ମୁକାବିଲା କରିବାକୁ ବାଧ୍ୟ ହେବ। ଅପରପକ୍ଷରେ ଆମେରିକାର ସର୍ବଶକ୍ତିମାନ ପାତାଳଭେଦୀ ବେମା ଇରାନ୍ ଆଣବିକ କାର୍ଯ୍ୟକ୍ରମରେ କୌଣସି କ୍ଷତି ଘଟାଇପାରିନାହିଁ। ଏହି ଆକ୍ରମଣର ୪୮ ଘଣ୍ଟା ପୂର୍ବରୁ ୟୁରାନିୟମ ଓ ଗବେଷଣା ଯନ୍ତ୍ରପାତିକୁ ଇରାନ୍ ସ୍ଥାନାନ୍ତର କରିଦେଇଥିବା କୁହାଯାଉଛି। ତଥାକଥିତ ଶକ୍ତିଶାଳୀ ବୋମାମାଡ଼ରେ ୟୁରାନିୟମ ତେଜସ୍କ୍ରିୟ ରଶ୍ମି ବିକିରଣ ହୋଇନାହିଁ। ତେଣୁ ଆଣବିକ କେନ୍ଦ୍ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବସବାସ କରୁଥିବା ଲୋକଙ୍କୁ ଇରାନ୍ ସରକାର ନିର୍ଭୟ ରହିବାକୁ ପରାମର୍ଶ ଦେଇଛନ୍ତି।

ଆମେରିକାର ଏହି ପ୍ରତ୍ୟକ୍ଷ ଆକ୍ରମଣ ପୂର୍ବରୁ ଇରାନ ସମ୍ଭାବ୍ୟ ବିପଦକୁ ଟାଳିବା ସକାଶେ ଯେଉଁ ପଦକ୍ଷେପ ଗ୍ରହଣ କଲା, ତାହାର ପୃଷ୍ଠଭାଗରେ ଆଉ କିଛି ମସୁଧା ନାହିଁ। ଏହାକୁ ନେଇ ନାନା କଥା ଓ ନାନା ବିଚାର ଚାଲିଛି। ଇସ୍ରାଏଲ୍‌ର ହାଇଫା ବନ୍ଦର, ରାଜଧାନୀ ତେଲ୍ ଆଭିଭ୍, ସାମରିକ ଓ ଷ୍ଟକ୍ ମାର୍କେଟ୍ କାର୍ଯ୍ୟାଳୟ ଏବଂ ମୋସାଦ୍ ମୁଖ୍ୟାଳୟ ଉପରେ ଘନ ଘନ କ୍ଷେପଣାସ୍ତ୍ର ମାଡ଼ କରି ଇରାନ୍ ଯେଉଁ ବିପର୍ଯ୍ୟୟ ଘଟାଇଛି ତାହା ପାଶ୍ଚାତ୍ୟ ସମ୍ବାଦ ସରବରାହ ସଂସ୍ଥାରେ ସ୍ଥାନ ନ ପାଇଲେ ମଧ୍ୟ ଟ୍ରମ୍ପ୍ ନିକଟରେ ନିଶ୍ଚୟ ସଠିକ୍ ଖବର ଥିବ। ଇସ୍ରାଏଲ୍‌ର ଅଭେଦ୍ୟ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଆଇରନ୍ ଡୋମ୍ ଇରାନ୍‌ର କ୍ଷେପଣାସ୍ତ୍ରକୁ ଅଟକାଇ ନ ପାରିବା ସମସ୍ତଙ୍କୁ ବିସ୍ମିତ କରିଛି। ଆମେରିକାର ଆକ୍ରମଣ ପରେ ଇରାନ୍ ପୁଣି ଜୋରଦାର ଅଧିକ କ୍ଷମତାସମ୍ପନ୍ନ କ୍ଷେପଣାସ୍ତ୍ର ମାଡ଼ କରି ଇସ୍ରାଏଲ୍‌ର ବିପୁଳ କ୍ଷୟକ୍ଷତି ଘଟାଇଛି। ନେତାନ୍ୟାହୁ ଭାବିଥିଲେ ପରିସ୍ଥିତିର ଗୁରୁତ୍ୱ ଅନୁଭବ କରି ଇରାନ୍ ଚପିଯିବ। କିନ୍ତୁ ତାହା ଇସ୍ରାଏଲ୍ ସକାଶେ ଅଧିକ ବିନାଶକାରୀ ସାବ୍ୟସ୍ତ ହୋଇଛି। ମଧ୍ୟପ୍ରାଚ୍ୟର କାତାର, ଓମାନ୍, ସାଉଦୀ ଆରବ ଓ ଆରବ ଏମିରେଟ୍‌ସରେ ଥିବା ୪୦ ହଜାର ଆମରେିକୀୟ ସେନା ଓ ଯୁଦ୍ଧ ବିମାନ ସମେତ ଅନ୍ୟାନ୍ୟ ସାମରିକ ସରଞ୍ଜାମ ପ୍ରତି ମଧ୍ୟ ବିପଦର ଆଶଙ୍କା ଅଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ବିପୁଳ ପାଣ୍ଠି ଯୋଗାଣ ଓ ସମର୍ଥନ ବିନିମୟରେ ଇସ୍ରାଏଲ୍‌କୁ ସମର୍ଥନ ଦେବା ସହିତ ଆମେରିକା ଯୁଦ୍ଧକୁ ଓହ୍ଲାଇଛି। ନେତାନ୍ୟାହୁଙ୍କୁ ଖୁସି କରିବା ପାଇଁ ଟ୍ରମ୍ପଙ୍କ ଇଏ ଏକରକମ କାରସାଦିପୂର୍ଣ୍ଣ କାର୍ଯ୍ୟକଳାପ ନଥିଲା ତ? ଏହି ପ୍ରଶ୍ନଠାରୁ ଅଧିକ କ'ଣ ଚିନ୍ତା କରାଯାଇପାରେ? ଯଦି ଆମେରିକା ପୂର୍ଣ୍ଣ ଯୁଦ୍ଧ ପାଇଁ ରଣକ୍ଷେତ୍ରକୁ ଓହ୍ଲାଇ ପଡ଼ିବ, ତେବେ ଇରାନ୍ ସମର୍ଥନରେ ରୁଷିଆ, ଚୀନ୍ ଓ ଉତ୍ତରକୋରିଆ ସମ୍ମୁଖ ଯୁଦ୍ଧକୁ ଓହ୍ଲାଇ ଆସିବା କିଛି ବିଚିତ୍ର ନୁହେଁ। ଯେତେଦୂର ମନେ ହୁଏ ଇରାନ୍‌ର ପାଲଟା ଜବାନ୍‌ରେ ଇସ୍ରାଏଲ୍‌ର ଆଗକୁ ସ୍ଥିତି କ'ଣ ହେଉଛି ତାହାକୁ ଟ୍ରମ୍ପ ପୁଣି କିଛିଦିନ ସମୟ ଦେଇ ତାହା ଉପରେ ନିଘା ରଖିବେ। ସମ୍ପର୍କ ଦାୟରେ ସମଗ୍ର ବିଶ୍ୱକୁ ଯୁଦ୍ଧ ଘନଘଟାରେ ସାମିଲ୍ କରିବା ଔଚିତ୍ୟ ନେଇ ସେ ନିଶ୍ଚୟ ଚିନ୍ତା କରିବେ।

ଇରାନ୍‌ରେ ସଦ୍ଦାମ ହୁସେନ୍‌ଙ୍କ ନେତୃତ୍ୱ ପରିବର୍ତ୍ତନ ପାଇଁ ମିଥ୍ୟା ଆରୋପକୁ ଆଳ କରି ଆମେରିକା ଯେଉଁ ଯୁଦ୍ଧ କରିଥିଲା ତାହାକୁ ଇରାନ୍ କ୍ଷେତ୍ରରେ ମଧ୍ୟ ପ୍ରୟୋଗ କରିବ। ତେବେ ସଫଳତା ହାସଲ କରିବା ଏତେ ସହଜ ହେବନି। ତିନିବର୍ଷ ଧରି ରୁଷ ୟୁକ୍ରେନ୍ ଯୁଦ୍ଧ ଚାଲିଛି। ନାଟୋ ସହଯୋଗୀମାନେ ସମସ୍ତ ପ୍ରକାର ସାମରିକ ସହଯୋଗ ଯୋଗାଉଥିଲେ ମଧ୍ୟ ୟୁକ୍ରେନ୍‌ର ଅବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଭିଏତ୍‌ନାମଠାରୁ ଆରମ୍ଭ କରି ଆଫଗାନିସ୍ତାନ ପର୍ଯ୍ୟନ୍ତ କେଉଁଠାରେ ଜିତାପଟ ହାସଲ କରିନାହିଁ ଆମେରିକା। ବିନିମୟରେ ବିପୁଳ ଅର୍ଥ ଓ ସାମରିକ ଶକ୍ତି ଅପଚୟ କରିଛି। ଧର୍ମୀୟ ଶାସନ ବ୍ୟବସ୍ଥା ସତ୍ତ୍ୱେ ଇରାନ୍‌ବାସୀ ବେଶ୍ ପ୍ରଗତିଶୀଳ ବୈଷୟିକ ଜ୍ଞାନକୌଶଳରେ ଧୁରୀଣ। ସେମାନେ ଏବେ ରାଷ୍ଟ୍ରବାଦରେ ଉଦ୍‌ବୁଦ୍ଧ ହୋଇ ଦେଶ ପାଇଁ ଲଢ଼ିବାକୁ ବଦ୍ଧପରିକର। ସମୟ କହିବ ଏ ଯୁଦ୍ଧର ଗତି କେଉଁ ଆଡ଼କୁ ଯିବ। ଶକ୍ତି ପ୍ରୟୋଗ କରି ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠାର ଯେଉଁ ସ୍ୱପ୍ନ ନେତାନ୍ୟାହୁ ଦେଖୁଛନ୍ତି ତାହା ସାକାର ହେବା ଏତେ ସହଜ ନୁହେଁ। ●

# କୃଷି ଓ ଖାଦ୍ୟର ଭବିଷ୍ୟତ

ଡ.ଅନ୍ତର୍ଜିତା ନାୟକ

କୃଷି କେବଳ ଖାଦ୍ୟର ମୂଳଦୁଆ ନୁହେଁ, ଏହା ହେଉଛି ସଭ୍ୟତାର ହୃଦସ୍ପନ୍ଦନ। କିନ୍ତୁ ଆଜି ସେହି ହୃଦସ୍ପନ୍ଦନ କ୍ଷୀଣ ହେବାରେ ଲାଗିଛି। ସହରାଞ୍ଚଳ ସ୍ଥାନାନ୍ତରଣ, ଜଳବାୟୁ ସଙ୍କଟ ଏବଂ ଶିଳ୍ପ ପ୍ରସାରର ଯୁଗରେ କୃଷି ହ୍ରାସ ପାଇଚାଲିଛି। ଏହାର ଫଳାଫଳ ହେଉଛି ଏକ ଦୁର୍ବଳ ଖାଦ୍ୟ ବ୍ୟବସ୍ଥା ଏବଂ ଏକ ବର୍ଦ୍ଧିତ ପୁଷ୍ଟିହୀନ ବିଶ୍ୱ। କୃଷିଯୋଗ୍ୟ ଜମି ସଙ୍କୁଚିତ ହେଉଛି ଓ ଯୁବକମାନେ କୃଷି ପରିତ୍ୟାଗ କରୁଛନ୍ତି। ମୃତ୍ତିକାର ଉର୍ବରତା ଏବଂ ଖାଦ୍ୟର ବିବିଧତା ଓ ପୁଷ୍ଟିକର ଗୁଣ ମଧ୍ୟ ହ୍ରାସ ପାଉଛି। ତେଣୁ ଖାଦ୍ୟ ଉତ୍ପାଦନ କିଏ ଓ କେଉଁଠି କରିବ ତାହା ଏକ ବଡ଼ ପ୍ରଶ୍ନ। ସେଇଦିନ ଆଉ ଦୂର ନାହିଁ, ଯେତେବେଳେ ଆମେ ନିଜ ଜୀବନ ରକ୍ଷା ପାଇଁ କାରଖାନାରେ ଯନ୍ତ୍ର ତିଆରି ଅଖାଦ୍ୟ ଉପରେ ନିର୍ଭର କରୁଥିବା।

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ୨୦୧୧-୧୨(୨୦୧୬ରେ ପ୍ରକାଶିତ) ଇନ୍‌ପୁଟ୍ ସର୍ଭେ ଅନୁଯାୟୀ, ୨୦୧୬ରେ ଜଣେ ଭାରତୀୟ କୃଷକଙ୍କ ହାରାହାରି ବୟସ ଥିଲା ୫୦.୧ ବର୍ଷ। ଏହି ସର୍ବେକ୍ଷଣ ଅନୁଯାୟୀ, ସର୍ବାଧିକ ୩୩.୭% କୃଷକ ୪୧-୫୦ବର୍ଷ ବୟସର ହୋଇଥିବା ବେଳେ ୩୩.୨% ୫୧-୬୦ବର୍ଷ ବୟସର। ଯେତେବେଳେ ଏହି ପିଢ଼ି ଅବସର ନେବାର ବୟସରେ ପହଞ୍ଚିଯିବେ ଏବଂ ପରବର୍ତ୍ତୀ ପିଢ଼ି ଚାଷ କରିବାକୁ ଚାହିଁବେ ନାହିଁ ସେତେବେଳେ ଖାଦ୍ୟ କେଉଁଠୁ ଆସିବ ବା କିଏ ଯୋଗେଇବ? କୃଷି ବିଶ୍ୱବିଦ୍ୟାଳୟରୁ ସ୍ନାତକ ହାସଲ କରୁଥିବା ଅଧିକାଂଶ ଛାତ୍ରଛାତ୍ରୀ ଅନ୍ୟ ବୃତ୍ତିକୁ ଆପଣେଇ ନେଉଛନ୍ତି। ୨୦୧୭ ବାର୍ଷିକ ଶିକ୍ଷା ସ୍ଥିତି ରିପୋର୍ଟ ପାଇଁ ଅଣ-ଲାଭକାରୀ ସଂସ୍ଥା 'ପ୍ରଥମ' ଦ୍ୱାରା ସର୍ବେକ୍ଷଣ କରାଯାଇଥିବା ୩୦,୦୦୦ ଗ୍ରାମୀଣ ଯୁବକମାନଙ୍କ ମଧ୍ୟରୁ କେବଳ ୧.୨% ଯୁବକ କୃଷକ ହେବାକୁ ଆଗ୍ରହୀ। ଏଥିରୁ ଏହା ଅନୁମାନ କରାଯାଇପାରେ ଯେ ଆମେ ଏପରି ଏକ ପରିସ୍ଥିତି ଆଡ଼କୁ ଅଗ୍ରସର ହେଉଛନ୍ତି, ଯେଉଁଠି କେବଳ ମୁଷ୍ଟିମେୟ କୃଷକ ହିଁ ରହିଥିବେ। ଯେଉଁ ଦେଶ ଦିନେ କୃଷି ପ୍ରାଧାନ୍ୟ ଦେଶ ଭାବେ ପରିଚିତ ଥିଲା, ସେଇଠି ଦିନ ଆସିବ କୃଷକ ହିଁ ନଥିବେ।

୨୦୧୧ଜନଗଣନା ଅନୁଯାୟୀ, ପ୍ରତିଦିନ ୨,୦୦୦ କୃଷକ ଚାଷ ଛାଡ଼ି ଦେଉଛନ୍ତି। ଚାଷରୁ ଆୟ ଏବେ ଗୋଟିଏ ପରିବାରର ମୋଟ ଆୟର ପ୍ରମୁଖ ସ୍ଥାନ ହରାଇ ସାରିଛି। ୧୯୭୦ ମସିହାରେ, ଏକ ଗ୍ରାମୀଣ ପରିବାରର ଆୟର ତିନି-ଚତୁର୍ଥାଂଶ କୃଷି ଉତ୍ସରୁ ଆସୁଥିଲା ବେଳେ ୪୫ବର୍ଷ ପରେ ୨୦୧୫ରେ ଏହା ଏକ-ତୃତୀୟାଂଶରୁ କମ୍। ଏହାବ୍ୟତୀତ ଯଦି ଆଜିକାଲିର ଯୁବସମାଜର ଆଗ୍ରହ ଓ ଚାହିଦାକୁ ବିଶ୍ଳେଷଣ କରାଯାଏ, ତେବେ ହାତରେ କାମ ଥିବାଠାରୁ ଅଧିକ ଗୁରୁତ୍ୱ ହେଲା ହାତରେ ସ୍ମାର୍ଟ ମୋବାଇଲ ଖଣ୍ଡେ ରହିବା। ନିଜେ ଚଳିବାକୁ ବା ପରିବାରକୁ ଚଳେଇବାକୁ ପକେଟରେ ପଇସା କିମ୍ବା ଘରେ ପଛେ ଦାନା ନଥିବ, ହେଲେ ୟୁଟ୍ୟୁବ୍ ଓ ରିଲସ୍‌ରେ ମନ ଥିବ। ଗାଁ ଗହଳିରେ ମଧ୍ୟ ବାପା-ଜେଜେବାପାଙ୍କ ଦ୍ୱାରା ଛାଡ଼ି ଯାଇଥିବା କିଛି ଚାଷ ଜମି ଥିବ; କିନ୍ତୁ ସେଇଠି ଫସଲ କରିବାକୁ କାହାରି ମନ ନଥିବ। ସେଇ ଚାଷଜମିରୁ ଫାଳେ ଫାଳେ ବିକି ଖାଇ ଜୀବନ ସାରିଦେଲେ ଗଲା! ଯାହାଫଳରେ, ୨୦୧୨-୧୩ ଆର୍ଥିକ ବର୍ଷ ସୁଦ୍ଧା ୧୪୦ ନିୟୁତ ହେକ୍ଟର ଜମି କୃଷି କ୍ଷେତ୍ର ଭାବେ ବ୍ୟବହାର ହେଉଥିବା ବେଳେ ଏବେ ତାହା ଛୋଟ ଛୋଟ ଖଣ୍ଡ ଜମିରେ ବିଭକ୍ତ ହୋଇଚାଲିଛି।

ସୀମାନ୍ତ ଜମି ଅଧିଗ୍ରହଣ ସଂଖ୍ୟା (ଏକ ହେକ୍ଟରରୁ କମ୍) ୧୯୭୧ ରେ ୩୬ ନିୟୁତ ରୁ ୨୦୧୧ ରେ ୯୩ ନିୟୁତକୁ ବୃଦ୍ଧି ପାଇଛି। ସୀମାନ୍ତ ଓ କ୍ଷୁଦ୍ର ଜମିଗୁଡ଼ିକ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାନ୍ତ୍ରିକୀକରଣ ଓ ଜଳସେଚନ କୌଶଳ ବ୍ୟବହାର କରିବାରେ ସମସ୍ୟା ଦ୍ୱାରା ଉତ୍ପାଦକତା ହ୍ରାସ ପାଉଛି। ତା'ଛଡ଼ା, କୃତ୍ରିମ ବା ରାସାୟନିକ ସାରର ବହୁଳ ବ୍ୟବହାର ହେତୁ ମାଟିର ଉର୍ବରତା ଧୀରେ ଧୀରେ କମି ଚାଲିଛି ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ୟାକ୍ଟେରିଆ, ଫଙ୍ଗସ୍ ଓ ଆର୍କିଆ ଭଳି ଅଣୁଜୀବ, ଦିନକୁ ଦିନ ହ୍ରାସ ପାଇଚାଲିଛି। ଫଳସ୍ୱରୂପ, ମୃତ୍ତିକା ମରୁଭୂମିକରଣ ଆଡ଼କୁ ଗତିକରୁଛି, ଯେଉଁଠାରେ ମୃତ୍ତିକାର ଉତ୍ପାଦନ ଓ ଉତ୍ପାଦକତା ହ୍ରାସ ପାଇଯାଉଛି। କାଳକ୍ରମେ ସେଇସବୁ ଜମି ପଡ଼ିଆ ପଡ଼ିବ ଏବଂ ଦେଖୁ ଦେଖୁ ସେଠାରେ ବାସଗୃହ ନିର୍ମାଣ ହୋଇଯିବ। ଏବେ ଚାଷ ଜମି ସବୁ ଶାଗମାଛ ମୂଲ୍ୟରେ ବିକ୍ରି ହୋଇଯାଉଛି ଏବଂ ସେଠାରେ ବଡ଼ ବଡ଼ ଅତ୍ୟାଧୁନିକ ଆପାର୍ଟମେଣ୍ଟ ଆଖିବୁଜା ନିର୍ମାଣ ଚାଲିଛି।

କୃଷିଯୋଗ୍ୟ ଜମିର ହ୍ରାସ ଫଳରେ ଫସଲ ଉତ୍ପାଦନ ହ୍ରାସ ପାଇବ, ଯାହାଫଳରେ ଖାଦ୍ୟ ଅଭାବ ଏବଂ ପରବର୍ତ୍ତୀ ସମୟରେ ଖାଦ୍ୟ ଆମଦାନୀ ଉପରେ ନିର୍ଭର କରିବାକୁ ପଡ଼ିବ। ଉତ୍ପାଦନରେ ଏହି ହ୍ରାସ ଖାଦ୍ୟ ମୂଲ୍ୟ ବୃଦ୍ଧି କରିପାରେ, ଯାହା ସ୍ୱଳ୍ପ ଆୟକାରୀ ପରିବାରର ମୌଳିକ ତଥା ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବାରେ ମଧ୍ୟ ସମସ୍ୟା ସୃଷ୍ଟି କରିବ। ଆଜି ଆମ ଆଳୁ-ପିଆଜ, ତେଲ-ଲୁଣ ସଂସାର ମହଙ୍ଗା ଭିଡ଼ରେ। ଚାଷଯୋଗ୍ୟ ଜମି ଯଦି ସଙ୍କୁଚିତ ହୋଇଯିବ ଏବଂ କୃଷକଙ୍କର ସଂଖ୍ୟା ହ୍ରାସ ପାଇ ଚାଲିବ, ତେବେ ବିବିଧ ଫସଲ ଅପେକ୍ଷା ଅଧିକ-ଉତ୍ପାଦିତ ମୁଖ୍ୟ ଫସଲକୁ ପ୍ରାଥମିକତା ଦିଆଯିବ, ଯାହାଫଳରେ ପୁଷ୍ଟିକର ଖାଦ୍ୟର ଉପଲବ୍ଧତା ହ୍ରାସ ପାଇବ ଏବଂ କ୍ଷୁଧା ଓ ପୁଷ୍ଟିହୀନତା ବୃଦ୍ଧି ହେବ।

କୃଷି କ୍ଷେତ୍ର କେବଳ ମୁଖ୍ୟ ଶସ୍ୟର ଉତ୍ସ ନୁହେଁ, ବରଂ ଫଳ, ପନିପରିବା, ଡାଲି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଉତ୍ସ, ଯାହା ସନ୍ତୁଳିତ ଖାଦ୍ୟ ଯୋଗାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଖାଦ୍ୟ ଓ ପୋଷଣ, କୃଷି ସହିତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଜଡ଼ିତ। ଆଜିର ଅତ୍ୟାଧୁନିକ ସମୟରେ ଯେତେବେଳେ ଖାଦ୍ୟ ଉତ୍ପାଦନ ପ୍ରମୁଖ ଭାବରେ ଜମିରେ ନ ହୋଇ କାରଖାନାରେ ହେଲାଣି, ଯାହାକୁ କୃଷକ ଉତ୍ପାଦନ ନ କରି ମେସିନ୍ ତିଆରି କରି ରଙ୍ଗୀନ ପ୍ୟାକେଟରେ ବିକ୍ରି କଲାଣି, ସେତେବେଳେ ଖାଦ୍ୟ, ପୋଷଣ ଓ ସ୍ୱାସ୍ଥ୍ୟ କେତେ ସୁରକ୍ଷିତ, ତାହା ଏକ ବଡ଼ ପ୍ରଶ୍ନ।

ଚାଷ ଜମିର ହ୍ରାସର ସାମାଜିକ-ଅର୍ଥନୈତିକ ପ୍ରଭାବ ମଧ୍ୟ ରହିଥାଏ। ସହରାଞ୍ଚଳର ବିକାଶ ଯୋଗୁଁ ଚାଷ ଜମିର ମୂଲ୍ୟ ବୃଦ୍ଧି ପାଉଥିବାରୁ କୃଷକମାନେ ଅର୍ଥ ଲୋଭରେ ସେମାନଙ୍କର ଜମି ବିକ୍ରି କରିଦେଉଛନ୍ତି, ଯାହାଦ୍ୱାରା ସେମାନେ ନିଜ ଜୀବିକାର ପ୍ରାଥମିକ ଉତ୍ସ ହରାଉଛନ୍ତି। ଏହା କେବଳ ସେମାନଙ୍କର ଆୟରେ ବାଧା ସୃଷ୍ଟି କରୁ ନାହିଁ, ବରଂ ଗ୍ରାମାଞ୍ଚଳ-ସହରାଞ୍ଚଳ ସ୍ଥାନାନ୍ତରଣକୁ ମଧ୍ୟ ବୃଦ୍ଧି କରୁଛି। ପରବର୍ତ୍ତୀ ସମୟରେ ସହରାଞ୍ଚଳର ଦାରିଦ୍ର୍ୟ, ସହରାଞ୍ଚଳର ବସ୍ତି ଓ ସହରର ଜନଗହଳି ପରି ସମସ୍ୟା ସୃଷ୍ଟି କରି ସହରର ସମ୍ବଳ ଉପରେ ଚାପ ପକାଉଛି। ତା'ଛଡ଼ା, ଏହା ପାରମ୍ପରିକ ଜ୍ଞାନ ଓ କୃଷି ଅଭ୍ୟାସର କ୍ଷତି ଘଟାଇବା ସହିତ ସାଂସ୍କୃତିକ ଐତିହ୍ୟର ଅବକ୍ଷୟ କରେ। ଶିଳ୍ପାୟନ ବା ବିକାଶ ନାଁରେ ଆମେ ଆଦିବାସୀଙ୍କ ଜମି ଅତିକ୍ରମଣକୁ ଉଦାହରଣ ରୂପେ ନେଇପାରିବା, ଯେଉଁଥିରେ ଆଦିବାସୀମାନେ ନିଜର କୌଳିକ ବୃତ୍ତି ଓ ମୌଳିକ ଜୀବିକା ହରାଉଛନ୍ତି ଏବଂ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ବେଳେବେଳେ ବିଷାକ୍ତ ଆମ୍ବ ଟାକୁଆ ଖାଇ ମୃତ୍ୟୁବରଣ ମଧ୍ୟ କରୁଛନ୍ତି।

ଯଦି ଆମେ ଭବିଷ୍ୟତ ପିଢ଼ିକୁ ସୁରକ୍ଷିତ ରଖିବାକୁ ଚାହୁଁ, ତେବେ କୃଷିକୁ ଲୁପ୍ତ ହେଉଥିବା ଏକ ବୃତ୍ତି ଭାବରେ ନୁହେଁ, ବରଂ ବଞ୍ଚିବାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞାନ ଭାବରେ ପୁନଃ ପରିକଳ୍ପନା କରିବା ଦରକାର। କିନ୍ତୁ ଅର୍ଥନୈତିକ ବିକାଶର ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ହେତୁ ଏହି ଦିଗରେ ଅନେକ ବାଧା, ବିଘ୍ନ ଓ ବିଳମ୍ବ ସୃଷ୍ଟି ହେଉଛି। ସେଥିପାଇଁ ଆବଶ୍ୟକ ରହିଛି ମଣିଷର ବ୍ୟବହାରରେ ସଂସ୍କାର ଆଣିବା। କରୋନା ମହାମାରୀ ଦେଇଥିବା ଶିକ୍ଷାରୁ ମଣିଷ ଯଦି ଏହା ଶିଖିପାରିଲା ନାହିଁ ଯେ ବଞ୍ଚିବାକୁ ଧନ କେବଳ ଏକ ମାଧ୍ୟମ ଏବଂ ଖାଦ୍ୟ ଅତି ଜରୁରୀ ବୋଲି, ତେବେ ମଣିଷ ଏକ ସର୍ବବୃହତ ପ୍ରାଣୀ କିପରି? ଚାଷ ଜମି ହେଉ ବା ଘର ପଛପଟ ଛୋଟିଆ ବାଡ଼ି ହେଉ, ମାଟି ସହିତ ମଣିଷର ସମ୍ପର୍କ ଅତି ପୁରୁଣା ଓ ଦିବ୍ୟ। ସେଇ ସମ୍ପର୍କକୁ ବଜାୟ ରଖିଲେ ମଣିଷର ଆଗାମୀ ଦିନ ସୁଖମୟ ହୋଇପାରିବ ଓ ସେ ସ୍ଥାୟୀ ବିକାଶର ସ୍ୱାଦ ଚାଖିପାରିବ। ●

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

# ଅଭିଶପ୍ତ ବୈଧବ୍ୟ

ଅବିନାଶ ଷଡ଼ଙ୍ଗୀ

ନିକଟରେ ଖବର ପାଲଟିଥିବା ପତିହନ୍ତା ସୋନମ ରଘୁବଂଶୀଙ୍କ ଭଳି କିଛି ନବବିବାହିତାଙ୍କ ପାଇଁ ନିଜ ହାତରେ ନିଜ ମଥାର ସିନ୍ଦୂର ପୋଛିବା ଏକ ଆଶୀର୍ବାଦ ହୋଇପାରେ; କିନ୍ତୁ ଏ ଦେଶର ଲକ୍ଷ ଲକ୍ଷ ମହିଳା କାଳଅକାଳରେ ସ୍ୱାମୀକୁ ହରାଇ ବିତାଉଥିବା ଜୀବନ କୌଣସି ଅଭିଶାପଠାରୁ କମ୍ ନୁହେଁ, ଯାହା ସମ୍ପୂର୍ଣ୍ଣ ରସହୀନ, ରଙ୍ଗହୀନ ଓ ଆଶ୍ରାହୀନ। ଏ ସମାଜରେ ବିଧବା ହୋଇ ବଞ୍ଚିବା ଯେ କେତେ ଦୁର୍ବିସହ ଓ କେଡ଼େ ବଡ଼ ଅଗ୍ନିପରୀକ୍ଷା ଯିଏ ବଞ୍ଚୁଛି ସେ ଜାଣିଛି। ଦିନେ ପରିବାର ପିଲାଛୁଆ ଶାଶୂଘର ଓ ସମାଜର ମେରୀଖୁଣ୍ଟ ହୋଇ ବଞ୍ଚୁଥିବା ମଣିଷ ହଠାତ୍ ଏକ ବିପନ୍ନ ଜୀବନ ଅତିବାହିତ କରେ। ଅଦରକାରୀ ଉପାଦାନ ଭଳି କେବେ ଘରର କୌଣସି ଏକ କୋଣରେ ତ କେବେ ଘରର ଆବର୍ଜନା ଭାବି କିଏ ତା'କୁ ବାହାରେ ଫୋପାଡ଼ି ଦିଏ। ପରିସ୍ଥିତି ବାମ ପାଲଟିଯାଏ। ନା ଥାଏ ରହିବା ଖାଇବା ପିନ୍ଧିବାର ଠିକଣା ନା ସାମାଜିକ ନିରାପତ୍ତା। ଯେଉଁଠି ପର ହାତଟେକାକୁ ଅନେଇବାକୁ ପଡ଼େ, ସେଠି ଦେହପା' ଭଲମନ୍ଦ କଥା କିଏ ପଚାରେ? ସମ୍ପତ୍ତି ବାଡ଼ି ଥାଇ ବି ସେ ନିଃସ୍ୱ! ମାଲିକ ହୋଇ ବି ସେ ଜାହିର କରିପାରେନି ମାଲିକାନାସ୍ୱତ୍ୱ।

କାହାକୁ ନା କାହାକୁ କେତେବେଳେ ବି ଏମିତି ନିଷ୍ଠୁର ସତ୍ୟକୁ ସାମ୍ନା କରିବାକୁ ପଡ଼ିପାରେ। ପରିସଂଖ୍ୟାନ ଜଣାଏ, ବିଶ୍ୱରେ ୨୫୭ ନିୟୁତ ବିଧବାଙ୍କ ମଧ୍ୟରୁ ଅଧାରୁ ଅଧିକ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ଅତିବାହିତ କରୁଛନ୍ତି। ୨୦୧୧ ମସିହା ଜନଗଣନାର ତଥ୍ୟ କହେ,



ଭାରତରେ ଅଛନ୍ତି ୫୬ ନିୟୁତ ବିଧବା। ଏହି ସଂଖ୍ୟା ଭାରତରେ ବସବାସ କରୁଥିବା ମହିଳାଙ୍କର ୭-୮ ପ୍ରତିଶତ। ବୟସବର୍ଗକୁ ବିଶ୍ଳେଷଣ କଲେ ଜଣାଯାଏ, ୩୫-୩୯ ବର୍ଷ ଭିତରେ ୪.୬ ପ୍ରତିଶତ ନିଜ ସ୍ୱାମୀଙ୍କୁ ହରାଇ ଏକାକୀ ବଞ୍ଚୁଥିବା ବେଳେ ୪୫-୪୯ ବୟସ ବର୍ଗରେ ବେସାହାରା ହୋଇପଡୁଛନ୍ତି ୧୦.୮ ପ୍ରତିଶତ। ଜୀବନର ବୋଝ କିଛିମାତ୍ରାରେ ହାଲକା ହେବା ବୟସ ଅର୍ଥାତ୍ ୬୦-୬୯ବର୍ଷ ଭିତରେ ୪୦.୮ ପ୍ରତିଶତ ପତିଙ୍କୁ ହରାଇ ଅକଥନୀୟ ଓ ଦୟନୀୟ ପରିସ୍ଥିତିର ସାମ୍ନା କରୁଛନ୍ତି। ଆଉ ୮୦ ବର୍ଷ ଉପରେ ଏ ସଂଖ୍ୟା ସର୍ବାଧିକ ୮୬.୬ ପ୍ରତିଶତ। ଯଦିଓ ଏ ଗଣିତକୁ ନେଇ କେହି ଆଶ୍ଚର୍ଯ୍ୟଚକିତ ହେବେ ନି, ତଥାପି ସର୍ବାଧିକ ପ୍ରତିଶତ ବିଧବା ମହିଳା ଭାରତର ଗ୍ରାମାଞ୍ଚଳରେ ବାସ କରନ୍ତି।

ଯଦିଓ ପରିସ୍ଥିତିରେ କିଛିଟା ସୁଧାର ଆସିଛି, ତଥାପି ପିଲାଦିନୁ ଦେଖିଆସୁଛି ଅନେକ କିଛି ସାମାଜିକ ଧାର୍ମିକ ଓ ରୀତିନୀତିର କଟକଣା ଭିତରେ ବଞ୍ଚୁଛି ଗୋଟିଏ ମହିଳା। ପ୍ରଥମେ ତ ସ୍ୱାମୀର ମୃତ୍ୟୁ ପାଇଁ କେବେ ତା'ର ଉଚ୍ଚ କପାଳକୁ ଦାୟୀ କରାଯାଏ ତ କେବେ ତା'କୁ କିଏ ପିଶାଚୀ କହିବାକୁ ପଛାଏ ନାହିଁ। ଟୁପୁରୁଟାପୁରୁ କଥା, ନାନା କୁତ୍ସାରଟନା, ଅନେକ ପ୍ରକାରର ସାମାଜିକ କଟକଣା, କେବେ ଧଳାଶାଢ଼ିର ଚାପ, କେବେ ପର୍ବପର୍ବାଣିର କଟକଣା, ଘରକୋଣରେ ବନ୍ଦିରହିବାର ବାଧ୍ୟବାଧତା ତା'କୁ ମାନସିକ ଯନ୍ତ୍ରଣା ଭିତରକୁ ଠେଲିଦିଏ। ସ୍ୱାମୀର ଘର ଓ ସମ୍ପତ୍ତି ଥାଇ ବି ସ୍ତ୍ରୀ ଅଧିକାର ହରାଏ। ୬୦ ପ୍ରତିଶତ ବିଧବାଙ୍କୁ ଉତ୍ତମ ଶିକ୍ଷାଗତ ଯୋଗ୍ୟତା ଓ ଦକ୍ଷତା ଅଭାବରୁ କର୍ମନିଯୁକ୍ତି ମିଳେନି। ଯେବେ କାମ ମିଳେ ସେତେବେଳେ ଅନ୍ୟମାନେ ଏହା କହି ସେ ଅସହାୟ ମହିଳାଟିର ମନୋବଳ ଭାଙ୍ଗିଦିଅନ୍ତି ଯେ, 'ବିଧବା ଲୋକଟେ ସେ କ'ଣ ପାରିବ?'

ଏକଲାପଣର ପାଚେରି ଡେଇଁପାରୁ ନ ଥିବା ମହିଳାଟେ ମାନସିକ ବିଷାଦଗ୍ରସ୍ତ ହୁଏ, ଗୋଷ୍ଠୀଗତ ଓ ସାମାଜିକ ଅସହଯୋଗ ମାଡ଼ିଗୋଡ଼ାଏ। ଅଳ୍ପ ବୟସରେ ସିନ୍ଦୂର ଲିଭିଯାଇଥିବା ମହିଳାଟେ ଯଦି ସାହାରା ପାଇଁ ପୁନର୍ବିବାହ କରିବାର ସ୍ୱପ୍ନ ବି ଦେଖେ, ଏ ସମାଜ ତା'କୁ ଆଉ ନିଦରେ ଶୋଇବାର ସୁଯୋଗ ଦିଏନି। ସବୁଠୁ କଦର୍ଯ୍ୟ କଥା ସେ ଶୁଣେ ଯେବେ ପେଟରେ ପିଲା ଥିବା ଅବସ୍ଥାରେ ସ୍ୱାମୀର ମୃତ୍ୟୁ ହୋଇଯାଏ। କିଛି ଲୋକ କହିବେ ସରକାରୀସ୍ତରରେ ତା' ପାଇଁ ହଜାରେ ଟଙ୍କା ଭତ୍ତା ଏବଂ କେଇ କିଲୋ ଚାଉଳ, ମୁଣ୍ଡ ଗୁଞ୍ଜିବାକୁ ଆବାସ ଘରର ପ୍ରାବଧାନ ଅଛି। ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନାରେ ବିଧବାଙ୍କ ପୁନର୍ବିବାହକୁ ଯୋଡ଼ା ଯାଇଛି। ଆଶ୍ରୟ ପାଇଁ ସ୍ୱଧାରଗୃହ ଅଛି। ସବୁ ଅଛି ଯେ, ହେଲେ ଖାତା କଲମରୁ କ୍ରିୟାନ୍ୱୟନ ସ୍ତରକୁ ଆସିବାକୁ ସାମର୍ଥ୍ୟ ଓ ଧୈର୍ଯ୍ୟ ଦରକାର।

ବ୍ୟାପକ ହୋହଲ୍ଲା ଭିତରେ ଜାତୀୟ ମାନବାଧିକାର ଆୟୋଗ ବିଧବାଙ୍କ ଦୁସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନେକ ନିର୍ଦ୍ଦେଶାବଳୀ ପାଳନ କରବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯା' ଭିତରେ ବିଧବାଙ୍କ ସମ୍ପର୍କରେ ପ୍ରକୃତ ତଥ୍ୟାବଳୀର ଏକତ୍ରୀକରଣ ସହ ଜିଲ୍ଲାସ୍ତରରେ ବିଧବା ପ୍ରକୋଷ୍ଠ ଗଠନ କରି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କରିବା କଥା କୁହାଯାଇଛି। ପର୍ଯ୍ୟାପ୍ତ ଆଶ୍ରୟସ୍ଥଳୀ ଖୋଲାଯିବା ସହ ନିୟମିତ ଯାଞ୍ଚ କରାଯିବାର ଆବଶ୍ୟକତାକୁ ସରକାର ଅନୁଭବ କରିଛନ୍ତି। ଉତ୍ତରାଧିକାରୀ ସୂତ୍ରରେ ମିଳିବାକୁ ଥିବା ସମ୍ପତ୍ତି ଓ ବୀମା ଇତ୍ୟାଦିର ପ୍ରାପ୍ତି ନିମନ୍ତେ ଆଇନଗତ ସହାୟତା ପ୍ରଦାନ କରାଯିବାର ପ୍ରାବଧାନ କରାଯିବା ଦରକାର। ସେମାନଙ୍କ ମଧ୍ୟରେ ଅର୍ଥନୈତିକ ସାକ୍ଷରତା ବଢ଼ାଇବା ଜରୁରୀ। ପରବର୍ତ୍ତୀ ଜୀବନ ପାଇଁ ଜୀବିକା ଅର୍ଜନ ନିମିତ୍ତ ଦକ୍ଷତା ବିକାଶ ତାଲିମ୍ ପ୍ରଦାନ କରାଯାଉ। ସାମାଜିକ ସାଂସ୍କୃତିକ କଟକଣା ବିରୋଧରେ ପ୍ରତିନିତି ନ ଲଢ଼ିବା ଭଳି ପରିବେଶ ସୃଷ୍ଟି ଦିଗରେ ପ୍ରଶାସନ ଦୃଷ୍ଟିଦେବା ଦରକାର। ସ୍ୱାସ୍ଥ୍ୟ ସଚେତନତା, ମାନସିକ ସ୍ୱାସ୍ଥ୍ୟର ସମୃଦ୍ଧି ଦିଗରେ ସବୁସ୍ତରରେ ଏକ ବାତାବରଣ ଅପେକ୍ଷାରେ ସେମାନେ।

ଆମେ ସମସ୍ତେ ଜାଣନ୍ତି ଜୀବନକୁ ନିଜ ହିସାବରେ ଜିଇ ହୁଏନା। ଯଦି ଦାୟିତ୍ୱବୋଧତା, ବାଧ୍ୟବାଧକତା ଓ ଭାବପ୍ରବଣତାର ଲୁଗା ହକାଳି ବା ପାଦରେ ଆଡ଼େଇ ଚେଷ୍ଟା କରାଯାଏ ହୁଏତ କାଳେ କିଏ ଜିଇ ପାରିବ। ଶୁଣିବାକୁ ସହଜ ଲାଗୁଥିଲେ ବି ଏସବୁ କିନ୍ତୁ ଦୁରୁହ। ତଥାପି ବୋଝ ବୋହି ବଞ୍ଚିବାକୁ ହେବ। ସମୟ ବଦଳିବ, ଲୋକ ହାତ ଛାଡ଼ିବେ, ପରିସ୍ଥିତି ଜଟିଳ ହେବ, ତଥାପି ଏ ଜୀବନ କିଛି ନୂଆ ଶିଖେଇବ। ●

ପାଣିକୋଇଲି(ଯାଜପୁର) ମୋ: ୯୮୫୩୦୦୯୯୬୮

# ପଥପ୍ରାନ୍ତର ରୋଗ ପ୍ରସାରଣ କେନ୍ଦ୍ର

ଶ୍ରୀନନ

ନିକଟରେ ରାଜ୍ୟର କେତେକ ପ୍ରାନ୍ତରେ ଆମାଶୟ ଓ ହଇଜା ବ୍ୟାପକ ହେବାରୁ ଭୁବନେଶ୍ୱର ସମେତ କିଛି ନଗରପାଳିକା ପଥାପ୍ରାନ୍ତର ଜଳଖିଆ ଦୋକାନଗୁଡ଼ିକ ଉପରେ କଟକଣା ଜାରିକରିଛନ୍ତି। ଖାଦ୍ୟ ପ୍ରସ୍ତୁତି ଓ ବିତରଣରେ କି କି ନିରାପଦ ପନ୍ଥାମାନ ଅନୁସରଣ କରାଯିବ ସେଥିରେ ତାହା ସୂଚୀତ କରାଯାଇଛି। କେତେକ ଦୋକାନକୁ ବନ୍ଦ କରିବା ଲାଗି ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ଏପ୍ରକାର କଟକଣା ସ୍ୱାଗତଯୋଗ୍ୟ। କାରଣ ସେଥିରେ ବିକ୍ରି ହେଉଥିବା ଖାଦ୍ୟ ଅସ୍ୱାସ୍ଥ୍ୟକର ପରିବେଶରେ ନିମ୍ନମାନର ଉପାଦାନ ବ୍ୟବହାର କରି ପ୍ରସ୍ତୁତ ହୋଇଥାଏ। ତେଣୁ ସେଗୁଡ଼ିକ 'ପଥପ୍ରାନ୍ତର ରୋଗ ପ୍ରସାରଣ କେନ୍ଦ୍ର' ପାଲଟିବା ସ୍ୱାଭାବିକ। ଏହା କେବଳ ଆମ ରାଜ୍ୟରେ ସୀମାବଦ୍ଧ ନୁହେଁ, ସମଗ୍ର ଦେଶକୁ ଅକ୍ଟୋବହୁତ ପରିବ୍ୟାପ୍ତ।

ପ୍ରତିବର୍ଷ ବିଶ୍ୱରେ ଆମାଶୟରେ ମୃତ୍ୟୁବରଣ କରୁଥିବା ପ୍ରାୟ ୨ ନିୟୁତ ଲୋକଙ୍କ ମଧ୍ୟରୁ ୫୦ଲକ୍ଷ ପାଖାପାଖି ଭାରତୀୟ। ଖାଦ୍ୟବାହୀ ସଂକ୍ରମଣର ଏହାର ଅନ୍ୟତମ କାରଣ ବୋଲି ମନେ କରାଯାଏ। ବିଶେଷକରି ସହରାଞ୍ଚଳମାନଙ୍କରେ ଏଭଳି ଖାଦ୍ୟ ଦୋକାନ ଅଧିକ ସଂଖ୍ୟାରେ ଥାଏ। ଭୁବନେଶ୍ୱର ଭଳି ଏକ ମଧ୍ୟମ ଧରଣର ସହରରେ ଏଭଳି ରାସ୍ତାକଡ଼ ଦୋକାନ ସଂଖ୍ୟଶ ସାତ-ଆଠ ହଜାର ହେବ ବୋଲି ମନେକରାଯାଏ। ଏଗୁଡ଼ିକର ପ୍ରଧାନ ଗ୍ରାହକ ଅଟନ୍ତି ଛାତ୍ରଛାତ୍ରୀ, ଶ୍ରମଜୀବୀ ଏବଂ ନିମ୍ନ ଆୟକାରୀ ବର୍ଗର ଲୋକେ। ଏହାବ୍ୟତୀତ ରହିଛି ବହୁସଂଖ୍ୟକ ଦହିବରା-ଆଳୁଦମ୍, ଚାଟ୍, ଗୁପ୍‌ଚୁପ୍ ଆଦିର ଉଠାଦୋକାନ।

କିଛିବର୍ଷ ତଳେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ମାଇକ୍ରୋବାଇଓଲୋଜି ବିଭାଗ ଦ୍ୱାରା ଭୁବନେଶ୍ୱରର ପ୍ରଥପ୍ରାନ୍ତ ଜଳଖିଆ ଦୋକାନମାନଙ୍କରେ ପ୍ରସ୍ତୁତ ଖାଦ୍ୟଗୁଡ଼ିକର ମାନ ପରୀକ୍ଷା କରାଯାଇଥିଲା। ଜଣାପଡ଼ିଲା ଯେ ସେଥିମଧ୍ୟରୁ ଅଧିକାଂଶ ବିବିଧ ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ, ବିଶେଷକରି 'ସାଲ୍‌ମୋନେଲା'ରେ। ଦୁନିଆର ସବୁଠାରୁ ବ୍ୟାପକ ସଂକ୍ରମଣକାରୀ ୫ଟି ରୋଗ ଜୀବାଣୁମାନଙ୍କ ତାଲିକାରେ ଏହାର ସ୍ଥାନ ଶୀର୍ଷରେ। 'ସାଲ୍ମୋନେଲା' ଏକ ଗ୍ରାମ୍-ପଜିଟିଭ୍ ଜୀବାଣୁ, ଯାହାକି ମଣିଷ ଏବଂ ପଶୁମାନଙ୍କଠାରେ ରୋଗ ସୃଷ୍ଟି କରେ। ସେଗୁଡ଼ିକ ଦ୍ୱାରା ବିଷାକ୍ତ ହୋଇଥିବା ଖାଦ୍ୟ ଖାଇଲେ ବାନ୍ତି, ଆମାଶୟ, ତଳିପେଟରେ ଯନ୍ତ୍ରଣା, ଜ୍ୱର, ନିର୍ଜଳୀକରଣ, ନିସ୍ତେଜତା ଆଦି ରୋଗ ହୋଇଥାଏ। ଆମ ଦେଶରେ ଆମାଶୟ, ବିଶେଷ କରି ଶିଶୁ ଆମାଶୟ ବ୍ୟାପକ ହେବାର ଏହା ଅନ୍ୟତମ ମୁଖ୍ୟ କାରଣ।

**ବିଜ୍ଞାନ ବାର୍ତ୍ତା**

ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ତଥ୍ୟ ଅନୁସାରେ ପଥପ୍ରାନ୍ତର ଖାଦ୍ୟଗୁଡ଼ିକ ମଧ୍ୟରେ ସବୁଠାରୁ ସଂକ୍ରମଣକାରୀ ହେଲା ଦହିବରା, ଗୁପ୍‌ଚୁପ୍ ଓ ଚାଟ୍। ଏଥିରେ ପ୍ରବଳମାତ୍ରାରେ 'ସାଲ୍‌ମୋନନେଲା' ଥା'ନ୍ତି। ଏ ଖାଦ୍ୟଗୁଡ଼ିକର ମାନ ମଧ୍ୟ ଖୁବ୍ ନିକୃଷ୍ଟ। ଏହାର ପ୍ରସ୍ତୁତି ପାଇଁ ଅନେକ ସ୍ଥଳେ ବ୍ୟବହୃତ ହୋଇଥାଏ ଅଗରା ତେଲ, ହ୍ୱାଇଟ୍ ଅଏଲ୍ ଆଦି ଦ୍ୱାରା ଅପମିଶ୍ରିତ ତେଲ। ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ଆମ ସମସ୍ତଙ୍କୁ ଜଣା। ପୁନଶ୍ଚ ଏଥିରେ ବାରମ୍ବାର ଖାଦ୍ୟ ଛାଣିବା ଫଳରେ ତାହା କଳା ଓ ବହଳିଆ ହୋଇଯାଏ। ତହିଁରେ ଥାଏ ପ୍ରଚୁର 'ଟ୍ରାନସ୍ ଫ୍ୟାଟସ୍', ଅଙ୍ଗାରକଣିକା ଇତ୍ୟାଦି, ଯାହାକି କର୍କଟ ରୋଗଠାରୁ ଆରମ୍ଭ କରି ହୃଦ୍‌ରୋଗ ଯାଏଁ ଅନେକ ରୋଗର କାରଣ। ବ୍ୟବହୃତ ଅଟା ଓ ବେସନରେ ଆମ୍ବ କୋଇଲି ଓ ତେନ୍ତୁଳି ମଞ୍ଜି ସମେତ ଆକର୍ଷଣୀୟ କରିବା ପାଇଁ ମିଶା ଯାଉଥିବା ରାସାୟନିକ ରଙ୍ଗ ଏବଂ ପରସା ଯାଉଥିବା ସସ୍‌ରେ ମିଶିଥିବା ପଚା କଖାରୁର ରସ, ଦହିବରାର ଅପମିଶ୍ରିତ ଦହି ରୋଗସୃଷ୍ଟିକାରୀ। ଫାଷ୍ଟଫୁଡ୍ କଥା ନ କହିବା ଭଲ। ଏସବୁ ଖାଇବା ଲୋକେ ସାଧାରଣତଃ ସଂକ୍ରମଣ ଜନିତ ଏବଂ ଅଣ-ସଂକ୍ରମଣ ଜନିତ ବ୍ୟାଧିମାନଙ୍କର ଶିକାର ହୁଅନ୍ତି। ଏ ସମସ୍ୟାକୁ ଅଧିକ ଜଟିଳ କରିଥାଏ ସେଠାରେ ଥିବା ପିଇବା ପାଣି।

ଆମ ସରକାରଙ୍କ ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମର ମୂଳ ଆଭିମୁଖ୍ୟ ହେଲା ସମାଜର ନିମ୍ନ ଆୟକାରୀ ବର୍ଗଙ୍କୁ ଯଥେଷ୍ଟ ପରିମାଣରେ ଖାଦ୍ୟ ଓ ପୁଷ୍ଟି ଯୋଗାଇବା। ଏଥିପାଇଁ କେବଳ ଶସ୍ତା କିମ୍ବା ବିନା ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଣ ଯଥେଷ୍ଟ ନୁହେଁ। ବଜାରରେ ଉପଲବ୍ଧ ଅନ୍ୟ ସମସ୍ତ ଖାଦ୍ୟ ପଦାର୍ଥର ମାନ ପ୍ରତି ମଧ୍ୟ ଧ୍ୟାନ ଦିଆଯିବା ଦରକାର। ପଥପ୍ରାନ୍ତର ଜଳଖିଆ ଦୋକାନଗୁଡ଼ିକର ନିୟନ୍ତ୍ରଣ ଏଦିଗରେ ପ୍ରଥମ ପଦକ୍ଷେପ ହେବା ଉଚିତ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୨ ଦଳିତଙ୍କୁ ନର୍ଦ୍ଦମା ପାଣି ପିଆଇବା ଘଟଣା

# ତଦନ୍ତ ଆରମ୍ଭ, ୯ ଅଟକ





ଧରାକୋଟ, ୨୩।୬ (ସମିସ): ଗୋରକ୍ଷକ ନାଁରେ ବଜରଙ୍ଗ ଦଳ ଓ ବିଜେପି ସମର୍ଥକମାନଙ୍କ ଦ୍ୱାରା ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମା ଗ୍ରାମରେ ଟଙ୍କା ନ ଦେବାରୁ ୨ ନିରୀହ ଦଳିତଙ୍କୁ ମିଛରେ ଗୋ-ଚାଲାଣକାରୀ ସଜାଇ ଅଧାଲଣ୍ଡା କରି ଆଣ୍ଠେଇ ଆଣ୍ଠେଇ ଚଲାଇବା, ଘାସ ଖୁଆଇବା ଓ ନର୍ଦ୍ଦମା ପାଣି ପିଆଇବା ଘଟଣାରେ ୯ ଜଣଙ୍କୁ ଅଟକ ରଖିଛି ପୁଲିସ। ସୋମବାର ସମ୍ପୃକ୍ତ ଦୁଇ ପୀଡ଼ିତଙ୍କ ଗାଁ, ସିଙ୍ଗିପୁରରେ ଗଞ୍ଜାମ ଜିଲ୍ଲା ଦଳିତ ମହାସଭାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ମହାସଭାର ଜିଲ୍ଲା ଆବାହକ ସଂଗ୍ରାମ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଘଟଣାର ତୀବ୍ର ନିନ୍ଦା କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କ ନିକଟରେ ଦାବି କରାଯାଇଛି।

ସୂଚନାଯୋଗ୍ୟ, ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମା ଗ୍ରାମରେ ଗତ ରବିବାର ଦିନ ଗୋ ଚାଲାଣ କରୁଥିବା ଅଭିଯୋଗରେ ସିଙ୍ଗିପୁର ଗ୍ରାମର ବାବୁଲା ନାୟକ ଓ ବୁଲୁ ନାୟକଙ୍କୁ 'ଗୋ ରକ୍ଷକ' ନାମକ ସଂଗଠନର କିଛି ବ୍ୟକ୍ତି ଅଟକାଇବା ସହ ସେମାନଙ୍କଠାରୁ ବେଆଇନ ଭାବେ ଅର୍ଥ ଦାବି କରିଥିଲେ। ଏଥିରେ ବାବୁଲା ଓ ବୁଲୁ ଅକ୍ଷମତା ପ୍ରକାଶ ପରେ ସେମାନେ ଜବରଦସ୍ତ ଦୁଇଜଣଙ୍କୁ ଅଧା ଲଣ୍ଡା କରିବା ସହ ଖାରିଗୁମାଠାରୁ ଜାହାଡ଼ା ପର୍ଯ୍ୟନ୍ତ ମାଡ଼ ମାରି ଆଣିବା ପରେ ଜାହାଡା ଗାଁ ଦାଣ୍ଡରେ ଆଣ୍ଠେଇ ଚଲାଇବା ଏବଂ ପାଟିରେ ଘାସ ପୁରାଇ ନର୍ଦ୍ଦମା ପାଣି ପିଆଇବା ନେଇ ଉଭୟେ ଧରାକୋଟ ଥାନାରେ ଅଭିଯୋଗ କରିଥିଲେ। ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଲାଇଥିବା ବେଳେ ୯ ଜଣଙ୍କୁ ଅଟକ ରଖିଛି। ଅନ୍ୟପକ୍ଷରେ ପୀଡ଼ିତ ଦୁଇ ଜଣଙ୍କ ଚିକିତ୍ସା ପରେ ସୁରକ୍ଷିତ ଭାବରେ ସେମାନଙ୍କ ଗାଁ ସିଙ୍ଗିପୁରରେ ପୁଲିସ ଛାଡ଼ିଛି। ଘଟଣା ସମ୍ପର୍କରେ ଥାନା ଅଧିକାରି ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି, ଏଥିରେ ୧୪/୧୫ଜଣଙ୍କ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବାକୁ ଉଦ୍ୟମ ଜାରି ରଖିଥିବା ସେ ପ୍ରକାଶ କରିଛନ୍ତି। ସମ୍ବେଦନଶୀଳ ଏହି ଘଟଣାର ତଦନ୍ତଭାର ଆସିକା ଉପଖଣ୍ଡ ପୁଲିସ ଅଧିକାରୀ ନେଇଥିବା ବେଳେ ଏହି ଘଟଣା ଧରାକୋଟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଅନ୍ୟପଟେ ସୋମବାର ଦୁଇ ପୀଡ଼ିତଙ୍କ ଗାଁ, ସିଙ୍ଗିପୁରରେ ଗଞ୍ଜାମ ଜିଲ୍ଲା ଦଳିତ ମହାସଭା ଜିଲ୍ଲା ଆବାହକ ସଂଗ୍ରାମ ନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ ଘଟଣାକୁ ତୀବ୍ର ନିନ୍ଦା କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କ ନିକଟରେ ଦାବି କରାଯାଇଥିଲା।

■ ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କ ଅକାଳ ବିୟୋଗ

## ପୁଅର ଶବ ଆଣିବାକୁ ମା' ପ୍ରଶାସନର ଦ୍ୱାରସ୍ଥ



ବାରିପଦା, ୨୩।୬ (ସମିସ): ବେଙ୍ଗାଲୁରୁରେ ଚାକିରି ପାଇଁ ଯାଇଥିବା ବାପଛେଉଣ୍ଡ ପୁଅର ରବିବାର ଅକାଳ ମୃତ୍ୟୁ ଘଟିଛି। ଖାଦ୍ୟରେ ବିଷକ୍ରିୟା ହେବାରୁ ତାଙ୍କର ମୃତ୍ୟୁ ହୋଇଛି ବୋଲି ପରିବାର ଖବର ପାଇଛନ୍ତି। ମୃତ ଯୁବକଜଣଙ୍କ ହେଲେ, ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକର ଖଣ୍ଡାଦେଉଳି ଗାଁର ସ୍ୱର୍ଗତ ଯଦୁ ମାରଣ୍ଡିଙ୍କୁ ଏକମାତ୍ର ପୁଅ ରାଜେଶ। ରାଜେଶ ପରିବାରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। କିଛି ଦିନ ତଳେ ବାପାଙ୍କ ଦେହାନ୍ତ ହୋଇଥିଲା। ରାଜେଶ ଶୁକ୍ରବାର ଏକ ଫୁଡ୍ ଡେଲିଭରି କମ୍ପାନୀରେ ଚାକିରି ପାଇଥିବାବେଳେ ସୋମବାର ଯୋଗ ଦେଇଥା'ନ୍ତେ। ହେଲେ ବିଧିର ବିଧାନ ଭିନ୍ନ। ହେଲେ ତାଙ୍କର ମୃତଦେହ ଘରକୁ ଫେରିବାରେ ଅନିଶ୍ଚିତତା ଦେଖାଦେବାରୁ ମା' ମାଇନ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ରବିବାର ମଧ୍ୟାହ୍ନରେ ରାଜେଶ ଖାଇବା ପରେ ହଠାତ ତାଙ୍କର ବାନ୍ତି ହୋଇଥିଲା। ତାଙ୍କ ସହିତ ରହୁଥିବା ସାଙ୍ଗଙ୍କୁ ଡାକିଥିଲେ; ହେଲେ ସାଙ୍ଗ ଆସିବା ବେଳେକୁ ମୃତ୍ୟୁ ଘଟିଥିଲା। ପରେ ହସ୍ପିଟାଲରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସୋମବାର ଯୁବକଙ୍କ ମା' ପରିବାରବର୍ଗ ସହିତ ଜିଲ୍ଲାପାଳଙ୍କୁ ଭେଟି ମୃତଦେହ ଆଣିବାକୁ ଅନୁରୋଧ ପାଇଁ ଆସିଥିଲେ। କପ୍ତିପଦା ଉପଖଣ୍ଡ ଜନଶୁଣାଣି ଶିବିର ପାଇଁ ଜିଲ୍ଲାପାଳ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ମୃତଦେହ ଆଣିବା ବ୍ୟବସ୍ଥା ପାଇଁ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସେଠାକାର ଥାନା ସହିତ ଯୋଗାଯୋଗ ପରେ ପରିବାରବର୍ଗ ଲିଖିତ ଭାବେ ସ୍ୱୀକାରୋକ୍ତି ଦେବା ପରେ ମୃତକଙ୍କ ଶବ ବ୍ୟବଚ୍ଛେଦ ହୋଇଛି। ଏହା ଶେଷ ହେବା ପରେ ତାଙ୍କୁ ଏକ ଆମ୍ବୁଲାନ୍ସରେ ନିଜ ଗ୍ରାମକୁ ଅଣାଯିବ ବୋଲି ଜଣାପଡିଛି।

## ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ସୁନ୍ଦରଗଡ଼, ୨୩।୬(ସମିସ): ଭେଡ଼ାବାହାଲ-ବାଙ୍କିବାହାଲ କୋଲ୍ କରିଡର୍ ରାସ୍ତାର ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣୀପାଲି ନିକଟରେ ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ, ଭେଡ଼ାବାହାଲ ଗ୍ରାମର ଶୁଭମ୍ ନାଏକ (୩୦) ଓ ତ୍ରିଲୋଚନ ସେଠ(୨୭)। ଅନ୍ୟପକ୍ଷରେ ବିକାଶ ନାଏକ (୨୭) ନାମକ ଯୁବକ ଗୁରୁତର ଆହତ ହୋଇଛନ୍ତି। ରବିବାର ରାତିରେ ଏମାନେ ଏହି ବାଇକ୍‌ରେ ଖମାର ବାହାଲ ଗ୍ରାମକୁ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ପୁଲିସ ଏହି ତିନି ଯୁବକଙ୍କୁ ଉଦ୍ଧାର ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାକୁ ନେଇଥିଲା। ହେଲେ ସେଠାରେ ଶୁଭମ୍ ଓ ତ୍ରିଲୋଚନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବିକାଶଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସଂପୃକ୍ତ ୨ ମୃତକଙ୍କ ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୁଲିସ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘନଉଛି ବିଶ୍ୱଯୁଦ୍ଧ...

ବର୍ତ୍ତମାନ ସମୟରେ ଆଉ କୌଣସି ଉଡ଼ାଣ ସମ୍ଭବ ହୋଇ ପାରିବ ନାହିଁ। ଇସ୍ରାଏଲ୍ ପ୍ରତିରକ୍ଷାମନ୍ତ୍ରୀ ଏହି ଆକ୍ରମଣକୁ ସଫଳ ବୋଲି ବର୍ଣ୍ଣନା କରି ପ୍ରତି କ୍ଷେପଣାସ୍ତ୍ରର ଜବାବ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଇସ୍ରାଏଲ୍ ଆକ୍ରମଣରେ ଇରାନର ପରମାଣୁ ବୈଜ୍ଞାନିକ ଓ ଅନ୍ୟ ସେନା ରଣନୀତିଜ୍ଞମାନଙ୍କୁ ତାଲିମ୍ ଦିଆଯାଉଥିବା ସାହିଦ୍ ବେହେସ୍ତି ବିଶ୍ୱବିଦ୍ୟାଳୟ ମଧ୍ୟ ବିପୁଳଭାବରେ କ୍ଷତିଗ୍ରସ୍ତ ହୋଇଛି ।

ଅନ୍ୟପକ୍ଷରେ ଇରାନ ଆକ୍ରମଣରେ ଇସ୍ରାଏଲ୍ ସହରଗୁଡ଼ିକ ଧ୍ୱଂସସ୍ତୁପରେ ପରିଣତ ହୋଇଥିବା ଇରାନ ଗଣମାଧ୍ୟମ ନୂର ନ୍ୟୁଜ ଦାବି କରିଛି ।ଇସ୍ରାଏଲ୍ ମଧ୍ୟ ଇରାନର ଆକ୍ରମଣକୁ ସ୍ୱୀକାର କରିଛି ।ଇରାନ୍ ଇସ୍ରାଏଲ୍‌ର ଉତ୍ତରଭାଗରେ ଅନେକ କ୍ଷେପଣାସ୍ତ୍ର ମାଡ଼ କରିଛି ।ଏହାକୁ ରୋକିବା ନିମନ୍ତେ ଇସ୍ରାଏଲ୍ ସେନା ଇଣ୍ଟରସେପ୍ଟର ବ୍ୟବସ୍ଥାକୁ ସକ୍ରିୟ କରିଛି ଓ ସାଧାରଣ ଲୋକଙ୍କୁ ଆଶ୍ରୟସ୍ଥଳକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଛି ।ଅନ୍ୟପକ୍ଷରେ ଇରାନ୍ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) ସହ ଇରାନ୍ ସମସ୍ତ ସମ୍ପର୍କ ଛିନ୍ନ କରିଥିବା ଘୋଷଣା କରିଛି । ଏହା ସହିତ ରୁଷ ରାଷ୍ଟ୍ରପତି ପୁଟିନଙ୍କୁ ଚିଠି ଲେଖି ସହଯୋଗ କରିବା ପାଇଁ ଇରାନ୍ ଅନୁରୋଧ କରିଛି । ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ପ୍ରତ୍ୟକ୍ଷ ଯୁଦ୍ଧ ଚାଲିଥିବାବେଳେ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ମଧ୍ୟ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି ।ଇରାନ୍ ଉପରେ ଆମେରିକାର ଆକ୍ରମଣକୁ ଇସ୍ରାଏଲ୍ ଖୋଲାଖୋଲି ସମର୍ଥନ କରି ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଥିବାବେଳେ ଇରାନ୍ ଏହାର ପ୍ରତିବାଦ କରିଛି ।ମିଛ ବାହାନା କରି ଇରାନ୍ ଉପରେ ଆମେରିକା ଆକ୍ରମଣ କରିଛି ଓ ଇସ୍ରାଏଲ୍ ମିଛ କହି ଆମେରିକାକୁ ଯୁଦ୍ଧରେ ସମ୍ପୃକ୍ତ କରିଛି ବୋଲି ଇରାନ୍ ଅଭିଯୋଗ କରିଛି ।

### ଦିଲ୍ଲୀ ଯୁବତୀଙ୍କୁ...

ବିରଜା ଦର୍ଶନ ସାରି ଦୁହେଁ ଯାଜପୁର ବସ୍‌ଷ୍ଟାଣ୍ଡରୁ ଏକ ଘରୋଇ ବସ୍‌ରେ ଘରକୁ ଫେରୁଥିଲେ। ରାତି ପ୍ରାୟ ସାଢ଼େ ୯ଟାରେ ସେମାନେ ନନ୍ଦିପୁର ଛକ ନିକଟ ଭଦ୍ରକ ପଡ଼ିଆ ଛକରେ ଓହ୍ଲାଇ ନିଜ ସମ୍ପର୍କୀୟଙ୍କୁ ସୂଚନା ଦେଇ ଅପେକ୍ଷା କରିଥିଲେ। ସେତିକିବେଳେ ନିକଟସ୍ଥ ପାଟଣାସାହି ଅଞ୍ଚଳର ୨ ଯୁବକ ଅନୀଲ ଯେନା ଓ ନୀତେଶ ଯେନା ସେଠାରେ ପହଞ୍ଚି ଲିଜା ଓ ତାଙ୍କ ସାଙ୍ଗଙ୍କୁ ଅସଦାଚରଣ କରିଥିଲେ। ସେମାନେ ଦୁହିଁଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଉଭୟଙ୍କୁ ଟଣାଓଟରା କରିଥିଲେ। ଏହି ସମୟରେ ସୁମିତ୍ରାର ୩ ସମ୍ପର୍କୀୟ ଭାଇ ବାଇକ୍‌ରେ ସେଠାରେ ପହଞ୍ଚି ପ୍ରତିବାଦ କରିବାରୁ ୨ ଅଭିଯୁକ୍ତ ସେମାନଙ୍କୁ ଆକ୍ରମଣ କରିବା ସହ ତାଙ୍କ ବାଇକ୍‌କୁ ଭାଙ୍ଗି ଦେଇଥିଲେ। ତେବେ ଭୟରେ ସମସ୍ତେ ବଡ଼ ପାଟିରେ ସାହାଯ୍ୟ ପାଇଁ ଡାକ ପକାଇବାରୁ ୨ ଅଭିଯୁକ୍ତ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଅନ୍ୟପଟେ ଅଭିଯୁକ୍ତଙ୍କ ଆକ୍ରମଣରେ ଗୁରୁତର ଜଣେ ସମ୍ପର୍କୀୟ ଭାଇ ପ୍ରଥମେ ଯାଜପୁର ଓ ପରେ କଟକ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଏ ସଂପର୍କରେ ସେମାନେ ରାତି ପ୍ରାୟ ୧୧ଟାରେ ଦଶରଥପୁର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ମାତ୍ର ପୁଲିସ୍ ଅଭିଯୋଗକୁ ଗୁରୁତ୍ୱର ସହ ନେବା ପରିବର୍ତ୍ତେ 'ଏବେ ଆମ ଥାନାଧିକାରୀ ପୁରୀ ଡ୍ୟୁଟିରେ ପଳାଇଛନ୍ତି। ତୁମେ ଘରକୁ ଯାଅ କ'ଣ ହୋଇପାରିବ ଦେଖିବା' କହି ସୋମବାର ଦିନ ୧୨ଟା ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନଥିଲା। ଆଜି ପୁନର୍ବାର ଯୁବତୀଦ୍ୱୟ ନିଜ ଦୁଇ ଭାଇଙ୍କୁ ସାଙ୍ଗରେ ନେଇ ଦଶରଥପୁର ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ, ସେଠାରେ ପୁଲିସ୍ ସେମାନଙ୍କୁ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ କରିଛନ୍ତି। ଥାନାରେ ଥିବା ପୁଲିସ କର୍ମଚାରୀ ଉଭୟଙ୍କୁ 'ଅପେକ୍ଷା କର, ଥାନାରେ କେହି ଅଧିକାରୀ ନାହାନ୍ତି। ଏଟା ଗତକାଲିର ଘଟଣା। କାଲିର ଡିସିଓ ଥିବା ରାଇବେରି ସୋରେନ ମ୍ୟାଡମ୍ ଆସିଲେ ଆପଣମାନେ ତାଙ୍କୁ ଦେଖା କରିବେ' ବୋଲି କହିଥିଲେ।

ତେବେ ଖବର ପାଇ କିଛି ଗଣମାଧ୍ୟମ ପ୍ରତିନିଧି ଥାନାରେ ପହଞ୍ଚିବା ଦେଖି ଏସ୍‌ଆଇ ରାଇବେରୀ ସୋରେନ ୨ ଯୁବତୀଙ୍କୁ ପଚରାଉଚରା କରି ଘଟଣା ସଂପର୍କରେ ବୁଝିଥିଲେ। ପୁଲିସ୍ ପକ୍ଷରୁ ୨ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

ଅପରପକ୍ଷେ, ଏହି ଘଟଣା ଜାଣିବା ପରେ ଯାଜପୁର ବିଧାୟିକା ସୁଜାତା ସାହୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସହ ଯୋଗାଯୋଗ କରିଥିଲେ। ମଙ୍ଗଳପୁର ଥାନା ଆଇଆଇସିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି ଏବଂ ଖୁବ୍‌ଶୀଘ୍ର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ବିଧାୟିକାଙ୍କୁ କହିଥିବା ଜଣାଯାଇଛି।

### ଦ୍ରୁତ ଆରୋଗ୍ୟ ଲାଭ...

ତୁରନ୍ତ ଶୀଘ୍ର ସୁସ୍ଥ ହୋଇଯିବେ ବୋଲି ପ୍ରେମ୍ ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟପଟେ ନବୀନଙ୍କ ଚିକିତ୍ସା ବ୍ୟବସ୍ଥାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଦାୟିତ୍ୱରେ ଥିବା ଡାକ୍ତର ରମାକାନ୍ତ ପଣ୍ଡା କହିଛନ୍ତି ଯେ ଆସନ୍ତାକାଲି ୧୨ଟା ସୁଦ୍ଧା ନବୀନଙ୍କୁ ଆଇସିୟୁରୁ ସାଧାରଣ ରୁମ୍‌କୁ ସିଫ୍ଟ କରାଯିବ। ବର୍ତ୍ତମାନ ନବୀନ ଚାଲୁଛନ୍ତି, ସାଧାରଣ ଖାଦ୍ୟ ଖାଉଛନ୍ତି ଏବଂ ଭଲ ଭାବେ କଥାବାର୍ତ୍ତା ମଧ୍ୟ କରୁଛନ୍ତି। ସାଧାରଣ ରୁମ୍‌କୁ ଆସିବାର ୩ରୁ ୪ ଦିନ ଭିତରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯିବ। ସେ ପୂରା ନର୍ମାଲ ଅଛନ୍ତି। ଫିଜିଓଥେରାପି ଚାଲିଛି। ରକ୍ତଚାପ ଓ ହୃଦ୍‌ସ୍ପନ୍ଦନ ସବୁ ନର୍ମାଲ ଥିବାରୁ ଆଜି ତାଙ୍କ ଦେହରୁ ଆର୍ଟେରିଆଲ ଲାଇନ ଓ ଇସିଜି ବାହାର କରି ଦିଆଯାଇଛି ବୋଲି ଡାକ୍ତର ପଣ୍ଡା ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ରବିବାର ନବୀନ ପଟ୍ଟନାୟକଙ୍କର ସର୍ଭିକାଲ୍ ଆର୍ଥ୍ରାଇଟିସ୍ ଅସ୍ତ୍ରୋପଚାର ହୋଇଛି।

### କ୍ରାଇମ୍‌ବ୍ରାଞ୍ଚ ହାତରେ...

ଲ୍ୟାବ୍‌କୁ ପଠାଯାଇଛି। ଆବଶ୍ୟକ ପଡ଼ିଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ। ଅତିରିକ୍ତ ଡିଜି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର କହିଛନ୍ତି ଯେ ଏହି ଘଟଣାର ପ୍ରତ୍ୟେକ ଦିଗ ଉପରେ ନଜର ରଖାଯାଇଛି ଏବଂ ପ୍ରମାଣ ସଂଗ୍ରହ କରାଯାଉଛି। ଡିଜିଟାଲ ଏଭିଡେନ୍ସର ତାକୁ ତର୍ଜମା କରାଯିବ। ଘଟଣାର ଯାହାବି ଡିଜିଟାଲ ପ୍ରମାଣ ରହିଛି ସେସବୁର ତଥ୍ୟ ଖୋଜାଯାଉଛି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମୋବାଇଲ ଜବତ ହୋଇଛି। ସେସବୁର ଯାଞ୍ଚ କରାଯାଉଛି। ଫରେନସିକ ଟିମ୍ ସେସବୁ ମୋବାଇଲରେ ଘଟଣା ଦିନର କିଛି ପ୍ରମାଣ ରହିଛି କି ନାହିଁ, ତାହାର ଯାଞ୍ଚ କରୁଛନ୍ତି। ଅଧିକ ଡିଜିଟାଲ ପ୍ରମାଣ ସଂଗ୍ରହ ପାଇଁ ଚେଷ୍ଟା କରୁଛନ୍ତି। କେବଳ ଅଭିଯୁକ୍ତଙ୍କ ମୋବାଇଲ ନୁହେଁ, ଘଟଣା ସ୍ଥଳକୁ ଯିବା ଆସିବା ସମୟରେ ବା ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ମଧ୍ୟ ସଂଗ୍ରହ ହେଉଛି। ଘଟଣାର ପୂର୍ବର ଫୁଟେଜ ମଧ୍ୟ ସଂଗ୍ରହ ହୋଇଛି ଓ ଘଟଣାର ପରର ଫୁଟେଜ ସଂଗ୍ରହ କରାଯାଉଛି। ଏପରିକି ସେହି ସମୟରେ ଅଭିଯୁକ୍ତମାନେ କେଉଁଠ, କେଉଁ ଲୋକେସନରେ ଥିଲେ ସେମାନଙ୍କ ଗତିବିଧି ସଂପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। କାରଣ ଏହି ଘଟଣା ପ୍ରାୟ ଦେଢ଼ଘଣ୍ଟାରୁ ଅଧିକ ସମୟ ଘଟିଥିଲା। ଏଯାବତ ୧୦ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କର ଡିଏନ୍‌ଏ ମଧ୍ୟ ସଂଗ୍ରହ କରାଯାଇଛି। ଅଭିଯୁକ୍ତମାନଙ୍କୁ ପର୍ଯ୍ୟାୟ କ୍ରମେ ପଚରାଉଚରା କରାଯିବ। ଆବଶ୍ୟକ ପଡ଼ିଲେ ରିମାଣ୍ଡରେ ଅଣାଯିବ। ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାଲାଗି ତଥ୍ୟ ସମସ୍ତ ସଂଗ୍ରହ କରାଯାଉଛି।

ଉଲ୍ଲେଖଯୋଗ୍ୟ ଯେ, ଅଭିଯୁକ୍ତମାନଙ୍କ ଟିଆଇ ପରେଡ ହୋଇଥିବା ବେଳେ ସମସ୍ତଙ୍କୁ ଚିହ୍ନଟ କରିଥିଲେ ପୀଡିତା। ଗୋପାଳପୁର ଗଣଦୁଷ୍କର୍ମର ୧୦ ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି ୪ ନାବାଳକ। ୩ ଜଣ ଗଣଦୁଷ୍କର୍ମ କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ। ମୁଖ୍ୟ ଅଭିଯୁକ୍ତ ପୁରୁଷୋତ୍ତମପୁରର ପ୍ରମୋଦ ନାୟକ ନାଁରେ ପୂର୍ବରୁ ମଧ୍ୟ ୨ଟି ମାମଲା ରହିଛି। ଅନ୍ୟ ଦୁଇ ଦୁଷ୍କର୍ମକାରୀ ହେଲେ ବାବୁରାମ ଦଳାଇ ଏବଂ କୁନାଲ ପ୍ରଧାନ। ୪ ନାବାଳକଙ୍କୁ ୧୭ ବର୍ଷ ହୋଇଥିବାରୁ ସେମାନଙ୍କୁ ସାବାଳକ ଭାବେ ବିଚାର କରି କଠୋର ଦଣ୍ଡ ଦେବାକୁ କୋର୍ଟଙ୍କୁ ଅନୁରୋଧ କରାଯିବ ବୋଲି କହିଥିଲେ ବ୍ରହ୍ମପୁର ଏସପି।

### ମଦ ଦୋକାନ...


ବାଇକ୍‌ରେ ୪ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ସେ ବାଇଗଣବାଡ଼ିଆ ଛକ ପାର୍ ହେଉଥିବା ବେଳେ ଗୋଟିଏ ବାଇକ୍‌ରେ ୨ଜଣ ଯୁବକ ତାଙ୍କ ପାଖରେ ପହଞ୍ଚି ଶିବାନନ୍ଦଙ୍କ ପାଖରୁ ଟଙ୍କା ବ୍ୟାଗ ଛଡ଼ାଇବା ଉଦ୍ଦେଶ୍ୟରେ ୨ଟି ବନ୍ଧୁକରୁ ୬ ରାଉଣ୍ଡ ଗୁଳି ମାଡ଼ କରିଥିଲେ। ଗୋଟିଏ ଗୁଳି ତାଙ୍କ କାନ ଉପର ଦେଇ ଯାଇଥିବା ବେଳେ ଅନ୍ୟଟି ଜଙ୍ଘରେ ବାଜିଥିଲା। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ଦୁର୍ବୃତ୍ତମାନେ ତାଙ୍କ ପାଖରୁ ବ୍ୟାଗ୍‌ଟିକୁ ଛଡ଼ାଇ ପାରି ନଥିଲେ। ଧରାପଡ଼ିଯିବା ଭୟରେ ସୋନେ ସେଠାରୁ ଚମ୍ପଟ ମାରିଥିଲେ। ଦୁର୍ବୃତ୍ତମାନେ ମାସ୍କ ପିନ୍ଧି ଥିବା ବେଳେ ବଙ୍ଗଳାରେ କଥାବାର୍ତ୍ତା ହେଉଥିବା ଶିବାନନ୍ଦ କହିଛନ୍ତି।

ଅପରପକ୍ଷେ, ଏହି ଘଟଣାକୁ ନେଇ ପୂର୍ତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଡବଲ ଇଞ୍ଜିନ ସରକାରର ଗୋଟିଏ ବର୍ଷ ମଧ୍ୟରେ ଶାନ୍ତ ମୟୂରଭଞ୍ଜ ବର୍ତ୍ତମାନ ଅଶାନ୍ତ ହୋଇପଡ଼ିଲାଣି। ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଅପରାଧୀଙ୍କ ପାଇଁ ମୟୂରଭଞ୍ଜ ଜିଲ୍ଲା ଏବେ ଆଡ଼ାସ୍ଥଳ ପାଲଟିଛି। ତୁରନ୍ତ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବାକୁ ସେ ଦାବି କରିଛନ୍ତି। ଏହାସହ ଶ୍ରୀ ମାରାଣ୍ଡି ପିଆରଏମ ମେଡିକାଲରେ ପହଞ୍ଚି ଶିବାନନ୍ଦଙ୍କୁ ଭେଟିବା ସହ ତାଙ୍କର ଚିକିତ୍ସା ବ୍ୟବସ୍ଥା ସଂପର୍କରେ ଡାକ୍ତରଙ୍କୁ ପଚାରି ବୁଝିଛନ୍ତି।

## ଏକାଦଶାହରେ ଶ୍ରଦ୍ଧାଞ୍ଜଳି

# ଦେବୋପମ ବ୍ୟକ୍ତିତ୍ୱ ଧରମ୍ ସିଂ

ବ୍ୟକ୍ତିଗତ ଭୋଗବିଳାସ ତ୍ୟାଗକରି, ସମୟ ଓ ସମ୍ବଳ ବିନିଯୋଗ କରି ସମାଜସେବାରେ ଜୀବନ ବିତେଇଦେବା ଭଳି ମଣିଷ ସଂସାରରେ ଖୁବ୍ କମ୍ ମିଳନ୍ତି। ସେମିତି ଜଣେ ମହାତ୍ମା ଥିଲେ ଦିବଂଗତ ଧରମ୍ ସିଂ। ଶିକ୍ଷାର ପ୍ରସାର, ସ୍ୱାସ୍ଥ୍ୟସେବା ଓ ଆଧ୍ୟାତ୍ମିକ ଚେତନାର ସେ ଥିଲେ ଅନନ୍ୟ ବାର୍ତ୍ତାବହ। ଦିବଂଗତ ଧରମ୍ ସିଂ ୧୯୩୫ ମସିହା ଡିସେମ୍ବର ୨୨ ତାରିଖରେ ବାଲେଶ୍ୱରରେ ଜନ୍ମଗ୍ରହଣ କରିଥିଲେ। ମାତାଙ୍କ ନାମ ଥିଲା, ବୁଦ୍ଧି ଦେବୀ ଏବଂ ପିତା ଥିଲେ ଜଗନ୍ନାଥ ପ୍ରସାଦ ଗୁପ୍ତା। ବାଲେଶ୍ୱର ଜିଲ୍ଲା ସ୍କୁଲରୁ ଉଚ୍ଚମାଧ୍ୟମିକ ଶିକ୍ଷା ସମାପ୍ତି ପରେ ସେ ଭଦ୍ରକ ଆସିଥିଲେ। ସେଠାରେ ପିତାଙ୍କ ଦ୍ୱାରା ପ୍ରତିଷ୍ଠିତ ପୋହପ୍-ସିଂ ରାଇସ୍ ମିଲ୍ ଓ କୈଳାସ ଚଳଚ୍ଚିତ୍ରର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ। ଉଭୟ ବ୍ୟବସାୟରେ ସେ ଅଭୂତପୂର୍ବ ସଫଳତା ପାଇଥିଲେ। ସେ ଅନେକ ଗୁଡିଏ ବ୍ୟବସାୟିକ ସଙ୍ଗଠନର ସ୍ଥପତି ଥିଲେ। ଯଥା- ଭଦ୍ରକ ଜିଲ୍ଲା ଟ୍ରକ୍ ମାଲିକ ସଂଘ, 'ଅଲ୍ ଓଡ଼ିଶା ରାଇସ୍ ମିଲର୍ସ ଆସୋସିଏସନ୍'। ଏଥିପାଇଁ ତାଙ୍କୁ 'ଅଲ୍ ଇଣ୍ଡିଆ ମିଲର୍ସ ଫେଡେରେସନ୍' ସମ୍ବର୍ଦ୍ଧିତ କରିଥିଲା। ସେମିତି ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ପ୍ରସାର ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ। ସେ ସମୟରେ ଆର୍ଥିକ ସମ୍ବଳର ଅଭାବ ଓଡ଼ିଆ ସିନେମାର ପ୍ରଗତିରେ ପ୍ରଥମ ପ୍ରତିବନ୍ଧକ ଥିଲା। ଏହିଭଳି ଏକ ସଂଘର୍ଷ ସ୍ଥିତିରେ ସେ ଚଳଚ୍ଚିତ୍ର ନିର୍ମାତା ମାନଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରୁଥିଲେ। ସେଥିପାଇଁ ସମସାମୟିକ ପ୍ରଯୋଜକ ଧୀର ବିଶ୍ୱାଳ ଓ ପ୍ରଶାନ୍ତ ନନ୍ଦଙ୍କ ଠାରୁ ଆରମ୍ଭ କରି ଅଭିନେତା ବିଜୟ ମହାନ୍ତି ଓ ଉତ୍ତମ ମହାନ୍ତିଙ୍କ ପର୍ଯ୍ୟନ୍ତ, ସମସ୍ତେ ତାଙ୍କୁ ସମ୍ମାନ ଦେଉଥିଲେ। ୧୯୬୮ ମସିହାରେ ସେ ପଣ୍ଡିଚେରୀ ସ୍ଥିତ ଅରବିନ୍ଦ ଆଶ୍ରମ ସଂସ୍ପର୍ଶରେ ଆସିଲେ। ଯାହା ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା। ପରବର୍ତ୍ତୀ ଜୀବନର ସମୟକାଳ ସେ ସମାଜ ହିତରେ ବିତାଇଥିଲେ। ତାଙ୍କ ଉଦ୍ୟମରେ ଚରମ୍ପା ଠାରେ ଶ୍ରୀମା-ଅରବିନ୍ଦ ପାଠଚକ୍ର, ଅରବିନ୍ଦ ନିଶୁଳ୍କ ଚିକିତ୍ସା କେନ୍ଦ୍ର, ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଶ୍ରୀମା ସଙ୍ଗୀତ ମହାବିଦ୍ୟାଳୟ ଆଦି ଅନେକ ଅନୁଷ୍ଠାନ ସୃଷ୍ଟି ହୋଇଥିଲା। ତାଙ୍କ ଦ୍ୱାରା ସ୍ଥାପିତ 'ମାତୃପଲ୍ଲୀ' ଗୋଟିଏ ଆଧ୍ୟାତ୍ମିକ ଅଞ୍ଚଳ। ସେଇ ମାତୃପଲ୍ଲୀ ପରିସରରେ ଶୋଭା ପାଉଛି 'ମାତୃମନ୍ଦିର'। ଏଠାରେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କର ପବିତ୍ର ଦେହାବଶେଷ ପୂଜା ପାଉଛନ୍ତି। ଉଭୟ ଧର୍ମାତ୍ମାଙ୍କ ଦେହାବଶେଷ ଏକତ୍ର ସଂରକ୍ଷିତ ରହିବା, ଓଡ଼ିଶାରେ ଅନ୍ୟତ୍ର କେଉଁଠି ଦେଖିବାକୁ ମିଳେନାହିଁ। କୁହାଯାଏ ଯେ, ଓଡିଶାରେ ଏମିତି କୌଣସି ଶ୍ରୀଅରବିନ୍ଦ ଆଶ୍ରମ ନାହିଁ, ଏମିତି କୌଣସି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନାହିଁ, ଯେଉଁଠି ତାଙ୍କର ଅନୁଦାନ ଓ ସହଯୋଗ ପହଞ୍ଚି ନାହିଁ। ଏହା ସହିତ ଅନ୍ୟାନ୍ୟ ବହୁ ଅନୁଷ୍ଠାନର ସେ ପୃଷ୍ଠପୋଷକ ଥିଲେ। ତାଙ୍କ ଦ୍ୱାରା ଅନୁଗୃହିତ କିଛି ଅନୁଷ୍ଠାନ ହେଲେ 'ରମାସେବା ଆଶ୍ରମ' ଦ୍ୱାରା ପରିଚାଳିତ ଜରାନିବାସ, ନବୋଦ୍ୟମ ଆଶ୍ରମ, ପୋହପସିଂ ସରକାରୀ ଉଚ୍ଚ ବିଦ୍ୟାଳୟ, ରାମଚନ୍ଦ୍ର ବିହାରୀ ଲାଲ୍ ଉଚ୍ଚ ବିଦ୍ୟାଳୟ, ଚରମ୍ପା ବାଳିକା ଉଚ୍ଚ ବିଦ୍ୟାଳୟ, ଭାରତ ସେବାନିଧୀ ଉଚ୍ଚ ବିଦ୍ୟାଳୟ ଓ ଚରମ୍ପା ମହାବିଦ୍ୟାଳୟ। ରାଜ୍ୟ ବାହାରେ ପ୍ରତିଷ୍ଠିତ ଅନେକ ଶିକ୍ଷାନୁଷ୍ଠାନର ସେ ପୃଷ୍ଠପୋଷକତା କରୁଥିଲେ। ହରିୟାଣା ରାଜ୍ୟର କୁଣ୍ଡ ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳୟ ଓ ରାଜସ୍ଥାନ ରାଜ୍ୟର ମାନ୍ଧନ ସ୍ଥିତ ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳୟ ଦୁଇଟି ଉଦାହରଣ ମାତ୍ର। ତାଙ୍କର ସାଧନା ପାଇଁ ସେ ସର୍ବଭାରତୀୟ ସ୍ତରରେ ଅନେକ ସମ୍ମାନ ପାଇଥିଲେ। ତନ୍ମଧ୍ୟରୁ ଅନ୍ୟତମ ଥିଲା "ମାରୱାଡି ଯୁବା ମଞ୍ଚ' ଏବଂ 'ହରିୟାଣା ମହାୱର ସମାଜ' ପ୍ରଦତ୍ତ ଜୀବନବ୍ୟାପୀ ସାଧନା ସମ୍ମାନ। ଏହି ନିରବ ତପସ୍ୱୀ ଗତ ଜୁନ୍ ୧୩ ତାରିଖ ଅପରାହ୍ନ ୫ ଘଟିକା ସମୟରେ ଇହଲୀଳା ସମ୍ବରଣ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କର ବୟସ ୯୦ ବର୍ଷ ହୋଇଥିଲା।



- ଅଧ୍ୟାପକ ବିଜୟକୁମାର ଜେନା,
ଚରମ୍ପା, ଭଦ୍ରକ

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
CONTACT : 6371093914

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

**AFFIDAVIT**
By virtue of an Affidavit No. 360/20/06/2025 I, Suchismita Nanda, W/o- Amitav Kumar Nanda, R/o- Sonepur, Gokarneswar Para, Po/Ps- Sonepur, Odisha, 767017 do hereby declared that I shall be known as **Suchismita Padhi** instead of **Suchismita Nanda** in all purposes.
Sd/- Suchismita Padhi

**Notice**
(above 18 years of age)
By virtue of an affidavit sworn before Executive Magistrate, Kaptipada, Udala, Mayurbhanj, dated 23-06-2025 I, Tapaswini Behera, Address AT- Dukura, PO.- Dukura, PS.- Khunta, Dist- Mayurbhanj, Odisha, Pin- 757075 declare that I have changed my name from **Tapaswani Behera** to **Tapaswini Behera** Henceforth, I shall be known as **Tapaswini Behera** for all purposes.
Tapaswini Behera

**AFFIDAVIT**
By virtual of an Affidavit No. 2467, Dt: 05/06/2025 sworn before the Executive Magistrate, Sundargarh, I, Biswajit Patel, S/o- Purushottam Patel, At/Po- Remanda, PS- Bhasma, Dist- Sundargarh - 770019, declare that my minor daughter Dibya Patel changed her name to **STUTI PATEL**. Henceforth she will be known as **STUTI PATEL** for all purposes.
Biswajit Patel

**Notice**
(for Minor)
By virtue of an affidavit sworn before The Executive Magistrate, Baripada, Mayurbhanj, dated 16-06-2025 I, Sakuntala Behera Address AT/PO.- Kostha, PS.- Suliapada, Dist Mayurbhanj, Odisha, PIN- 757084 declare that I have changed the name of my daughter **SATYABHAMA BHADUK** to **ADYASHA BEHERA**. Henceforth, she shall be known as **ADYASHA BEHERA** for all purposes.
Sakuntala Behera

**AFFIDAVIT**
By virtue of an affidavit before The Notary Public, Titilagarh, on dated- 04/06/2025. I, **Rukmani Pradhani**, aged about 40 years, W/o- Rajani Pradhani, Permanent resident of AT/PO- Manigaon, PS- Titilagarh, Dist. Balangir, (Odisha), PIN- 767033 affirm that I have changed my minor son's name from **Venket Pradhani** (old name) To **Bibek Pradhani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Bibek Pradhani** (new name).
Rukmani Pradhani

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda, dated 19/06/2025, I Sri Dhana Kirsani, S/o- Budu Kirsani, Village- Kujel, Post- Malibelgaon, PS.- Nandapur, Dist.- KORAPUT, declare that, I have changed my son's name from **Bhaban Kirsani** to **Bhagaban Kirsani**. Henceforth, my son shall be known as **Bhagaban Kirsani** for all purpose.
Sd/- Dhana Kirsani

**AFFIDAVIT**
I, Sanjay Nayak, S/o- Purna Chandra Nayak resident of At- Alijanga, Po-Aruha, Ps- Dharmasala, Dist- Jajpur, Pin-755024, Odisha declare by this affidavit No.1222, dated- 23/06/2025 that now onwards I shall be known as **SANJAYA KUMAR NAYAK** for all future purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda, dated 17/06/2025, I, Sri Purastam Handal, S/o- Damburu Handal, Village- Banur, Post- Atanda, PS.- Padua, Dist.- KORAPUT declare that, I have changed my name from **Purastam Ketria** to **Purastam Handal**. Henceforth, I shall be known as **Purastam Handal** for all purpose.
Sd/- Purastam Handal

**AFFIDAVIT**
By Virtue of an affidavit sworn before P.K Mishra (O.R.S) Executive Magistrate, Balasore. Sl No- 7238 Dt-20/06/2025. I Md.Muzammilur Rahman, S/o Md.Mohinuddin Ahmed of Village-Arad Bazar.Ps- Sahadevkhunta, Po/Dist- Balasore. Odisha. Declared that I have wrongly mentioned my daughter **Mahefuza Kaushar** C.B.S.E Board Certificate, that **Muzammilur Raheman** instead of **Md. Muzammilur Rahman**. Henceforth, I will be Known as **Md. Muzammilur Rahman** for all purpose.
Md.Muzammilur Rahman

**AFFIDAVIT**
By virtue of an affidavit no. 3333, dated 21.06.2025, sworn before the Notary Public, Sunabeda, I state that my name is wrongly recorded as Pramoda Kumar Senapati instead of Pramod Kumar Senapati in the matriculation certificate of my son Biswajit Senapati. That **Pramod Kumar Senapati** and **Pramoda Kumar Senapati** is one and same person.

**AFFIDAVIT**
By Virtue of an affidavit sworn before P.K Mishra (0. R.S) Executive Magistrate, Balasore .Sl No- 7238 Dt-20/06/2025.I Md.Muzammilur Rahman, S/o Md.Mohinuddin Ahmed of Village-Arad Bazar, Ps- Sahadevkhunta, Po/Dist- Balasore, Odisha. Declared that my wife's name wrongly mentioned my daughter **Mahefuza Kaushar** C.B.S.E Board Certificate, that **Kushnaz Raheman** instead of **Khoosnaz Raheman.** She shall be known as **Khoosnaz Raheman** for all purposes.
Md.Muzammilur Rahman

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda, dated 11/06/2025, I, Sri Sk Sakil, S/o- Sk Safi, Village- Tuduku Thuba, Post- Thuba-, PS.- Nandapur, Dist.- KORAPUT, declare that, I have changed my name from **Sekha Sakil** to **Sk Sakil**. Henceforth, I shall be known as **Sk Sakil** for all purpose.
Sd/- Sk Sakil

**AFFIDAVIT**
By virtue of an affidavit No.3674, Dtd.13.09.2024 sworn before the Executive Magistrate, Bahanaga I, **Sumati Das**, Adhar no. 308610245846, D/o. Gajendra Das, W/o. Ratikanta Malik, At. Talapada, Po. Dwarika, Ps. Khantapada, Dist. Balasore, Odisha, declare that before marraige I was known as **Sumati Das**, D/o. Gajendra Das and after marraige I am Known as **Sumati Malik**, W/o. Ratikanta Malik are one and same person.

**AFFIDAVIT**
By virtue of an affidavit, I **Mithula Bhoi,** aged about 32 years, W/o- Jalandhar Bhoi, resident of Vill/Po: Gandabahali, Ps- Sinapali, Dist- Nuapada, Odisha, Pin- 766118 have declared that my real name is **Mithula Bhoi** which has recorded in my Voter Id Card, bearing No. NUA0903203, but in my Aadhar Card bearing No. 3093 4806 4621 my name has been wrongly mentioned as **Puspanjali Bhoi**. Henceforth, I want to correction my name as **Mithula Bhoi** instead of **Puspanjali Bhoi** in my Aadhar Card and for all purposes.
Mithula Bhoi

# ଜଳ ନିଷ୍କାସନକୁ ନେଇ ରେଳ ବିଭାଗର ଅସହଯୋଗ



## ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ଅଭିଯୋଗ

**ସୋର, ୨୩।୬ (ସମିସ):** ସୋର ପୌରପାଳିକା ଅନ୍ତର୍ଗତ ୩ ନମ୍ବର ଏବଂ ୨ ନମ୍ବର ୱାର୍ଡର ଉତ୍ତରେଶ୍ୱରର, ଜେନା ପୋଖରୀ ଆଡ଼ି, ରାଜେନ୍ଦ୍ର ରଥ ମିଲ ଏବଂ ହେପିହୋମ ଅଞ୍ଚଳରୁ ଜଳ ନିଷ୍କାସନ ହୋଇ ସୋର ଷ୍ଟେସନ ସମ୍ମୁଖ ରାସ୍ତାଦେଇ ମୁଖ୍ୟ ନୟନଯୋରି ହେଇ ପାଇକାଳି ନାଳବାଟେ ରେଳ ଲାଇନ ଅତିକ୍ରମ କରିଥାଏ। ମାତ୍ର ଗତ ଦୁଇ ବର୍ଷ ହେଲା ରେଳ ବିଭାଗ ତରଫରୁ ସଂପ୍ରସାରଣ କାର୍ଯ୍ୟ ବେଳେ ଏଠାରେ ଥିବା ନିୟମିତ ନୟନଯୋରିକୁ ପୋତିଦେବା ଫଳରେ ଜଳ ନିଷ୍କାସିତ ହେବାରେ ଘୋର ଅସୁବିଧା ସୃଷ୍ଟି ହେଉଛି ଫଳରେ ଏହି ସବୁ ଗ୍ରାମଗୁଡ଼ିକରେ ବର୍ଷାପାଣି ନିଷ୍କାସିତ ହୋଇ ନ ପାରି ଜଳମଗ୍ନ ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ସ୍ଥାନୀୟ ଲୋକମାନଙ୍କ ତରଫରୁ ପୌର ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ପରେ ଏହି ଡ୍ରେନକୁ ଗତବର୍ଷଠାରୁ ନିର୍ମାଣ କରାଯାଇଥିଲେ ସୁଦ୍ଧା ରେଳ ବିଭାଗ ତରଫରୁ ଡ୍ରେନ୍ କାର୍ଯ୍ୟକାରୀ କରାଯାଉନଥିବାରେ ଏହି ପାଣି ଜମା ହୋଇ ଲୋକମାନଙ୍କ ଘରେ ପଶିବା ସହିତ ଜଳବନ୍ଦୀ ପରିସ୍ଥିତି ସୃଷ୍ଟ ହେଉଛି। ଏ ସଂପର୍କରେ ଚଳିତ ବର୍ଷ ମେ ମାସ ୨୭ ତାରିଖରେ ଜିଲାପାଳଙ୍କ ନିକଟରେ ସ୍ଥାନୀୟ ବାସିନ୍ଦଙ୍କ ତରଫରୁ ଜନଶୁଣାଣି ସମୟରେ ଅଭିଯୋଗ କରିବା ପରେ ଜିଲାପାଳ ରେଳ କର୍ତ୍ତୃପକ୍ଷଙ୍କୁ ଶୀଘ୍ର ଏହି କାର୍ଯ୍ୟ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଅନୁସାରେ ସୋର ରେଳବାଇ ଦାୟତ୍ୱରେ ଥିବା ଏଏକ୍ସଇଏନ୍ କାଳିଚରଣ ସାଓ କ୍ଷେତ୍ର ପରିଦର୍ଶନ ବେଳେ ଏହାର ଜରୁରୀ ଉପଲବ୍‌ଧି କରି ତୁରନ୍ତ କାର୍ଯ୍ୟ କରିବାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଗୋଟିଏ ମାସ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଅଗ୍ରଗତି ହେଉ ନାହିଁ। ଫଳରେ ଆଗାମୀ ବର୍ଷା ସମୟରେ ଏହି ଅଞ୍ଚଳ ଜଳମଗ୍ନ ହେବାର ସମ୍ଭାବନା ଥିବାରୁ ଶ୍ରୀ ସାଓଙ୍କୁ ବାରମ୍ବାର ସଚେତନ କରିଥିଲେ ସୁଦ୍ଧା କାର୍ଯ୍ୟ କରୁ ନ ଥିବାରୁ ସ୍ଥାନୀୟ ଲୋକମାନଙ୍କ ତରଫରୁ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବା ସହିତ ଷ୍ଟେସନ ଆଗରେ ଧାରଣା ଦିଆଯିବ ବୋଲି ସ୍ଥାନୀୟ ବାସିନ୍ଦାମାନେ ଚେତାବନୀ ଦେଇଛନ୍ତି। ଏ ସଂପର୍କରେ ଶ୍ରୀ ସାଓଙ୍କୁ ପଚାରିବାରେ ସେ କହିଲେ ଯେ ସେ କେବଳ ପବ୍ଲିକ ରିଲେସନ୍ ଅଫିସର ଅଛନ୍ତି ଏହି କାମ ତାଙ୍କ ଦାୟିତ୍ୱରେ ନୁହେଁ ବୋଲି କହି ଏଡାଇ ଯାଇଥିଲେ।

# ଚଳଚଞ୍ଚଳ ତୃତୀୟ ଶ୍ରୀକ୍ଷେତ୍ର

**ନୀଳଗିରି, ୨୩।୬ (ସମିସ)**

ରଥଯାତ୍ରା ପାଇଁ ଚଳଚଞ୍ଚଳ ତୃତୀୟ ଶ୍ରୀକ୍ଷେତ୍ର। ଏହି ତୃତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥଙ୍କ ମନ୍ଦିର ବାଲେଶ୍ୱର ଜିଲ୍ଲାର ନୀଳଗିରି ସହରର ମଧ୍ୟଭାଗରେ ଅବସ୍ଥିତ। ଏଠାରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ପୂଜିତ ହେଉଥିବା ଏକ ପୁରାତନ ଦେଉଳ। ବୀର ବସନ୍ତ ନାରାୟଣ ବୀରାଟ ଭୂଜଙ୍ଗ ମାନ୍ଧାତାଙ୍କ ସମୟେ ଜଗନ୍ନାଥ ସଂସ୍କୃତି ଗରଡିହି ରାଜବାଟୀରୁ ଆରମ୍ଭ ହୋଇ ୧୭୫୦ ମସିହାରେ ନୀଳଗିରି ଜଗନ୍ନାଥ ମନ୍ଦିର ନିର୍ମାଣକାରୀ ରାଜା ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଦେଉଳ ପ୍ରତିଷ୍ଠା କରି ନୀଳଗିରି ପାଇଁ ତୃତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ପ୍ରାପ୍ତ କରାଇଥିଲେ। ଆଜିକୁ ୨୭୫ ବର୍ଷ ହେବ ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା, ମହାବାହୁ ଜଗନ୍ନାଥ ପୂଜା ପାଉଛନ୍ତି। ଏକବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ନୀଳଗିରି ରାଜବଂଶର ଅଣଚାଳିଶତମ ଦାୟାଦ ରାଜା ଶ୍ରୀ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ପାଟସାମନ୍ତ ତଥା ଠାକୁର ମାହାଲର ବଂଶାନୁକ୍ରମିକ ସଭାପତି ରାଣୀ ମନୋଜା ମଞ୍ଜରୀ ଦେବୀ ଏବେ ରହିଛନ୍ତି। ରାଣୀ ମନୋଜା ମଞ୍ଜରୀ ଦେବୀ ଏବଂ ଠାକୁର ମହାଲ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ସୋନମ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଥ ନିର୍ମାଣ କାର୍ଯ୍ୟ ଅବ୍ୟାହତ ରହିଛି। ରଥ ନିର୍ମାଣ ପରେ ପରମ୍ପରା ଓ ସମ୍ପୂର୍ଣ୍ଣ ନୀତିକାନ୍ତି ଅନୁସାରେ ଆସନ୍ତା ୨୭ ଶୁକ୍ରବାର ଶ୍ରୀଜୀଉଙ୍କ ଆଜ୍ଞାମାଳ ବିଜେ, ରଥ ପ୍ରତିଷ୍ଠା, ସେନାପଟା ଲାଗି, ରାଜନୀତି ବନ୍ଦାପନା, ଡୋରଲାଗି, ପୁଷ୍ପାଞ୍ଜଳି, ନୀଳଗିରିର ଆଦି ସେବକ ରାଜା ସାହେବଙ୍କ ଦ୍ୱାରା ଛେରା ପହଁରା ପହଣ୍ଡି ଯାତ୍ରା ପରେ ରଥାରୂଢ଼ ହେବେ ଚତୁର୍ଦ୍ଧା ମୂର୍ତ୍ତି। ୨୮ ତାରିଖ ଶନିବାର ଘୋଷଯାତ୍ରାର ପ୍ରଥମଦିନ ଅବସରରେ ରାଜା ସାହେବଙ୍କ ଦ୍ୱାରା ରଥଟଣା କାର୍ଯ୍ୟର ଶୁଭାରମ୍ଭ ଏବଂ ଭକ୍ତ ମାନେ ଶ୍ରୀମନ୍ଦିର ନିକଟରୁ ରଥଟାଣି ଅଧାରାସ୍ତା ତଥା ବଡଦାଣ୍ଡ ପୋଷ୍ଟ ଅଫିସ ସମ୍ମୁଖରେ ପହଞ୍ଚାଇ ଥାନ୍ତି। ରଥ ଉପରେ ତିନିଠାକୁର ଗୋଟିଏ ରାତି ବିତାଇବ। ପରେ ପୁଣି ୨୯ ରବିବାର ଅପରାହ୍ନରେ ରଥଟଣା। କାର୍ଯ୍ୟ ଆରମ୍ଭ ହୋଇ ଶ୍ରୀଗୁଣ୍ଡିଚା। ମନ୍ଦିରରେ ପହଞ୍ଚି ଦିଅଁ ମାନଙ୍କ ଆଡ଼ପ ମଣ୍ଡପକୁ ପହଣ୍ଡି ବିଜେ କରିବେ। ୩୦ ସୋମବାର ଶ୍ରୀ ଜୀଉଙ୍କ ମତ୍ସ୍ୟ ଓ କଚ୍ଛପ ବେଶ ଦର୍ଶନ, ୦୧ ମଙ୍ଗଳବାର ହେରା ପଂଚମୀ ମହାଲକ୍ଷ୍ମୀଙ୍କ ଗୁଣ୍ଡିଚା ମନ୍ଦିରକୁ ବିଜେ ଓ ଲକ୍ଷ୍ମୀନାରାୟଣ ବେଶ, ୦୨ ବୁଧବାର ବରାହ ଓ ନୃସିଂହ ବେଶ ଦର୍ଶନ, ୦୩ ଗୁରୁବାର ରାମ ଓ ପର୍ଶୁରାମ ବେଶ ଦର୍ଶନ, ୦୪ ଶୁକ୍ରବାର କଳକି ବେଶ ଦର୍ଶନ, ୦୫ ଶନିବାର ବାହୁଡ଼ାଯାତ୍ରା ଲାଗି ରଥକୁ ପହଣ୍ଡି ବିଜେ, ୦୬ ରବିବାର ରଥଟଣା ରାସ୍ତାରେ ରହଣୀ ଓ ହରିଶୟନ ନୀତି, ୦୭ ତାରିଖ ସୋମବାର ରଥଟଣା - ଲକ୍ଷ୍ମୀନାରାୟଣ ଭେଟ, ବନ୍ଦାପନା, ଅଧରପଣା, ଗରୁଡ଼ ଶୟନ ନୀତି, ଦକ୍ଷିଣାୟନ ବନ୍ଦାପନା, ନୀଳାଦ୍ରି ବିଜେ, ମା'ମହାଲକ୍ଷ୍ମୀଙ୍କର ମାନଭଞ୍ଜନ, ରସଗୋଲା ଭୋଗ ଲାଗିହେବ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡକୁ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହେବେ। ଏହା ସହ କିଛି ଯୁବ ଉଦଯୋଗୀଙ୍କ ପ୍ରୟାସରେ ପ୍ରତିବର୍ଷ ରଥଯାତ୍ରା ସମୟରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ଥିବା ସ୍ନାନମଣ୍ଡପରେ ଭଜନ ମାଧ୍ୟମରେ ଭକ୍ତିର ଭାବମୟ ସହିତ ମନୋରଞ୍ଜନର ଖୋରାକ ଯୋଗାଇ ଦିଆଯିବ।



## ଆଗେଇ ଚାଲିଛି ରଥ ନିର୍ମାଣ

# ନୀଳଗିରି ଉପଜିଲ୍ଲାପାଳ ଭାବେ ଡ. ମଧୁସ୍ମିତା ସାମନ୍ତରାୟଙ୍କ ଦାୟିତ୍ୱ ଗ୍ରହଣ



**ନୀଳଗିରି, ୨୩।୬ (ସମିସ):** ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଚଳିତ ମାସ ୨୦ ଜୁନ୍‌ଠାରୁ ଆସନ୍ତା ୧୬ ଡିସେମ୍ବର ପର୍ଯ୍ୟନ୍ତ ୬ମାସ ଛୁଟିରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ କାର୍ଯ୍ୟାଳୟ ଆଦେଶ ୧୯୪/୨୧/୦୬/୨୦୨୫ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ ନୀଳଗିରି ଉପଜିଲ୍ଲାପାଳ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଅଦ୍ୟ ଔପଦା ଠାରେ ଜିଲ୍ଲାପାଳ ଏବଂ ଏସପିଙ୍କ ଯୁଗ୍ମ ଶୁଣାଣୀ କାର୍ଯ୍ୟକ୍ରମ ପରେ ଅପରାହ୍ନରେ ନୀଳଗିରି କାର୍ଯ୍ୟାଳୟରେ ପହଞ୍ଚି ଥିଲେ। କାର୍ଯ୍ୟାଳୟର ବିଭିନ୍ନ ବିଭାଗ କର୍ମକର୍ତ୍ତାମାନଙ୍କ ସହ କିଛି ସମୟ ପରେ ଆସନ୍ତା ରଥଯାତ୍ରା ଉପଲକ୍ଷେ ଉପଖଣ୍ଡ ସ୍ତରୀୟ ପ୍ରଦର୍ଶନୀ ପଡ଼ିଆ ତହସିଲଦାର ସୋନମ୍ ଦାସ, ନିର୍ବାହ ଅଧିକାରୀ ଏନଏସି ଅଂଶୁମାନ ପରିଡା, ଭାରପ୍ରାପ୍ତ ଏନଏସି କାର୍ଯ୍ୟ ନିର୍ବାହୀ ଅଧକ୍ଷ ମହେନ୍ଦ୍ର ନାଥ ବେହେରା ପ୍ରମୁଖ ବୁଲି ଦେଖିଥିଲେ। ଆସନ୍ତା ରଥ ଯାତ୍ରାକୁ ସୁଚାରୁ ରୂପେ ସମ୍ପାଦନା କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ସାପ କାମୁଡ଼ାରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ମୃତ

**ସୋର, ୨୩।୬ (ସମିସ):** ସୋର ଥାନା ଶିଙ୍ଗାଖୁଣ୍ଟା ପଞ୍ଚାୟତ ସିନ୍ଧୁଆ ଗ୍ରାମରେ ବିଷଧର ସାପ କାମୁଡାରେ ଜଣେ ନାବାଳିକାର ମୃତ୍ୟୁ ହୋଇଯାଇଛି। ସିନ୍ଧୁଆ ଗ୍ରାମର ଚନ୍ଦନ ସିଂଙ୍କ ବଡ଼ ଝିଅ ରାଧା ସିଂ (୧୩) ସ୍ଥାନୀୟ ଗୁଜଡ଼ିହା ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପାଠ ପଢ଼ନ୍ତି। ଗତକାଲି ରାତିରେ ରାଧା ଖାଇପିଇ ଶୋଇଥିବାବେଳେ ବିଳମ୍ବିତ ରାତିରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ିଥିଲା। ଏ ବାବଦରେ ସେ ତାଙ୍କ ବାପା ଚନ୍ଦନଙ୍କୁ ଜଣାଇବା ପରେ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାଧାର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ୭୭/୨୫ ରେ ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଗରିବଙ୍କ ସେବାରେ ସମର୍ପିତ ସୁମନ



**କମର୍ଦ୍ଦା, ୨୩।୬ (ସମିସ):** ଖରିଦପିପଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନୟାପାଲି ଗ୍ରାମର ସୁମନ ପାତ୍ର। ମାତା ସ୍ନେହଲତା ପାତ୍ର, ପିତା ଅବସରପ୍ରାପ୍ତ ସ୍ଥଳସେନା ଅଧିକାରୀ ମୃତ୍ୟୁଞ୍ଜୟ ପାତ୍ରଙ୍କ ସାନ ପୁଅ ସେ। ସୁମନ ଏବଂ ତାଙ୍କ ପିତାମାତା ବାଲେଶ୍ୱରରେ ବସବାସ କରୁଥିବାବେଳେ ପିଲାବେଳୁ ପିତାମାତାଙ୍କ ପରୋପକାରୀ ଗୁଣକୁ ଅନୁକରଣ କରି ସେବା କରିବାରେ ନିଜକୁ ସମର୍ପିତ କରିଥିଲେ। ସୁମନ ଜଣେ ଡିଗ୍ରୀଧାରୀ ଇଞ୍ଜିନିୟର ଭାବରେ ଖଡ଼ଗପୁର ସ୍ଥିତ ଏକ ଘରୋଇ କମ୍ପାନୀରେ ଚାକିରି କରିବା ସହିତ ସେବାକରିବା ମନୋବୃତ୍ତିକୁ ଆପଣେଇଛନ୍ତି। ସୁମନ ପାଠପଢ଼ିବା ସମୟରେ ଅନେକ ଗରିବ ଲୋକମାନଙ୍କ ବିପଦର ବନ୍ଧୁସାଜି ଉପକାର କରିବା ପାଇଁ ନିଜକୁ ନିୟୋଜିତ କରିଥିଲେ। ନିଜ ଜନ୍ମମାଟି ଏବଂ ଏହାର ଆଖପାଖ ଅଞ୍ଚଳରୁ କେହି ରୋଗୀ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ହେଉ ବା କଟକ ବଡ଼ ମେଡିକାଲ ହେଉ ସ୍ଥାନାନ୍ତର ହେଲେ ସୁମନ ସେଠାରେ ଉପସ୍ଥିତ ହୋଇଥାନ୍ତି। ଗତକିଛି ଦିନତଳେ ନୟାପାଲି ଗ୍ରାମର ଗଦାଧର ପାତ୍ରଙ୍କ ସାନ ପୁଅ ପ୍ରଦୀପ ପାତ୍ର କର୍କଟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ ହେଁ ପ୍ରଦୀପଙ୍କୁ କର୍କଟ ରୋଗରୁ ଆରୋଗ୍ୟ କରିବା ପାଇଁ ସୁମନ ବିଭିନ୍ନ ବିଭାଗୀୟ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଇଥିଲେ। ଏପରିକି ସ୍ୱର୍ଗତ ପ୍ରଦୀପଙ୍କ ପରିବାରକୁ ସହାୟତା କରିବା ପାଇଁ ସୁମନ ନିଜର ଅନେକ ଆତ୍ମୀୟ ସ୍ୱଜନ ଓ ବନ୍ଧୁବାନ୍ଧବଙ୍କ ଦ୍ୱାରା କିଛି ଆର୍ଥିକ ସାହାଯ୍ୟ କରିଥିଲେ। ସୁମନ ଆଗକୁ ମଧ ସେବା କରିବା ପାଇଁ ସମର୍ପିତ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ସିପିଏମ୍ ୨୪ତମ ପାର୍ଟି କଂଗ୍ରେସର ରିପୋର୍ଟିଂ




**ନୀଳଗିରି, ୨୩।୬ (ସମିସ):** ସିପିଆଇ (ଏମ) ୨୪ ତମ ତମ ପାର୍ଟୀ କଂଗ୍ରେସ ର ରିପୋର୍ଟିଂ, ସୋମବାର ନୀଳଗିରି ଏନଏସି କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନୀଳଗିରି ଆଂଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ ସଭାପତିତ୍ୱ କରିଥିଲେ। ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଆନ୍ତର୍ଜାତିକ, ଜାତୀୟ, ପରିସ୍ଥିତି ଉପରେ ଆଲୋଚନା କରି କହି ଥିଲେ ଯେ, ବର୍ତ୍ତମାନ ଆମେରିକା ସାରା ବିଶ୍ୱରେ ଅସ୍ଥିରତା ସୃଷ୍ଟି କରୁଛି। ଯୁଦ୍ଧ ପାଇଁ ଅନ୍ୟ ଦେଶ ମାନଙ୍କୁ ପ୍ରବର୍ତ୍ତାଉଛି। ନରେନ୍ଦ୍ର ମୋଦୀ କ୍ଷମତାକୁ ଆସିବା ପରେ ଦେଶର ବେକାରୀ ସମସ୍ୟା ବଢ଼ି ଚାଲିଛି। ଶ୍ରମିକ ମାନେ ଦାଦନ ଖଟିବାକୁ ବାହାର୍ ଦେଶ ଓ ରାଜ୍ୟକୁ ଯାଉ ଛନ୍ତି। ଦର ବୃଦ୍ଧି ସହିତ ଅନାହାରରେ ଲୋକେ ମୃତ୍ୟୁବରଣ କରୁଛନ୍ତି। ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ପାର୍ଟିର ସଂଗଠନକୁ ବଢାଇବା ପାଇଁ ୫ ସୁତ୍ରୀ କାର୍ଯ୍ୟର ଅବତାରଣା କରିଥିଲେ। ଜିଲ୍ଲା ସମ୍ପାଦକ ଶିଶିର ହୁଇ ପାର୍ଟୀ ବଢି ବାର ପଥ ପ୍ରଦର୍ଶନ କରିଥିଲେ। ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି ଆଗାମୀ ଦିନରେ ପାର୍ଟି ବଢିବା ପାଇଁ ଉଦବେଗ ପ୍ରକାଶ କରିଥିଲେ। ଆସନ୍ତା ଜୁଲାଇ ୯ ତାରିଖ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ କହିଥିଲେ। ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଦିବାକର ବାରିକ, ନାରାୟଣ ଧାମୁଡ଼ିଆ , ମୃତ୍ୟୁଞ୍ଜୟ ନାୟକ, ଲକ୍ଷ୍ମଣ ସ, ଅନ୍ନପୂର୍ଣ୍ଣା ମଲ୍ଲିକ, ମହୀ ସିଂ, ଲକ୍ଷ୍ମୀଧର ସାହୁ, ଗଜେନ୍ଦ୍ର ସିଂ, ପୁରୁଷୋତ୍ତମ ଖଣ୍ଡେଇଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

# ସୁଦର୍ଶନ ଦାସଙ୍କୁ ଜଳେଶ୍ୱରରେ ସମ୍ବର୍ଦ୍ଧନା



**ଜଳେଶ୍ୱର ବ୍ଲକ, ୨୩।୬ (ସମିସ) :** ନିକଟରେ ଜଳେଶ୍ୱର କଂଗ୍ରେସ ଦଳର ନେତା ତଥା ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଓଡ଼ିଶାର ଜଳ ମାନବ ଓ ନଦୀ ପ୍ରହରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଓଡ଼ିଶାରେ ପରିବେଶ ଉପରେ ୧୯୮୨ ମସିହାରୁ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଥିବା ସଂସ୍ଥା ଓଡ଼ିଶା ପରିବେଶ ସମିତି ଦ୍ୱାରା ସେ ଜଳ ମାନବ ଭାବରେ ସମ୍ମାନିତ ହୋଇଥିବା ବେଳେ ରାଜସ୍ଥାନର ତରୁଣ ଭାରତ ସଂଘର ୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ଭାରତର ଜଳ ମାନବ ଡ. ରାଜେନ୍ଦ୍ର ସିଂ ତାଙ୍କୁ ନଦୀ ପ୍ରହରୀ ସମ୍ମାନରେ ସମ୍ମାନିତ କରିଥିଲେ । ଆଜି ଜଳେଶ୍ୱର କଂଗ୍ରେସ ଦଳର ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏକ ବୈଠକରେ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ତ୍ରିଲୋଚନ ନାୟକ, ଚନ୍ଦ୍ରକାନ୍ତ ଅଣ୍ଡିଆ, ଖଗେନ୍ଦ୍ର ସାମଲ, ଚିତ୍ତରଞ୍ଜନ ସାହୁ, ଜଗଦୀଶ ନନ୍ଦୀ, ହେମନ୍ତ ଗିରି, ଅଞ୍ଜଳି ବେହେରା, ସୋଭିକ ଜେନା, ପଦ୍ମଲୋଚନ ବେହେରା, ଗୌରୀଶଙ୍କର ଜେନା, ଦୁର୍ଗା ଶଙ୍କର ଆଶ, ଦିପୁ ରାଜ, ଶ୍ରୀକାନ୍ତ ସିଂ, ନଗେନ୍ଦ୍ର କର, ଭାଗବତ ଜେନା, ଏସ କେ ରିହାନ ଖାଁ, ସୁବାଷ ଚୌଧୁରୀ, ମନୋଜ ଭୂୟାଁ, ସଞ୍ଜୟ ପ୍ରଧାନ, ବିରେନ୍ଦ୍ର ପ୍ରଧାନ, ବାଦଲ ମହାନ୍ତି ପ୍ରମୁଖ ଏହି ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ।

# ବିଷ ପକାଇ ଗାଁ ପୋଖରୀରୁ ମାଛ ଧରିବା ଅଭିଯୋଗ

**ପଞ୍ଚଲିଙ୍ଗେଶ୍ୱର, ୨୩।୬ (ସମିସ):** ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଅଣ୍ଡିଆ ଗ୍ରାମରେ ପୋଖରୀରେ ମାଛ ଧରିବା ପାଇଁ ସାଇନାଥ ସ୍ୱୟଂ ସହାୟିକା ଗୋଷ୍ଠୀ ବିଷ ପକେଇ ପୋଖରୀର ପାଣିକୁ ବିଷାକ୍ତ କରିଥିବା କାରଣରୁ ଶହ ଶହ ମାଛ ମରିଯାଇଥିବା ଅଭିଯୋଗ କରିଥିବା ବେଳେ ଏ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ସଭାପତି ପ୍ରମିଳା ପୁଥାଳ, ୱାର୍ଡ ସଭ୍ୟା ସୁକାନ୍ତି ସ୍ୱାଇଁ ପୋଖରୀରେ ବିଷ ପକାଯାଇନାହିଁ ବରଂ ପାଣି ଶୁଖାଇ ଜାଲ ଚାପି ମାଛ ଧରିବା କାରଣରୁ କିଛି ମାଛ ମରି ଛନ୍ତି ଏବଂ ସନ୍ଦେହକୁ ଦୂର କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ପାଣି ନମୁନା ସଂଗ୍ରହ କରି ଯାଞ୍ଚ କଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଉଭୟ ପକ୍ଷ ଦାବି କରିଛନ୍ତି । ଏ ନେଇ ଦାମୋଦର ସ୍ୱାଇଁ, ସୁରେଶ ସ୍ୱାଇଁ, ଶରତ ରାଉତ, ବାବୁଲା ରାଉତ, ଟୁଟୁ ପାତ୍ର, ମଧୁସୂଦନ ମହାଳିକ ପ୍ରମୁଖ ଗ୍ରାମବାସୀ ଈଶ୍ୱରପୁର ଫାଣ୍ଡି ଅଧିକାରୀ ଏବଂ ଶ୍ୟାମସୁନ୍ଦରପୁର ସରପଞ୍ଚଙ୍କୁ ଏ ନେଇ ଲିଖିତ ଅଭିଯୋଗ କରିଥିବା କହିଛନ୍ତି।

# ସିପିଏମ୍ ନୀଳଗିରି ଆଞ୍ଚଳିକ କମିଟିର ବିକ୍ଷୋଭ




**ନୀଳଗିରି, ୨୩।୬ (ସମିସ):** ବର୍ତ୍ତମାନ ଆମେରିକା ସାରା ବିଶ୍ୱକୁ ଦଖଲ ପାଇଁ ମନ ବଳାଇଛି। ଆମେରିକା ସହଯୋଗରେ ଇସ୍ରାଏଲ ଗାଜା ଉପରେ ଆକ୍ରମଣ କରିବା ଫଳରେ ବହୁ ଧନଜୀବନ ନଷ୍ଟ ହୋଇଛି। ଯଦିଏହା ବନ୍ଦ ନ ହୁଏ ତୃତୀୟ ବିଶ୍ୱ ଯୁଦ୍ଧ ଅବଶ୍ୟମ୍ଭାବୀ। ଏହାକୁ ବିରୋଧ କରି ସିପିଆଇ (ଏମ) ନୀଳଗିରି ଆଂଚଳିକ କମିଟି ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରାରମ୍ଭ ରେ କଲ୍ୟାଣ ମଣ୍ଡପ ଠାରୁ ଏକ ଶୋଭାଯାତ୍ରାରେ ରେ ବାହାରି, ଆମେ ଯୁଦ୍ଧ ନୁହଁ ଶାନ୍ତି ଚାହୁଁ ସ୍ଲୋଗାନ ଦେଇ କଚେରୀ ବଜାର ଦୁର୍ଗା ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲେ। ପରେ ଏଥି ନିମନ୍ତେ ଆୟୋଜିତ ସଭାରେ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଆନ୍ତର୍ଜାତିକ ସ୍ତରରେ ଆମେରିକାର ଯୁଦ୍ଧଖୋର ମନୋବୃତ୍ତିକୁ ତୀବ୍ର ସମାଲୋଚନା କରିଥିଲେ। ଉକ୍ତ ସଭାରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ଜ୍ୟୋତିର୍ମୟ ରାଉତ, ହେମେନ୍ଦ୍ର ସେଠି କାଳିଆ ପାତ୍ରଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

# ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ହେଲେ ଉତ୍ତରାଞ୍ଚଳ ସାଂଗଠନିକ ସମ୍ପାଦକ




**ନୀଳଗିରି, ୨୩।୬ (ସମିସ):** ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡିଆ ବିଭାଗର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କୁ ନିଖିଳ ଭାରତ ଓଡିଆ ଅଧ୍ୟାପକ ସମ୍ମେଳନର ଉତ୍ତରାଞ୍ଚଳ ସାଂଗଠନିକ ସମ୍ପାଦକ ଭାବରେ ମନୋନୀତ କରାଯାଇଅଛି। ଗତ ୨୨ ତାରିଖ ଦିନ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ସମ୍ମେଳନର ବାର୍ଷିକ ସମାବେଶରେ ସର୍ବସମ୍ମତି କ୍ରମେ ସମଗ୍ର ଓଡିଶାର କର୍ମକର୍ତ୍ତା ଚୟନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉତ୍ତରାଞ୍ଚଳ ପାଇଁ ଜଣେ ଦକ୍ଷ, ସୁବକ୍ତା, ଛାତ୍ରବତ୍ସଳ ଅଧ୍ୟାପକ, ସଂଗଠକ ଭାବରେ ଜଣାଶୁଣା ଡ. ମିଶ୍ରଙ୍କୁ ସାଂଗଠନିକ ସମ୍ପାଦକ ଭାବରେ ମନୋନୀତ କରାଯାଇଛି। ଫଳରେ ବାଲେଶ୍ୱର ଭଦ୍ରକ ଓ ମୟୂରଭଞ୍ଜର ଅଧ୍ୟାପକମାନଙ୍କୁ ମିଳିତ କରି ଭାଷା ସାହିତ୍ୟକୁ ଆଗେଇ ନେବେ ବୋଲି ଡ. ମିଶ୍ର ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ରାମଚନ୍ଦ୍ର ଫାଉଣ୍ଡେସନର ବୃକ୍ଷରୋପଣ କାର୍ଯ୍ୟକ୍ରମ



**ସୋର, ୨୩।୬ (ସମିସ):** ସୋର ରାମଚନ୍ଦ୍ର ଫାଉଣ୍ଡେସନ ଆନୁକୂଲ୍ୟରେ ଦ୍ୱାଦଶ ବାର୍ଷିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋର ପୌରପାଳିକା ଅନ୍ତର୍ଗତ ତେଲିଆଗଞ୍ଜ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଶରତ କୁମାର ବାରିକଙ୍କ ସଭାପତିତ୍ୱ ଓ ଅନୁଷ୍ଠାନର ସମ୍ପାଦକ ଗଜେନ୍ଦ୍ର ପ୍ରସାଦ ନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଚିକିତ୍ସକ ଡା. ବ୍ରଜସୁନ୍ଦର ସ୍ୱାଇଁ, ଅବସରପ୍ରାପ୍ତ ପ୍ରାଧାପକ ଡ଼. ଶରତ ଚନ୍ଦ୍ର ମହାନ୍ତି ପାରିଷଦ ସରୋଜିନୀ ନାୟକ ବରେଣ୍ୟ ଅତିଥି ଭାବେ ଯୋଗଦେଇ ପରିବେଶର ସନ୍ତୁଳନ ଲାଗି ବୃକ୍ଷରୋପଣ ବ୍ୟତୀରକେ ଅନ୍ୟ କିଛି ବିକଳ୍ପ ନାହିଁ ବୋଲି କହିଥିଲେ। ରାକେଶ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନେକ ପରିବେଶ ପ୍ରେମୀଙ୍କ ଗ୍ରହଣରେ ପାଞ୍ଚ ବର୍ଷର କୁନିପିଲା ଶ୍ରୀମାନ ଦିବ୍ୟାଂଶୁ ଦାସ ଗଛ ଲଗାଇବାର ଉତ୍ସାହ ସମସ୍ତଙ୍କୁ ପ୍ରେରିତ କରିଥିଲା। ଉପସ୍ଥିତ ସମସ୍ତ ଜନତା ରାମଚନ୍ଦ୍ର ଫାଉଣ୍ଡେସନର ପତିଷ୍ଠାତା ରମେଶ ଚନ୍ଦ୍ର ଲେଙ୍କାଙ୍କ ଏଭଳି ସାଧୁ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ବସନ୍ତ କୁମାର ବାରିକ, ସନ୍ତୋଷ କୁମାର ସିଂ, ଦେବବ୍ରତ ବଗୁଡ଼ାଇ, ରାଜେନ୍ଦ୍ର କୁମାର ନାୟକ, ଧୀରେନ୍ଦ୍ର ଦାସଙ୍କ ସମେତ ଅନେକ ଯୁବ କର୍ମକର୍ତ୍ତାଙ୍କ ସହଯୋଗରେ ତେଲିଆଗଞ୍ଜ ଶିବ ମନ୍ଦିର ନିକଟରୁ ଖିର୍ଷାନି ପୋଖରୀ ଆଡକୁ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଶହେ ପଚାଶରୁ ଉଚାଶ ଲିମ୍ବ, ବଉଳ, କଦମ୍ବ ଗଛ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ଦ୍ୱାରା ରୋପଣ କରାଯାଇଥିଲା।

# ଚିଙ୍ଗୁଡ଼ି ଝିଲି ଯୋଗୁଁ ଜଳ ନିଷ୍କାସନ ବାଧାପ୍ରାପ୍ତ

## ଖରିଫ ଚାଷ କ୍ଷତିଗ୍ରସ୍ତ ଆଶଙ୍କା

**କାଳିପଦା, ୨୩।୬ (ସମିସ)**



ବେଆଇନ ଚିଙ୍ଗୁଡ଼ି ଝିଲି ଯୋଗୁଁ ଚଳିତ ବର୍ଷ ଷୋଳସା ପାଣ୍ଡରୁ ଜଳ ନିଷ୍କାସନ ହୋଇ ପାରିବ ନାହିଁ। ଏଥି ଯୋଗୁଁ ଖରିଫ ଧାନ ଚାଷ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ପାଣ୍ଡର ମଧ୍ୟ ଭାଗ ଦେଇ ଐତିହାସିକ ଓଡିଶା କୋଷ୍ଟ କେନାଲ ଯାଇଛି। କୋଷ୍ଟ କେନାଲ ଦେଇ ଷୋଳସା ପାଣ୍ଡର ଉଦବୃତ୍ତ ବର୍ଷା ଓ ବନ୍ୟା ଜଳ ସହଜରେ ନିଷ୍କାସିତ ହୋଇଥାଏ। ଏବେ କୋଷ୍ଟ କେନାଲର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଶହ ଶହ ଚିଙ୍ଗୁଡ଼ି ଝିଲି ଗଢି ଉଠି ଥିବାରୁ ଜଳ ନିଷ୍କାସନ ନେଇ ବାଧା ଉପୁଜିବ। ଚଳିତ ବର୍ଷ କୋଷ୍ଟ କେନାଲର କିଛି ଅଂଶ ଖନନ କରାଯାଇ ଥିବା ବେଳେ ସ୍ଲୁଇସ ଗେଟ କାମ ହୋଇ ନାହିଁ। ଜାମକୁଣ୍ଡା ଲକଠାରେ ଥିବା ସ୍ଲୁଇସ ଗେଟ ଦୀର୍ଘ ଦିନରୁ ମରାମତି ନ ହୋଇ ପଡି ରହିଛି। ସ୍ଲୁ ଇସ ଗେଟ ବଡାଶ ପଟକୁ ହେଲେ ଜଳ ନିଷ୍କାସନ ସହଜ ହେବ ବୋଲି ଚାଷୀମାନେ ବିଭାଗକୁ ଜଣାଇ ଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ବେଆଇନ ଚିଙ୍ଗୁଡ଼ି ଝିଲି ଉଚ୍ଛେଦ ପାଇଁ କାଳିପଦା ଗଣଚେତନା ମଞ୍ଚର ସଭାପତି କୁଶଧ୍ୱଜ ଜେନା, ଶିବ କୁମାର ପ୍ରଧାନ, ମନ୍ମଥ କୁମାର ପାତ୍ର, ଅରୁଣ କୁମାର କରଣ, ବିନୋଦ କୁମାର ଜେନା, ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘ ସଭାପତି ଅନୁଜ କୁମାର ମହାପାତ୍ର, ସୁବୋଧ କୁମାର ପାତ୍ର ପ୍ରମୁଖ ଲିଖିତ ଭାବେ ସ୍ଥାନୀୟ ତହସିଲଦାର, ଜିଲ୍ଲାପାଳ, ବିଧାୟକ, ସାଂସଦ ପ୍ରମୁଖଙ୍କୁ ଜଣାଇ ଥିଲେ ବି କୌଣସି ପଦକ୍ଷେପ ହୋଇ ନାହିଁ ବୋଲି ପ୍ରକାଶ କରିଛନ୍ତି। ଅଧିକ ଜଳ ଆଶଙ୍କାରେ ଚାଷୀ ଚଳିତ ବର୍ଷ ଖରିଫ ବୁଣାଧାନ ଚାଷ କରି ନାହାଁନ୍ତି କହିଲେ ଚଳେ। ଧାନ ତଳି ମଧ ଦେଖିବାକୁ ମିଳି ନାହିଁ। ଅନ୍ୟପକ୍ଷରେ ଏବେ ପାଣ୍ଡ ଜମିରେ ବର୍ଷା ଦିନିଆ ଜୋକ ଦେଖା ଦେଇଛି। ଜୋକ ଭୟରେ ଚାଷୀମାନେ ଜମି ଭିତରକୁ ପଶି ପାରୁ ନାହାଁନ୍ତି। ଜୋକର ନିରାକରଣ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ ବୋଲି ଚାଷୀମାନେ ଦାବି କରିଛନ୍ତି। ବେଆଇନ ଚିଙ୍ଗୁଡ଼ି ଝିଲି ଉଚ୍ଛେଦ ନ ହେଲେ କୋଷ୍ଟ କେନାଲ ବିକାଶ କମିଟି ଓ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏ ବାବଦରେ ନବନିଯୁକ୍ତ ତହସିଲଦାର ପଦକ୍ଷେପ ନିଅନ୍ତୁ ବୋଲି ଚାଷୀମାନେ ଚାହିଁଛନ୍ତି।

● ବିଧାୟକଙ୍କ ବିପକ୍ଷରେ ଖବର ପ୍ରକାଶ ନ କରିବାକୁ ସାମ୍ବାଦିକଙ୍କୁ ହତ୍ୟା ଧମକ

## ବେତନଟୀ ବ୍ଲକ୍ ମିଡିଆ ଆସୋସିଏସନ ଥାନାର ଦ୍ୱାରସ୍ଥ

ବେତନଟୀ, ୨୩।୬(ସମିସ): ରବିବାର ବିଳମ୍ବିତ ରାତିରେ ସାମ୍ବାଦିକ ଉଦିତ ପରିଡାଙ୍କୁ ହତ୍ୟା ଧମକ ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ବେତନଟୀ ବ୍ଲକ ମିଡିଆ ଆସୋସିଏସ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୁକ୍ତ ଜଣକ ବୈଶିଙ୍ଗା ଥାନା ଅଧୀନ ନାଖରା ଅଞ୍ଚଳର ଛତିଶ ମଣ୍ଡଳ ବୋଲି ଜଣାପଡିଛି। ପ୍ରକାଶ ଯେ, ବେତନଟୀ ଅଞ୍ଚଳର ସାମ୍ବାଦିକ ଶ୍ରୀ ପରିଡା ନିୟମିତ ଭାବେ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ନେଇ ଖବର ଲେଖୁଥିବା ବେଳେ ରବିବାର ରାତିରେ ସେ ଶୋଇବାକୁ ଯାଉଥିବା ସମୟରେ ତାଙ୍କୁ ଫୋନ ଯୋଗେ ଛତିଶ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଆରମ୍ଭ ହୋଇଥିଲା। ପରେ ହ୍ୱାଟ୍ସଆପରେ କଲ ରିସିଭ କରିବାକୁ ବାଧ କରିଥିଲେ। ଏହାପରେ ହ୍ୱାଟ୍ସଆପ ମାଧ୍ୟମରେ କଲ କରିବା ପରେ ସିଧାସଳଖ ବିଧାୟକ ବିରୋଧରେ ଖବର ପ୍ରଶାସନ କଲେ ଏବଂ ୨୫ ତାରିଖ ଜନଶୁଣାଣିକୁ ଗଲେ ହତ୍ୟା ଧମକ ଦେଇଥିଲେ। ଏଥିସହିତ ଚଣ୍ଡୀ ଛକକୁ ଆସିବା ପାଇଁ କହିଥିଲେ। ଉଦିତ ସଂଗେ ସଂଗେ ଏ ବାବଦରେ ବେତନଟୀ ଥାନା ଅଧିକାରିଣୀ ସସ୍ମିତା ମହାନ୍ତଙ୍କୁ ଜଣାଇଥିଲେ। ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଞ୍ଚଳର ସମସ୍ତ ଅଭିଯୋଗକାରୀ, ସାମ୍ବାଦିକ, ଜନସାଧାରଣ ବ୍ଲକ ପରିସରରେ ହେବାକୁ ଥିବା ଜନଶୁଣାଣି ଶିବିରରେ କିଭଳି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ବ୍ଲକ ଏବଂ ପୁଲିସ ପ୍ରଶାସନ ଯତ୍ନବାନ ହେବାକୁ ମିଡ଼ିଆ ଆସୋସିଏସନ ନିବେଦନ କରିଛି।

## କଦପଲଶା ଗ୍ରାମରେ କୃଷକ ତାଲିମ ଶିବିର

କୁଆମରା,୨୩।୬(ସମିସ): ଖୁଣ୍ଟା ବ୍ଲକ ଅଧୀନ କରକଚିଆ ପଞ୍ଚାୟତ କଦପଲଶା ଗ୍ରାମରେ ସୋମବାର ମୃତ୍ତିକା ଓ ଜଳ ପରିଚାଳନା ବିଭାଗ ପକ୍ଷରୁ ଏକ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା କାଡା ପ୍ରକଳ୍ପ ଅଧିକାରୀ ସୁନାରାମ ସିଂ, ବ୍ଲକ ଆସିଷ୍ଟାଣ୍ଟ ଏଗ୍ରିକଲଚର ଅଫିସର ମଧୁସ୍ମିତା ହେମ୍ବ୍ରମ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସ୍ନେହଲତା ବେହେରା, ନିରୋଜ କୁମାର ସେଠୀ, ପାଣି ପଞ୍ଚାୟତ ସଂପାଦକ ବସନ୍ତ ଆଚାର୍ଯ୍ୟ ଏବଂ ଦୀପକ ଚୌଧୁରୀ ପ୍ରମୁଖ ଯୋଗଦେଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଖରିଫ ଓ ରବି ଋତୁରେ ଚାଷ ଜମିକୁ କିପରି କେନାଲ ଯୋଗେ ପାଣି ମାଡିପାରିବ ଓ ପାଣି ସମସ୍ୟା ଦୂର ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ବିଶେଷକରି ଖରିଫ ଋତୁରେ ଅଧିକ ଅମଳକ୍ଷମ ଧାନ ଚାଷର ପ୍ରଣାଳୀ ଓ ସାର ଔଷଧ ପ୍ରୟୋଗ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଏଥିସହିତ ଅମଳ କମି ଯାଉଥିବା ଚାଷ ଜମିଗୁଡିକର ମୃତ୍ତିକାକୁ ପରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହାବ୍ୟତୀତ ପିଏମ୍ କିଷାନ, ସିଏମ୍ କିଷାନ, ରାସନ କାର୍ଡ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଶିବିରରେ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ଘରେ ନିଆଁ ଲଗାଇ ହତ୍ୟା ଉଦ୍ୟମ; ବର୍ତ୍ତିଲେ ପରିବାର


ଅଭିଯୁକ୍ତ ଗିରଫ

ରାସଗୋବିନ୍ଦପୁର,୨୩।୬(ସମିସ): ରାସଗୋବିନ୍ଦପୁର ଥାନା ଅଧୀନ ନାକିଚୁଆ ନାକିଚୁଆ ଗାଁରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଦୁଇ ମଦ୍ୟପଙ୍କ ଗଣ୍ଡଗୋଳରୁ ଘଟିଛି ଅଗ୍ନିକାଣ୍ଡ। ଗ୍ରାମର ଦଶରଥ ଦେହୁରୀ ଓ ମହେନ୍ଦ୍ର ଦେହୁରୀ କୌଣସି କାରଣକୁ କେନ୍ଦ୍ରକରି ଗଣ୍ଡଗୋଳ କରିଥିଲେ। ଘଟଣାସ୍ଥଳରେ ରବି ମାରାଣ୍ଡି ଓ ଗ୍ରାମରକ୍ଷୀ ହାଡିବନ୍ଧୁ ବେହେରା ହସ୍ତକ୍ଷେପ କରିବାରୁ ଦଶରଥ ଉଭୟଙ୍କୁ ଗାଳିଗୁଲଜ କରିବା ସହିତ ରବି ମାରାଣ୍ଡିଙ୍କ ଘର ପୋଡିଦେବା ଧମକ ଦେଇଥିଲା। ତାଙ୍କ ପରିବାର ଲୋକେ ରାତିରେ ଶୋଇଥିବା ବେଳେ ଦଶରଥ ରବିଙ୍କ ଘରେ ନିଆଁ ଲଗାଇ ଦେଇ ଚମ୍ପଟ ମାରିଥିଲା। ଫଳରେ ସେ ପାଳିଥିବା କୁକୁଡା ଗୁଡିକ ଶବ୍ଦକରିବାରୁ ରବିଙ୍କ ନିଦ ଭାଙ୍ଗି ଯାଇଥିଲା। ହାତୀ ଆସିଥିବ ଭାବି ରବି ଘର ଭିତରୁ ବାହାରି ଦେଖିଲାବେଳକୁ ତାଙ୍କ ଘର ହୁତୁ ହୁତୁ ହୋଇ ଜଳୁଛି। ଘର ଜଳୁଥିବା ଦେଖି ରବି ପାଟି କରିବାରୁ ପରିବାର ଲୋକେ ବାହାରି ଆସିଥିଲେ; କିନ୍ତୁ ଘରେ ଥିବା ଧାନ, ଚାଉଳ, ଆସବାବପତ୍ର ସବୁ ଜଳିଯାଇଛି। ରବି ଏବଂ ତାଙ୍କ ସାନ ଭାଇର ପରିବାର ଜୀବନ ବିକଳରେ ଘରୁ ବାହାରି ଆସଥିବା ଯୋଗୁଁ ଆସନ୍ନ ମୃତ୍ୟୁରୁ ବର୍ତ୍ତି ଯାଇଛନ୍ତି। ବିପନ୍ନ ପରିବାରଙ୍କ ଚିତ୍କାର ଶୁଣି ସାହି ପଡିଶା ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ; କିନ୍ତୁ ଆୟତ୍ତ କରିପାରିନଥିଲେ। ପରେ ଖବର ପାଇ ରାସଗୋବିନ୍ଦପୁର ଦମକଳବାହିନୀ ପହଞ୍ଚିଲା ବେଳକୁ ସବୁ ପୋଡି ପାଉଁଶ ହୋଇଯାଇଥିଲା। ଗାଁଅମରଦା ରାଜସ୍ୱ ନିରୀକ୍ଷକ ସନାତନ ଟୁଡୁ ବିପନ୍ନଙ୍କ ଘରେ ପହଞ୍ଚି ତଦନ୍ତ କରିବା ସହ ଏକ ପଲିଥିନ ପ୍ରଦାନ କରିଛନ୍ତି। ସେହିପରି ନାକିଚୁଆ ସରପଞ୍ଚ ରୁଣ୍ଡୁ ହାଁସଦା ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ପାଇଁ ପ୍ରଶାସନ ଅଧିକାରୀଙ୍କ ନିକଟରେ ଦାବି କରିବେ ବୋଲି ଠାରେ ଦାବି କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ସୋମବାର ପୁଲିସ ଅଭିଯୁକ୍ତ ଦଶରଥକୁ ଗିରଫ କରିଛି।

## ଗିଦିଘାଟୀ ଆର୍‌ଆଇ ଅଫିସରୁ ଚୋରି ଉଦ୍ୟମ

ବହଳଦା, ୨୩।୬(ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଅନ୍ତର୍ଗତ ଗିଦିଘାଟୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ତାଲା ଭାଙ୍ଗି ଚୋରି ଉଦ୍ୟମ ହୋଇଛି। ସୋମବାର କାର୍ଯ୍ୟାଳୟ ଖୋଲିବା ପରେ ଚୋରି ଉଦ୍ୟମ ହୋଇଥିବା ଜଣାପଡିଥିଲା; କିନ୍ତୁ କାର୍ଯ୍ୟାଳୟର କମ୍ପ୍ୟୁଟର, ଲ୍ୟାପଟପ ଓ ଜେରେକ୍ସ ମେସିନ୍ ଆଦି ସୁରକ୍ଷିତ ରହିଛି। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଗତ ଫେବୃଆରୀ ୯ ତାରିଖରେ ମଧ୍ୟ ଦୁର୍ବୃତ୍ତମାନେ ଏହି କାର୍ଯ୍ୟାଳୟର ତାଲା ଖୋଲି ଏକ ଇନଭର୍ଟର୍ ଓ ୧୭ଶହ ଟଙ୍କା ଚୋରିକରି ନେଇ ପଳାଇଥିଲେ। ଯାହାର ତଦନ୍ତ ପାଇଁ ତିନିଦିନରୁ ଊର୍ଦ୍ଧ୍ୱ କାର୍ଯ୍ୟାଳୟ ବନ୍ଦ ରହିଥିଲା।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

କରଞ୍ଜିଆ, ୨୩।୬(ସମିସ): କରଞ୍ଜିଆ ବ୍ଲକ ବିଶିପୁର ଗାଁର ଅଜିତ ବିରୁଆଙ୍କ ପତ୍ନୀ ସୂର୍ଯ୍ୟମଣିଙ୍କ ସୋମବାର ସାପ କାମୁଡାରେ ମୃତ୍ୟୁ ଘଟିଛି। ରବିବାର ରାତି ୧୧ଟାରେ ଶୋଇବାକୁ ଗଲାବେଳେ ଏକ ଚିତି ସାପ ତାଙ୍କୁ କାମୁଡି ଦେଇଥିଲା। ପରେ ପରିବାର କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ବରିଷ୍ଠ ନାଗରିକ ମଞ୍ଚର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ବାରିପଦା, ୨୩।୬(ସମିସ): ବାରିପଦା କଲ୍ୟାଣୀ ମହିଳା ସମିତି ସଭା କକ୍ଷରେ ସୋମବାର ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳ୍ପନା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଓ ହସ୍ପିଟାଲର ଡାକ୍ତର ଜ୍ଞାନେନ୍ଦ୍ର କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ସଚେତନତା ଉପରେ ପରାମର୍ଶ ଦେଇଥିଲେ। ଏଥିସହିତ ଉପସ୍ଥିତ ସଦସ୍ୟଙ୍କ ସ୍ୱାସ୍ଥ୍ୟ ବିଷୟରେ ଉପସ୍ଥାପିତ ପ୍ରଶ୍ନର ଉତ୍ତର ଦେଇଥିଲେ। ସଦସ୍ୟ କୁମାର ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡା ସୁଶାନ୍ତ କୁମାର ପାତ୍ର ଭାରତର ସାଂପ୍ରତିକ ସ୍ଥିତିରେ ସ୍ୱାସ୍ଥ୍ୟସେବା ଏବଂ ବରିଷ୍ଠ ନାଗରିକଙ୍କ ସ୍ଥାନ ବିଷୟରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ବାସନ୍ତୀଲତା ମହାପାତ୍ର ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସଦସ୍ୟ ଡ଼ ତରୁଣ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ।



## କନିଆଁ ଘରକୁ ଡଙ୍ଗାରେ ଗଲେ ବର



ସାରସକଣା,୨୩।୬(ସମିସ): ଗୋଟିଏ ପଟେ ଅଦିନିଆ ବର୍ଷା ଲାଗି ରହିଥିବା ବେଳେ ଅନ୍ୟପଟେ ବନ୍ୟା ଦାଉ ସାଧୁଛି। ଏହି ସମୟରେ ବନ୍ୟା ଘେରରେ ରହିଛନ୍ତି ଅନେକ ଲୋକ। ଲଗାଣବର୍ଷାରେ ସାରସକଣା ବ୍ଲକ ଶୀର୍ଷା ଗ୍ରାମ ପଞ୍ଚାୟତ ନେଦା ଗ୍ରାମ ଜଳାର୍ଣ୍ଣବ ହୋଇଥିବାବେଳେ କେତେକଙ୍କ ଘରେ ମଧ୍ୟ ପାଣି ପଶିଯାଇଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ ବି ଲୋକେ ନିଜ ଖୁସିକୁ କମ୍ କରିବାକୁ ଚାହୁଁନାହାନ୍ତି। ବନ୍ୟା ବିଭୀଷିକା ମଧ୍ୟରେ ବିବାହ ଚାଲିଛି। ଜଣେ ବର ବନ୍ୟା ପାଣିରେ ଡଙ୍ଗାରେ ବସି କନିଆଁ ଘରକୁ ଯାଉଥିବା ଦେଖିବାକୁ ମିଳିଛି; କିନ୍ତୁ ବରଯାତ୍ରୀ କୂଳରେ ବରକୁ ଅପେକ୍ଷା କରିଛନ୍ତି। ଏହି ବର ଓ ବରଯାତ୍ରୀ ନେଦା ଗାଁରୁ ବାହାରିଛନ୍ତି ଝାରଖଣ୍ଡ ଟାଟା ନଗର ଯିବାପାଇଁ। ଏହି ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବନ୍ୟା ଯୋଗୁ କେତେକ ସ୍ଥାନରେ ଅଣ୍ଟାଏ ଲେଖାଏଁ ପାଣି ଥିବା ବେଳେ ଆଉ କେତେକ ସ୍ଥାନରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଥିଲା। ଏଭଳି ପରିସ୍ଥିତିରେ ବରଯାତ୍ରୀ କେତେବେଳେ ଚାଲି ଚାଲି ତ ଆଉ କେତେବେଳେ ଡଙ୍ଗା ସାହାଯ୍ୟରେ ବରଙ୍କୁ କନ୍ୟା ଘରକୁ ନେବା ପାଇଁ ବ୍ୟସ୍ତ।

## ଜବରଦଖଲ ହଟାଇବାକୁ ତହସିଲଦାରଙ୍କୁ ଭେଟିଲେ ଗ୍ରାମବାସୀ

ହାଟଡ଼ିହୀ,୨୩।୬(ସମିସ): ହାଟଡ଼ିହୀ ତହସିଲ ଅଧକ୍ଷନସ୍ଥ ସୁଲଣ ପଞ୍ଚାୟତ ଆବୁଲପୁରା ଗ୍ରାମର କେତେକ ମୁଷ୍ଟିମେୟ ବ୍ୟକ୍ତି ଗ୍ରାମରେ ଥିବା ରାସ୍ତାଘାଟ, ଗୋଚର, ଗୋଦାଣ୍ଡି, ପୋଖରୀ ହୁଡ଼ା, ସ୍କୁଲ, ମନ୍ଦିର, ଅଙ୍ଗନବାଡ଼ି, ଜଙ୍ଗଲ ଜମି ଆଦି ସମସ୍ତ ସରକାରୀ ଜାଗାଗୁଡିକ ଜୋର ଜବରଦସ୍ତ ଅକ୍ତିଆରକରି ତାଙ୍କ ଅଧୀନରେ ରଖିଥିବା ଅଭିଯୋଗ ହୋଇଛି। ଗ୍ରାମର ସରକାରୀ



ଜାଗାଗୁଡ଼ିକୁ ଜବରଦଖଲକାରୀଙ୍କୁ ଛାଡିବା ବିଷୟରେ କହିଲେ ମଧ୍ୟ ସେମାନେ ଯୁକ୍ତିତର୍କ କରିବା ସହ ଗାଳିଗୁଲଜ, ମାରପିଟ କରିବା ପାଇଁ ମଧ୍ୟ ପଛଉ ନାହାଁନ୍ତି। ଏହାଦ୍ୱାରା ଗ୍ରାମ ଭିତରକୁ ଆମ୍ବୁଲାନ୍ସ ପଶିପାରୁନି। ଏପରିକି ଛୋଟ ଛୁଆମାନେ ସ୍କୁଲ, ଅଙ୍ଗନବାଡ଼ିକୁ ଯିବାରେ ଅସୁବିଧା ଭୋଗୁଛନ୍ତି। ଏଭଳି ସମସ୍ୟାକୁ ଆଖି ଆଗରେ ରଖି ପ୍ରଶାସନ ସରକାରୀ ଜମିଗୁଡ଼ିକରୁ ବେଆଇନ ଜବରଦଖଲ ହଟାଇବା ନେଇ ଆଜି ପୂର୍ବାହ୍ନରେ ଆବୁଲପୁରା ଗ୍ରାମବାସୀ ହାଟଡ଼ିହୀ ତହସିଲଦାରଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି।

## ମୋରମ ଖୋଳୁଥିବା ଜେସିବି ଜବତ

କୁଆମରା,୨୩।୬(ସମିସ): ବେଆଇନ ମୋରମ ଖୋଳୁଥିବା ଅଭିଯୋଗରେ ଜିଲ୍ଲା ଖଣି ବିଭାଗ ଏକ ଜେସିବିକୁ ଜବତ କରିଛି। ଅଭିଯୋଗ ଆଧାରରେ ଏ ନେଇ ଖୁଣ୍ଟା ଥାନାରେ ଏକ ରୁଜୁ ମାମଲା ହୋଇଛି। ଶିମିଳିପାଳ ପାଦଦେଶରେ ରାଜସ୍ୱ ବିଭାଗ ଓ ପୁଲିସର ଛାନ୍‌ଭିନ ସତ୍ତ୍ୱେ ଅହରହ ମୋରମ ଖୋଳା ଓ ପଥର ଚାଲାଣ ଅବାଧରେ ଚାଲିଛି। ତେବେ ଏକ ଜେସିବି ଖୁଣ୍ଟା ଥାନା ଅନ୍ତର୍ଗତ ବଡପଥରା ପଞ୍ଚାୟତ ଚାପଲଡିହିଠାରେ ମୋରମ ଖୋଳୁଥିବା ଖଣି ବିଭାଗ ଖବର ପାଇ ଚଢଉ କରିଥିଲା। ମାତ୍ର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

● ଦେଓଗାଁ ହାତୀଶିଳା ପଥରବନ୍ଧ ନିର୍ମାଣରେ ତଞ୍ଚକତା

## ମୋରମ ପରିବର୍ତ୍ତେ ମାଟିରେ ଚାଲିଛି କାମ

ଆନନ୍ଦପୁର,୨୩।୬(ସମିସ): ଦେଓଗାଁ ହାତିଶୀଳା ପଥର ବନ୍ଧ ନିର୍ମାଣରେ ବ୍ୟାପକ ତଞ୍ଚକତା ଓ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। ପଥରବନ୍ଧ ନିର୍ମାଣ କାର୍ଯ୍ୟରେ ସରକାରୀ ସ୍ୱୀକୃତିପ୍ରାପ୍ତ ଖଣିରୁ ମୋରମ ଆଣିବାକୁ ନିର୍ଦ୍ଦେଶ ଥିବାବେଳେ ଗାଁରେ ଥିବା ପୋଖରୀରୁ ମାଟି ମିଶା ମୋରମ ଆଣି ପଥରବନ୍ଧ କାର୍ଯ୍ୟରେ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ଏନେଇ ଅଭିଯୋଗ



ପାଇବା ପରେ ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ରଗଡ଼ିର ଏକ ଖାଦାନରୁ ମରମ ଆଣିବାକୁ କୁହାଯାଇଛି। ପୋଖରୀରୁ ଆଣିଥିବା ମଟିମିଶା ମୋରମ ହୋଇଥିଲେ ତୁରନ୍ତ କାର୍ଯ୍ୟକୁ ବନ୍ଦ କରାଜିବ ବୋଲି ପ୍ରକାଶ କରିଛନ୍ତି। ଐତିହାସିକ ପଥର ବନ୍ଧ ଓ କୀର୍ତ୍ତିରାଜିର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ୨.୫କୋଟି ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ନିମ୍ନମାନର କାର୍ଯ୍ୟଯୋଗୁଁ ଏହାର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକଟ ହୋଇଛି।

## କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର | ଜେଏସ୍‌ଡବ୍ଲୁ ଷ୍ଟିଲ୍‌ର ନୂଆଗାଁ ଖଣି ସମ୍ମାନିତ

ଯୋଡ଼ା,୨୩।୬(ସମିସ): ଓଡ଼ିଶାର ଜେଏସ୍‌ଡବ୍ଲୁ ଷ୍ଟିଲର ନୂଆଗାଁ ଖଣିକୁ କଳିଙ୍ଗ ପରିବେଶ ଉତ୍କର୍ଷ ଜାତୀୟ ପୁରସ୍କାର ୨୦୨୪ ପୁରସ୍କୃତ କରି ସମ୍ମାନିତ କରାଯାଇଛି।



ପରିବେଶ ସ୍ଥିରତା ଏବଂ ପରିବେଶ ସଂରକ୍ଷଣ ପାଇଁ ଏହାର ନିରନ୍ତର ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇ ୪ ତାରକା ମାନ୍ୟତା ହାସଲ କରିଛି। ୨୧ ଜୁନ୍ ୨୦୨୫ରେ ଭୁବନେଶ୍ୱରରେ ଅନୁଷ୍ଠିତ ଦଶମ ଜାତୀୟ ପରିବେଶ, ଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ସମୟରେ ଏହି ସ୍ୱୀକୃତି ପ୍ରଦାନ କରାଯାଇଥିଲା। କମ୍ପାନୀର ପରିବେଶ ଦଳ ସହିତ ଜେଏସଡବ୍ଲୁ ଷ୍ଟିଲ ଓଡିଶାର ମାଇନ୍ସ ଅପରେସନ୍ସ ଏବଂ ପ୍ରୋଜେକ୍ଟର ମୁଖ୍ୟ ରାମଶଙ୍କର ଶର୍ମା ଏହି ପୁରସ୍କାର ଗ୍ରହଣ କରିଛନ୍ତି। "ବିଶ୍ୱବ୍ୟାପୀ ପ୍ଲାଷ୍ଟିକ୍ ପ୍ରଦୂଷଣ ସମାପ୍ତ କରିବା ପାଇଁ ପଦକ୍ଷେପ' ବିଷୟବସ୍ତୁ ଉପରେ କେନ୍ଦ୍ରିତ ଏହି କାର୍ଯ୍ୟକ୍ରମରେ ନେଟ୍-ଶୂନ୍ୟ ନିର୍ଗମନ, ଡି-କାର୍ବନାଇଜେସନ୍, ନିୟାମକ ଢାଞ୍ଚା ଏବଂ ଶକ୍ତି ଦକ୍ଷତା ଉପରେ ଅଧିବେଶନ ଅନ୍ତର୍ଭୁକ୍ତ ହୋଇଥିଲା। ଉମା ନାନ୍ଦୁରୀ, ଡ. ନିହାର ରଞ୍ଜନ ସାହୁ, ପି.କେ. ମର୍କପ୍, ପ୍ରଫେସର ଜୟା କୃଷ୍ଣ ପାଣିଗ୍ରାହୀ ଏବଂ ଯୁଗାଣ୍ଡାର ପ୍ରଫେସର ଜଏସ୍ କାକୁରାମସ୍ସି କିକାଫୁଣ୍ଡା ପ୍ରମୁଖ ଥିଲେ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି



ଡୁରୁମୁଙ୍ଗା,୨୩।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ସଭାଗୃହରେ ସୋମବାର ଜିଲ୍ଲାପାଳ ବିଶାଳ ସିଂଙ୍କ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜନ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂ, ଏସ୍‌ପି ନୀତିନ କୁଶଳ କର ଦାଗୁଡୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗ ଭୁଷଣ, ଡିଏଫ୍‌ଓ ଏଚଡି ଧନରାଜ୍, ଉପଜିଲ୍ଲାପାଳ ଉମାଶଙ୍କର ଦଳେଇ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଡିଡବ୍ଲୁ ଓ ପ୍ରବୀର ଦେଓ, ବିପ୍ଳବ କେଶରୀ ସାମନ୍ତ ରାୟ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବିନୋଦ ବିହାରୀ ମିଶ୍ର, ପାଟଣା ବିଡିଓ ମାନସ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ ନାଏକ, ଘଟଗାଁ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶୁଣାଣିରେ ମୋଟ ୬୫ ଟି ଅଭିଯୋଗର ଶୁଣାଣି ହୋଇଥିଲା। ଅଭିଯୋଗ ଶୁଣାଣି ପରେ ବ୍ଲକ ଅଞ୍ଚଳର ୭ ଜଣ ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ହ୍ୱିଲ ଚେୟାର ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା.ଶୁଭେନ୍ଦୁ ସାଗର କୁମାର ନାଏକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ରଶ୍ମୀରେଖା ମହାନ୍ତି, ସହକାରୀ ଯନ୍ତ୍ରୀ ବିଶ୍ୱଜିତା ନାଏକ, ଅଭୟ କୁମାର ଦେହୁରୀ , ଦୀପକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବୀର୍ ସହିଦ୍ ନିର୍ମଳ ମାହାତୋଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ସାରସକଣା,୨୩।୬ (ସମିସ)



ଝାରଖଣ୍ଡର ଚକୁଳିଆ ପ୍ରଖଣ୍ଡ ଅନ୍ତର୍ଗତ ସିମଦୀ ଛକରେ ଝାରଖଣ୍ଡ ଓ ଓଡିଶା କୁଡୁମୀ ସେନା ଆନୁକୂଲ୍ୟରେ ଏକ ବିଶାଳ ସମାବେଶ ଆୟୋଜନ କରାଯାଇଥିଲା। ସଭାରେ ସହିଦ ନିର୍ମଳ ମାହାତୋଙ୍କ ଝାରଖଣ୍ଡ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇ ବକ୍ତାମାନେ ଆଲୋକପାତ କରିଥିଲେ। ଝାରଖଣ୍ଡର ପୂର୍ବ ସିଂହଭୂମ ଜିଲ୍ଲାର ବାଘୁଡିଆଠାରେ ଉଗ୍ରବାଦୀଙ୍କ ଗୁଳିରେ ନିର୍ମମ ଭାବରେ ସୁନୀଲ ମାହାତୋଙ୍କୁ ୨୦୦୭ ମସିହା ମାର୍ଚ୍ଚ ୪ ତାରିଖରେ ହତ୍ୟା କରାଯାଇଥିଲା। ସେ ଥିଲେ କୁଡୁମୀ ଯୁବଛାତ୍ରଙ୍କ ମୁଖ୍ୟ ଆଦର୍ଶ। ସେ ଝାରଖଣ୍ଡ ଆନ୍ଦୋଳନର ମୁଖ୍ୟ ଆନ୍ଦୋଳନକାରୀ ଥିଲେ। ଝାରଖଣ୍ଡ କୁଡୁମୀ ସେନାର ଅଧ୍ୟକ୍ଷ ଲାଲଟୁ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡିଶାର କୁଡୁମୀ ସେନା ପ୍ରତିଷ୍ଠାତା ରାଜ୍ୟ ସଭାପତି ଜୈମୁନୀ କୁମାର ମହାନ୍ତ ସମ୍ମାନିତ ଅତିଥି ଏବଂ ବୋହରାଗଡା ବିଧାୟକ ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱର୍ଗତ ସୁନୀଲ ମହାନ୍ତଙ୍କ ପତ୍ନୀ ସୁମନ ମହାନ୍ତ, ପଶ୍ଚିମବଙ୍ଗ କୁଡୁମୀ ସମାଜ ଅଧ୍ୟକ୍ଷ ରାଜେଶ ମହାନ୍ତ, କେଶବ ମହାନ୍ତ କମଳେଶ, ସୁନୀଲ ମହାନ୍ତ, ଓମ ପ୍ରକାଶ ମହାନ୍ତ ପ୍ରମୁଖ ବିଶିଷ୍ଟ ଅତିଥି ଯୋଗଦେଇ ସହିଦ ନିର୍ମଳ ମାହାତୋଙ୍କ ଜାତି ପାଇଁ ତ୍ୟାଗ ଓ ଦେଶ ପାଇଁ ସେବା ମନୋଭାବକୁ ସ୍ମରଣ କରିଥିଲେ। ବହୁ କୁଡୁମୀ ଛାତ୍ର ସେନା, କୁଡୁମୀ ଯୁବ ସେନା, କୁଡୁମୀ ମହିଳା ସେନା ମଧ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ଚକୁଳିଆଠାରେ ଶହୀଦ ନିର୍ମଳ ମାହାତୋଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା ଅନ୍ୟମାନଙ୍କ ମଧ୍ୟରେ କୁଡୁମୀ ସେନାର ନିରଞ୍ଜନ ମହାନ୍ତ, ସୁବାଷ ଚନ୍ଦ୍ର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ,ଚନ୍ଦ୍ରଭାନୁ ମହାନ୍ତ, ବିରେନ୍ଦ୍ର ମହାନ୍ତ, ବିପିନ ମହାନ୍ତ, ବାଚୁ ମହାନ୍ତ, କୁଡୁମୀ ଯୁବ ସେନାର ସାଇରାମ ମହାନ୍ତ, ବିଶ୍ୱନାଥ ମହାନ୍ତ, ମିଟୁ ମହାନ୍ତ, ମାନଗୋବିନ୍ଦ ମହାନ୍ତ,ଜଗଦୀଶ ମହାନ୍ତ, କାହ୍ନୁ ମହାନ୍ତ, କୁବେର ମହାନ୍ତ, ରବୀନ୍ଦ୍ର ମହାନ୍ତ, ସୀତେଶ ମହାନ୍ତ, ଛାତ୍ର ସେନାର ବରୁଣ କୁମାର ମହାନ୍ତ, ଲିପୁନ ମହାନ୍ତ କୁଡୁମୀ ମହିଳା ସେନାର ସୁଜାତା ମହାନ୍ତ, ସୁମନା ମହାନ୍ତ, ଶକୁନ୍ତଳା ମହାନ୍ତ, ଗୀତାଞ୍ଜଳି ମହାନ୍ତ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଓଡିଶା, ଝାଡ଼ଖଣ୍ଡ, ବିହାର, ବେଙ୍ଗଲ, ଆସାମରୁ ବହୁ ସଂଖ୍ୟକ କୁଡୁମୀ ସେନା ସାମିଲ ହୋଇଥିଲେ।

## ଘସିପୁରା ତହସିଲଦାରଙ୍କ ଅଭିଯୋଗ ଶୁଣାଣି ପ୍ରହସନ



ଆନନ୍ଦପୁର,୨୩।୬(ସମିସ): ଆନନ୍ଦପୁର ଉପଖଣ୍ଡର ଘଷିପୁରା ତହସିଲରେ ସାଧାରଣ ଲୋକଙ୍କ କାର୍ଯ୍ୟ ସ୍ୱାଭାବିକ ଭାବେ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଉଗ୍ର ରୂପ ଧାରଣ କରିଛି। ସାଧାରଣ କାମ ପାଇଁ ବର୍ଷବର୍ଷ ଧରି ତହସିଲ କର୍ଯ୍ୟାଳୟକୁ ଲୋକେ ଦୌଡୁଥିଲେ ମଧ୍ୟ ନିରାଶ ହେବାକୁ ପଡୁଛି ।

ଅପର ପକ୍ଷରେ ଆଜିଠାରୁ ଘଷିପୁରା ତହସିଲ କାର୍ଯ୍ୟାଳୟରେ ଆରମ୍ଭ ହୋଇଛି ଅଭିଯୋଗ ଶୁଣାଣି। ତହସିଲ ପକ୍ଷରୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲେକଙ୍କ ସମସ୍ୟା ସମାଧାନ କରିବାକୁ ଏହି ଅଭିଯେଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ତହସିଲଦାର କହିଛନ୍ତି। ସେପଟେ କିନ୍ତୁ ଏହି ଅଭିଯୋଗ ଶୁଣାଣି ଏକ ପ୍ରହସନ ବୋଲି କହିଛନ୍ତି ଲୋକେ। କାରଣ ଅନେକ ସମୟରେ କାର୍ଯ୍ୟାଳୟରେ ଖୋଦ୍ ତହସିଲଦାର ଉପସ୍ଥିତ ନଥାନ୍ତି ବୋଲି ଦେଓଗାଁ ର ଇନ୍ଦ୍ରମଣି ଜେନା ଓ ମଛାଳୋ ଗ୍ରାମର ତ୍ରିଲୋଚନ ଜେନା ଅଭିଯୋଗ କରିଛନ୍ତି। ତହସିଲଦାରଙ୍କୁ ସାକ୍ଷାତ କରିବାରୁ ଯାଉଥିବା ସାଧାରଣଲୋକ ଚପଲ ଖୋଲି ତହସିଲଦାରଙ୍କୁ ଦେଖା କରିବେ ବୋଲି ଅଫିସ ବାହାରେ ଏକ ନୋଟିସ ଲାଗାଇଥିବା ବେଳେ ତାଙ୍କୁ ଅଭିଯୋଗ ନେଇ ଯାଉଥିବାଲୋକଙ୍କୁ ଚୌକି ଟିଏ ମିଳୁନାହିଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଲୋକଙ୍କ ସହ ଭଲସଂପର୍କ ରଖି ତାଙ୍କୁ ଅଫିସରେ ବସାଇ ସମସ୍ୟା ସମାଧାନ କରିବାକୁ କହୁଥିବା ବେଳେ ଘଷିପୁରା ତହସିଲରେ ଲୋକଙ୍କ ସମସ୍ୟା ଫାଇଲ ତଳେ ରହି ଯାଉଛି, ଯାହାକୁ ନେଇ ସାଧାରଣରେ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିଜ ଅଫିସର କାର୍ମଚାରୀ ଚପଲ ପିନ୍ଧି ଅଫିସକୁ ପ୍ରବେଶ କରୁଛନ୍ତି, କିନ୍ତୁ ସାଧାରଣଲୋକ ଚପଲ ପିନ୍ଧି ଅଫିସକୁ ମନା ଏବଂ ଆସୁଥିବା ବାଲି ମାଫିଆ ଓ ପଥର ମାଫିଆଙ୍କୁ ଚେୟାର ମଗେଇ ବସାଇବା ଘଟଣାରେ ପ୍ରତିକ୍ରିୟା ପ୍ରକାଶ ପାଇଛି ମୋ ଅଫିସ ରେ ଠାକୁର ଅଛନ୍ତି ସେଥିପାଇଁ ମୁଁ ଗାଇଡ଼ଲାଇନ ଜାରିକରିଛି ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୮୬ ● ପାଉଣ୍ଡ ୧୧୬.୯୫
- ୟୁରୋ ୧୦୦.୪୩ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୩୦୦ (ଭୁବନେଶ୍ୱର)
- ରୁପା : ୧,୧୧,୩୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୮୯୬.୦୦
- ନିଫ୍ଟି ୨୪,୯୭୧.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## କମୁଛି ଲାଭ
# ସଙ୍କଟରେ ଭାରତୀୟ ବ୍ୟାଙ୍କ

ନୂଆଦିଲ୍ଲୀ,୨୩।୬(ଏଜେନ୍ସି)




ଗତ ଆର୍ଥିକବର୍ଷର ମାର୍ଚ୍ଚ ତ୍ରୈମାସିକ ଭାରତୀୟ ବ୍ୟାଙ୍କଗୁଡ଼ିକ ପାଇଁ ବହୁତ ଭଲ ନ ଥିଲା। ଏଥର ବ୍ୟାଙ୍କଗୁଡ଼ିକର ମୋଟ ଲାଭ କେବଳ ଗୋଟିଏ ଅଙ୍କ ବୃଦ୍ଧି ପାଇଛି, ଯାହା ଗତ ୪ ବର୍ଷ ମଧ୍ୟରେ ଅର୍ଥାତ୍ ୧୭ ତ୍ରୈମାସିକରେ ପ୍ରଥମ ଥର ପାଇଁ ଦେଖାଯାଇଛି। ଯାହାଫଳରେ ଭାରତୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଘୋର ସଙ୍କଟ ମଧ୍ୟକୁ ଚାଲିବା ଆଶଙ୍କା କରାଯାଉଛି। ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ଦୁର୍ବଳ ପ୍ରଦର୍ଶନ ଏବଂ ଦେଶର ସର୍ବବୃହତ ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ଲାଭରେ ହ୍ରାସ ଏହି ମାନ୍ଦାବସ୍ଥାର ପ୍ରମୁଖ କାରଣ ପାଲଟିଛି। ଅପରପକ୍ଷେ ବ୍ୟାଙ୍କଗୁଡିକର ନିଟ୍ ସୁଧ ଆୟ ମଧ୍ୟ କେବଳ ଗୋଟିଏ ପଏଣ୍ଟ ଅଭିବୃଦ୍ଧି ପଞ୍ଜୀକୃତ କରିଛି, ଯେତେବେଳେ କି ଲାଭ ଉପରେ ନିରନ୍ତର ଚାପ ରହିଥିଲା। ତଥାପି, ଭାରତୀୟ ରିଜର୍ଭ ବ୍ୟାଙ୍କ ସେପ୍ଟେମ୍ବରରୁ ବ୍ୟାଙ୍କିଙ୍ଗ ସିଷ୍ଟମରେ ଅତିରିକ୍ତ ଲିକ୍ୟୁଡିଟି ପ୍ରବେଶ କରାଇବା ଆରମ୍ଭ କରିଛି। କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ସୁଧ ହାର ହ୍ରାସ ଆଗାମୀ ସମୟରେ ବ୍ୟାଙ୍କଗୁଡ଼ିକର ସ୍ଥିତିରେ ଉନ୍ନତି ହେବ ବୋଲି ଆଶା କରାଯାଉଛି।

ଯଦି ଆମେ ଦେଶର ୨୯ଟି ବ୍ୟାଙ୍କର ନମୁନାକୁ ଦେଖିବା, ତେବେ ମୋଟ ନିଟ୍ ଲାଭରେ ୪.୯% ବୃଦ୍ଧି ଘଟିଛି, ଯାହା ୯୩,୮୨୮.୩ କୋଟି ଟଙ୍କା ରହିଛି। କିନ୍ତୁ ଦେଶର ସର୍ବବୃହତ ବ୍ୟାଙ୍କ ଏସ୍‌ବିଆଇ ଏଥର ଲାଭ ଦୃଷ୍ଟିରୁ ପଛରେ ପଡ଼ିଯାଇଛି। ଏସ୍‌ବିଆଇର ନିଟ୍ ଲାଭରେ ୯.୯% ହ୍ରାସ ଘଟି ୧୮,୬୪୨.୬ କୋଟି ଟଙ୍କାରେ ପହଞ୍ଚିଛି। ଦେଶର ରାଷ୍ଟ୍ରାୟତ୍ତ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ମିଳିତ ଭାବରେ ୧୩% ଲାଭ ବୃଦ୍ଧି ହାସଲ କରିଥିଲେ, ଯାହା ୪୮,୪୦୩.୪ କୋଟି ଟଙ୍କା ଥିଲା। କିନ୍ତୁ ଏହି ଅଭିବୃଦ୍ଧି ଗତ ୧୧ ତ୍ରୈମାସିକରେ ସବୁଠାରୁ କମ୍ ଥିଲା। ପୂର୍ବରୁ, ଜୁନ୍ ୨୦୨୨ ତ୍ରୈମାସିକରେ ୯.୨% ଅଭିବୃଦ୍ଧି ରେକର୍ଡ କରାଯାଇଥିଲା। ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ହୁଏତ ମନ୍ଥର ପ୍ରଦର୍ଶନ କରିଥିବେ, କିନ୍ତୁ ଘରୋଇ ବ୍ୟାଙ୍କଗୁଡ଼ିକର ଅବସ୍ଥା ଆହୁରି ଖରାପ ଥିଲା। ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ମୋଟ ଲାଭ ୨.୫% ହ୍ରାସ ପାଇ ୪୫,୪୨୪.୯ କୋଟି ଟଙ୍କା ହୋଇଛି। ଗତ ୧୩ ତ୍ରୈମାସିକରେ ଏହା ପ୍ରଥମ ଥର ଯେ ଘରୋଇ ବ୍ୟାଙ୍କଗୁଡ଼ିକର ଲାଭ ବାର୍ଷିକ ଆଧାରରେ ହ୍ରାସ ପାଇଛି। ଏହି ଦୁର୍ବଳ ପ୍ରଦର୍ଶନ ଘରୋଇ ବ୍ୟାଙ୍କଗୁଡ଼ିକର ଅଂଶକୁ ମଧ୍ୟ ପ୍ରଭାବିତ କରିଛି।

- ୪ ବର୍ଷ ପରେ କମିଲା ମୁନାଫା
- ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଲାଭ ଅଭିବୃଦ୍ଧି ଗତ ୧୧ ତ୍ରୈମାସିକରେ ସବୁଠାରୁ କମ୍
- ମୋଟ ସୁଧ ଆୟରେ ହ୍ରାସ

ଏହାବାଦ୍ ବ୍ୟାଙ୍କଗୁଡ଼ିକର ନିଟ୍ ସୁଧ ଆୟ ମଧ୍ୟ ହ୍ରାସ ପାଇଛି। ଏହି ତ୍ରୈମାସିକରେ ନିଟ୍ ସୁଧ ଆୟ ମାତ୍ର ୩.୭% ବୃଦ୍ଧି ପାଇ ୨.୧ ଲକ୍ଷ କୋଟି ଟଙ୍କା ହୋଇଛି, ଯାହା ଗତ ୧୪ ତ୍ରୈମାସିକରେ ସବୁଠାରୁ କମ୍ ଅଭିବୃଦ୍ଧି ଥିଲା। ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ନିଟ୍ ସୁଧ ଆୟ ମାତ୍ର ୨.୪% ଅଭିବୃଦ୍ଧି ପଞ୍ଜିକୃତ କରିଛି, ଯେତେବେଳେ ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ୫.୩% ଅଭିବୃଦ୍ଧି ଦେଖାଇଛନ୍ତି। ଏହି ସଂଖ୍ୟାଗୁଡ଼ିକ ବ୍ୟାଙ୍କଗୁଡ଼ିକର ସମସ୍ୟାକୁ ସ୍ପଷ୍ଟ ଭାବରେ ଦର୍ଶାଉଛି। ଏହାଛଡା ବ୍ୟାଙ୍କଗୁଡିକର ନିଟ୍ ସୁଧ ମାର୍ଜିନ୍ ଅନେକ ତ୍ରୈମାସିକ ପାଇଁ ଚାପ ମଧ୍ୟରେ ରହିଛି। ଏହାର ସବୁଠାରୁ ବଡ କାରଣ ହେଉଛି ରେପୋ ହାର ହ୍ରାସ ସତ୍ତ୍ୱେ, ବ୍ୟାଙ୍କଗୁଡ଼ିକ ଜମା ହାର ହ୍ରାସ କରିବାରେ ବିଳମ୍ବ କରିଛନ୍ତି। ମାର୍ଚ୍ଚ ତ୍ରୈମାସିକର ୨୯ଟି ବ୍ୟାଙ୍କ ମଧ୍ୟରୁ ୧୯ଟି ବ୍ୟାଙ୍କ ବାର୍ଷିକ ଆଧାରରେ ସେମାନଙ୍କର ନିଟ୍ ସୁଧ ମାର୍ଜିନ୍‌ରେ ହ୍ରାସ ପଞ୍ଜିକୃତ କରିଛି। ଏହି ପରିସ୍ଥିତି ବ୍ୟାଙ୍କଗୁଡ଼ିକ ପାଇଁ ଚିନ୍ତାର ବିଷୟ ହୋଇ ରହିଛି, କାରଣ ମାର୍ଜିନ୍ ହ୍ରାସ ସିଧାସଳଖ ସେମାନଙ୍କ ଲାଭକୁ ପ୍ରଭାବିତ କରେ।

## ଯୁଦ୍ଧ, ଟାରିଫ୍, ବାଣିଜ୍ୟ ଯୁଦ୍ଧ
# ବିଶ୍ୱକୁ ମହାମାନ୍ଦାବସ୍ଥାକୁ ଠେଲିଦେଲେ ଟ୍ରମ୍ପ୍

ନୂଆଦିଲ୍ଲୀ,୨୩।୬(ଏଜେନ୍ସି): ଇରାନର ପରମାଣୁ ସଂସ୍ଥାନ ଉପରେ ଆମେରିକାର ବୋମାମାଡ଼ ପରେ ବିଶ୍ୱରେ ଉତ୍ତେଜନା ବୃଦ୍ଧି ପାଇଛି। କେନ୍ଦ୍ର ସରକାର ଆମେରିକା-ଇରାନ-ଇସ୍ରାଏଲ୍ ବିବାଦ ଉପରେ କଡ଼ା ନଜର ରଖିଛି। ଭାରତ ସରକାର ବର୍ତ୍ତମାନ ସ୍ଥିତି ହର୍ମୁଜ୍ ପ୍ରଣାଳୀର ସମ୍ଭାବ୍ୟ ବନ୍ଦ ହେବାର ପ୍ରଭାବକୁ ମଧ୍ୟ ମୂଲ୍ୟାଙ୍କନ କରୁଛି। ଏହି ପ୍ରଣାଳୀ ପେଟ୍ରୋଲିୟମ ଉତ୍ପାଦ ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ। ତଥାପି, ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। କିନ୍ତୁ, ଭାରତ ବର୍ତ୍ତମାନ ଏହାକୁ ନେଇ ବହୁତ ଚିନ୍ତିତ ନୁହେଁ। ସବୁଠାରୁ ବଡ଼ ଉତ୍ତେଜନା ହେଉଛି ଯେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ରୁଷ-ୟୁକ୍ରେନ ପରି ଲମ୍ବା ହେବା ଉଚିତ୍ ନୁହେଁ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ପରିସ୍ଥିତି ଆହୁରି ଖରାପ ହୁଏ, ତେବେ ଏହା ଭାରତ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ।

ବିଗତ କିଛି ମାସ ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ଆଶାଠାରୁ କମ୍ ରହିଥିଲା। ଏବେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଉଛି। କିନ୍ତୁ, ବର୍ତ୍ତମାନ ଏହାର କୌଣସି ବଡ଼ ପ୍ରଭାବ ପଡ଼ିବ ନାହିଁ। ସରକାର ପରିସ୍ଥିତି ଉପରେ ନଜର ରଖିଛନ୍ତି। ଭାରତ ଇରାନରୁ ସିଧାସଳଖ ତେଲ ଆମଦାନୀ କରେ ନାହିଁ। କିନ୍ତୁ, ଏହା ଏହାର ତେଲ ଆବଶ୍ୟକତାର ୮୦% ଆମଦାନୀ କରେ। ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟରେ ଯେ କୌଣସି ବଡ଼ ବୃଦ୍ଧି ବାଣିଜ୍ୟ ନିଅଣ୍ଟ, ଆର୍ଥିକ ନିଅଣ୍ଟ ଏବଂ ପାଇକାରୀ ମୁଦ୍ରାସ୍ଫୀତି ହାର ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ବ୍ୟାଙ୍କ ଅଫ୍ ବରୋଦାର ଏକ ରିପୋର୍ଟରେ କୁହାଯାଇଛି ଯେ ଇରାନ ତୈଳ ବଜାରରେ ଏକ ବଡ଼ ଖେଳାଳି ନୁହେଁ। ଏହାର ଅଂଶ ୪%। କିନ୍ତୁ, ଯଦି ହର୍ମୁଜ୍ ପ୍ରଣାଳୀ ବନ୍ଦ ହୁଏ, ତେବେ ଜାହାଜଗୁଡ଼ିକୁ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ପଡିବ। ବିଶ୍ୱର ୨୦% ରୁ ଅଧିକ ତୈଳ ପରିବହନ ଏହି ପ୍ରଣାଳୀ ଦେଇ ଗତି କରେ। ରିପୋର୍ଟରେ କୁହାଯାଇଛି, ପଶ୍ଚିମ ଏସିଆରୁ ପ୍ରଚୁର ଅଶୋଧିତ ତୈଳ ବନ୍ଦ ହୋଇପାରେ। ଏପରି ପରିସ୍ଥିତିରେ, ଯୋଗାଣ ଏବଂ ଚାହିଦାରେ ଏକ କୃତ୍ରିମ ଅସନ୍ତୁଳନ ସୃଷ୍ଟି ହୋଇପାରେ। ଏହା ମୂଲ୍ୟ ବୃଦ୍ଧି କରିପାରେ। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ୧୦% ବୃଦ୍ଧି ଅର୍ଥନୀତି ଉପରେ ଅଧିକ ପ୍ରଭାବ ପକାଇବ ନାହିଁ। କାରଣ ହେଉଛି ଅର୍ଥନୀତିର ମୌଳିକ ଶକ୍ତି ଦୃଢ଼।

# ମାଲାବାରର ୪୦୦ ତମ ଷ୍ଟୋର ଉଦ୍‌ଘାଟିତ



ଭୁବନେଶ୍ୱର,୨୩।୬(ସମିସ)

ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପକ୍ଷରୁ ନଏଡା ସେକ୍ଟର ୧୮୦ଠାରେ ଏହାର ୪୦୦ ତମ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମାଲାବାର ଗ୍ରୁପ ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମାଲାବାର ଗ୍ରୁପର ପରିଚାଳନା ନିର୍ଦ୍ଦେଶକ (ଭାରତ,ଅପରେସନ) ଓ ଆସେର,ଗ୍ରୁପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେପି ବୀରନ୍‌କୁଟ୍ଟୀ, ଗ୍ରୁପ ଚିଫ୍ ମାର୍କେଟିଂ ଅଫିସର ସଲିସ୍ ମ୍ୟାଥ୍ୟୁ, ହେଡ୍ ରିଟେଲ ଅପରେସନ୍ (ଅବଶିଷ୍ଟ ଭାରତ) ପିକେ ସିରାଜ୍, ରିଜିଓନାଲ ହେଡ୍ (ଉତ୍ତର) ଏନ୍‌କେ ନିଶାଦ୍ ଏବଂ ପରିଚାଳନା ଟିମ୍‌ର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ମାଲାବାର ଗ୍ରୁପ ପକ୍ଷରୁ ଭାରତ ଏବଂ ବିଶ୍ୱ ବଜାରରେ ରଖାଯାଇଥିବା ଆଖିଦୃଶିଆ ଅଭିବୃଦ୍ଧି ଯୋଜନାର ଅଂଶସ୍ୱରୂପ ନଏଡା ଶୋ'ରୁମ ଖୋଲାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ମାଲାବାରର ୧୫ଟି ଦେଶରେ ଶୋ' ରୁମ୍ ରହିଥିବା ଜଣାପଡ଼ିଛି।

## ହର୍ମୁଜ୍ ସଙ୍କଟରେ ଅଶୋଧିତ ତୈଳ ୭୫ ଡଲାର ଛୁଇଁଲା
# ବଢ଼ିବ ଭାରତର ଚଳନ୍ତି ଖାତା ନିଅଣ୍ଟ

ନୂଆଦିଲ୍ଲୀ,୨୩।୬(ଏଜେନ୍ସି): ପଶ୍ଚିମ ଏସିଆରେ ବଢ଼ୁଥିବା ଭୂ-ରାଜନୈତିକ ଉତ୍ତେଜନା ଭାରତର ଜିଡିପି ଉପରେ ମଧ୍ୟ ପ୍ରଭାବ ପକାଇପାରେ। କ୍ରେଡିଟ୍ ରେଟିଂ ଏଜେନ୍ସି ଇକ୍ରା ପୂର୍ବାନୁମାନ କରିଛି ଯେ ଯଦି ଏହି ସଂଘର୍ଷ ଯୋଗୁଁ ପ୍ରତି ବ୍ୟାରେଲ ପ୍ରତି ଅଶୋଧିତ ତୈଳ ମୂଲ୍ୟରେ ୧୦ ଡଲାର ବୃଦ୍ଧି ଘଟେ, ତେବେ ଭାରତର ନିଟ୍ ତେଲ ଆମଦାନୀ ପ୍ରାୟ ୧୩ ଡଲାରରୁ ୧୪ ଡଲାର ବୃଦ୍ଧି ପାଇବ। ଏହା ଭାରତର ଚଳନ୍ତି ଖାତା ନିଅଣ୍ଟ କୁ ଜିଡିପିର ୦.୩ ପ୍ରତିଶତକୁ ବୃଦ୍ଧି କରିପାରେ। କରେଣ୍ଟ ଆକାଉଣ୍ଟ ନିଅଣ୍ଟ ଏକ ଦେଶର କରେଣ୍ଟ ଆକାଉଣ୍ଟରେ ଆମଦାନୀ ଏବଂ ରପ୍ତାନି ମଧ୍ୟରେ ଅସନ୍ତୁଳନକୁ ପ୍ରତିଫଳିତ କରେ। ଏହା ଏପରି ଏକ ପରିସ୍ଥିତି ଯେତେବେଳେ ରପ୍ତାନି ଅପେକ୍ଷା ଆମଦାନୀ ଉପରେ ଅଧିକ ଖର୍ଚ୍ଚ ହୁଏ। ଏଥିରେ କୁହାଯାଇଛି ଯେ ଯଦି ୨୦୨୬ ଆର୍ଥିକବର୍ଷରେ ଅଶୋଧିତ ତୈଳର ହାରାହାରି ମୂଲ୍ୟ ପ୍ରତି ବ୍ୟାରେଲ ପ୍ରତି ୮୦ ଡଲାରରୁ ୯୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଏ, ତେବେ ଚଳନ୍ତି ଖାତା ନିଅଣ୍ଟ ବର୍ତ୍ତମାନର ଆକଳନ ଜିଡିପିର ୧.୫ ରୁ ୧.୬% ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ଅଛି। ଏହା ଆର୍ଥିକ ବର୍ଷରେ ଅର୍ଥନୀତି ଉପରେ ଚାପ ପକାଇବ। ରିପୋର୍ଟରେ କୁହାଯାଇଛି ଯେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଏହି ଯୁଦ୍ଧ ଜୁନ୍ ୧୩ ରେ ଆରମ୍ଭ ହୋଇଥିଲା। ଏହା ପ୍ରତି ବ୍ୟାରେଲ ପ୍ରତି ଅଶୋଧିତ ତୈଳର ମୂଲ୍ୟ ୬୫ ଡଲାରକୁ ୭୫ଡଲାରକୁ ବୃଦ୍ଧି କରିଛି। ଯୁଦ୍ଧର ଆମେରିକାର ପ୍ରବେଶ ପରେ ଇରାନ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିବାକୁ ଘୋଷଣା କରିଛି, ଯାହା ବିଶ୍ୱ ତୈଳ ଯୋଗାଣକୁ ବାଧା ଦେଇପାରେ। ହର୍ମୁଜ୍ ପ୍ରଣାଳୀ ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ। ପ୍ରତିଦିନ ପ୍ରାୟ ୨୦ ନିୟୁତ ବ୍ୟାରେଲ ଅଶୋଧିତ ତୈଳ



ଏବଂ ବିଶ୍ୱ ତରଳୀକୃତ ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) ରପ୍ତାନିର ଏକ ତୃତୀୟାଂଶ ଏହା ଦେଇ ଗତି କରେ। ଇକ୍ରା ଆଶଙ୍କା କରୁଛି ଯେ ତୈଳ ମୂଲ୍ୟ ବୃଦ୍ଧିର ପ୍ରଭାବ କେବଳ ଆମଦାନୀ ବିଲ୍ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ। ଏହା ପାଇକାରୀ ମୂଲ୍ୟ ସୂଚକାଙ୍କରେ ୮୦ ରୁ ୧୦୦ ବେସିସ୍ ପଏଣ୍ଟ ଏବଂ ଗ୍ରାହକ ମୂଲ୍ୟ ସୂଚକାଙ୍କରେ ୨୦ ରୁ ୩୦ବେସିସ୍ ପଏଣ୍ଟ ବୃଦ୍ଧି ପାଇପାରେ। ଭାରତ ଇରାକ, ସାଉଦି ଆରବ, କୁୱେତ ଏବଂ ସଂଯୁକ୍ତ ଆରବ ଏମିରେଟ୍ସରୁ ଅଶୋଧିତ ତୈଳ ଆମଦାନୀ କରେ। ଭାରତର ପ୍ରାୟ ୪୫ ରୁ ୫୦% ଅଶୋଧିତ ତୈଳ ହର୍ମୁଜ୍ ପ୍ରଣାଳୀ ଦେଇ ଆସେ। ପ୍ରାକୃତିକ ଗ୍ୟାସ କ୍ଷେତ୍ରରେ, ଭାରତର ୫୪% ପ୍ରାକୃତିକ ଗ୍ୟାସ ହର୍ମୁଜ୍ ପ୍ରଣାଳୀ ଦେଇ ଆସେ। ଏଲ୍‌ଏନ୍‌ଜିର ଏକ ବଡ଼ ଅଂଶ କତାର ଏବଂ ୟୁଏଇରୁ ଆସେ। ଏହି ରାସ୍ତାରେ ଯେକୌଣସି ବାଧା ଶକ୍ତି ମୂଲ୍ୟ ବୃଦ୍ଧି କରିପାରେ।

# ବଢୁଛି ୟୁପିଆଇ ପ୍ଲାଟଫର୍ମରେ ଇନ୍‌ଷ୍ଟାଣ୍ଟ ଋଣ ଚାହିଦା

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଲୋକଙ୍କୁ ଅଚାନକ ଆର୍ଥିକ ଆବଶ୍ୟକତା ପଡିଲେ ଋଣ ପାଇଁ ବ୍ୟାଙ୍କ ମୁହାଁ ହୁଅନ୍ତି। ତେବେ ବ୍ୟାଙ୍କ ବ୍ୟବସ୍ଥା ପ୍ରାୟତଃ ଧିମା ଓ ଜଟିଳ ହୋଇଥାଏ। ଏଣୁ ଲଗାତାର ବ୍ୟାଙ୍କକୁ ଦଉଡିବା ଓ କାଗଜପତ୍ର ପ୍ରକ୍ରିୟାରୁ ବର୍ତ୍ତିବା ପାଇଁ ଏବେ ଡିଜିଟାଲ ଟେକ୍ନୋଲଜି ଲୋକଙ୍କ ନିମନ୍ତେ ସୁବିଧାଜନକ ଋଣ ବ୍ୟବସ୍ଥା ନେଇ ଆସିଛି। ଗୁଗଲ ପେ ଓ ଫୋନ ପେ ଭଳି ଲୋକପ୍ରିୟ ୟୁପିଆଇ ପ୍ଲାଟଫର୍ମ ଇନଷ୍ଟାଣ୍ଟ ଲୋନ ସୁବିଧା ଆରମ୍ଭ କରିଛନ୍ତି।

ଯଦି ଋଣ ନିତ୍ୟାନ୍ତ ଆବଶ୍ୟକ ପ୍ରଥମେ ଗୁଗଲ ପେ ଆପ ଖୋଲନ୍ତୁ 'ମନି ସେକ୍ସନ' କୁ ଯାଇ 'ଲୋନ' ବିକଳ୍ପରେ କ୍ଲିକ୍ କରନ୍ତୁ। ଏଠାରେ ଆପଣଙ୍କ ଲାଗି ଉପଲବ୍ଧ ଲୋନ ଅଫର ଦେଖାଯିବ। ଏଥିରେ 'ପ୍ରି ଆପ୍ରୁଭଡ' ଲୋନକୁ ସିଲେକ୍ଟ କରନ୍ତୁ ଓ ଆପଣ ଆବଶ୍ୟକ କରୁଥିବା ଋଣ ରାଶି ଓ ଅବଧି ନିର୍ଦ୍ଧାରିତ କରନ୍ତୁ। ଆଗକୁ ବଢିବା ପାଇଁ 'କଣ୍ଟିନ୍ୟୁ' କ୍ଲିକ୍ କରନ୍ତୁ ଓ ମଗାଯାଉଥିବା ସୂଚନା ଦିଅନ୍ତୁ। ଓଟିପି ଦେବାମାତ୍ରେ ଆପଣଙ୍କ ଲୋନ ସ୍ୱୀକୃତ ହୋଇଯିବ ଓ ରାଶି ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିଯିବ। ଏଥିପାଇଁ ପ୍ରଥମେ ଫୋନ ପେ ଅଥବା ଫ୍ଲିପକାର୍ଟ ଆପ ଡାଉନଲୋଡ କରନ୍ତୁ। ମୋବାଇଲ ନମ୍ବରରେ ସାଇନ ଅପ କରନ୍ତୁ। ଏଥିରେ 'ଫ୍ଲିପକାର୍ଟ ପେ ଲେଟର' କ୍ଲିକ୍ କରନ୍ତୁ। ଆବଶ୍ୟକ ଡକ୍ୟୁମେଣ୍ଟେ (ପାନ୍ ଓ ଆଧାର) ଅପଲୋଡ କରନ୍ତୁ। ଯଦି ଆପଣଙ୍କ ସିଭିଲ ସ୍କୋର ୭୫୦ରୁ ଅଧିକ ତେବେ ଆପଣ ଲୋନ ନେବା ପାଇଁ ପାତ୍ର ମାନ୍ୟ ହେବେ। ଆପଣଙ୍କ ଖାତା ଆକ୍ଟିଭେଟ ହେବା ପରେ 'ମାଇଁ ମନି' ସେକ୍ସନରୁ ୟୁପିଆଇ ମାଧ୍ୟମରେ ଋଣ ରାଶି ପ୍ରାପ୍ତ କରନ୍ତୁ।

## ● ବଢୁଛି ମଧ୍ୟପ୍ରାଚ୍ୟ ଉତ୍ତେଜନା
# ସେନ୍‌ସେକ୍ସ ୫୧୧ ପଏଣ୍ଟ ଖସିଲା




ମୁମ୍ବଇ,୨୩।୬(ଏଜେନ୍ସି): ଦୁର୍ବଳ ବୈଶ୍ୱିକ ସଂକେତ ମଧ୍ୟରେ ଭାରତୀୟ ସେୟାରର ଦୁଇ ପ୍ରମୁଖ ସୂଚକାଙ୍କ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ସେନ୍‌ସେକ୍ସ ଓ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍‌ଟି ଆଜି ଲାଲ୍ ସଂକେତ ସହ ବନ୍ଦ ହୋଇଛି। ତେବେ ସ୍ମଲ୍‌କ୍ୟାପ୍ ଓ ମିଡ୍‌କ୍ୟାପ୍ ସେୟାରରେ ବଡ଼ ଆକାରରେ କ୍ରୟ ଦେଖିବାକୁ ମିଳିଛି, ଯେଉଁଥିପାଇଁ ନିବେଶକଙ୍କ ମୋଟ ସମ୍ପତ୍ତି ପ୍ରାୟ ୮ ହଜାର କୋଟି ଟଙ୍କା ବୃଦ୍ଧି ପାଇଛି। କାରବାର ଶେଷରେ ବିଏସ୍ଇ ସେନ୍‌ସେକ୍ସ ୫୧୧.୩୮ ପଏଣ୍ଟ ବା ୦.୬୨ ପ୍ରତିଶତ ହ୍ରାସ ସହ ୮୧,୮୯୬.୭୯ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ୟପକ୍ଷେ ନିଫ୍ଟି ୧୪୦.୫୦ ଅଙ୍କ ବା ୦.୫୬ ପ୍ରତିଶତ ଖସି ୨୪,୯୭୧.୯୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା କାରଣରୁ ସେୟାର ବଜାର ଆଜି ହ୍ରାସ ସହ ଖୋଲିଥିଲା। କିନ୍ତୁ କାରବାର ଶେଷ ଅଧ ଘଣ୍ଟାରେ ବିକ୍ରି ଚାପ ସାମାନ୍ୟ ହ୍ରାସ ପାଇଥିଲା। ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ସେୟାର ବଜାରର ବିପରୀତରେ ଭଲ ପ୍ରଦର୍ଶନ କରିଛି। ନିଫ୍ଟି ମିଡ୍‌କ୍ୟାପ୍ ୧୦୦ ଇଣ୍ଡେକ୍ସ ୦.୩ ପ୍ରତିଶତ ବଢି ବନ୍ଦ ହୋଇଛି । ଅନ୍ୟପଟେ ନିଫ୍ଟି ସ୍ମଲ୍‌କ୍ୟାପ୍ ୧୦୦ ଇଣ୍ଡେକ୍ସ ୦.୭ ପ୍ରତିଶତ ବୃଦ୍ଧି ପାଇଛି। ଆଇଟି ସେୟାରରେ ସବୁଠୁ ଅଧିକ ଚାପ ରହିଥିଲା। ନିଫ୍ଟି ଆଇଟି ଇଣ୍ଡେକ୍ସ ୧.୪ ପ୍ରତିଶତ ଖସିଥିଲା । ଅନ୍ୟପଟେ ମିଡିଆ ସେୟାରରେ ଭଲ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ନିଫ୍ଟି ମିଡିଆ ଇଣ୍ଡେକ୍ସ ୪ ପ୍ରତିଶତ ବଢିଛି । ଡିଫେନ୍ସ ସେୟାରରେ ବି ଜୋରଦାର କ୍ରୟ ଦେଖିବାକୁ ମିଳିଥିଲା। ବିଏସ୍ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ଆଜି ବଢି ୪୪୭.୭୮ ଲକ୍ଷ କୋଟି ଟଙ୍କା ହୋଇଛି। ଯାହା ପୂର୍ବ କାରବାର ଦିନ ଅର୍ଥାତ୍ ଶୁକ୍ରବାର ୪୪୭.୭୦ ଲକ୍ଷ କୋଟି ଟଙ୍କା ଥିଲା। ସେହିପରି ବିଏସଇରେ ସୂଚୀବଦ୍ଧ କମ୍ପାନି ଆଜି ପ୍ରାୟ ୮ ହଜାର କୋଟି ଟଙ୍କା ବଢିଛି । ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କୁ ୮ ହଜାର କୋଟି ଟଙ୍କା ଲାଭ ହୋଇଛି । ବିଏସ୍ଇ ସେନ୍‌ସେକ୍ସର ଆଜି ୩୦ରୁ ୯ ସେୟାର ସବୁଜ ସଂକେତରେ ବନ୍ଦ ହୋଇଛି।

# ଭାରତରେ ମକା, ସୋୟାବିନ୍ ଶସ୍ତାରେ ବିକିବାକୁ ଆମେରିକାର ଜିଦ୍

ନୂଆଦିଲ୍ଲୀ,୨୩।୬(ଏଜେନ୍ସି)

ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଦାବି

ଜୁଲାଇ ୯ ରେ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା

 କ୍ଷତି ସହିବେ ଭାରତୀୟ ଚାଷୀ

ଆଶଙ୍କାରେ ଦ୍ୱିପାକ୍ଷିକ ବାଣିଜ୍ୟ

କୃଷି ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ଯୋଗୁଁ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ମଝିରେ ଫସି ରହିଛି। ବାଣିଜ୍ୟ ଚୁକ୍ତି ପାଇଁ, ଆମେରିକା ମକା ଏବଂ ସୋୟାବିନ୍ ଭଳି ତାର ଜେନେଟିକାଲ୍ ପରିବର୍ତ୍ତିତ (ଜିଏମ୍) ଖାଦ୍ୟ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଦାବି କରୁଛି। ଏକ ରିପୋର୍ଟ ଅନୁଯାୟୀ, ଆମେରିକା ଚାହୁଁଛି ଯେ ଏହି ଉତ୍ପାଦଗୁଡ଼ିକ ଭାରତରେ ଶସ୍ତାରେ ବିକ୍ରି ହେଉ। ସେହି ସମୟରେ, ଭାରତ ସରକାର ଚାଷୀମାନଙ୍କୁ କ୍ଷତିରୁ ରକ୍ଷା କରିବା ପାଇଁ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଚାହୁଁନାହାନ୍ତି। ଭାରତୀୟ ଅଧିକାରୀଙ୍କ ମତରେ ଯଦି ଆମେରିକାରୁ ଶସ୍ତା ଜିଏମ୍ ଖାଦ୍ୟ ଭାରତକୁ ଆସେ, ତେବେ ଭାରତୀୟ କୃଷକମାନଙ୍କ ପାଇଁ ସେମାନଙ୍କର ଫସଲ ବିକ୍ରି କରିବା କଷ୍ଟକର ହୋଇଯିବ। ଏପରି ପରିସ୍ଥିତିରେ ଚୁକ୍ତିକୁ ନେଇ ଦ୍ୱନ୍ଦ୍ୱ ରହିଛି। ଜୁଲାଇ ୯ ତାରିଖ ପୂର୍ବରୁ ଏ ନେଇ ସମାଧାନ ଖୋଜିବା କଷ୍ଟକର ହୋଇପାରେ। ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ଅଧୀନରେ ଉଭୟ ଦେଶ ପରସ୍ପରର ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହ୍ରାସ କରି ବାଣିଜ୍ୟ ବୃଦ୍ଧି କରିବାକୁ ଚାହାଁନ୍ତି। ଭାରତ ଆମେରିକାରେ ଏହାର ବୟନଶିଳ୍ପ, ଚମଡା, ଔଷଧ ଏବଂ କିଛି ଇଞ୍ଜିନିୟରିଂ ସାମଗ୍ରୀ ଉପରେ ଶୂନ୍ୟ ଟିକସ ଚାହୁଁଛି, ଯେତେବେଳେ କି ଆମେରିକା ଏହାର କୃଷି ଏବଂ ଶିଳ୍ପ ଉତ୍ପାଦ ପାଇଁ ଭାରତରେ ଏକ ବଜାର ଚାହୁଁଛି। ଆସନ୍ତା ଜୁଲାଇ ୯ ସୁଦ୍ଧା ଏହି ଚୁକ୍ତିକୁ ଚୂଡ଼ାନ୍ତ କରିବାକୁ ପ୍ରୟାସ କରାଯାଉଛି। ଯଦି ଏହି ତାରିଖ ସୁଦ୍ଧା କୌଣସି ସୀମିତ ଚୁକ୍ତିନାମା ନ ହୁଏ, ତେବେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୨୬% ଲାଗୁ କରିବ।

ଆମେରିକା ଚାହୁଁଛି ଯେ ଭାରତ ଜିଏମ୍ ଫସଲ (ମକା, ସୋୟାବିନ୍) ଏବଂ ଅନ୍ୟାନ୍ୟ କୃଷି ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ହ୍ରାସ କରୁ। ଏହାସହିତ, ଏହା ଚିକିତ୍ସା ଉପକରଣ ଉପରେ ଶୁଳ୍କ ଏବଂ ତଥ୍ୟ ସ୍ଥାନୀୟକରଣ ନିୟମରେ ଛାଡ଼ ଚାହୁଁଛି। ଆମେରିକା ଏହାର




ଦୁଗ୍ଧ ଉତ୍ପାଦ, ଯାନବାହାନ ଏବଂ ହ୍ୱିସ୍କି ପରି ସାମଗ୍ରୀ ଉପରେ କମ ଶୁଳ୍କ ଦାବି ମଧ୍ୟ କରୁଛି। ଭାରତ ଆମେରିକାର ଦାବି ଗ୍ରହଣ କରିବାକୁ ମନା କରିଦେଇଛି, ବିଶେଷକରି କୃଷି ଏବଂ କ୍ଷୀର ବଜାର ଖୋଲିବା ଦାବି। ଭାରତ କହିଛି ଯେ ଏହା ଲକ୍ଷ ଲକ୍ଷ ଗରିବ ଚାଷୀଙ୍କ କ୍ଷତି କରିବ। ଭାରତୀୟ ଉତ୍ପାଦଗୁଡ଼ିକ ଆମେରିକୀୟ ଉତ୍ପାଦ ସହିତ ପ୍ରତିଯୋଗିତା କରିପାରିବେ ନାହିଁ। ଭାରତ କହିଛି ଯେ ଯଦି ଆମେରିକା ଇସ୍ପାତ ଏବଂ ଅଟୋମୋବାଇଲ୍ ଉପରେ ଶୁଳ୍କ ଲାଗୁ କରେ, ତେବେ ଆମେ ମଧ୍ୟ ପ୍ରତିଶୋଧମୂଳକ ଶୁଳ୍କ ଲାଗୁ କରିବୁ। ଭାରତ ଚାହୁଁଛି ଯେ ଆମେରିକା ଏହାର ବୟନଶିଳ୍ପ, ଚମଡା, ଔଷଧ ଏବଂ ଅଟୋ ଯନ୍ତ୍ରାଂଶ ଉପରୁ ଶୁଳ୍କ ହଟାଉ କିମ୍ବା ହ୍ରାସ କରୁ। ଭାରତ ପ୍ରଥମେ ଶୂନ୍ୟ ଶୁଳ୍କ ଦାବି କରିଥିଲା, କିନ୍ତୁ ବର୍ତ୍ତମାନ ଏହା ଅତି କମରେ ୧୦% ମୂଳ ଶୁଳ୍କ ଉପରେ ସହମତ ହେବ ବୋଲି ଆଶା କରାଯାଉଛି, ଯାହାକୁ ଆମେରିକା ସମସ୍ତ ଦେଶ ପାଇଁ ଲାଗୁ କରୁଛି।

ଯଦି ଜୁଲାଇ ୯ ସୁଦ୍ଧା କୌଣସି ଚୁକ୍ତି ନ ହୁଏ, ତେବେ ଆମେରିକା ବୟନ ଶିଳ୍ପ, ଔଷଧ ଏବଂ ଅଟୋ ଯଶ ସମେତ ଭାରତୀୟ ସାମଗ୍ରୀ ଉପରେ ୨୬% ଶୁଳ୍କ ଲାଗୁ କରିପାରେ। ଏହା ଭାରତୀୟ ରପ୍ତାନିକାରୀଙ୍କୁ କ୍ଷତି ପହଞ୍ଚାଇବ। ଜବାବରେ ଭାରତ ମଧ୍ୟ ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି କରିପାରେ, ଯାହା ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ଉତ୍ତେଜନା ବୃଦ୍ଧି କରିପାରେ। ଆଲୋଚନା ଏବେ ବି ଚାଲିଛି। ଜୁନରେ ଦିଲ୍ଲୀରେ ଅନୁଷ୍ଠିତ ଆଲୋଚନାରେ ଡିଜିଟାଲ୍ ବାଣିଜ୍ୟ ଏବଂ ସୀମା ଶୁଳ୍କ ସୁବିଧା ଭଳି ପ୍ରସଙ୍ଗରେ ସହମତି ହୋଇଥିଲା। ଯଦି ଆମେରିକା ଭାରତୀୟ ସାମଗ୍ରୀ ଯେପରିକି କପଡ଼ା ଏବଂ ଜୋତା ଉପରେ ୧୦% ଶୁଳ୍କ ପ୍ରଦାନ କରେ ତେବେ ଭାରତ କିଛି କୃଷି ଉତ୍ପାଦ ଏବଂ ଯାନବାହାନ ଉପରେ ଶୁଳ୍କ ହ୍ରାସ କରିବାକୁ ବିଚାର କରୁଛି, କିନ୍ତୁ ଜିଏମ୍ ଖାଦ୍ୟ ଏବଂ କ୍ଷୀର ପରି ପ୍ରସଙ୍ଗଗୁଡ଼ିକ ଏକ ଅଚଳାବସ୍ଥା ରହିଛି। ଅପରପକ୍ଷେ ଭାରତ ଏବଂ ଆମେରିକା ଉଭୟ ଏହି ଚୁକ୍ତିକୁ ଶୀଘ୍ର ଚୂଡ଼ାନ୍ତ କରିବାକୁ ଚାହାଁନ୍ତି, କିନ୍ତୁ ଭାରତ ଏହାର ଚାଷୀ ଏବଂ ସ୍ଥାନୀୟ ଶିଳ୍ପକୁ ସୁରକ୍ଷା ଦେବାକୁ ପ୍ରାଥମିକତା ଦେଉଛି। ଯଦି ଚୁକ୍ତି ହୁଏ ନାହିଁ, ତେବେ ଭାରତ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ରେ ଆମେରିକାର ଇସ୍ପାତ ଏବଂ ଆଲୁମିନିୟମ ଶୁଳ୍କ ବିରୁଦ୍ଧରେ ଅଭିଯୋଗ କରିପାରିବ। ଦୁଇ ଦେଶ ସମ୍ଭବତଃ ତିନୋଟି ପର୍ଯ୍ୟାୟରେ ଚୁକ୍ତି ସମାପ୍ତ କରିବାକୁ ଚେଷ୍ଟା କରିବେ। ପ୍ରଥମ ପର୍ଯ୍ୟାୟ ଜୁଲାଇ ସୁଦ୍ଧା, ଦ୍ୱିତୀୟ ପର୍ଯ୍ୟାୟ ସେପ୍ଟେମ୍ବର-ନଭେମ୍ବର ସୁଦ୍ଧା ଏବଂ ତୃତୀୟ ପର୍ଯ୍ୟାୟ ପରବର୍ତ୍ତୀ ବର୍ଷ ପାଇଁ ଧାର୍ଯ୍ୟ କରାଯାଇଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଭାବିଚିନ୍ତି ନିବେଶ କରନ୍ତୁ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୫୬୪- ରାଣୀ ଦୁର୍ଗାବତୀଙ୍କ ବିୟୋଗ।
- ୧୭୯୩- ଫ୍ରାନ୍ସ ପ୍ରଥମ ଥର ପାଇଁ ରିପବ୍ଲିକାନ୍ ସମ୍ବିଧାନକୁ ଆପଣାଇଲା।
- ୧୯୧୮- କାନାଡ଼ାର ମଣ୍ଟ୍ରିଲ୍ ଓ ଟରଣ୍ଟୋ ମଧ୍ୟରେ ଏୟାରମେଲ୍ ସେବା ଆରମ୍ଭ ହେଲା।
- ୧୯୮୨- ସୋଭିଏତ୍ ସଂଘ ସୋୟୁଜ୍ ଟି-୬ ଲଞ୍ଚ କଲା।
- ୧୯୬୬- ମୁମ୍ବାଇରୁ ନ୍ୟୁୟର୍କ ଯାଉଥିବା ଏୟାର ଇଣ୍ଡିଆ ବିମାନ ସ୍ୱିଜରଲ୍ୟାଣ୍ଡରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୧୭ ଲୋକଙ୍କ ପ୍ରାଣହାନି।

## ଆଜି ବାହୁଡ଼ିଥିଲେ

# ଜନନାୟକ ନବକୃଷ୍ଣ ଚୌଧୁରୀ



ନବକୃଷ୍ଣ ଚୌଧୁରୀ ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ମୁଖ୍ୟମନ୍ତ୍ରୀ ବାଦ୍ ତାଙ୍କର ଏକ ବ୍ୟାପକ ପରିଚୟ ଥିଲା। ସେ ଏକାଧାରରେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ଏବଂ ସର୍ବୋଦୟ ନେତା। ଉଭୟ ବ୍ୟକ୍ତିଗତ ଓ ସାମାଜିକ କ୍ଷେତ୍ରରେ ସାଧୁତା, ନୈତିକତା, ସରଳତା, ପରୋପକାର ଓ ସତ୍ୟବାଦିତା ଦୃଷ୍ଟିରୁ ସେ ସମଗ୍ର ଦେଶରେ ଏକ ବିରଳ ରାଜନେତା ଥିଲେ। ନବକୃଷ୍ଣ ଜଗତସିଂହପୁର ଜିଲ୍ଲାର ଖେରସା ଗାଁରେ ୧୯୦୧ ମସିହା ନଭେମ୍ବର ୨୩ ତାରିଖରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଗୋକୁଳାନନ୍ଦ ଚୌଧୁରୀ ଜଣେ ଓକିଲ ଥିଲେ। ନବକୃଷ୍ଣ ପ୍ୟାରୀମୋହନ ଏକାଡେମୀରେ ୧୪ ବର୍ଷ ବୟସରେ ଶିକ୍ଷା ସମାପନ କରିଥିଲେ। ହାଇସ୍କୁଲ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ପାଇଁ ସେ ରେଭେନ୍ସା କଲେଜରେ ନାମ ଲେଖାଇଥିଲେ। ହେଲେ ପରାଧୀନ ଭାରତର ଦୁରବସ୍ଥା ତାଙ୍କୁ ସର୍ବଦା ବିଚଳିତ କରୁଥିଲା ଏବଂ ଅଧାରୁ ପାଠପଢ଼ା ଛାଡ଼ି ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ। ସାବରମତୀ ଆଶ୍ରମରେ ଦଶମାସର ରହଣି ତାଙ୍କୁ ସଚ୍ଚୋଟ ଲୋକସେବକ ହେବାରେ ସାହାଯ୍ୟ କରିଥିଲା ଏବଂ ଓଡ଼ିଶା ଫେରି ଆସି ସାଧାରଣ ଲୋକଙ୍କ ବିକାଶ କାର୍ଯ୍ୟରେ ଲାଗିଥିଲେ। ଅଧାରୁ ଛାଡ଼ିଥିବା ଉଚ୍ଚଶିକ୍ଷା ସମାପନ ପାଇଁ ସେ ଶାନ୍ତି ନିକେତନ ଯାଇଥିଲେ। ସେଠାରେ ତାଙ୍କର ମାଳତୀ ସେନ୍‌ଙ୍କ ସହ ପରିଚୟ ହୋଇଥିଲା। ପରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ବିବାହ ପରେ ଦୁହେଁ ଆସି ଜଗତସିଂହପୁର ଅନ୍ତର୍ଗତ ତରିକୁଦ ଗ୍ରାମରେ ବାସ କରିଥିଲେ। ସେଠାରେ ସେମାନେ ସାଧାରଣ ଲୋକଙ୍କ ସହ ମିଶି କୃଷି କାର୍ଯ୍ୟ କରୁଥିଲେ, ଶିକ୍ଷା ଦେଉଥିଲେ, ସ୍କୁଲ ଚଳାଉଥିଲେ। କୃଷକ ଓ ସାଧାରଣ ଲୋକଙ୍କ ପାଇଁ ପ୍ରଥମେ 'ସାରଥି' ଏବଂ ତା ପରେ 'କୃଷକ' ନାମକ ପତ୍ରିକା ବାହାର କରିଥିଲେ। ଜମିଦାର ଘରେ ଜନ୍ମ ନେଇଥିବା ନବକୃଷ୍ଣ ତାଙ୍କର ସମସ୍ତ ଜମି ଭୂଦାନ ଆନ୍ଦୋଳନବେଳେ ଦାନ କରିଦେଇଥିଲେ। ୧୯୩୭ରେ ନୂତନ ଓଡ଼ିଶା ବିଧାନସଭା ନିର୍ବାଚନରେ ତିର୍ତ୍ତୋଲ ଏରସମା ନିର୍ବାଚନ ମଣ୍ଡଳୀରୁ ସେ ନିର୍ବାଚିତ ହୋଇଥିଲେ। ୧୯୪୬ରେ ମହତାବଙ୍କ ମନ୍ତ୍ରିମଣ୍ଡଳରେ ସାମିଲ୍ ହୋଇ ସେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ହୋଇଥିଲେ। ଶେଷରେ ୧୯୫୦ରେ ନବକୃଷ୍ଣ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହେଲେ। ଏହି ସମୟ ଭିତରେ ସେ ଭାଗଚାଷୀ ଆଇନ, ଜମିଦାରୀ ପ୍ରଥା ଉଚ୍ଛେଦ, ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ଆଇନ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ପ୍ରଣୟନ ଭଳି ବହୁ ବଳିଷ୍ଠ ଓ ଜନହିତକର ପଦକ୍ଷେପ ନେଇଥିଲେ। ସେହିପରି ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେଇ ସେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ଆଜୀବନ ଶୋଷିତ ଶ୍ରେଣୀର ସପକ୍ଷରେ କାର୍ଯ୍ୟ କରିଥିବା ଏହି ଜନନେତା ୧୯୮୪ ମସିହା ଆଜିର ଦିନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ନୃତ୍ୟ ପ୍ରବୀଣା ସଂଯୁକ୍ତା



ସ୍ୱାଧୀନତୋତ୍ତର ଓଡ଼ିଶାରେ ଯେଉଁ ନୃତ୍ୟାଙ୍ଗନାମାନେ ଓଡ଼ିଶୀକୁ ବିଶ୍ୱସ୍ତରରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ ସଂଯୁକ୍ତା ପାଣିଗ୍ରାହୀ ଅନ୍ୟତମ। ନିଜର କଠୋର ସାଧନା ଓ ଅଧ୍ୟବସାୟ ଦ୍ୱାରା ପ୍ରାୟ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେ ଓଡ଼ିଶୀ ନୃତ୍ୟର ଜଣେ ସଫଳତମ ନୃତ୍ୟଶିଳ୍ପୀ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ଓଡ଼ିଶୀକୁ ଭାରତ ସମେତ ସମଗ୍ର ବିଶ୍ୱରେ ଆଦୃତ କରାଇବା ପାଇଁ ସେ ଆମେରିକା, ଫିଲିପାଇନ୍ସ, ୟୁକେ, ଇସ୍ରାଇଲ, ଗ୍ରୀସ୍ ଆଦି ଦେଶଗୁଡ଼ିକ ଭ୍ରମଣ କରିଥିଲେ। ତାଙ୍କ ନୃତ୍ୟ ପ୍ରତିଭା ଓ ନୃତ୍ୟ କଳା ପ୍ରତି ଅବଦାନ ସ୍ୱରୂପ ତାଙ୍କୁ ୧୯୭୫ ମସିହାରେ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା। ୧୯୭୬ରେ ମଧ୍ୟ ସେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ। ସଂଯୁକ୍ତାଙ୍କର ଜନ୍ମ ୨୪ ଅଗଷ୍ଟ, ୧୯୪୪ ମସିହାରେ ବ୍ରହ୍ମପୁରର ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ହୋଇଥିଲା। ତାଙ୍କ ପିତାଙ୍କ ନାମ ଅଭିରାମ ମିଶ୍ର ଓ ମାତାଙ୍କ ନାମ ଶକୁନ୍ତଳା ମିଶ୍ର। ବାଲ୍ୟ ସମୟରୁ ତାଙ୍କ ଭିତରେ ନୃତ୍ୟ ପ୍ରତିଭା ବିକଶିତ ହୋଇଥିଲା। ମାତ୍ର ତାଙ୍କ ପିତାଙ୍କ ବିରୋଧ ସତ୍ତ୍ୱେ ମା' ତାଙ୍କୁ ନୃତ୍ୟ ପାଇଁ ପ୍ରୋତ୍ସାହିତ କରିଥିଲେ। ମା'ଙ୍କ ପ୍ରେରଣା ବଳରେ ସଂଯୁକ୍ତା ଚାରି ବର୍ଷ ବୟସରେ ଗୁରୁ କେଳୁଚରଣ ମହାପାତ୍ରଙ୍କଠାରୁ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ୧୯୫୦-୧୯୫୩ ମସିହା ମଧ୍ୟରେ ତାଙ୍କୁ ତିନି ତିନି ଥର ସର୍ବଶ୍ରେଷ୍ଠ ଶିଶୁ କଳାକାର ଭାବେ ଅଭିହୀତ କରାଯାଇଥିଲା। ୧୯୫୨ ମସିହାରେ ସେ ଅନ୍ତରାଷ୍ଟ୍ରୀୟ ଶିଶୁ ଚଳଚ୍ଚିତ୍ର ସମାରୋହରେ ପ୍ରଥମ ପୁରସ୍କାର ଜିତିଥିଲେ। ନୃତ୍ୟରେ ଭଲ ପ୍ରଶିକ୍ଷଣ ପାଇଁ ତାଙ୍କ ମା' ତାଙ୍କୁ ଚେନ୍ନାଇରେ କଳାକ୍ଷେତ୍ରକୁ ପଠାଇଥିଲେ। ସେଠାରେ ସେ ୬ବର୍ଷ ପର୍ଯ୍ୟନ୍ତ ଭାରତନାଟ୍ୟମ୍ ଓ କଥକ ଶିକ୍ଷା ଲାଭ କରିଥିଲେ। ୧୪ବର୍ଷ ବୟସରେ ସେ ଓଡ଼ିଶା ଫେରି ଆସି ଓଡ଼ିଶୀ ନୃତ୍ୟର ବିକାଶ ଦିଗରେ ଧ୍ୟାନ ଦେଇଥିଲେ। ୧୯୬୦ ମସିହାରେ ୧୬ବର୍ଷ ବୟସରେ ସଙ୍ଗୀତଜ୍ଞ ରଘୁନାଥ ପାଣିଗ୍ରାହୀଙ୍କୁ ବିବାହ କରିଥିଲେ। ରଘୁନାଥଙ୍କ ସହିତ ଦେଶ ବିଦେଶରେ ନୃତ୍ୟ ପରିବେଷଣ କରି ଯଶ ଓ ଖ୍ୟାତିର ସର୍ବୋଚ୍ଚ ସ୍ଥାନରେ ସଂଯୁକ୍ତା ପହଞ୍ଚି ପାରିଥିଲେ। ନିଜର ଚେଷ୍ଟା ବଳରେ ସେ ଓଡ଼ିଶୀ ନୃତ୍ୟକୁ ବିଶ୍ୱସ୍ତରରେ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ଦେବାରେ ସଫଳ ହୋଇଥିଲେ। ୧୯୯୭ ମସିହା ଆଜିର ଦିନରେ ଏହି ମହାନ୍ ନୃତ୍ୟଶିଳ୍ପୀଙ୍କ ମୃତ୍ୟୁ ହୋଇଥିଲା।

# ଘୁଞ୍ଚିପାରେ 'ପରମସୁନ୍ଦରୀ' ରିଲିଜ୍ ଡେଟ୍



ବଲିଉଡ୍ ଅଭିନେତା ଅଜୟ ଦେବଗନଙ୍କ ଫିଲ୍ମ 'ସନ୍ ଅଫ୍ ସର୍ଦ୍ଦାର୍-୨' ଆସନ୍ତା ଜୁଲାଇ ୨୫ ତାରିଖରେ ରିଲିଜ୍ ହେବ। ଏହି ଦିନ ଜାହ୍ନବୀ କପୁର ଓ ସିଦ୍ଧାର୍ଥ ମଲହୋତ୍ରାଙ୍କ ଫିଲ୍ମ 'ପରମସୁନ୍ଦରୀ' ମଧ୍ୟ ମୁକ୍ତିଲାଭ କରିବ। ଇତିମଧ୍ୟରେ 'ପରମସୁନ୍ଦରୀ'ର ନିର୍ମାତା ଅଜୟଙ୍କ ଷ୍ଟାରଡମ୍ ଓ 'ସନ୍ ଅଫ୍ ସର୍ଦ୍ଦାର'ର ସଫଳତାକୁ ଦେଖି ଏହାର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅଜୟଙ୍କ ଯୋଗୁଁ ତାଙ୍କ ଫିଲ୍ମକୁ ବଡ଼ ଧରଣର କ୍ଷତି ସହିବାକୁ ପଡ଼ିପାରେ ବୋଲି ଏହାର ନିର୍ମାତା ଭାବୁଛନ୍ତି। ପ୍ରଯୋଜକ ଦିନେଶ ବିଜାନ ଫିଲ୍ମର ସଫଳତା ନେଇ ବେଶ୍ ଆଶାବାଦୀ ଅଛନ୍ତି। ଅପରପକ୍ଷରେ ଜୁଲାଇ ମାସରେ ଅନେକଗୁଡ଼ିଏ ରୋମାଣ୍ଟିକ୍ କମେଡି ଫିଲ୍ମ ରିଲିଜ୍ ହେଉଥିବାରୁ ଏହା 'ପରମସୁନ୍ଦରୀ'ର ବିଜିନେସ୍‌କୁ ପ୍ରଭାବିତ କରିପାରେ ବୋଲି ଦିନେଶ ଭାବୁଛନ୍ତି। ତେବେ ଦିନେଶ ଏହାକୁ ଅଗଷ୍ଟରେ ରିଲିଜ୍ କରିବା ପାଇଁ ଯୋଜନା କରୁଛନ୍ତି। ଅପରପକ୍ଷରେ 'ୱାର୍-୨', 'ଧଡକ-୨' ମଧ୍ୟ ଅଗଷ୍ଟ ମାସରେ ରିଲିଜ୍ ହେବ। ଏଦୁଇଟି ଫିଲ୍ମ ମଧ୍ୟ 'ପରମସୁନ୍ଦରୀ'ର ବିଜିନେସ୍‌କୁ ପ୍ରଭାବିତ କରିପାରେ। କିନ୍ତୁ ଏଯାଏଁ ଏହି ଫିଲ୍ମ କେବେ ମୁକ୍ତିଲାଭ କରିବ ସେନେଇ ଦିନେଶ ସ୍ପଷ୍ଟ ଭାବେ କିଛି କହି ନାହାନ୍ତି। କିଛି ଦିନ ପୂର୍ବରୁ ଫିଲ୍ମର ଫାଷ୍ଟ ଲୁକ୍ ସାମ୍ନାକୁ ଆସିଥିଲା। ଉଭୟ ଜାହ୍ନବୀ ଓ ସିଦ୍ଧାର୍ଥ ଦକ୍ଷିଣ ଭାରତୀୟ ପୋଷାକ ପରିପାଟୀରେ ବେଶ୍ ଭଲ ଦେଖାଯାଉଛନ୍ତି। ସବୁଠୁ ବଡ଼ କଥା ହେଲା ସିଦ୍ଧାର୍ଥ ଓ ଜାହ୍ନବୀଙ୍କ ଯୋଡ଼ି ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି।

## ସୁବର୍ଣ୍ଣା

# ସଠିକ୍ ଖାଦ୍ୟ ସଂରକ୍ଷଣରୁ ରୋଗମୁକ୍ତ ରହିବେ ପ୍ରାଣୀ

**ବର୍ଷାଦିନେ ପରିବେଶ ସନ୍ତସନ୍ତିଆ ରହିଥାଏ। ଏହି ଦିନରେ ଅତ୍ୟଧିକ ଆର୍ଦ୍ରତା ଓ ଚାରିଆଡେ ପାଣି ଜମି ରହୁଥିବାରୁ ପ୍ରାଣୀଙ୍କ ଖାଦ୍ୟକୁ କବକ ଓ ଜୀବାଣୁ ଆଦି ଶୀଘ୍ର ସଂକ୍ରମିତ କରିଥାନ୍ତି। ଉକ୍ତ ପଚା ସଢ଼ା ଖାଦ୍ୟ ଖାଇ ପ୍ରାଣୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୁଅନ୍ତି। ତେଣୁ ଅନ୍ୟଦିନ ତୁଳନାରେ ବର୍ଷାଦିନେ ପ୍ରାଣୀଙ୍କ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏହିଦିନେ ସଠିକ୍ ଉପାୟରେ ଚାଷୀଭାଇମାନେ ଖାଦ୍ୟ ସଂରକ୍ଷଣ କରିପାରିବେ।**

ଅଧିକାଂଶ ପ୍ରାଣୀଙ୍କ ଖାଦ୍ୟକୁ ନ ଶୁଖାଇ ଏହାକୁ ସଂରକ୍ଷଣ କରି ଦିଅନ୍ତି। ସେହିପରି ଖୋଲା ଓଦାଳିଆ ସ୍ଥାନରେ ଖାଦ୍ୟ ରଖିବା, ଓଦା ଖାଦ୍ୟରେ କବକ ତଥା ପୋକ ସଂକ୍ରମଣ ହେବା, ଖାଦ୍ୟକୁ ସଫା ଓ ସ୍ୱଚ୍ଛ ସ୍ଥାନରେ ନ ରଖିବା କାରଣରୁ ଏହା ନଷ୍ଟ ହୋଇଥାଏ। ଏହି ବିଷାକ୍ତ ତଥା ଦୂଷିତ ଖାଦ୍ୟ ଖାଇବା ଯୋଗୁ ଗାଈଗୋରୁଙ୍କଠାରେ ପତଳା ଝାଡ଼ା ହେବା, ଶରୀରରୁ ଜଳୀୟଅଂଶ କମିଯିବା, ଦୁର୍ବଳ ଅନୁଭବ କରି ଖାଇବା ପିଇବା କମାଇ ଦେବା, ଦୁଗ୍ଧ ଉତ୍ପାଦନ ହ୍ରାସ ପାଇବା ଆଦି ଲକ୍ଷଣ ଦେଖିବାକୁ ମିଳିଥାଏ। ବିଶେଷ କଥା ହେଉଛି, ସଢ଼ା ବା ପଚା ଖାଦ୍ୟରେ ଅଫ୍ଲାଟକ୍ସିନ, ମାୟକୋଟକ୍ସିନ ପରି ହାନିକାରକ କବକ ଉତ୍ପନ୍ନ ହୋଇଥାଏ। ଏହାକୁ ଖାଇବା ଦ୍ୱାରା ପ୍ରାଣୀଙ୍କର ପେଟଜନିତ ସମସ୍ୟା ହେବାର ଭୟ ଅଧିକ ରହିଥାଏ।

ତେଣୁ ପ୍ରାଣୀଙ୍କ ଖାଦ୍ୟ ସାଇତିବା ପାଇଁ ସର୍ବଦା ଉଚ୍ଚ, ଶୁଖିଲା ଓ ବାୟୁଚଳାଚଳ ହୋଇପାରୁଥିବା ସ୍ଥାନ ଚୟନ କରନ୍ତୁ। ବାଉଁଶ, କାଠ କିମ୍ବା ଇଟା ସାହାଯ୍ୟରେ ଥାକ କରି ସେଥିରେ ଖାଦ୍ୟ ରଖିବା ସବୁଠୁ ଭଲ ବିକଳ୍ପ। ଖାଦ୍ୟ ସାଇତିବା ପରେ ଏହା ଉପରେ ପ୍ଲାଷ୍ଟିକ୍ ସିଟ୍ କିମ୍ବା ପାଲ ଘୋଡାଇବା ନିହାତି ଆବଶ୍ୟକ। ଖାଦ୍ୟର ଯାଞ୍ଚ କରି ଏହାକୁ ମଝିରେ ମଝିରେ ଶୁଖାଇ ପାରିବେ। ଖାଦ୍ୟ ସାଇତା ଯାଉଥିବା ସ୍ଥାନରେ ନିମ୍ବପତ୍ର ପୁଟୁଳା କିମ୍ବା ଶୁଖିଲା ପତ୍ରକୁ ଖାଦ୍ୟରେ ମିଶାଇ ରଖିବା ଦ୍ୱାରା ସଂକ୍ରମଣରୁ ରକ୍ଷା କରାଯାଇପାରେ। ସେହିପରି ଘାସ କାଟିବା ପରେ ୩ରୁ ୫ଦିନ ଖରାରେ ଶୁଖାଇବା ଜରୁରି। ଶୁଖିଲା ଘାସକୁ ସଠିକ୍ ଢଙ୍ଗରେ ରଖିବା ଦ୍ୱାରା ଏହା ଦୀର୍ଘ ସମୟ ଭଲ ରୁହେ। ଏନେଇ ପ୍ରତି ୧୫ରୁ ୨୦ ଦିନରେ ଚାରାର ସ୍ଥିତି ଯାଞ୍ଚ କରି ପାରିବେ। ବର୍ଷାଦିନେ ପ୍ରାଣୀଙ୍କ ପାଇଁ ଖାଦ୍ୟ ଉପଲବ୍ଧତା ଏବଂ ଗୁଣବତ୍ତା ଦୁଇଟିକୁ ଗୁରୁତ୍ୱ ଦେବା ଆବଶ୍ୟକ।



# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ସମୟରେ ଫସଲରେ କୀଟନାଶକ ସିଞ୍ଚନ ଓ ଜଳସେଚନ ବନ୍ଦ ରଖନ୍ତୁ।
- ତଳିଘେରା ପାଇଁ ବଛା ଯାଇଥିବା ଜମିକୁ ୩ରୁ ୪ଥର ହଳ କରି ଘାସ ବାଛି ଦିଅନ୍ତୁ। ବୁଣାଧାନ ପାଇଁ ଶେଷ ଓଡ଼ ଚାଷ ସମୟେ ଏକର ପ୍ରତି ୮ କୁଇଣ୍ଟାଲ ଖତ ପ୍ରୟୋଗ କରନ୍ତୁ।
- ସଅଳ କିମ୍ବା ମଧ୍ୟମ ଋତୁରେ ଦେଖାଯାଉଥିବା ମରୁଡ଼ିକୁ ଏଡ଼ାଇବା ପାଇଁ ବର୍ଷା ଜଳ ସଂଗ୍ରହ ପ୍ରକଳ୍ପଗୁଡ଼ିକୁ ମରାମତି କରନ୍ତୁ।
- ବିହନ ବୁଣିବା ଆଗରୁ ଏକ କେଜି ହରଡ ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ବିହନ ବିଶୋଧନ କରନ୍ତୁ।
- ବାଇଗଣ ତଳିଘେରାରେ ଘରାକଟା ରୋଗ ହେଲେ, ଶୁଖିଲା ପାଗ ଦେଖି ୧୦ଲିଟର ପାଣିରେ ୨୦ ଗ୍ରାମ ମେଟାଲାଗଜିଲ ଓ ମାଙ୍କୋଜେବ ମିଶାଇ ଏହି ଦ୍ରବଣକୁ ଝରା ଦ୍ୱାରା ମାଟିକୁ ଭିଜାନ୍ତୁ।
- ଭେଣ୍ଡି ବିହନ ଲଗାଇବା ସମୟରେ ଏକର ପ୍ରତି ୭୦ କିଗ୍ରା ଡିଏପି, ୧୧ କିଗ୍ରା ମ୍ୟୁରେଟ ଅଫ୍ ପଟାସ ସହିତ ୧୨ କିଗ୍ରା ୟୁରିଆ ସାର ପ୍ରୟୋଗ କରି ଧାଡ଼ିକୁ ଧାଡ଼ି ୪୫ ସେମି ଏବଂ ଗଛକୁ ଗଛ ୩୦ ସେମି ବ୍ୟବଧାନରେ ମଞ୍ଜି ବୁଣନ୍ତୁ।

# ଗଛର ଯତ୍ନ ନେବ ଆପ୍



**ସମ୍ପ୍ରତି ବାଲ୍‌କୋନି, ଛାତ, ଘର ଅଗଣାରେ ଅଧିକାଂଶ ବ୍ୟକ୍ତି କଣ୍ଟେନର ଗାର୍ଡେନିଂ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ବିଶେଷ ଦେଖାଶୁଣା କରିବାକୁ ପଡ଼େ। ହେଲେ ଯେତେବେଳେ କାମ ବା ଛୁଟି ବିତାଇବାକୁ ଜଣେ ଦୀର୍ଘ ସମୟ ବାହାରକୁ ଯାଆନ୍ତି, ଗଛର ଦେଖାରଖା ଓ ପାଣି ଦେବାକୁ ନେଇ ଚିନ୍ତିତ ରହିଥାନ୍ତି। ହେଲେ ଏବେ ଏହି ସମସ୍ୟାକୁ ଦୂର କରିବାକୁ ବିଭିନ୍ନ ପ୍ରକାର ସ୍ମାର୍ଟ ଆପ୍ ଉପଲବ୍ଧ ରହିଛି।**

**ପ୍ଲାଣ୍ଟସ୍ନାପ:** ଗଛ ଚିହ୍ନଟ କରିବାକୁ ପ୍ଲାଣ୍ଟସ୍ନାପ ଆପ୍ ବହୁତ ଉପଯୋଗୀ। ଫୋନ୍ କ୍ୟାମେରାରେ ଗଛର ଫଟୋ ନେଇ ଏହାର ନାଁ ଏବଂ ଦେଖାରଖା ବିଷୟରେ ଏହି ଆପ୍ ସୂଚନା ଦେଇଥାଏ। ତେଣୁ ଜଣେ ବାହାରେ ଥିଲେ ବି ଏହି ଆପ୍ ବ୍ୟବହାର କରି ଗଛର କିପରି ଯତ୍ନ ନିଆଯାଇ ପାରିବ ତଥା ଗଛକୁ କେଉଁ ସମୟରେ ପାଣି ଆବଶ୍ୟକ ସେ ବିଷୟରେ ଜାଣି ପାରିବେ।

**ୱାଟରବଟ:** ୱାଟରବଟ୍ ଆପ୍‌ଟି ଗଛରେ ପାଣି ଦେବାକୁ ରିମାଇଣ୍ଡର ସେଟ୍ କରିଥାଏ। ତେଣୁ ଜଣେ ଗଛର ପ୍ରଜାତି ଏବଂ ଏହାର ଆବଶ୍ୟକ ଅନୁସାରେ ଜଳସିଞ୍ଚନର କାର୍ଯ୍ୟସୂଚୀ ବନାଇ ପାରିବେ। ଆପ୍‌ରେ ନୋଟିଫିକେସନ ପଠାଇବାର ସୁବିଧା ଥିବାରୁ ଜଣେ ବାହାରେ ଥାଇ ବି ଘରର ଅନ୍ୟ ସଦସ୍ୟଙ୍କ ଦ୍ୱାରା ଗଛକୁ ପାଣି ଦେଇପାରିବେ।

**ଗାର୍ଡେନାଇଜ୍:** ଗାର୍ଡେନାଇଜ୍ ଆପ୍ ସମସ୍ତ ଗଛର ସୂଚନାକୁ ପଞ୍ଜୀକରଣ କରିଥାଏ। ଏହାର ଦେଖାରଖା ପାଇଁ ରେକର୍ଡ କରି ମଧ୍ୟ ରଖିଥାଏ। ଏହି ଆପ୍ ମଧ୍ୟ ଗଛର ବୃଦ୍ଧି, ପାଣି ଦେବାର ସମୟ, ଖତ ପ୍ରୟୋଗ ଆଦି ବିଷୟରେ ମନେ ପକାଇଥାଏ। ତେଣୁ ଜଣେ ଦୂରରେ ଥାଇ ବି ଘରର ଅନ୍ୟ ସଦସ୍ୟଙ୍କୁ ଯୋଗାଯୋଗ କରି ଗଛର ସଠିକ ଯତ୍ନ ନେଇପାରିବେ।

**ଫ୍ଲୋରିଶ୍:** ଫ୍ଲୋରିଶ୍ ସ୍ମାର୍ଟ ଆପ୍‌ଟି ଜଳବାୟୁ ଅନୁସାରେ ଗଛର ଯତ୍ନ ନେବାକୁ ସୂଚନା ଦେଇଥାଏ। ଏହା ପାଣିପାଗ ପରିବର୍ତ୍ତନ ଅନୁସାରେ କେଉଁ ଗଛକୁ କେତେ ପାଣି ଆବଶ୍ୟକ, କେଉଁ ଦିନ ଖତ ପ୍ରୟୋଗ କରିବା ତଥା ରୋଗପୋକର ସମ୍ଭାବନା ବିଷୟରେ ପରାମର୍ଶ ଦିଏ। ଏହି ଆପ୍‌ଟି ବଗିଚା ଥିବା ସ୍ଥାନର ପାଣିପାଗକୁ ଟ୍ରାକ୍ କରି ଫୋନ୍‌କୁ ମେସେଜ୍ ପଠାଇଥାଏ। ଏହାଦ୍ୱାରା ଜଣେ ଦୂରରୁ ଥାଇ ବି ଗଛର ଯତ୍ନ ନେଇ ପାରନ୍ତି। ଆବଶ୍ୟକ ମୁତାବକ ଗଛକୁ ଜଳ ଯୋଗାଣ କରିହୁଏ।

**ସ୍ମାର୍ଟ ପ୍ଲାଣ୍ଟ କେୟାର:** ସ୍ମାର୍ଟ ପ୍ଲାଣ୍ଟ କେୟାର ଆପ୍‌ଟି ଗଛରେ ରୋଗ ଏବଂ ପୋକକୁ ଚିହ୍ନଟ କରି ଏହାର ନିରାକରଣ ପାଇଁ ସୂଚନା ଦେଇଥାଏ। ଏହି ଆପ୍‌ରେ ଜଳ ସିଞ୍ଚନ ଏବଂ ଖତ ପ୍ରୟୋଗ ପାଇଁ ରିମାଇଣ୍ଡର ସୁବିଧା ରହିଛି। ତେଣୁ ଆପ୍ ମାଧ୍ୟମରେ ସମସ୍ତ ଗଛର ଦେଖାରଖା ସହଜ ହୁଏ।

# ଗ୍ରୋବ୍ୟାଗ୍‌ରେ ଆଭାକାଡୋ





**ଆଭାକାଡୋ ଏକ ବିଦେଶୀ ଫଳ। ଏହିଫଳରେ ପ୍ରୋଟିନ୍, ଫାଇବର, ପୋଷକତତ୍ତ୍ୱ ଭରପୁର ମାତ୍ରାର ମିଳିଥାଏ। କୁଣ୍ଡରେ ଆଭାକାଡୋ ଲଗାଇବା ତ ସମସ୍ତେ ଜାଣନ୍ତି, ଗ୍ରୋବ୍ୟାଗ୍‌ରେ ଏହି ଫଳ ଗଛ ଲଗାଇବାର ଟ୍ରେଣ୍ଡ ଏବେ ବଢ଼ୁଛି।**

ଗ୍ରୋବ୍ୟାଗ୍ ମଜବୁତ୍, ସମ୍ପ୍ରସାରଣ ଏବଂ ହାଲୁକା ହୋଇଥାଏ। ଏଥିରେ ମାଟି ଭର୍ତ୍ତି କରି ବାଲ୍‌କୋନି, ଛାତ, ଅଗଣା, ଝରକା କୋଣ ପାଖେ ରଖାଯାଇପାରିବ। ଗ୍ରୋ ବ୍ୟାଗ୍‌ରେ ଗଛ ଲଗାଇଲେ ଜଳ ନିଷ୍କାସନ ଭଲ ହୁଏ। ମୂଳ ମଜବୁତ୍ ହୋଇଥାଏ। ଏହା ପରିବେଶ ଅନୁକୂଳ। ତେଣୁ ୧୮x୧୮ ଇଞ୍ଚ ମଜବୁତ୍ ଗ୍ରୋ ବ୍ୟାଗ୍‌ରେ ୫୦% ମାଟି, ୩୦ % ଗୋବର ଖତ ଏବଂ ୨୦% ବାଲି ମିଶାଇ ଆଭାକାଡୋ ଚାରା କିମ୍ବା ବିହନକୁ ଅଙ୍କୁରିତ କରି ଲଗାଯାଇଥାଏ। ଆଭାକାଡୋକୁ ନିୟମିତ ୫ରୁ ୬ ଘଣ୍ଟା ଖରା ଏବଂ ପାଣିର ଆବଶ୍ୟକ ହୋଇଥାଏ। ସେଥିପାଇଁ ପ୍ରତି ମାସରେ ଖତ କିମ୍ବା ଜିଆଖତ ପ୍ରୟୋଗ କରାଯାଇପାରିବ। ରୋଗ ପୋକ ନିୟନ୍ତ୍ରଣ ପାଇଁ ନିମ୍ବତେଲ ସିଞ୍ଚନ ଉତ୍ତମ ବିକଳ୍ପ। ଗଛ ଲଗାଇବାର ୩ ରୁ ୪ ବର୍ଷ ପରେ ଗଛ ଫଳ ଦେବା ଆରମ୍ଭ କରେ।

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

● ମହିଳା ଏସିଆ କପ୍‌ରେ ପ୍ୟାରୀଙ୍କ ୫ ଗୋଲ

## ମଙ୍ଗୋଲିଆକୁ ୧୩-୦ରେ ହରାଇଲା ଭାରତ



ବ୍ୟାଙ୍କକ୍, ୨୩।୬ (ଏଜେନ୍ସି): ମଙ୍ଗୋଲିଆକୁ ୧୩-୦ ଗୋଲରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ଏଏଫ୍‌ସି ମହିଳା ଏସିଆ କପ କ୍ୱାଲିଫାୟର୍ସରେ ବୃହତ୍ ବିଜୟ ହାସଲ କରିଛି। ସୋମବାର ଦଳ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ପ୍ୟାରୀ ଖାଖା ଷ୍ଟାର ବନିଥିଲେ। ସେ ଏକାକୀ ୫ଟି ଗୋଲ ଦେଇଥିଲେ। ଚିଆଙ୍ଗ ମାଇ ଷ୍ଟାଡିୟମ୍‌ର ୭୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ଟୁର୍ଣ୍ଣାମେଣ୍ଟ ଧୂମଧାମରେ ଖେଳାଯାଇଛି। ଭାରତର ତାହା ଦ୍ୱିତୀୟ ମ୍ୟାଚ୍ ୬ ଦିନ ପରେ ତିମୋର ଲେଷ୍ଟେ ସହ ଖେଳିବ। ଏହି ଗ୍ରୁପ୍‌ରେ ସାମିଲ ହୋଇଥିବା ଅନ୍ୟ ଦଳଗୁଡ଼ିକ ହେଲେ, ଇରାକ ଓ ଥାଇଲାଣ୍ଡ। ଗ୍ରୁପ୍‌ରେ ଚାମ୍ପିଅନ ଦଳ ଏସିଆ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

## ମୁମ୍ବାଇ ଛାଡ଼ିବେ ପୃଥ୍ୱୀ ଶ'

ମୁମ୍ବାଇ, ୨୩।୬ (ଏଜେନ୍ସି): ଯୁବ ଓପନର ପୃଥ୍ୱୀ ଶ' ଚଳିତ ସିଜନରେ ମୁମ୍ବାଇ କ୍ରିକେଟ ଦଳ ଛାଡ଼ିବେ। ସେ ଅନ୍ୟ ଏକ ରାଜ୍ୟରୁ ଭଲ ପ୍ରସ୍ତାବ ପାଇଥିବାରୁ ମୁମ୍ବାଇ କ୍ରିକେଟ ସଂଘ (ଏମ୍‌ସିଏ)କୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ ମାଗିଥିଲେ। ମୁମ୍ବାଇ ଛାଡିବାକୁ ପୃଥ୍ୱୀ କରିଥିବା ଆବେଦନକୁ ଏମ୍‌ସିଏ ଗ୍ରହଣ କରିଛି ଓ ନୋ ଅବଜେକ୍ସନ ସାର୍ଟିଫିକେଟ ପ୍ରଦାନ କରିଛି। କିନ୍ତୁ ସେ କେଉଁ ରାଜ୍ୟରୁ ଖେଳିବେ ତାହା ଜଣାପଡ଼ିନାହିଁ। ଗତବର୍ଷ ଫିଟ୍‌ନେସ କାରଣରୁ ତାଙ୍କୁ ରଣଜୀ ଦଳରୁ ବାଦ୍ ଦିଆଯାଇଥିଲା। ତାହା ପରଠାରୁ ସେ ଏମ୍‌ସିଏ ଉପରେ କ୍ଷୁବ୍ଧ ହୋଇଥିଲେ। ଚଳିତ ସିଜନରେ ଟିମ୍ ଇଣ୍ଡିଆନ ଓପନର ଯଶସ୍ୱୀ ଜୟସ୍ୱାଲ ମୁମ୍ବାଇ ଛାଡ଼ି ଗୋଆରେ ଖେଳିବାକୁ ଆବେଦନ କରିଥିଲେ। କିନ୍ତୁ ପରେ ସେ ମୁମ୍ବାଇ ପକ୍ଷରୁ ଖେଳିବେ ବୋଲି ୟୁ ଟର୍ଣ୍ଣ ନେଇଥିଲେ।

● ମେଜର କ୍ରିକେଟ ଲିଗ୍

## ୱାଶିଂଟନ ଫ୍ରିଡମ୍ ବିଜୟୀ

ଡଲାସ,୨୩।୬ (ଏଜେନ୍ସି): ମିଚେଲ ଓୱେନଙ୍କ ଅଲରାଉଣ୍ଡ ସଫଳତା ବଳରେ ଏଠାରେ ସୋମବାର ସକାଳେ ଖେଳାଯାଇଥିବା ମେଜର କ୍ରିକେଟ ଲିଗ୍‌ର ୧୩ତମ ମ୍ୟାଚ୍‌ରେ ୱାଶିଂଟନ ଫ୍ରିଡମ ୭ ୱିକେଟରେ ଟେକ୍ସାସ ସୁପର କିଙ୍ଗ୍‌ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଓୱେନ ୩୩ ରନ୍‌ରେ ୩ଟି ଓ ଗ୍ଲେନ୍ ମ୍ୟାକ୍ସୱେଲ ୩୫ ରନ୍‌ରେ ୨ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟରେ ୨୨୦ ରନ୍ କରିଥିଲା। ଜବାବରେ ଓୱେନଙ୍କ ୫୨ ବଲ୍‌ରେ ୮୯ ଓ ଆନ୍ଦ୍ରିଏସ୍ ଗାଉସ୍‌ଙ୍କ ୪୫ ବଲ୍‌ରେ ଅପରାଜିତ ୮୦ ରନ୍ ବଳରେ ୱାଶିଂଟନ ଫ୍ରିଡମ୍ ୧୯.୪ ଓଭରରେ ୩ ୱିକେଟ ହରାଇ ୨୨୩ ରନ୍ କରିବା ସହ ୭ ୱିକେଟରେ ମ୍ୟାଚ୍ ଜିତିଥିଲା। ପୂର୍ବରୁ ଖେଳାଯାଇଥିବା ଦ୍ୱାଦଶ ଲିଗ୍ ମ୍ୟାଚ୍‌ରେ ଭାରତୀୟ ଖେଳାଳି ଉନ୍ମୁକ୍ତ ଚାନ୍ଦଙ୍କ ୫୮ ବଲ୍‌ରେ ଅପରାଜିତ ୮୬ ଓ ସୈଫ ବାଦରଙ୍କ ୩୨ ବଲ୍‌ରେ ୫୪ ରନ୍ ସଂଗୃହୀତ ହେବା ଫଳରେ ଲସ୍ ଆଞ୍ଜେଲ୍ସ ନାଇଟ୍ ରାଇଡର୍ସ ୬ ୱିକେଟରେ ସିଆଟଲ ଓର୍କାସକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଓର୍କାସ ୬ ୱିକେଟରେ ୧୭୭ ରନ୍ କରିଥିଲା। ଜବାବରେ ଲସ୍ ଆଞ୍ଜେଲ୍ସ ନାଇଟ୍ ରାଇଡର୍ସ ୧୮.୨ ଓଭରରେ ୪ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୧୭୮ ରନ୍ ସଂଗ୍ରହ କରିନେଇଥିଲା।

### ଗୋଟିଏ ଟେଷ୍ଟରେ ୫ ଶତକ; ଭାରତର ସ୍ଥିତି ମଜଭୁତ୍

# ରାହୁଲ, ପନ୍ତଙ୍କ ଦମ୍‌ଦାର୍ ଶତକ



ଲିଡ୍ସ, ୨୩।୬ (ଏଜେନ୍ସି)

ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ଚତୁର୍ଥ ଦିନରେ ଭାରତର ଦୁଇ ବ୍ୟାଟର ଓପନର ଲୋକେଶ ରାହୁଲ ଓ ୱିକେଟରକ୍ଷକ ଋଷଭ ପନ୍ତ୍ ଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ରେକର୍ଡ ୫ଜଣ ଭାରତୀୟ ଶତକ ହାସଲ କରିବା ଫଳରେ ଇଂଲଣ୍ଡ ବିପକ୍ଷରେ ଭାରତର ସ୍ଥିତି ମଜଭୁତ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ୬ ରନ୍‌ରେ ଆଗୁଆ ଥିବା ଭାରତ ମ୍ୟାଚ୍‌ର ଚତୁର୍ଥ ଦିନ ଟି ସୁଦ୍ଧା ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ୨୯୮ ରନ୍ ସଂଗ୍ରହ କରିନେଇଥିଲା। ଏହି ସମୟରେ ବ୍ୟାଟିଂ କରୁଥିବା ଦୁଇ କର୍ଣ୍ଣାଟକ ବ୍ୟାଟର ରାହୁଲ ୧୨୦ ଓ କରୁନ ନାୟାର ୪ ରନ୍‌ରେ ଅପରାଜିତ ଥିଲେ। ଆଜି ଖେଳରେ ଭାରତ ପକ୍ଷରୁ ଦୁଇ ଜଣ ଖେଳାଳି ଆଉଟ ହୋଇଥିଲେ। ସେମାନଙ୍କ ମଧ୍ୟରେ ଅଧିନାୟକ ଶୁବମନ ଗିଲ୍ ୮ ଓ ଋଷଭ ପନ୍ତ୍ ୧୧୮ ରେ ଆଉଟ ହୋଇଛନ୍ତି। ଇଂଲଣ୍ଡ ପକ୍ଷରୁ ଏହି ଫ୍ଲାଟ ପିଚ୍‌ରେ ଗିଲ୍‌ଙ୍କୁ ବ୍ରାଇଡନ କାର୍ସ ଓ ପନ୍ତ୍‌ଙ୍କୁ ସ୍ପିନର ସୋଏବ ବସିର ଆଉଟ କରିଛନ୍ତି। ପୂର୍ବରୁ ପ୍ରଥମ ଇନିଂସରେ ଭାରତର ୪୭୧ ରନ୍ ଜବାବରେ ଇଂଲଣ୍ଡ ୪୬୫ ରନ୍ କରିଥିଲା।

ଏହି ମ୍ୟାଚ୍‌ର ଚତୁର୍ଥ ଦିନରେ ଭାରତ ତାହାର ଅସମାପ୍ତ ଦ୍ୱିତୀୟ ଇନିଂସ ୨ ୱିକେଟରେ ୯୦ ରନ୍‌ରୁ ସତର୍କତାର ସହ ଖେଳି ଆରମ୍ଭ କରିଥିଲା। କିନ୍ତୁ ପ୍ରଥମ ଇନିଂସରେ ୧୪୭ ରନ୍ କରିଥିବା ଅଧିନାୟକ ଗିଲ୍ ମାତ୍ର ୮ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ଗୋଟିଏ ପଟେ ପାହାଡ ଭଳି ଛିଡ଼ା ହୋଇଥିବା ରାହୁଲଙ୍କ ସହ ୱିକେଟରକ୍ଷକ ପନ୍ତ୍ ଯୋଗଦେବା ପରେ ଭାରତର ରନ୍ ହାର କ୍ରମଶଃ ବୃଦ୍ଧି ପାଇଥିଲା। ଏମାନେ ଚତୁର୍ଥ ୱିକେଟ ଯୋଡିରୁ ୧୯୫ ରନ୍ ଉଠାଇବା ପରେ ଟି ପୂର୍ବରୁ ପନ୍ତ୍ ଆଉଟ ହୋଇଯାଇଥିଲେ। ଏଠାରେ ରାହୁଲ ତାଙ୍କ ଟେଷ୍ଟ କ୍ୟାରିୟରର ୯ମ ଓ ପନ୍ତ୍ ୮ମ ଶତକ ହାସଲ କରିଥିଲେ। ଏମାନଙ୍କ ଶତକ ପରେ ଭାରତ ଏକାଧିକ ରେକର୍ଡ କରିଥିଲା। ପ୍ରଥମ ଇନିଂସରେ ଭାରତର ୩ଜଣ ଖେଳାଳି ଯଥା ଯଶସ୍ୱୀ ଜୟସ୍ୱାଲ ୧୦୧, ଗିଲ୍ ୧୪୭ ଓ ପନ୍ତ୍ ୧୩୪ ରନ୍ କରିଥିଲେ। ଦ୍ୱିତୀୟ ଇନିଂସରେ ରାହୁଲ ଓ ପନ୍ତ୍ ଶତକ ହାସଲ କରିଛନ୍ତି। ଏହା ଫଳରେ ଗୋଟିଏ ଟେଷ୍ଟରେ ପ୍ରଥମଥର ଲାଗି ଭାରତ ପକ୍ଷରୁ ୫ଟି ଶତକ ହାସଲ କରିବାର ରେକର୍ଡ ପ୍ରତିଷ୍ଠା ହୋଇଛି। ସେହିପରି ଭାରତର ତାରକା ୱିକେଟରକ୍ଷକ ମହେନ୍ଦ୍ର ସିଂ ଧୋନି ଯାହା କରି ପାରି ନ ଥିଲେ ତାହା ପନ୍ତ୍ ଏଠାରେ କରି ଦେଖାଇଛନ୍ତି। ସେ ଭାରତର ପ୍ରଥମ ତଥା ଜିମ୍ବାୱେର ଆଣ୍ଡି ଫ୍ଲାୱାରଙ୍କ ପରେ ଦ୍ୱିତୀୟ ୱିକେଟ ରକ୍ଷକ ଭାବେ ଗୋଟିଏ ଟେଷ୍ଟରେ ୨ଟି ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ଏହା ବ୍ୟତୀତ ପନ୍ତ୍ ଭାରତର ୬ଷ୍ଠ ବ୍ୟାଟର ଭାବେ ଏହି ସଫଳତା ପାଇଛନ୍ତି। ଅନ୍ୟମାନେ ହେଲେ ୧୯୪୮ରେ ବିଜୟ ହଜାରେ, ସୁନିଲ ଗାଭାସ୍କର, ରାହୁଲ ଦ୍ରାବିଡ୍, ଆଜିଙ୍କ୍ୟ ରାହାଣେ, ରୋହିତ ଶର୍ମା। ଏମାନଙ୍କ ମଧ୍ୟରୁ ଗାଭାସ୍କର ୩ଥର ଓ ଦ୍ରାବିଡ୍ ୨ଥର ଏଭଳି ସଫଳତା ପାଇଛନ୍ତି।



### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୪୭୧ (ଗିଲ-୧୪୭, ପନ୍ତ୍-୧୩୪, ଜୟସ୍ୱାଲ-୧୦୧, ଷ୍ଟୋକ୍ସ-୪/୬୬, ଟଙ୍ଗ୍-୪/୮୬)।
**ଇଂଲଣ୍ଡ ପ୍ରଥମ ଇନିଂସ:** ୪୬୫ (ପୋପ୍-୧୦୬, ବ୍ରୁକ୍-୯୯, ଡକେଟ-୬୨, ବୁମ୍‌ରା-୫/୮୩, କ୍ରିଷ୍ଣା- ୩/୧୨୮, ସିରାଜ- ୨/୧୨୨)।
**ଭାରତ ଦ୍ୱିତୀୟ ଇନିଂସ:** ୨୯୮/୪ (ରାହୁଲ-୧୨୦, ପନ୍ତ୍-୧୧୮, କାର୍ସ- ୨/୬୨, ଷ୍ଟୋକ୍ସ-୧/୪୧)। (ଟି-ସୁଦ୍ଧା)

### ଗୋଟିଏ ଟେଷ୍ଟରେ ୨ଟି ଶତକ: ପନ୍ତ୍ ୬ଷ୍ଠ ଭାରତୀୟ

| ଖେଳାଳି | ପ୍ରଥମ | ଦ୍ୱିତୀୟ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ମାସ ଓ ବର୍ଷ |
|---|---|---|---|---|---|
| ବିଜୟ ହଜାରେ | ୧୧୬ | ୧୪୫ | ଅଷ୍ଟ୍ରେଲିଆ | ଆଡିଲେଡ୍ | ଜାନୁଆରୀ,୧୯୪୮ |
| ସୁନୀଲ ଗାଭାସ୍କର | ୧୨୪ | ୨୨୦ | ୱେଷ୍ଟଇଣ୍ଡିଜ୍ | ପୋର୍ଟ-ଅଫ୍-ସ୍ପେନ୍ | ଏପ୍ରିଲ,୧୯୭୧ |
| ସୁନୀଲ ଗାଭାସ୍କର | ୧୧୧ | ୧୩୭ | ପାକିସ୍ତାନ | କରାଚି | ନଭେମ୍ବର,୧୯୭୮ |
| ସୁନୀଲ ଗାଭାସ୍କର | ୧୦୭ | ୧୮୨* | ୱେଷ୍ଟଇଣ୍ଡିଜ୍ | କୋଲକାତା | ଡିସେମ୍ବର,୧୯୭୮ |
| ରାହୁଲ ଦ୍ରାବିଡ୍ | ୧୯୦ | ୧୦୩* | ନ୍ୟୁଜିଲାଣ୍ଡ | ହାମିଲଟନ | ଜାନୁଆରୀ,୧୯୯୯ |
| ରାହୁଲ ଦ୍ରାବିଡ୍ | ୧୧୧ | ୧୩୫ | ପାକିସ୍ତାନ | କୋଲକାତା | ମାର୍ଚ୍ଚ ୨୦୦୫ |
| ବିରାଟ କୋହଲି | ୧୧୫ | ୧୪୧ | ଅଷ୍ଟ୍ରେଲିଆ | ଆଡିଲେଡ୍ | ଡିସେମ୍ବର, ୨୦୧୪ |
| ଆଜିଙ୍କ୍ୟ ରାହାଣେ | ୧୨୭ | ୧୦୦³ | ଦ.ଆଫ୍ରିକା | ବିଶାଖାପାଟଣା | ଅକ୍ଟୋବର, ୨୦୧୯ |
| ଋଷଭ ପନ୍ତ୍ | ୧୩୪ | ୧୧୮ | ଇଂଲଣ୍ଡ | ହେଡିଂଲେ | ଜୁନ୍, ୨୦୨୫ |

## ମାଷ୍ଟର୍ସ କପ୍ ହକି ସେମିରେ ଓଡ଼ିଶା

ଭୁବନେଶ୍ୱର, ୨୩।୬ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଚାଲିଥିବା ପ୍ରଥମ ମାଷ୍ଟର୍ସ କପ୍‌ର ପୁରୁଷ ବିଭାଗରେ ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର କ୍ୱାର୍ଟର ଫାଇନାଲରେ ଓଡ଼ିଶା ୬-୨ ଗୋଲ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ଅଧିନାୟକ ଲାଜରୁସ ବାର୍ଲା ଓ ଅନିଲ କୁଲୁ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ଅପରପକ୍ଷରେ ମାଷ୍ଟର୍ସ କପ୍‌ର ମହିଳା ବିଭାଗରେ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ସୋମବାର ପୁଲ୍-ବି'ରେ ଓଡ଼ିଶା ଏହାର ଶେଷ ମ୍ୟାଚରେ ୩-୨ ଗୋଲ୍‌ରେ ହରିୟାଣାକୁ ମାତ୍ ଦେଇଥିଲା। ଓଡ଼ିଶା ପାଇଁ ରଞ୍ଜିତା ବେଗ୍ ୨ଟି ଓ ସରିତା ରୋଶନ ମିଞ୍ଜ ଗୋଟିଏ ଗୋଲ୍ ଦେଇଥିଲେ। ପ୍ରକାଶଯୋଗ୍ୟ, ୪୦ ବର୍ଷରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଖେଳାଳିଙ୍କୁ ନେଇ ପ୍ରଥମଥର ଲାଗି ମାଷ୍ଟର୍ସ କପ୍ ଖେଳାଯାଉଛି।

## ଶକ୍ତିସ୍ୱରୂପ ଏଏସସିଏ ଲେଭଲ୍-୧ କୋଚ୍

କଟକ,୨୩।୬(ସମିସ): ଓଡ଼ିଶାର ଦ୍ୱିତୀୟ ପ୍ରଶିକ୍ଷକ ଭାବେ ଶକ୍ତିସ୍ୱରୂପ ଦାଶ ଅଷ୍ଟ୍ରେଲିଆନ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ ଆସୋସିଏସନ(ଏଏସ୍‌ସିଏ) ଲେଭଲ-୧ କୋଚ୍ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ତରଫରୁ ଏହି ଅନୁବନ୍ଧିତ କୋର୍ସ ଆୟୋଜନ କରାଯାଇଥିଲା।



ଶକ୍ତିସ୍ୱରୂପଙ୍କ ପୂର୍ବରୁ ପୂର୍ଣ୍ଣେନ୍ଦୁ ଜେନା ରାଜ୍ୟର ପ୍ରଥମ ପ୍ରଶିକ୍ଷକ ଭାବେ ଏହି ସଫଳତା ହାସଲ କରିଥିଲେ। ଏଏସ୍‌ସିଏ ଲେଭଲ-୧ କୋର୍ସ ଖେଳାଳିଙ୍କ କ୍ଷେତ୍ରରେ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂର ମୌଳିକ ଶିକ୍ଷା ପ୍ରଦାନ କରିଥାଏ। ପୁରୀରେ ଜନ୍ମିତ ଶକ୍ତିସ୍ୱରୂପ ଗତ ସିଜନରେ ଓଡ଼ିଶା ୧୬ବର୍ଷରୁ କମ୍ ଦଳର ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ରହିଥିଲେ। ଏଏସ୍‌ସିଏ ଲେଭଲ-୧ ସଫଳତା ସହିତ ସେ ବିସିସିଆଇ ସିଓଇ କ୍ରିକେଟ ସ୍ପେସିଫିକ୍ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କାର୍ଯ୍ୟକ୍ରମରେ ଭାଗ ନେବା ନିମନ୍ତେ ଯୋଗ୍ୟତା ହାସଲ କରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଶକ୍ତିସ୍ୱରୂପଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଜାତୀୟ ମିନି ଗଲ୍ଫ

## ବିକାଶ, ସୌମ୍ୟାଶ୍ରୀଙ୍କୁ ଓଡ଼ିଶା ଦଳର ନେତୃତ୍ୱ




ଭୁବନେଶ୍ୱର, ୨୩।୬ (ସମିସ): ଜାତୀୟ ବରିଷ୍ଠ ମିନି ଗଲ୍ଫର ୧୦ମ ସଂସ୍କରଣ ଚଳିତ ମାସ ୨୫ରୁ ନାଗପୁରରେ ଆରମ୍ଭ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶାର ୧୦ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫ଜଣ ପୁରୁଷ ଓ ମହିଳା ଖେଳାଳି ରହିଛନ୍ତି। ବିକାଶ ଚନ୍ଦ୍ର ପଟ୍ଟନାୟକ ପୁରୁଷ ଦଳର ଅଧିନାୟକ ରହିଥିବାବେଳେ ସେ ମଧ୍ୟ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବେ। ପୁରୁଷ ଦଳରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ପଟ୍ଟନାୟକ, ଗିରିଜା ଶଙ୍କର ଭଞ୍ଜ, କୁମାର ଦେବଦତ୍ତ ଓ କୁମାର ଦୈବଜିତ ରହିଛନ୍ତି। ସେହିଭଳି ସୌମ୍ୟାଶ୍ରୀ ରଥଙ୍କୁ ଓଡ଼ିଶା ମହିଳା ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଦଳରେ ଅନିକା ପଟ୍ଟନାୟକ, ଆଦିତି ପାଟିଲ, ରେଶମା ମାଝୀ ଓ ଆଇଶା ଘଟୁଆଳ ସ୍ଥାନ ପାଇଛନ୍ତି। ଅଭିସ୍ୱା ପଣ୍ଡା ପ୍ରଶିକ୍ଷକ ଓ ଲତା ସମର୍ଥା ମ୍ୟାନେଜର ଭାବେ ମହିଳା ଦଳ ସହ ଗସ୍ତ କରିଛନ୍ତି। ଓଡ଼ିଶା ଦଳ ସୋମବାର ନାଗପୁର ଯାତ୍ରା କରିଛି। ଦଳର ସଫଳତା କାମନା କରି ଓଡ଼ିଶା ମିନି ଗଲ୍ଫ ସଂଘ ପକ୍ଷରୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି।

## ଟପ୍ସରେ ସାମିଲ ହେଲେ ଶ୍ରାବଣୀ, ଅନିମେଷ



ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): ଓଡ଼ିଶାର ତାରକା ଧାବକ ଅନିମେଷ କୁଜୁର ଓ ଧାବିକା ଶ୍ରାବଣୀ ନନ୍ଦ କେନ୍ଦ୍ର କ୍ରୀଡ଼ା ବିଭାଗର ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ର ଡେଭଲପ୍‌ମେଣ୍ଟ ଗ୍ରୁପ୍‌ରେ ସାମିଲ ହୋଇଛନ୍ତି। ସେହିଭଳି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମସ୍ଥିତ ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ଓଡ଼ିଶାର ଜିମ୍ନାଷ୍ଟ ପ୍ରଣତୀ ନାୟକଙ୍କୁ ଟାର୍ଗେଟ୍ ଏସିଆନ୍ ଗେମ୍ସ ଗ୍ରୁପ୍ (ଟାଗ୍)ରେ ସାମିଲ କରାଯାଇଛି।

୨୨ ବର୍ଷୀୟ ଅନିମେଷ ଗତ ମାସ ପ୍ରାରମ୍ଭରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ୨୦୦ ମିଟର ରେସ୍‌କୁ ୨୦.୩୨ ସେକେଣ୍ଡରେ ଶେଷ କରି ନୂଆ ଜାତୀୟ ରେକର୍ଡ ସହ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ଟପ୍ସ ଡେଭଲପ୍‌ମେଣ୍ଟ ଗ୍ରୁପ୍‌ରେ ସାମିଲ ହୋଇଥିବା ଭାରତୀୟ ୪ ଗୁଣା ୧୦୦ ମିଟର ରିଲେ ଟିମ୍‌ରେ ଶ୍ରାବଣୀ ରହିଛନ୍ତି। ଶ୍ରାବଣୀଙ୍କ ବ୍ୟତୀତ ଅଭିନ୍ୟା ରାଜରଜନ, ସ୍ନେହା ଶାନୁଭାଲ୍ଲି ଓ ନତ୍ୟା ଗାନ୍ଧେ ରିଲେ ଦଳର ସଦସ୍ୟା ରହିଛନ୍ତି। ଟପ୍ସ ଡେଭଲପ୍‌ମେଣ୍ଟ ଗ୍ରୁପ୍‌ରେ ସାମିଲ ହୋଇଥିବା କ୍ରୀଡ଼ାବିତ୍‌ଙ୍କୁ ପଦକ ଆଶାୟୀ ଭାବେ କେନ୍ଦ୍ର କ୍ରୀଡ଼ା ବିଭାଗ ପକ୍ଷରୁ ମାସିକ ୨୫ ହଜାର ଟଙ୍କାର ଭତ୍ତା ପ୍ରଦାନ କରାଯିବ। ଜିମ୍ନାଷ୍ଟ ପ୍ରଣତୀଙ୍କ ସମେତ ତ୍ରିପୁରାର ପ୍ରତିଷ୍ଠା ସାମନ୍ତା ଟାର୍ଗେଟ୍ ଏସିଆନ୍ ଗେମ୍ସ ଗ୍ରୁପ୍ (ଟାଗ୍)ରେ ସ୍ଥାନ ପାଇଛନ୍ତି।

# ହକିକୁ ଲଳିତ୍‌ଙ୍କ ଅଲ୍‌ବିଦା




ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି)

ଭାରତୀୟ ହକି ଦଳର ଭେଟେରାନ ଫରୱାର୍ଡ ଲଳିତ ଉପାଧ୍ୟାୟ ଶେଷରେ ଅନ୍ତର୍ଜାତୀୟ ହକିରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଲଳିତ ଅଗ୍ରଭାଗରେ ଦଳର ଜଣେ ନିର୍ଭରଯୋଗ୍ୟ ଖେଳାଳି ରହିଆସିଥିଲେ। ଟୋକିଓ ଓ ପ୍ୟାରିସ ଅଲିମ୍ପିକ୍ସରେ ଭାରତକୁ କାଂସ୍ୟ ପଦକ ବିଜୟୀ କରାଇବାରେ ଲଳିତ୍‌ଙ୍କ ଅବଦାନ ଉଲ୍ଲେଖନୀୟ ରହିଥିଲା। ଲଳିତ ତାଙ୍କ ଅବସର ବାର୍ତ୍ତାରେ ଲେଖିଛନ୍ତି, 'ଏହି ଯାତ୍ରା ଏକ ଛୋଟିଆ ଗାଁରୁ ଆରମ୍ଭ ହୋଇଥିଲା। ଦୁଇ ଦୁଇଥର ଅଲିମ୍ପିକ ପୋଡିୟମରେ ଠିଆ ହେବା ଅବିସ୍ମରଣୀୟ ରହିଥିଲା। ୨୬ ବର୍ଷ ପରେ ମୋ ସହର ବାରଣାସୀରୁ ଅଲିମ୍ପିଆନ ହେବା ମୋ ପାଇଁ ବେଶ୍ ସମ୍ମାନଜନକ ଥିଲା'।

ବାରଣାସୀରେ ଜନ୍ମିତ ଲଳିତ ୨୦୧୪ ବିଶ୍ୱକପ୍‌ରେ ଖେଳି ଅନ୍ତର୍ଜାତୀୟ ହକିରେ ପାଦ ଥାପିଥିଲେ। ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଜୁନ ୧୫ରେ ଅଷ୍ଟ୍ରେଲିଆ ବିପକ୍ଷରେ ସେ ତାଙ୍କର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ୩୧ ବର୍ଷୀୟ ଲଳିତ ତାଙ୍କ ୧୧ ବର୍ଷର ଜ୍ୱାଜଲ୍ୟମୟ କ୍ୟାରିୟରରେ ଭାରତୀୟ ହକିର ଏକାଧିକ ସ୍ମରଣୀୟ ମୁହୂର୍ତ୍ତରେ ସାମିଲ ରହିଥିଲେ। ସେ ଭାରତ ପାଇଁ ୧୮୩ ମ୍ୟାଚ୍ ଖେଳି ୬୭ଟି ଗୋଲ୍ ସ୍କୋର କରିଛନ୍ତି। ଦୁଇଟି ଅଲିମ୍ପିକ୍ସ ପଦକ ବ୍ୟତୀତ ଲଳିତ ୨୦୧୬ ଏସିଆନ ଚାମ୍ପିଅନ୍ସ ଟ୍ରଫି ଓ ୨୦୧୭ ଏସିଆ କପ୍ ଚାମ୍ପିଅନ ଭାରତୀୟ ଦଳର ସଦସ୍ୟ ରହିଥିଲେ। ସେହିଭଳି ଭୁବନେଶ୍ୱରରେ ୨୦୧୭ରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍ ଫାଇନାଲ୍ସରେ କାଂସ୍ୟ ବିଜୟୀ ଭାରତୀୟ ଦଳରେ ସେ ଥିଲେ। ୨୦୨୧ରେ ତାଙ୍କୁ ଅର୍ଜୁନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଲଳିତ ବର୍ତ୍ତମାନ ଉତ୍ତର ପ୍ରଦେଶ ପୁଲିସରେ ଡେପୁଟୀ ଏସ୍‌ପି ଭାବେ କାର୍ଯ୍ୟରତ ରହିଛନ୍ତି। ଲଳିତଙ୍କ ଅବସରକୁ ନେଇ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି, 'ଲଳିତ ଆମ ପିଢିର ସବୁଠୁ ଉତ୍ସର୍ଗୀକୃତ ଫରୱାର୍ଡମାନଙ୍କ ମଧ୍ୟରୁ ଅନ୍ୟତମ। ଅଲିମ୍ପିକ୍ ହେଉକି କୌଣସି ଲିଗ୍ ମ୍ୟାଚ୍ ହେଉ ସେ ସର୍ବଦା ଗର୍ବର ସହିତ ଭାରତୀୟ ଜର୍ସି ପରିଧାନ କରିଥାନ୍ତି।'

## ଖୋର୍ଦ୍ଧା ଜିଲ୍ଲା ଚେସ୍ ଶନିବାର

ଭୁବନେଶ୍ୱର, ୨୩।୬ (ସମିସ): ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ଜିଲ୍ଲା ୧୩ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଶନିବାର ଓ ରବିବାର ଦୁଇଦିନ ଧରି ଘାଟିକିଆ ସ୍ଥିତ ଏପିଜେ ସ୍କୁଲ ପରିସରରେ ଖେଳାଯିବ। ଏଥିରେ ୩୨ଟି ଟ୍ରଫି ଓ ୪୦ଟି ଚେସ୍ ବହି ପ୍ରଦାନ କରାଯିବ ବୋଲି ଆୟୋଜକ ସଂଘର ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି। ଏଥିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଖେଳାଳିମାନେ ଏଣ୍ଟ୍ରି ଫି ୫୦୦ ଟଙ୍କା ସହ ସ୍ୱଙ୍ଗଶୁ ସତ୍ୟକାମଙ୍କୁ ମୋବାଇଲ ନଂ- ୯୯୩୭୦-୦୭୯୪୫ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର୍

## ନିଶାନ୍ତ ବିଶ୍ୱାଳ ଚାମ୍ପିଅନ




ଭୁବନେଶ୍ୱର,୨୩।୬ (ସମିସ): ବରିଷ୍ଠ ଖେଳାଳି ନିଶାନ୍ତ ବିଶ୍ୱାଳ ଏଠାରେ ଚାଲିଥିବା ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର-୨୦୨୫ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ସାଲିଆସାହିସ୍ଥିତ ଭିଣ୍ଟେଜ୍ କ୍ଲବ୍ ପରିସରରେ ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ଫାଇନାଲରେ ନିଶାନ୍ତ ୬-୪ ଫ୍ରେମ୍‌ରେ ଟାଇଟଲ ଫେବରାଇଟ୍ ଆଶୁତୋଷ ପାଢ଼ୀଙ୍କୁ ପରାସ୍ତ କରି ଟାଇଟଲ ଜିତିନେଇଥିଲେ। କ୍ୟାରିୟରର ୭ମ ଟାଇଟଲ ଜିତିଥିବା ଏହି ଚାମ୍ପିଅନଙ୍କୁ ଟ୍ରଫି ସହ ୨୧,୦୦୦ ଟଙ୍କା ଓ ଆଶୁତୋଷଙ୍କୁ ରନର ଅପ୍ ଟ୍ରଫି ସହ ୧୧,୦୦୦ ଟଙ୍କା ପୁରସ୍କାର ମିଳିଥିଲା। ପୂର୍ବରୁ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଆଶୁତୋଷ ୫-୨ ଫ୍ରେମ୍‌ରେ ଚିରାଗ ଅରୋରାଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ରବିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ନିଶାନ୍ତ ମଧ୍ୟ ୫-୨ ଫ୍ରେମ୍‌ରେ ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କୁ ପରାସ୍ତ କରି ଦ୍ୱିତୀୟ ଖେଳାଳି ଭାବେ ଫାଇନାଲରେ ପ୍ରବେଶ କରିଥିଲେ। ଖେଳ ଶେଷରେ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ତଥା ବିଏସ୍‌ଏଓ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଗୋବିନ୍ଦ ଶର୍ମା, ଭିଣ୍ଟେଜ୍ କ୍ଲବ୍‌ର ଦୁଇ ମାଲିକ ତଥା ଖେଳାଳି ଅମିୟ ରଞ୍ଜନ ନାୟକ ଓ ସତ୍ୟଦୀପ ଦାସ୍ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଜେତା ଓ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ସଭାପତି ତାରାରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ସମିର ଅଲି ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS